# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୨୨/୨୦୨୨ (୧୬ ପୃଷ୍ଠା) Bhubaneswar, Wednesday, June 22/2022 Page 16 ₹ 7.00 ★★★★

୪୮ଶ ଭାଗ ୨୦୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-







# ଏନ୍‌ଡିଏର ଦ୍ରୌପଦୀ



ଦ୍ରୌପଦୀ ମୁର୍ମୁ

**ନୂଆଦିଲ୍ଲୀ, ୨୧।୬**

ରାଷ୍ଟ୍ରପତି ନିର୍ବାଚନକୁ ମାସେରୁ କମ୍ ସମୟ ବାକି ଥିବାବେଳେ ମଙ୍ଗଳବାର ଉଭୟ ଶାସକ ଓ ବିରୋଧୀ ନିଜ ପ୍ରାର୍ଥୀ ଘୋଷଣା କରିଛନ୍ତି। ଦେଶର ଏହି ସର୍ବୋଚ୍ଚ ସାମ୍ବିଧାନିକ ପଦ ପାଇଁ ବିରୋଧୀ ଦଳଗୁଡ଼ିକ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଯଶୱନ୍ତ ସିହ୍ନାଙ୍କ ନାମ ଘୋଷଣା କରିବା ପରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଝାଡ଼ଖଣ୍ଡର ପୂର୍ବତନ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରିଛି। ୧୯୫୮ ଜୁନ୍ ୨୦ରେ ଓଡ଼ିଶାର ମୟୂରଭଞ୍ଜ ଜିଲା ବଇଦପୋଷି ଗ୍ରାମରେ ଜନ୍ମିତ ଦ୍ରୌପଦୀଙ୍କ ନାମକୁ ନେଇ ଏନ୍‌ଡିଏରେ ସହମତି ପ୍ରକାଶ ପାଇଥିବା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ସୂଚନା ଦେଇଛନ୍ତି।

ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ ଜୁଲାଇ ୨୪ରେ ଶେଷ ହେବ। ଏହା ପୂର୍ବରୁ ଆସନ୍ତା ୧୮ରେ ରାଷ୍ଟ୍ରପତି ନିର୍ବାଚନ କରାଯିବା ନେଇ ଭାରତର ନିର୍ବାଚନ କମିଶନ ଘୋଷଣା କରିଥିଲେ। ସଂଖ୍ୟା ଦୃଷ୍ଟିରୁ ଏନ୍‌ଡିଏ ପ୍ରାର୍ଥୀଙ୍କ ବିଜୟ ସମ୍ଭାବନା ଉଜ୍ଜ୍ୱଳ ଥିବା ସତ୍ତ୍ୱେ ଭାଜପା ବିରୋଧୀଙ୍କ ପ୍ରାର୍ଥୀ ଘୋଷଣାକୁ ଅପେକ୍ଷା କରିଥିଲା। ନୂଆଦିଲ୍ଲୀସ୍ଥିତ ଭାଜପା ☞ପୃଷ୍ଠା-୪




# ବିରୋଧୀଙ୍କ ଯଶୱନ୍ତ



ଯଶୱନ୍ତ ସିହ୍ନା

**ନୂଆଦିଲ୍ଲୀ, ୨୧।୬(ପି.ଟି.)**

ରାଷ୍ଟ୍ରପତି ନିର୍ବାଚନ ଲାଗି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତା ଯଶୱନ୍ତ ସିହ୍ନାଙ୍କୁ ମିଳିତ ବିରୋଧୀ ଦଳ ପ୍ରାର୍ଥୀ କରିବା ଲାଗି ସହମତି ହୋଇଛି। ମଙ୍ଗଳବାର କଂଗ୍ରେସ, ଟିଏମ୍‌ସି ଏବଂ ସମାଜବାଦୀ ପାର୍ଟି ପକ୍ଷରୁ ଏକ ମିଳିତ ବିବୃତିରେ ଏହା କୁହାଯାଇଛି। ସହମତିରେ ମିଳିତ ରାଷ୍ଟ୍ରପତି ପ୍ରାର୍ଥୀ ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ଆହ୍ୱାନ କ୍ରମେ ପାର୍ଲାମେଣ୍ଟ ଆନେକ୍ସରେ ବିରୋଧୀ ନେତାମାନେ ଏକାଠି ହୋଇଥିଲେ। ସିହ୍ନାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରିବା ଲାଗି ସବୁ ବିରୋଧୀ ନେତା ସର୍ବସମ୍ମତିକ୍ରମେ ରାଜି ହୋଇଥିବା ବୈଠକ ପରେ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି।

ସିହ୍ନା ତାଙ୍କର ଦୀର୍ଘ ତଥା ପ୍ରତିଷ୍ଠିତ କ୍ୟାରିୟର ମଧ୍ୟରେ ବିଭିନ୍ନ ପଦପଦବୀରେ ରହି ଦେଶ ସେବା କରିଛନ୍ତି। ଜଣେ ପ୍ରଶାସକ, ଦକ୍ଷ ଏମ୍‌ପି, କେନ୍ଦ୍ରରେ ଅର୍ଥ ଓ ବହିର୍ବ୍ୟାପାର ମନ୍ତ୍ରୀ ଭାବେ ସେ କାର୍ଯ୍ୟ କରିଛନ୍ତି। ଭାରତୀୟ ସାଧାରଣତନ୍ତ୍ରର ଧର୍ମନିରପେକ୍ଷତା ଓ ଗଣତାନ୍ତ୍ରିକ ଚରିତ୍ର ଏବଂ ସାମ୍ବିଧାନିକ ମୂଲ୍ୟବୋଧ ବଜାୟ ରଖିବାରେ ସେ ବିଶେଷ ଭାବେ ଯୋଗ୍ୟ ବୋଲି ମିଳିତ ବିବୃତିରେ କୁହାଯାଇଛି। ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ରାଷ୍ଟ୍ରପତି ନିର୍ବାଚିତ କରିବା ଲାଗି ସବୁ ଦଳ ସମର୍ଥନ ଦେବାକୁ ବିରୋଧୀ ☞ପୃଷ୍ଠା-୪

# ଭାଲୁ ଆକ୍ରମଣରେ ୨ ମୃତ, ୫ ଗୁରୁତର

**ପାରଳାଖେମୁଣ୍ଡି, ୨୧।୬(ଡି.ଏନ୍.ଏ.)**

ଗଜପତି ଜିଲା ଗୋଷାଣୀ ବ୍ଲକ ସୀମାନ୍ତରେ ଭାଲୁ ଆକ୍ରମଣରେ ଦୁଇ ଦିନରେ ୨ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଆହତ ହୋଇଛନ୍ତି। ମୃତକମାନଙ୍କ ପରିଚୟ ମିଳିନଥିବା ବେଳେ ସେମାନେ ପଲାସା ଅଞ୍ଚଳର ବୋଲି ଜଣାପଡ଼ିଛି। ଆନ୍ଧ୍ର ବନ ବିଭାଗ ପକ୍ଷରୁ ଭାଲୁକୁ ଉଦ୍ଧାର କରାଯାଇଛି। ପ୍ରକାଶ ଯେ, ଗତ କିଛି ଦିନ ହେଲା ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜିଲା ପଲାସା ବ୍ଲକର ବଜ୍ରକତ୍ତୁରୁ, କିଡିସିଂ ଆଦି ଗ୍ରାମାଞ୍ଚଳରେ ଭାଲୁ ଆତଙ୍କ ଖେଳାଇଛି। ରବିବାର ଭାଲୁ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସୋମବାର ୬ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ପଲାସା ମେଡିକାଲରେ ☞ପୃଷ୍ଠା-୪






# ମାଓବାଦୀ ଗୁଳିରେ ୩ ଯବାନ ଶହୀଦ

## ନୂଆପଡ଼ା ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ଗୁଳି ବିନିମୟ

**ନୂଆପଡ଼ା ଅଫିସ/ଭୁବନେଶ୍ୱର(ବ୍ୟୁରୋ), ୨୧।୬**

ଛତିଶଗଡ଼ ଏବଂ ଓଡ଼ିଶା ସୀମାନ୍ତ ନୂଆପଡ଼ା ଜିଲା ବୋଡେନ ଥାନା ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ମଙ୍ଗଳବାର ସିଆର୍‌ପିଏଫ ୨୧୬ ବାଟାଲିୟନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ଏହି ଗୁଳିବିନିମୟରେ ୩ ଯବାନ ଶହୀଦ ହୋଇଛନ୍ତି। ମୃତକମାନେ ହେଲେ ଉତ୍ତର ପ୍ରଦେଶର ଆଲିଗଡ଼ ଜିଲା ଲାଲଗିରି ଗାଁର ଏଏସ୍‌ଆଇ ଶିଶୁପାଳ ସିଂ, ହରିୟାଣାର ମହେନ୍ଦ୍ରଗଡ଼ ଜିଲା ପାଏଗାଁର ଏଏସ୍‌ଆଇ ଶିବଲାଲ ଓ ବିହାର ରୋହତାସ ଜିଲା ସରୟା ଗାଁର କନଷ୍ଟେବଳ ଧର୍ମେନ୍ଦ୍ର କୁମାର ସିଂ। ୩ଜଣଙ୍କ ମୃତଦେହ ପାଟଦର୍ହା ଜଙ୍ଗଲରୁ ଉଦ୍ଧାର କରି ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି। ବ୍ୟବଚ୍ଛେଦ ପରେ ନିଜ ଗାଁକୁ ପଠାଇ ଦିଆଯିବ। ମାଓବାଦୀଙ୍କ ଏଭଳି ବର୍ବରୋଚିତ ଘଟଣାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୃଢ଼ ନିନ୍ଦା କରିଛନ୍ତି। ଶହୀଦ ଯବାନଙ୍କ ପରିବାରକୁ ଗଭୀର ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ଲେଖାଏ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରାଯାଇଛି। ଅପରପକ୍ଷରେ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ୍ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଅଧିକ ଏସ୍‌ଓଜି ଏବଂ ସିଆର୍‌ପିଏଫ୍ ଯବାନଙ୍କୁ ମୁତୟନ କରାଯାଇଛି।

ମିଳିଥିବା ସୂଚନା ଅନୁସାରେ ବୋଡେନ ଥାନା ଅନ୍ତର୍ଗତ ଭଇଁଷାଦାନୀ ପଞ୍ଚାୟତ ପାଟଦର୍ହା ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ରହିଥିବା ବିଶେଷ ସୂତ୍ରରୁ ପୋଲିସକୁ ସୂଚନା ମିଳିଥିଲା। ଉକ୍ତ ସୂଚନାକୁ ଆଧାର କରି ସିଆର୍‌ପିଏଫ୍ ୨୧୬ ବାଟାଲିୟନ ଯବାନମାନେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ କୋମ୍ବିଂ ଅପରେଶନରେ ବାହାରିଥିଲେ। ଭଇଁଷାଦାନୀ ଏବଂ ପାଟଦର୍ହା ସିଆର୍‌ପିଏଫ୍ କ୍ୟାମ୍ପ ମଝିରେ ୭ଜଣ ସିଆରପିଏଫ୍ ଯବାନ ଆଗକୁ ଯାଉଥିବାବେଳେ ପୂର୍ବରୁ ଛପି ରହିଥିବା ମାଓବାଦୀମାନେ ଆଖିବୁଜା ଗୁଳି ବର୍ଷଣ କରିଥିଲେ। ଯବାନମାନେ ଏହାର ମୁକାବିଲା କରିବାରୁ ଦୀର୍ଘ ସମୟ ଧରି ଗୁଳିବିନିମୟ ଚାଲିଥିଲା। ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଏହି ଗୁଳିବିନିମୟରେ ଆଉ-କିଛି ଯବାନ ଆହତ ହୋଇଥିବା ସନ୍ଦେହ କରାଯାଉଛି ବୋଲି ଆଇଜି ଅପରେଶନ ଅମିତାଭ ଠାକୁର ସୂଚନା ଦେଇଛନ୍ତି। ନୂଆପଡ଼ା ଏସ୍‌ପି ପ୍ରତ୍ୟୁଷ ଦିବାକର ଏବଂ ସିଆର୍‌ପିଏଫ୍‌ର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି କୋମ୍ବିଂ ଅପରେଶନକୁ ଜୋରଦାର କରିଛନ୍ତି।



ହାତୀକୁ ପୋଖରୀରୁ ବାହାର କରାଯାଉଛି।

# ଦନ୍ତାର ଜୀବନ ଗଲା

- ୬ଦିନ ଧରି ପୋଖରୀରେ ଫସି ରହିଥିଲା
- ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

**ସମ୍ବଲପୁର, ୨୧।୬(ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ପଡ଼ିଆବାହାଲ ରେଞ୍ଜ ଅନ୍ତର୍ଗତ ସାପଲହରା ଗ୍ରାମ ପୋଖରୀରେ ୬ଦିନ ଧରି ଫସିରହିଥିବା ଦନ୍ତାହାତୀ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ମଙ୍ଗଳବାର ଜୀବନ ହାରିଛି। ହାତୀ ମୃତ୍ୟୁ ଖବର ପାଇ ଏହାକୁ ଦେଖିବାକୁ ଅଞ୍ଚଳବାସୀ ଭିଡ଼ ଜମାଇଥିଲେ। ବନ୍ୟପ୍ରାଣୀ ଚିକିତ୍ସକ ବ୍ୟବଚ୍ଛେଦ କରିବା ପରେ ଏହାକୁ ନିକଟସ୍ଥ ଜଙ୍ଗଲରେ ପୋତି ଦିଆଯାଇଛି।

ଏ ସମ୍ପର୍କରେ ଡିଏଫ୍‌ଓ ବି. ନୀଳାମ୍ବର କହନ୍ତି, ଦନ୍ତାକୁ ବଞ୍ଚାଇବା ପାଇଁ ବନ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପ୍ରୟାସ କରାଯାଇଥିଲା। ହେଲେ ବିଭିନ୍ନ ରୋଗରେ ପୀଡିତ ହୋଇ ଜୀବନ ହାରିଦେଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି କହିଥିଲେ। ସୂଚନାଯୋଗ୍ୟ ମେ' ୨୯ରେ ପ୍ରଥମେ ବନ ବିଭାଗ ଆହତ ଦନ୍ତାକୁ ମୁର୍ଗାବାରି ଗ୍ରାମ୍ୟ ଜଙ୍ଗଲରେ ଠାବ କରିଥିଲା। ଜୁନ୍ ୨ରେ ଏହାର ଚିକିତ୍ସା ଆରମ୍ଭ ହୋଇଥିଲା। ଓୟୁଏଟି ପ୍ରଫେସର ଇନ୍ଦ୍ରମଣି ନାଥ, ସମ୍ବଲପୁର ବୁର୍ଲାର ଭିଏସ୍ ସତ୍ୟଜାତ ପଣ୍ଡା, ଯୁଯୁମୁରା ଭିଏସ୍ ଅମୃତି ସାହୁଙ୍କୁ ନେଇ ଗଠିତ ଟିମ୍ ଚିକିତ୍ସା କରିଥିଲା। ଦନ୍ତାର ଗୋଡ଼ରେ ଗଭୀର କ୍ଷତ ରହିଥିଲା। ଟ୍ରାଙ୍କୁଲାଇଜ କରି କ୍ଷତ ସଫା କରିବା ପରେ ଇଞ୍ଜେକ୍ସନ ଓ ଔଷଧ ଦିଆଯାଇଥିଲା। ଏପରିସ୍ଥଳେ ୬ଦିନ ପୂର୍ବେ ହାତୀଟି ସାପଲହରା ☞ପୃଷ୍ଠା-୪

# ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶାକୁ ୫-ଜି ସେବା

## ଖୁବ୍‌ଶୀଘ୍ର କୋଣାର୍କକୁ ରେଳ ସର୍ଭେ

**ଭୁବନେଶ୍ୱର, ୨୧।୬(ବ୍ୟୁରୋ)**

ରାଜ୍ୟରେ ଖୁବ୍‌ଶୀଘ୍ର ହାଇସ୍ପିଡ୍ ୫-ଜି ଇଣ୍ଟରନେଟ୍ ସେବା ମିଳିବ। ପ୍ରଥମ ପର୍ଯ୍ୟାୟରେ ଏହି ସୁବିଧା ପାଇବାରୁ ଓଡ଼ିଶା ବଞ୍ଚିତ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ଓଡିଶାକୁ ଏହି ସେବାରେ ସାମିଲ କରାଯିବ। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ଅଗଷ୍ଟରୁ ସେପ୍ଟେମ୍ବର ମଧ୍ୟରେ ଦେଶର ୨୦ରୁ ୨୫ଟି ସହରରେ ଏହି ସୁବିଧା ଉପଲବ୍ଧ ହେବ। ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ସୂଚନା ପ୍ରଯୁକ୍ତି ଓ ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର କୋଣାର୍କଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ୫-ଜି ସେବା ଯୋଗାଇ ଦେବାକୁ ଓଡ଼ିଶାର କୌଣସି ସହରକୁ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟକୁ ଏହି ସେବା ଉପଲବ୍ଧ ହେବ। ୫-ଜି ସେବା ପାଇଁ ଟେଲିକମ୍ ସେବା ଯୋଗାଉଥିବା ସଂସ୍ଥାଗୁଡ଼ିକ ମିଡ୍ ଓ ହାଇବ୍ୟାଣ୍ଡ ସ୍ପେକ୍ଟ୍ରମ ବ୍ୟବହାର କରିବାକୁ ପଡ଼ିବ। ୫-ଜି ସେବା ୪-ଜି ସେବାଠାରୁ ୧୦ ଗୁଣା ସ୍ପିଡ୍ ରହିବ ବୋଲି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପହଞ୍ଚିବେ କି ୩୭ ?**

**ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ**

# ଶିବସେନାରେ ବିଦ୍ରୋହ

- ସମର୍ଥକଙ୍କ ସହ ସୁରଟ ଗଲେ ସିନ୍ଦେ, ବିଧାୟକ ଦଳ ନେତା ପଦରୁ ବିଦା
- ଅଜୟ ଚୌଧରୀ ହେଲେ ବିଧାନସଭାରେ ଶିବସେନାର ନୂଆ ନେତା
- ଦଳ ବିଭାଜନ, ସରକାର ପତନ ପାଇଁ ଭାଜପାର ଷଡ଼ଯନ୍ତ୍ର: ସଞ୍ଜୟ ରାଉତ୍

**ମୁମ୍ବାଇ/ନୂଆଦିଲ୍ଲୀ/ସୁରଟ, ୨୧।୬**

ଶିବସେନାର କ୍ୟାବିନେଟ୍ ମନ୍ତ୍ରୀ ଏକନାଥ ସିନ୍ଦେଙ୍କ ବିଦ୍ରୋହ ପରେ ମଙ୍ଗଳବାର ତାଙ୍କୁ ବିଧାୟକ ଦଳ ନେତା ପଦରୁ ହଟାଇ ଦିଆଯାଇଛି। ତାଙ୍କ ସ୍ଥାନରେ ସେୱାରି ବିଧାୟକ ଅଜୟ ଚୌଧରୀଙ୍କୁ ବିଧାନସଭାରେ ଶିବସେନାର ନୂଆ ନେତା ଚୟନ କରାଯାଇଛି। ସିନ୍ଦେ ଓ ତାଙ୍କର କେତେଜଣ ଘନିଷ୍ଠ ବିଧାୟକ ମଙ୍ଗଳବାର ହଠାତ୍ ଉଭାନ ହୋଇଯିବା ପରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଶିବସେନାରେ



ଏକନାଥ ସିନ୍ଦେ



ଉଦ୍ଧବ ଠାକ୍‌ରେ

ବିଦ୍ରୋହ ଶାସକ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସରକାରଙ୍କ ଅସ୍ତିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମହାରାଷ୍ଟ୍ର ବିଧାନ ପରିଷଦ ସଦସ୍ୟ (ଏମ୍‌ଏଲ୍‌ସି) ନିର୍ବାଚନରେ କ୍ରସ୍‌ଭୋଟିଂର ଦିନକ ପରେ ବରିଷ୍ଠ ଶିବସେନା ନେତା ଏକନାଥ ସିନ୍ଦେଙ୍କ ସମେତ ଦଳର ପ୍ରାୟ ଦୁଇ ଡଜନ ବିଧାୟକ ହଠାତ୍ ନିଖୋଜ ହୋଇଯାଇଥିଲେ। ୧୦ ଆସନ ପାଇଁ ଅନୁଷ୍ଠିତ ନିର୍ବାଚନରେ ସଂଖ୍ୟାବଳ ନ ଥାଇ ସୁଦ୍ଧା ଭାଜପା ପ୍ରତିଦ୍ୱନ୍ଦ୍ୱିତା କରିଥିବା ସମସ୍ତ ୫ ଆସନ ଦଖଲ କରିବା ପରେ ହଠାତ୍ ସିନ୍ଦେଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ ହେବା ଶିବସେନାକୁ ବିଚଳିତ କରିଥିଲା। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ସରକାରୀ ବାସଭବନ 'ବର୍ଷା'ରେ ଏକ ଜରୁରୀ ବୈଠକ ବସିଥିଲା। ଉକ୍ତ ବୈଠକରେ ସିନ୍ଦେଙ୍କ ଗୋଷ୍ଠୀର ବିଧାୟକମାନଙ୍କ ଅନୁପସ୍ଥିତିକୁ ନେଇ କ୍ଷୁବ୍ଧ ଉଦ୍ଧବ କଠୋର ଆଭିମୁଖ୍ୟ ଦେଖାଇଛନ୍ତି। ଇତିମଧ୍ୟରେ ସହରାଞ୍ଚଳ ବିକାଶ ମନ୍ତ୍ରୀ ଏକନାଥ ସିନ୍ଦେଙ୍କ ସହ ଏମ୍‌ଭିଏ ସରକାରର ୩ ମନ୍ତ୍ରୀ ମଧ୍ୟ ଗୁଜରାଟର ସୁରଟସ୍ଥିତ ☞ପୃଷ୍ଠା-୪




### ଖେରସନ୍‌ରେ ରୁଷୀୟ ଚ୍ୟାନେଲ ପ୍ରସାରଣ

୨୦୧୪ରୁ ରୁଷିଆ ଦଖଲରେ ଥିବା ୟୁକ୍ରେନ୍‌ର କ୍ରିମିଅ ଉପଦ୍ୱୀପ ନିକଟ ଖେରସନ୍ ଅଞ୍ଚଳରେ ରୁଷୀୟ ଟିଭି ପ୍ରୋଗ୍ରାମ ପ୍ରସାରଣ ହୋଇଛି। ଫେବୃୟାରୀ ୨୪ରୁ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରେ ଖେରସନ୍‌କୁ ମସ୍କୋ ସୈନ୍ୟ ନିଜ ନିୟନ୍ତ୍ରଣରେ ରଖିଛନ୍ତି। ଉତ୍ତର ଖେରସନରେ ରୁଷିଆ ପୂର୍ବରୁ ଏହାର ମୁଦ୍ରା ରୁବଲ ପ୍ରଚଳନ ସହ ରୁଷୀୟ ପାସପୋର୍ଟ ପ୍ରଦାନ ଜାରି ରଖିଛି। ସେଠାରେ ଥିବା ଟିଭି ଟାୱାରଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରାଯାଇଥିବା ମସ୍କୋ ସପକ୍ଷବାଦୀ ଆଞ୍ଚଳିକ ଅଧିକାରୀ କିରିଲି ଷ୍ଟ୍ରେମୋସୋଭ୍ କହିଛନ୍ତି। ଯୁଦ୍ଧ ଶେଷ ହେବାବେଳକୁ ଖେରସନ୍ ରୁଷିଆର ଏକ ଅଂଶ ପାଲଟିଯାଇଥିବ ବୋଲି ସେ ଦାବି କରିଛନ୍ତି।

## ସଂକ୍ଷେପରେ

### ଆସାମ ବନ୍ୟା ମୃତ୍ୟୁସଂଖ୍ୟା ୮୦ ଟପିଲା

**ଗୁଆହାଟୀ, ୨୧।୬:** ଆସାମରେ ବନ୍ୟା ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ବ୍ରହ୍ମପୁତ୍ର ସମେତ ୫ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ମଙ୍ଗଳବାର ସୁଦ୍ଧା ବନ୍ୟା ଓ ଭୂସ୍ଖଳନ ଜନିତ ମୃତ୍ୟୁସଂଖ୍ୟା ୮୦ ଟପିଛି। ଉଦ୍ଧାର କାର୍ଯ୍ୟ ପାଇଁ ଏନ୍‌ଡିଆର୍‌ଏଫ୍ ଟିମ୍ ପଠାଯାଇଛି। ଗୁଆହାଟୀରେ ଅଧିକ ବର୍ଷା ହେବାକୁ ଥିବାରୁ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ଆଲର୍ଟ ଜାରି ହୋଇଛି। ରାଜ୍ୟର ୩୪ଟି ଜିଲାରେ ବନ୍ୟା ଦେଖାଦେଇଥିବାବେଳେ ଗତ ୨୪ ଘଣ୍ଟାରେ ୪୭,୭୨,୧୪୦ ଲୋକ ପ୍ରଭାବିତ ହୋଇଛନ୍ତି। ସୋମବାର ୨ ଜଣ ପୋଲିସଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ରିଲିଫ୍ କ୍ୟାମ୍ପରେ ୨,୩୧,୮୧୯ ଜଣ ଆଶ୍ରୟ ନେଇଥିବା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ୩ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୧।୬:** ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଏବଂ ବାରମୁଲ୍ଲା ଜିଲାରେ ସୁରକ୍ଷା କର୍ମୀଙ୍କ ଏନ୍‌କାଉଣ୍ଟରରେ ଜଣେ ଜୈଶ-ଇ-ମହମ୍ମଦ ଆତଙ୍କବାଦୀଙ୍କ ସମେତ ୩ ନିହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୋଇନ୍ଦା ସୂଚନା ପାଇ ସୁରକ୍ଷା ବଳ ବାରମୁଲ୍ଲାର ସୋପୋର ଅଞ୍ଚଳ ଅନ୍ତର୍ଗତ ତୁଲିବାଲ ଗ୍ରାମରେ ତଲାସି ଅଭିଯାନ ଚଳାଇଥିଲା। ଆତଙ୍କବାଦୀ ସୁରକ୍ଷା ବଳ ଉପରକୁ ଗୁଳି ଚଳାଇବାରୁ ସେମାନେ ଏହାର ପାଲଟା ଜବାବ ଦେଇଥିଲେ। ଫଳରେ ତଲାସି ଅଭିଯାନ ଏନ୍‌କାଉଣ୍ଟରରେ ପରିଣତ ହୋଇଥିଲା। ଏଥିରେ ଜଣେ ଅଜଣା ଆତଙ୍କବାଦୀ ନିହତ ହୋଇଥିଲେ। ସେହିପରି ପୁଲ୍‌ୱାମାର ତୁଜ୍ଜାନ ଅଞ୍ଚଳରେ ଏନ୍‌କାଉଣ୍ଟର ବେଳେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜୈଶ ଆତଙ୍କବାଦୀ ମଜିଦ ନାଜିର ଅଛନ୍ତି। ସବ୍‌ଇନ୍ସପେକ୍ଟର ଫାରୁକ୍ ଅହମଦ ମୀର୍ ହତ୍ୟା ସହ ନାଜିର ସମ୍ପୃକ୍ତ ଥିଲେ।

### ମାଳଦ୍ୱୀପ ଭାରତୀୟ ଦୂତାବାସରେ ଯୋଗାଭ୍ୟାସ ବେଳେ ଆକ୍ରମଣ

**ମାଲେ, ୨୧।୬:** ମାଳଦ୍ୱୀପ ରାଜଧାନୀ ମାଲେସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସ୍ଥାନୀୟ ଷ୍ଟାଡ଼ିୟମରେ ମଙ୍ଗଳବାର ସକାଳେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ବେଳେ କେତେଜଣ ଲୋକ ଏହା ମଧ୍ୟକୁ ଧସେଇ ପଶିବା ସହ ଆକ୍ରମଣ କରିଥିଲେ। ସେମାନଙ୍କୁ ଘଉଡ଼ାଇବାକୁ ଯାଇ ସୁରକ୍ଷା ବଳ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ପିପର ସ୍ପ୍ରେ କରିଥିଲା। ଷ୍ଟାଡିୟମରେ କୂଟନୀତିଜ୍ଞ, ସରକାରୀ ଅଧିକାରୀଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ ଯୋଗାଭ୍ୟାସ କରୁଥିଲେ। ଏହି ସମୟରେ ଯୋଗ ବିରୋଧୀମାନେ ସେଠାରେ ପ୍ରବେଶ କରି ଅଂଶଗ୍ରହଣକାରୀଙ୍କୁ ଆକ୍ରମଣ କରିବା ସହ ଭଙ୍ଗାରୁଜା କରିଥିଲେ। ପୂର୍ବରୁ ବିକ୍ଷୋଭକାରୀମାନେ ଯୋଗ ଇସ୍‌ଲାମ ବିରୋଧୀ ଦର୍ଶାଇ ଏହାକୁ ପାଳନ ନ କରିବା ଲାଗି ପ୍ଲାକାର୍ଡ ମାଧ୍ୟମରେ ଧମକ ଦେଇଥିଲେ। ଆକ୍ରମଣ ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ମାଳଦ୍ୱୀପ ରାଷ୍ଟ୍ରପତି ଇବ୍ରାହିମ ମହମ୍ମଦ ସୋଲି କହିଛନ୍ତି।

# ସୁପ୍ରିମକୋର୍ଟରେ 'ଅଗ୍ନିପଥ'

### ପୁନର୍ବିଚାର ପାଇଁ ପିଟିଶନ

**ନୂଆଦିଲ୍ଲୀ, ୨୧।୬**



ସେନାରେ ଠିକା ନିଯୁକ୍ତି ପାଇଁ କେନ୍ଦ୍ର ସରକାର ଆଣିଥିବା 'ଅଗ୍ନିପଥ' ଯୋଜନାକୁ ବିରୋଧ ଥମିବାର ନାଁ ଧରୁନି। ଦେଶର ବିଭିନ୍ନ ସ୍ଥାନରେ ହିଂସାତ୍ମକ ବିକ୍ଷୋଭ ପ୍ରଦର୍ଶନ ପରେ ଏହି ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଛି। ଦେଶରେ ଆଇନ ଶୃଙ୍ଖଳା ବଜାୟ ସହ ଯୁବପିଢ଼ିଙ୍କୁ ସେମାନଙ୍କ ଭବିଷ୍ୟତ ନେଇ ମତ ରଖିବା ସୁଯୋଗ ପ୍ରଦାନ କରାଯିବା ପାଇଁ ସର୍ବୋଚ୍ଚ ଅଦାଲତରେ ଆବେଦନ ହୋଇଛି। ଅଗ୍ନିପଥ ବିରୋଧରେ ଆଇନଜୀବୀଙ୍କ ପକ୍ଷରୁ ମୋଟ ୩ ପିଟିଶନ ଦାଖଲ ହୋଇଛି। ଆଡ୍‌ଭୋକେଟ୍ ହର୍ଷ ଅଜୟ ସିଂ ସୋମବାର ଦାଖଲ କରିଥିବା ପିଟିଶନରେ 'ଅଗ୍ନିପଥ' ଯୋଜନାର ପୁନର୍ବିଚାର ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ନିବେଦନ କରାଯାଇଛି। ସେହିପରି କେନ୍ଦ୍ର ସରକାର ମଧ୍ୟ ଅଗ୍ନିପଥକୁ ନେଇ ସୁପ୍ରିମକୋର୍ଟରେ କେଭିଏଟ୍ ଫାଇଲ କରିଛନ୍ତି। ଏହି ଯୋଜନାକୁ ଚ୍ୟାଲେଞ୍ଜ କରି ଆଗତ ଆବେଦନ ଉପରେ କୌଣସି ରାୟ ଦେବା ପୂର୍ବରୁ ସର୍ବୋଚ୍ଚ ଅଦାଲତ ସରକାରଙ୍କ ପକ୍ଷ ଶୁଣିବାକୁ କେନ୍ଦ୍ର ନିଜ ପିଟିଶନରେ ଦର୍ଶାଇଛି।

ଅଜୟ ସିଂ ତାଙ୍କ ଆବେଦନରେ ଉଲ୍ଲେଖ କରିଛନ୍ତି, ୪ ବର୍ଷ କାର୍ଯ୍ୟ କରି ଅବସର ପରେ ଅଗ୍ନିବୀରଙ୍କ ନିମନ୍ତେ ଚାକିରି ଉପଲବ୍ଧ ପାଇଁ 'ଅଗ୍ନିପଥ' ଯୋଜନାରେ ସଂଶୋଧନ ଅଣାଯାଉ। ଏ ନେଇ ସାମରିକ ବ୍ୟାପାର ବିଭାଗ, ପ୍ରତିରକ୍ଷା ମନ୍ତ୍ରଣାଳୟକୁ ସୂଚନା ଦେବା ନିମନ୍ତେ ଏକ କମିଟି ଗଠନ ସହ ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ମତ ଏବଂ ପରାମର୍ଶକୁ ଗ୍ରହଣ କରାଯାଉ। ସର୍ବୋଚ୍ଚ ଅଦାଲତ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦେବାକୁ ଏହି ପିଟିଶନରେ ନିବେଦନ କରାଯାଇଛି। 'ଅଗ୍ନିପଥ' ଏକ ଅଧାପନ୍ତରିଆ ଯୋଜନା ଏବଂ ଏଥିରେ ଅନେକ ସଂସ୍କାର ଅଣାଯିବା ଆବଶ୍ୟକ। ୪ ବର୍ଷର ନିଯୁକ୍ତି ଭାରତୀୟ ସଶସ୍ତ୍ର ବଳର ମୂଲ୍ୟ ଓ ନୈତିକତା ବୃଦ୍ଧି ପାଇଁ ଯଥେଷ୍ଟ ନୁହେଁ ଏବଂ ତାଲିମ୍‌ପ୍ରାପ୍ତ ଅଗ୍ନିବୀର ଅବସର ପରେ ବାଟବଣା ହେବାର ମଧ୍ୟ ଆଶଙ୍କା ରହିଛି ବୋଲି ଅଜୟ ସିଂ କହିଛନ୍ତି। ଏହା ପୂର୍ବରୁ ଆଇନଜୀବୀ ବିଶାଲ ତିୱାରୀ ଦାଖଲ କରିଥିବା ପିଟିଶନରେ ଅଗ୍ନିପଥ ବିରୋଧୀ ଆନ୍ଦୋଳନରେ ସର୍ବସାଧାରଣଙ୍କ ସମ୍ପତ୍ତି କ୍ଷୟକ୍ଷତିର ଯାଞ୍ଚ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ନିମନ୍ତେ ନିବେଦନ କରିଛନ୍ତି। ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାର, ଉତ୍ତରପ୍ରଦେଶ, ତେଲଙ୍ଗାନା, ବିହାର, ହରିୟାଣା ଏବଂ ରାଜସ୍ଥାନ ସରକାରଙ୍କୁ ଏ ବାବଦରେ ଷ୍ଟାଟସ ରିପୋର୍ଟ ମାଗନ୍ତୁ ବୋଲି ପିଟିଶନରେ ଉଲ୍ଲେଖ କରାଯାଇଛି। ସେହିପରି କେନ୍ଦ୍ର ସରକାର ସେନାରେ ନିଯୁକ୍ତି ପାଇଁ ଶତାବ୍ଦୀ ପୁରୁଣା ଚୟନ ପ୍ରକ୍ରିୟା ରଦ୍ଦ କରି ସଂସଦର ବିନା ଅନୁମତିରେ ଅସାମ୍ବିଧାନିକ ଭାବେ 'ଅଗ୍ନିପଥ' ଯୋଜନା ଆଣିଥିବା ନେଇ ଆଡ୍‌ଭୋକେଟ ଏମ୍. ଏଲ୍ ଶର୍ମା ସୁପ୍ରିମକୋର୍ଟରେ ପିଆଇଏଲ ଦାଖଲ କରିଛନ୍ତି। ଏହା ବେଆଇନ ବୋଲି ଅଭିଯୋଗ କରି ଜୁନ୍ ୧୪ରେ କେନ୍ଦ୍ର ସରକାର ଘୋଷଣା କରିଥିବା ଅଗ୍ନିପଥ ଯୋଜନା ବାବଦ ବିଜ୍ଞପ୍ତିକୁ ବାତିଲ କରିବା ନିମନ୍ତେ ସେ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି।

### ସପକ୍ଷରେ ଡୋଭାଲ



କେନ୍ଦ୍ର ସରକାରଙ୍କ 'ଅଗ୍ନିପଥ' ଯୋଜନା ସପକ୍ଷରେ ମତ ରଖିଛନ୍ତି ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ। ସଶସ୍ତ୍ର ବାହିନୀ ଏବଂ ଯୁବପିଢ଼ିଙ୍କ ପାଇଁ ଏହା ଭଲ ପଦକ୍ଷେପ ଓ ଏହି ଯୋଜନା ପ୍ରତ୍ୟାହାର ହେବା ପ୍ରଶ୍ନ ଉଠୁନାହିଁ ବୋଲି ଡୋଭାଲ ମଙ୍ଗଳବାର କହିଛନ୍ତି। ମାତ୍ର ୨୨/୨୩ ବର୍ଷରେ ଜଣେ ଯୁବକ ୪ ବର୍ଷ ସେନାରେ ରହିବା ପରେ ଶୃଙ୍ଖଳିତ ଏବଂ ଦକ୍ଷ ହୋଇଯାଇଥିବେ। ଅବସର ପରେ ସେମାନଙ୍କ ନିକଟରେ ପ୍ରାୟ ୧୧ ଲକ୍ଷ ଟଙ୍କା ଥିବ, ଯାହାକୁ ସେମାନେ ନିଜ ପାଠପଢ଼ାରେ ଖର୍ଚ୍ଚ କରିପାରିବେ। ଅଗ୍ନିବୀରମାନେ ଅବସର ନେବା ବେଳକୁ ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତିର ଦେଶ ହୋଇସାରିଥିବ। ସେତେବେଳେ ଅନେକ ସେକ୍ଟରରେ ବିପୁଳ ରୋଜଗାର ସୁଯୋଗ ମିଳିବ। ଶିଳ୍ପଗୁଡ଼ିକ ନିଯୁକ୍ତି ପାଇଁ ଶୃଙ୍ଖଳିତ ପ୍ରାର୍ଥୀଙ୍କୁ ଅଧିକ ଗୁରୁତ୍ୱ ଦେବେ ବୋଲି ଡୋଭାଲ କହିଛନ୍ତି। ସମାଜରେ ଶାନ୍ତି, ସ୍ଥିରତା ଏବଂ ଆଇନର ଶାସନ ବଜାୟ ରହିବା ଦିଗରେ ସଭ୍ୟ ଓ ଶୃଙ୍ଖଳିତ ଲୋକଙ୍କ ଆବଶ୍ୟକତା ରହିଛି। ତେଣୁ ମାତ୍ର ୪ ବର୍ଷ ମଧ୍ୟରେ ଆମ ଯୁବପିଢ଼ିଙ୍କ ମଧ୍ୟରେ ସେସବୁ ଦକ୍ଷତା ବିକାଶ ସହ ଦେଶଭକ୍ତି ମଧ୍ୟ ଉଜାଗର ହୋଇପାରିବ ବୋଲି ଡୋଭାଲ ମତ ରଖିଛନ୍ତି।

### ନିଯୁକ୍ତି ପ୍ରକ୍ରିୟାରେ ପରିବର୍ତ୍ତନ ହେବନି

'ଅଗ୍ନିପଥ' ଯୋଜନାରେ ସେନାରେ ହେବାକୁ ଥିବା ନିଯୁକ୍ତି ପାଇଁ ପୂର୍ବ ପ୍ରକ୍ରିୟାରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି ସେନା ବ୍ୟାପାର ବିଭାଗର ଅତିରିକ୍ତ ସଚିବ ଲ୍ୟୁଟନାଣ୍ଟ ଜେନେରାଲ ଅନିଲ ପୁରୀ ମଙ୍ଗଳବାର କହିଛନ୍ତି। ଏଥିପାଇଁ ଆବେଦନ କରିବାକୁ ଥିବା ଯୁବବର୍ଗ କୌଣସି ହିଂସାରେ ସମ୍ପୃକ୍ତ ନ ଥିବା ନେଇ ଲିଖିତ ଭାବେ ଜଣାଇବେ ବୋଲି ସେ କହିଛନ୍ତି।

#### ବୀରତା ପୁରସ୍କାର ପାଇଁ ଯୋଗ୍ୟ ହେବେ ଅଗ୍ନିବୀର

ଏଥିସହ ଅଗ୍ନିବୀରମାନେ ସେମାନଙ୍କ ଦକ୍ଷତା ଅନୁସାରେ ବୀରତା ପୁରସ୍କାର ପାଇବାକୁ ଯୋଗ୍ୟ ହେବେ। ଅଗ୍ନିପଥ ଯୋଜନା ସଶସ୍ତ୍ର ବଳରେ ସର୍ବଶ୍ରେଷ୍ଠ ପ୍ରତିଭାକୁ ଚିହ୍ନଟ କରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ଅଗ୍ନିବୀରଙ୍କୁ ନିଯୁକ୍ତି ଗ୍ୟାରେଣ୍ଟି ଦେବ ହରିୟାଣା



ମନୋହର ଲାଲ ଖଟ୍ଟର

**ଚଣ୍ଡିଗଡ଼, ୨୧।୬**

'ଅଗ୍ନିପଥ' ଯୋଜନା ଦ୍ୱାରା ସେନାରେ ସାମିଲ ହୋଇ ଅବସର ନେବା ପରେ ଅଗ୍ନିବୀରମାନଙ୍କୁ ହରିୟାଣା ସରକାର ନିଯୁକ୍ତି ଗ୍ୟାରେଣ୍ଟି ଦେବେ। ଏ ନେଇ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ମଙ୍ଗଳବାର ଘୋଷଣା କରିଛନ୍ତି। ଏପରି ନିଷ୍ପତ୍ତି ନେବାରେ ହରିୟାଣା ଦେଶର ପ୍ରଥମ ରାଜ୍ୟ ହୋଇଛି। ଜନହିତ ସପକ୍ଷରେ ଓ ଲୋକଙ୍କ ଉନ୍ନତି ପାଇଁ ତାଙ୍କ ସରକାର ସର୍ବଦା ଉଦ୍ୟମରତ ବୋଲି ଖଟ୍ଟର କହିଛନ୍ତି। ୪ ବର୍ଷ ସେନାରେ ରହି ତାଲିମନେଇଥିବା ଅଗ୍ନିବୀରମାନଙ୍କୁ ଗ୍ରୁପ୍ ସି କିମ୍ବା ହରିୟାଣା ପୋଲିସ ବିଭାଗରେ ଚାକିରି ମିଳିବ। ଏହାଦ୍ୱାରା ଦେଶ ଯୁବପିଢ଼ିଙ୍କଠାରେ ସେନାରେ ଭର୍ତ୍ତି ହେବା ନିମନ୍ତେ ଆଗ୍ରହ ବଢ଼ିବ ବୋଲି ଖଟ୍ଟର ପ୍ରକାଶ କରିଛନ୍ତି।

### ନୋବେଲ ପୁରସ୍କାର ବିକିଲେ ରୁଷିଆ ସାମ୍ବାଦିକ

#### ୟୁକ୍ରେନ୍‌ର ଶିଶୁ ଶରଣାର୍ଥୀଙ୍କ ସହାୟତାରେ ଲାଗିବ



**ନ୍ୟୁୟର୍କ, ୨୧।୬**

ରୁଷିଆ ଆକ୍ରମଣ ଯୋଗୁ ୟୁକ୍ରେନ୍‌ର ଲକ୍ଷ ଲକ୍ଷ ଲୋକ ଦେଶ ଛାଡ଼ି ଶରଣାର୍ଥୀ ହୋଇଛନ୍ତି। ଶରଣାର୍ଥୀ ପିଲାମାନଙ୍କୁ ସହାୟତା ଲାଗି ରୁଷିଆ ସାମ୍ବାଦିକ ଡିମିଟ୍ରି ମୁରାଟୋଭ୍ ତାଙ୍କ ନୋବେଲ ପୁରସ୍କାରକୁ ସୋମବାର ୧୦୩.୫ ନିୟୁତ ଡଲାରରେ ବିକି ଦେଇଛନ୍ତି। ଏହା ନୋବେଲ ପୁରସ୍କାର ବିକ୍ରିରୁ ମିଳିଥିବା ସର୍ବାଧିକ ମୂଲ୍ୟ। ରୁଷିଆର ସ୍ୱାଧୀନ ଖବରକାଗଜ ନୋଭାୟା ଗାଜେଟା ପ୍ରତିଷ୍ଠାରେ ସହାୟତା କରିବା ସହ ଏହାର ମୁଖ୍ୟ ସମ୍ପାଦକ ଥିବା ମୁରାଟୋଭ୍ ୨୦୨୧ ଅକ୍ଟୋବରରେ ନୋବେଲ ପୁରସ୍କାର ପାଇଥିଲେ। ୟୁକ୍ରେନ୍ ଆକ୍ରମଣ ପରେ ଗତ ମାର୍ଚ୍ଚରେ କ୍ରେମ୍‌ଲିନ ଖବରଦାତାମାନଙ୍କ ଉପରେ କଟକଣା ଲଗାଇବା ପରେ ଉକ୍ତ ନ୍ୟୁଜ୍‌ପେପର ବନ୍ଦ ହୋଇଯାଇଛି। ଶିଶୁ ଶରଣାର୍ଥୀଙ୍କ ଭବିଷ୍ୟତ ପାଇଁ ସହାୟତା କରିବାକୁ ମୁରାଟୋଭ ନୋବେଲ ମେଡାଲ ନିଲାମ କରିବାକୁ ନିଷ୍ପତ୍ତି ନେଇଥିଲେ। ସୂଚନାଯୋଗ୍ୟ, ୨୦୧୪ରେ ଜେମ୍ସ ୱାଟ୍‌ସନ ନୋବେଲ ମେଡାଲ ବିକ୍ରିରୁ ୪.୭୬ ନିୟୁତ ଡଲାର ପାଇଥିଲେ। ଡିଏନ୍‌ଏ ଷ୍ଟ୍ରକ୍ଚର ଉଦ୍ଭାବନ ପାଇଁ ୧୯୬୨ରେ ତାଙ୍କୁ ଏହି ପୁରସ୍କାର ମିଳିଥିଲା। ତାଙ୍କ ସହ ମିଳିତ ଭାବେ ନୋବେଲ ପୁରସ୍କାର ପାଇଥିବା ଫ୍ରାନ୍ସିସ୍ କ୍ରିକ୍ ୨୦୧୭ରେ ଏହାକୁ ୨.୨୭ ନିୟୁତ ଡଲାରରେ ନିଲାମ କରିଥିଲେ।

## ଯୋଗ ଜୀବନର ଏକ ମାର୍ଗ: ମୋଦି



ମହୀଶୂର ପ୍ୟାଲେସ୍‌ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗାଭ୍ୟାସ କରୁଛନ୍ତି।

**ନୂଆଦିଲ୍ଲୀ/ମହୀଶୂର, ୨୧।୬**

ଯୋଗ ଏକ ଅନ୍ତର୍ଜାତୀୟ ଉତ୍ସବରେ ପରିଣତ ହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏହା କୌଣସି ବ୍ୟକ୍ତିବିଶେଷ ମଧ୍ୟରେ ସୀମିତ ହୋଇ ରହିନାହିଁ, ବରଂ ସମଗ୍ର ମାନବଜାତି ପାଇଁ ଯୋଗ ଜୀବନର ଏକ ମାର୍ଗରେ ପରିଣତ ହୋଇଛି। ସେଥିପାଇଁ ଚଳିତ ବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ 'ମାନବିକତା ପାଇଁ ଯୋଗ' ରଖାଯାଇଥିବା ମୋଦି କହିଛନ୍ତି। ମହୀଶୂର ପ୍ୟାଲେସ ଗ୍ରାଉଣ୍ଡରେ ପ୍ରଧାନମନ୍ତ୍ରୀ ହଜାର ହଜାର ଲୋକଙ୍କ ସହ ଯୋଗାଭ୍ୟାସ କରିଥିଲେ। କର୍ଣ୍ଣାଟକ ରାଜ୍ୟପାଳ ଥାୱରଚନ୍ଦ ଗେହଲଟ, ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ, କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଅଷ୍ଟମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନକୁ ଆଜାଦୀ କା ଅମୃତ ମହୋତ୍ସବ ସହ ଯୋଡ଼ି ଦେଶର ୭୫ଟି ଐତିହ୍ୟ ସ୍ଥଳରେ ୭୫ ଜଣ କେନ୍ଦ୍ରମନ୍ତ୍ରୀଙ୍କ ନେତୃତ୍ୱରେ ଯୋଗାଭ୍ୟାସ କରାଯାଇଥିଲା। ପାର୍ଲାମେଣ୍ଟ କମ୍ପ୍ଲେକ୍ସ, ଷ୍ଟାଡିୟମ, ସମୁଦ୍ର ବେଳାଭୂମି, ସ୍ଥାନୀୟ ପାର୍କ ଓ ମନ୍ଦିର ବାହାରେ ମଧ୍ୟ ଲୋକେ ଏକାଠି ହୋଇ ଯୋଗାଭ୍ୟାସ କରିଥିଲେ।

୨୦୧୫ରୁ ପ୍ରତିବର୍ଷ ଜୁନ୍ ୨୧କୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଇ ଆସୁଛି। ଏହା କେବଳ ଭାରତରେ ନୁହେଁ ଦେଶ ବାହାରେ ବେଶ୍ ଉତ୍ସାହ ଉଦ୍ଦୀପନା ସହ ଅନୁଷ୍ଠିତ ହୋଇଯାଇଛି। ଜାତିସଂଘର ବିଭିନ୍ନ ସଂଗଠନ ସମେତ ଶତାଧିକ ଦେଶରେ ଯୋଗ ଦିବସ ପାଳିତ ହୋଇଛି। ଏହା ବ୍ୟତୀତ ବିଦେଶରେ ଥିବା ଭାରତୀୟ ଦୂତାବାସଗୁଡ଼ିକରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା।

### ବିମାନବନ୍ଦରଗୁଡ଼ିକୁ ଡିଜିସିଏ ନିର୍ଦ୍ଦେଶ
### ବିପଦ ଆଶଙ୍କା କମାଅ

**ନୂଆଦିଲ୍ଲୀ, ୨୧।୬**

ବିମାନବନ୍ଦର ଓ ଏହାର ଚତୁଃପାର୍ଶ୍ୱ ଅଞ୍ଚଳରେ ପଶୁପକ୍ଷୀଙ୍କ ଉପସ୍ଥିତିକୁ ନେଇ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଦୁଇଦିନ ପୂର୍ବରୁ ବିହାରର ପାଟନାରୁ ନୂଆଦିଲ୍ଲୀ ଯାଉଥିବା ଏକ ବିମାନରେ ପକ୍ଷୀ ମାଡ଼ ହୋଇ ଇଞ୍ଜିନରେ ନିଆଁ ଲାଗିଯିବାରୁ ଏହାକୁ ପାଟନା ଫେରାଇ ଅଣାଯାଇ ଜରୁରୀ ଅବତରଣ କରାଯାଇଥିଲା। ସେହିଦିନ ଗୁଆହାଟୀରୁ ଦିଲ୍ଲୀ ଯାଉଥିବା ଅନ୍ୟ ଏକ ବିମାନକୁ ମଧ୍ୟ ଜରୁରୀ ଅବତରଣ କରିବାକୁ ପଡ଼ିଥିଲା। ଆଗକୁ ବର୍ଷାଦିନ ଥିବାରୁ ବାର୍ଡ ହିଟ୍ ଆଶଙ୍କା ଅଧିକ ରହିଛି। ଏଭଳି ବିପଦ ଏଡ଼ାଇବା ଲାଗି ପଦକ୍ଷେପ ନେବାକୁ ଡିଜିସିଏ ସମସ୍ତ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖି ଜଣାଇଛନ୍ତି। ବିମାନ ଉଡ଼ାଣ ସୁରକ୍ଷା ପ୍ରତି ବିପଦ ଆଶଙ୍କା ଥିବା ପଶୁପକ୍ଷୀଙ୍କ ପାଇଁ ବିମାନବନ୍ଦରଗୁଡ଼ିକ ସେମାନଙ୍କ ବିପଦ ପରିଚାଳନା ଯୋଜନାର ସମୀକ୍ଷା କରିବାକୁ ଡିଜିସିଏ ଯୁଗ୍ମ ମହାନିର୍ଦ୍ଦେଶକ ମନୀଷ କୁମାର ବିମାନବନ୍ଦର ପରିଚାଳକଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଏଥିପାଇଁ ବିମାନବନ୍ଦର ପରିସର ଓ ଚତୁଃପାର୍ଶ୍ୱରେ ଘାସ ବଢ଼ିବାକୁ ନ ଦେବା, କୀଟନାଶକ ସିଞ୍ଚନ କରିବା, ପକ୍ଷୀ ଘଉଡ଼ାଇବା ଓ ଡରାଇବା ଉପକରଣ ଲଗାଇବାକୁ କୁହାଯାଇଛି। ଏଥିସହିତ ରନ୍‌ୱେଗୁଡ଼ିକୁ ବାରମ୍ବାର ଅନୁଧ୍ୟାନ କରିବା ପାଇଁ ବିମାନବନ୍ଦର ଅପରେଟରମାନଙ୍କୁ ପରାମର୍ଶ ଦିଆଯାଇଛି।

### ଗର୍ଭାଶୟରୁ ବାହାରିଲା ଶିଶୁର କଟାମୁଣ୍ଡ

**ଇସ୍‌ଲାମାବାଦ, ୨୧।୬**

ପାକିସ୍ତାନ ସିନ୍ଧରୁ ଡାକ୍ତରଖାନା କର୍ମଚାରୀଙ୍କ ଅବହେଳାର ଏକ ଲୋମଟାଙ୍କୁରା ଘଟଣା ସାମ୍ନାକୁ ଆସିଛି। ଥାରପରକାର ଜିଲା ରୁରାଲ ହେଲ୍‌ଥ ସେଣ୍ଟରରେ ଜଣେ ୩୨ ବର୍ଷୀୟା ମହିଳା ପ୍ରସବ ପାଇଁ ଭର୍ତ୍ତି ହୋଇଥିଲେ। ସ୍ତ୍ରୀ ରୋଗ ବିଶେଷଜ୍ଞ ନ ଥିବାରୁ ଡାକ୍ତରଖାନା କର୍ମଚାରୀ ତାଙ୍କର ପ୍ରସବ କରାଇଥିଲେ। ଏହି ସମୟରେ କର୍ମଚାରୀ ଶିଶୁଟିର ଗଳା କାଟି ଦେଇଥିବାବେଳେ କଟା ମୁଣ୍ଡଟି ଗର୍ଭାଶୟରେ ରହିଯାଇଥିଲା। ମହିଳା ଜଣଙ୍କ ଘରକୁ ଫେରିବା ପରେ ଯନ୍ତ୍ରଣା ହେବାରୁ ତାଙ୍କୁ ଲିଆକତ ମେଡିକାଲକୁ ନିଆଯାଇଥିଲା। ପରୀକ୍ଷାପରେ ମହିଳାଙ୍କ ପେଟରେ ମୃତ ଶିଶୁର ମୁଣ୍ଡ ଥିବା ଜଣାପଡ଼ିଥିଲା। ଡାକ୍ତର ପେଟରୁ କଟା ମୁଣ୍ଡଟିକୁ ବାହାର କରିଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅସାବଧାନତା ପାଇଁ ଏପରି ଘଟିଥିବା କୁହାଯାଉଛି।

## ଶିବସେନା: କ୍ରସ୍‌ଭୋଟିଂରୁ ବିଭ୍ରାଟ

**ମୁମ୍ବାଇ, ୨୧।୬**



ମହାରାଷ୍ଟ୍ରରେ ରାଜ୍ୟ ସଭା ନିର୍ବାଚନରେ ପରାଜୟ ପରେ ବିଧାନ ପରିଷଦ ସଦସ୍ୟ (ଏମ୍‌ଏଲ୍‌ସି) ଭୋଟକୁ ଦୃଷ୍ଟିରେ ରଖି ଶିବସେନା, ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ କଂଗ୍ରେସ ନିଜ ବିଧାୟକମାନଙ୍କୁ ହୋଟେଲରେ ରଖିଥିଲେ। କିନ୍ତୁ ଏହି ନିର୍ବାଚନରେ ମଧ୍ୟ ମଧ୍ୟ ଶିବସେନା ନେତୃତ୍ୱାଧୀନ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସରକାରଙ୍କୁ ଝଟ୍‌କା ଲାଗିଛି। ମୋଟ ୧୦ ଏମ୍‌ଏଲ୍‌ସି ଆସନ ପାଇଁ ନିର୍ବାଚନ ହୋଇଥିବାବେଳେ ମଇଦାନରେ ୧୧ ଜଣ ପ୍ରାର୍ଥୀ ଥିଲେ। ଭାଜପା ୫ ଆସନରେ ନିର୍ବାଚନ ଲଢ଼ି ସଂଖ୍ୟାବଳ ନ ଥାଇ ମଧ୍ୟ ପାଞ୍ଚଟି ଯାକ ସିଟ୍‌ରେ ବିଜୟୀ ହୋଇଛି। ଅନ୍ୟପକ୍ଷେ ଶିବସେନା ୨, ଏନ୍‌ସିପି ୨ ଏବଂ କଂଗ୍ରେସ ଗୋଟିଏ ଆସନ ଦଖଲ କରିଛି। ଦଶମ ଆସନରେ କଂଗ୍ରେସ ଏବଂ ଭାଜପା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଭାଜପାକୁ ୧୭-୧୮ ଭୋଟ ଆବଶ୍ୟକ ଥିବାବେଳେ କଂଗ୍ରେସ ପ୍ରାର୍ଥୀ ୩ ଶିବସେନା ବିଧାୟକଙ୍କ ସମେତ ୧୧ ସଦସ୍ୟଙ୍କ ଭୋଟ ପାଇଥିଲେ ବିଜୟୀ ହୋଇଥାଆନ୍ତେ। କିନ୍ତୁ ଦଶମ ଆସନରେ ଅନ୍ୟୂନ ୨୦ ବିଧାୟକ କ୍ରସ୍‌ଭୋଟିଂ କରିବାରୁ କଂଗ୍ରେସ ପ୍ରାର୍ଥୀ ହାରି ଯାଇଥିଲେ। ଏଠାରେ ଭାଜପାର ପ୍ରସାଦ ଲାଡ୍ ବିଜୟୀ ହୋଇଛନ୍ତି। ଏହି ପରାଜୟରେ ଶାସକ ମେଣ୍ଟକୁ ଝଟ୍‌କା ଲାଗିଥିବାରୁ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କ୍ଷୁବ୍ଧ ହୋଇ ଶିବସେନାର ସମସ୍ତ ବିଧାୟକଙ୍କୁ ନେଇ ଏକ ବୈଠକ କରିଥିଲେ। ଏଥିରେ ସମସ୍ତଙ୍କୁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଶିବସେନାର ବରିଷ୍ଠ ନେତା ତଥା ସହରାଞ୍ଚଳ ବିକାଶ ମନ୍ତ୍ରୀ ଏକନାଥ ସିନ୍ଦେଙ୍କ ସହ ୧୦ରୁ ୧୨ ବିଧାୟକଙ୍କ ପତ୍ତା ମିଳି ନ ଥିଲା। ସୋମବାର ଏମ୍‌ଏଲ୍‌ସି ନିର୍ବାଚନ ପରଠାରୁ ସେମାନେ କୁଆଡ଼େ ଉଭାନ ହୋଇଯାଇଥିଲେ। ଫଳରେ ଦଳରେ ବିଦ୍ରୋହ ହେବା ନେଇ ଆଶଙ୍କା କରାଯାଇଥିଲା।

### ଅଟୋ ଡ୍ରାଇଭରରୁ ମୁଖ୍ୟମନ୍ତ୍ରୀ ମହତ୍ତ୍ୱାକାଂକ୍ଷୀ

ମହାରାଷ୍ଟ୍ରରେ ଚାଲିଥିବା ରାଜନୈତିକ ଉଠାପକାର କେନ୍ଦ୍ରବିନ୍ଦୁ ସାଜିଥିବା ଏକନାଥ ସିନ୍ଦେ(୫୮) ଏକଦା ଠାଣେରେ ଅଟୋ ଚଳାଉଥିଲେ। ୧୯୬୬ରେ ବାଲ୍ ଠାକ୍‌ରେ ଶିବସେନା ପ୍ରତିଷ୍ଠା କରିବା ପରେ ସିନ୍ଦେ ରାଜନୀତିରେ ଯୋଗଦେଇଥିଲେ। ଶିବସେନା-ଭାଜପା ସମ୍ପର୍କର ଦୃଢ଼ ସମର୍ଥକ ଭାବେ ଜଣାଶୁଣା ଏହି ନେତା ଠାଣେ-ପାଲଘର ଅଞ୍ଚଳରେ ଜଣେ ପ୍ରମୁଖ ବ୍ୟକ୍ତି ପାଲଟିଯାଇଥିଲେ। ଶିବସେନା ଟିକେଟରେ ୪ ଥର ବିଧାୟକ ହୋଇଥିବା ସିନ୍ଦେ ସମ୍ପ୍ରତି ଏମ୍‌ଭିଏ ସରକାରରେ ନଗର ଉନ୍ନୟନ ଏବଂ ପିଡବ୍ଲ୍ୟୁଡି ମନ୍ତ୍ରୀ ଅଛନ୍ତି। ୨୦୧୯ରେ ଶିବସେନା ସହ ଭାଜପାର ଅଢ଼େଇ ବର୍ଷିଆ ପାଳି ସରକାର ଗଠନ ପ୍ରସ୍ତାବ ନେଇ ଆଲୋଚନା ଚାଲିଥିବାବେଳେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ସିନ୍ଦେ ଥିବା ଚର୍ଚ୍ଚା ହେଉଥିଲା। ଶିବସେନାରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ପରେ ସିନ୍ଦେଙ୍କୁ ନମ୍ବର ୨ ନେତା ବୋଲି ବିବେଚନା କରାଯାଏ।

### ସମ୍ଭାବ୍ୟ ସମୀକରଣ



ଶିବସେନାର ଅସନ୍ତୁଷ୍ଟ ନେତା ତଥା ମନ୍ତ୍ରୀ ଏକନାଥ ସିନ୍ଦେ ୨୨ ବିଧାୟକଙ୍କୁ ନେଇ ଭାଜପା ଶାସିତ ଗୁଜରାଟ ଯାଇଥିବାବେଳେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସରକାର ପ୍ରତି ସଙ୍କଟ ସୃଷ୍ଟି ହୋଇଛି। ମହାରାଷ୍ଟ୍ର ବିଧାନସଭାରେ ମୋଟ ୨୮୮ ଆସନ ଥିବାବେଳେ ଜଣେ ବିଧାୟକଙ୍କ ମୃତ୍ୟୁ ପରେ ଆସନ ସଂଖ୍ୟା ୨୮୭କୁ ଖସିଛି। ଅର୍ଥାତ୍ ଆସ୍ଥାଭୋଟ ହେଲେ ସଂଖ୍ୟାଗରିଷ୍ଠତା ପ୍ରମାଣିତ କରିବା ପାଇଁ ଉଦ୍ଧବଙ୍କୁ (ମ୍ୟାଜିକ୍ ନମ୍ବର) ୧୪୪ ବିଧାୟକଙ୍କ ସମର୍ଥନ ଆବଶ୍ୟକ ହେବ। ଶିବସେନା, ଏନ୍‌ସିପି ଏବଂ କଂଗ୍ରେସର ୧୫୨ ବିଧାୟକ ଥିବାବେଳେ ଭାଜପା ଏବଂ ଅନ୍ୟ ଦଳଗୁଡ଼ିକୁ ମିଶାଇ ୧୩୫ ବିଧାୟକଙ୍କ ସମର୍ଥନ ଥିବା ବିରୋଧୀ ମେଣ୍ଟ ଦାବି କରୁଛି। ସିନ୍ଦେଙ୍କ ନେତୃତ୍ୱରେ 'ନିଖୋଜ' ବିଧାୟକମାନେ ଇସ୍ତଫା ଦେଲେ ବିଧାନସଭାରେ ଶିବସେନା ସଦସ୍ୟଙ୍କ ସଂଖ୍ୟା ୫୬ରୁ ୩୪କୁ ଖସିଯିବ। ଫଳରେ ଶାସକ ମେଣ୍ଟ ୧୩୦କୁ ଖସିଯିବ। ୨୨ ବିଧାୟକଙ୍କ ଇସ୍ତଫା ସହ କୁହୁକ ସଂଖ୍ୟା ମଧ୍ୟ ୧୩୩ ହୋଇଯିବ। ଏପରି ସ୍ଥିତିରେ ଦୁଇ ପ୍ରକାର ସମୀକରଣର ସମ୍ଭାବନା ସୃଷ୍ଟି ହୋଇପାରେ। ଶିବସେନା ବିଧାୟକ ଦଳବଦଳ କଲେ ସରକାର ଭାଙ୍ଗିଯିବ। କିନ୍ତୁ ଉଭୟ ପକ୍ଷଙ୍କ ପାଖରେ ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବରର ଅଭାବ ଯୋଗୁ ରାଷ୍ଟ୍ରପତି ଶାସନ ଜାରି ହୋଇପାରେ। ଅନ୍ୟପକ୍ଷେ ଏମ୍‌ଭିଏ ସ୍ଥପତି ଶରଦ ପାୱାର ପୁଣି ଥରେ କିଙ୍ଗ୍‌ମେକର ଭୂମିକାରେ ଅବତୀର୍ଣ୍ଣ ହୋଇପାରନ୍ତି। ପାୱାରଙ୍କ ଏନ୍‌ସିପି ପାଖରେ ୫୩ ବିଧାୟକ ଅଛନ୍ତି। ୨୦୧୯ର ଦେବେନ୍ଦ୍ର ଫଡ୍‌ନବିସ୍-ଅଜିତ୍ ପାୱାର ମିଡ୍‌ନାଇଟ୍ ଅପରେଶନ ଏବଂ ଶପଥପାଠକୁ ଭୁଲି ପାୱାର ଭାଜପାକୁ କ୍ଷମା କରିଦେଲେ ମହାରାଷ୍ଟ୍ର ରାଜନୀତିର ଚିତ୍ର ଓ ଚରିତ୍ର ବଦଳିଯିବ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୫୨,୨୧,୮୨୭ | ୬୩,୪୨,୩୮୫ | ୫୨,୦୩,୮୭,୦୫୭ |
| ଭାରତ | ୪,୩୩,୨୦,୮୪୫ | ୫,୨୪,୮୯୦ | ୪,୨୭,୧୫,୧୯୩ |
| ଓଡ଼ିଶା | ୧୨,୮୮,୯୫୦ | ୯୧୨୬(+୫୩) | ୧୨,୭୯,୪୯୯ |

ମଙ୍ଗଳବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ବର୍ଷାଙ୍କୁ ଆଶ୍ୱସ୍ତି, ଅନୁଭବଙ୍କ ଘରେ ରହିବେ

## ଏସ୍‌ଡିଜେଏମ୍‌ଙ୍କ ନିର୍ଦ୍ଦେଶ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଦେଲେ ଜିଲା ଜଜ୍

**କଟକ ଅଫିସ,୨୧।୬**

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଏବଂ କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ପାରିବାରିକ ବିବାଦରେ ମଙ୍ଗଳବାର ଆସିଛି ନୂଆ ମୋଡ଼। ଅନୁଭବଙ୍କ ଘର ଛାଡ଼ିବାକୁ କଟକ ଏସ୍‌ଡିଜେଏମ୍ କୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ବର୍ଷାଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି କଟକ ଜିଲା ଜଜ୍ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଅନୁଭବଙ୍କ ଘରେ ବର୍ଷା ରହିବେ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୪ରେ ହେବ। ତେଣୁ ଏହା ପୂର୍ବରୁ ଅନୁଭବଙ୍କୁ ଲିଖିତ ଜବାବ ରଖିବାକୁ ଜିଲା କୋର୍ଟ କହିଛନ୍ତି।

ସୂଚନାଯୋଗ୍ୟ, ଅନୁଭବ ଓ ବର୍ଷାଙ୍କ ମଧ୍ୟରେ ପାରିବାରିକ ବିବାଦ ଦୀର୍ଘଦିନ ଧରି ଲାଗି ରହିଛି। ବିବାଦ ପରଠାରୁ ଅନୁଭବ ତାଙ୍କ ବାପା, ମାଆ ଓ ସାନଭାଇଙ୍କ ସହ ଅନ୍ୟତ୍ର ଘର ଭଡ଼ା ନେଇ ରହୁଛନ୍ତି । ବର୍ଷା ରହୁଥିବା ଘର ଅନୁଭବଙ୍କ ପୈତୃକ ଘର। ଏହା ତାଙ୍କ ଜେଜେବାପା ଏବଂ ଅନ୍ୟମାନଙ୍କ ନାମରେ ରହିଛି। ତେଣୁ ସେଠାରେ ବର୍ଷା ନ ରହିବାକୁ ଅନୁଭବ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିଲେ। ବର୍ଷାଙ୍କ ଅନ୍ୟତ୍ର ରହଣି ପାଇଁ ଭଡ଼ାଘରର ବ୍ୟବସ୍ଥା କରିବେ



ଏବଂ ସେ ବାବଦ ଖର୍ଚ୍ଚକୁ ଭରଣା କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ସେ ଆବେଦନରେ ଦର୍ଶାଇଥିଲେ। ଗତ ୨ ତାରିଖରେ ଏସ୍‌ଡିଜେଏମ୍ ଉକ୍ତ ଆବେଦନର ଶୁଣାଣି କରି ବର୍ଷା ପ୍ରିୟଦର୍ଶିନୀ ସ୍ୱାମୀ ଅନୁଭବ ମହାନ୍ତିଙ୍କ ନନ୍ଦିସାହିସ୍ଥିତ ପୈତୃକ ଘର ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ସେ ଅନ୍ୟତ୍ର ରହିବା ପାଇଁ ଅନୁଭବ ତାଙ୍କୁ ପ୍ରତ୍ୟେକ ମାସର ୧୦ ତାରିଖ କିମ୍ବା ଏହା ପୂର୍ବରୁ ୩୦ ହଜାର ଟଙ୍କା ଦେବେ। ପ୍ରଥମ ମାସର ୩୦ ହଜାର ଟଙ୍କା ପାଇବାର ୨ମାସ ମଧ୍ୟରେ ବର୍ଷା ପୈତୃକ ଘର ଛାଡ଼ିବାକୁ କୋର୍ଟ କହିଥିଲେ। ଏସ୍‌ଡିଜେଏମ୍ କୋର୍ଟଙ୍କ ଉକ୍ତ ନିର୍ଦ୍ଦେଶର ୨ଦିନ ମଧ୍ୟରେ ଅନୁଭବ କୋର୍ଟରେ ପ୍ରଥମ ମାସ ବାବଦ ୩୦ ହଜାର ଟଙ୍କା ଜମା କରିଥିଲେ। ଜିଲା ଜଜ୍‌ଙ୍କ ଏହି ଅନ୍ତରୀଣ ସ୍ଥଗିତାଦେଶ ପରେ ଅନୁଭବଙ୍କ ଓକିଲ ଆଲୋକ ମହାପାତ୍ର କହିଛନ୍ତି ଯେ, ବର୍ଷା ଏବେ ବି ଅନୁଭବଙ୍କ ଘରେ ରହୁଛନ୍ତି। ସେ ଘର ଛାଡ଼ିବା ସମୟ ହୋଇ ନାହିଁ। କୋର୍ଟଙ୍କ ଅର୍ଡର ମିଳି ନାହିଁ। ମିଳିବା ପରେ ଆମେ ପରବର୍ତ୍ତୀ ପଦକ୍ଷେପ ନେବୁ ବୋଲି ମହାପାତ୍ର କହିଛନ୍ତି।

# ନିରାଶ କରୁଛି ମୌସୁମୀ

**■ ଆଷାଢ଼ରେ ନିଅଣ୍ଟିଆ**
**■ ୨୪ ଜିଲାରେ ସ୍ୱାଭାବିକଠାରୁ କମ୍**

**ଭୁବନେଶ୍ୱର,୨୧।୬(ବ୍ୟୁରୋ)**

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେଉ ନ ଥିବାରୁ ଟ୍ରଫ୍‌ଲାଇନ୍ ଏବେ ସକ୍ରିୟ ନାହିଁ। ଏଥିଯୋଗୁ ରାଜ୍ୟରେ ଆଷାଢ଼ ମାସରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ୬ ଜିଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଥିବା ବେଳେ ୨୪ଟି ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି। ୧୦ ଜିଲାରେ ୬୦ରୁ ୯୩ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ପୁରୀ ଜିଲାରେ ସ୍ଥିତି ସଙ୍ଗିନ ରହିଛି। ମଙ୍ଗଳବାର ପୁରୀରେ ସ୍ୱାଭାବିକଠାରୁ ୮୮ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ଜଗତ୍‌ସିଂହପୁରରେ ୮୦ ପ୍ରତିଶତ, ଖୋର୍ଦ୍ଧାରେ ୬୩ ପ୍ରତିଶତ, କେନ୍ଦ୍ରାପଡ଼ାରେ ୭୭ ପ୍ରତିଶତ ଏବଂ କୋରାପୁଟରେ ସ୍ୱାଭାବିକ ଠାରୁ ୬୧ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଉତ୍ତର ଏବଂ ଉପକୂଳ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା ହେବା ସମ୍ଭାବନା ଥିବାରୁ କିଛି ନିଅଣ୍ଟିଆ ଭରଣ ହେବାର ସମ୍ଭାବନା ରହିଛି। ବିଶେଷକରି ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, କଟକ, ଅନୁଗୋଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଏବଂ ରାୟଗଡ଼ାରେ ପ୍ରବଳ ବର୍ଷା ନେଇ ସତର୍କତା ଜାରି କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ କୋରାପୁଟରେ ସର୍ବାଧିକ ୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୧୦.୩ ଏବଂ ଢେଙ୍କାନାଳରେ ୭.୩ ମିଲିମିଟର ରେକର୍ଡ କରାଯାଇଛି। ଆସନ୍ତା ୨୭ ତାରିଖ ପରେ ରାଜ୍ୟରୁ ଗାଏବ ହୋଇଯିବ ବର୍ଷା। ଆରବ ସାଗରରୁ ଓଡ଼ିଶାକୁ ଆସୁଥିବା ଜଳୀୟବାଷ୍ପ ପର୍ଯ୍ୟାପ୍ତ ହେଉ ନ ହେବାରୁ ରାଜ୍ୟରେ ଏଭଳି ସ୍ଥିତି ସୃଷ୍ଟି ହେବାକୁ ଯାଉଛି। କାରଣ କେରଳ ଛୁଇଁବା ପରେ ମୌସୁମୀ ଦୁର୍ବଳ ହୋଇଥିଲା। ଜୁନ୍ ୧୬ରେ ଦକ୍ଷିଣ ଓଡ଼ିଶାକୁ ମୌସୁମୀ ଛୁଇଁବା ପରେ ୪ ଦିନ ପର୍ଯ୍ୟନ୍ତ ଆଗକୁ ବଢ଼ିପାରି ନ ଥିଲା। ସୋମବାର ସମ୍ପୂର୍ଣ୍ଣ ଓଡ଼ିଶାକୁ ମୌସୁମୀ ବାୟୁ ପ୍ରବେଶ କରିଥିବା ବେଳେ ଅଧିକାଂଶ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଥିଲା। ତେବେ ମଙ୍ଗଳବାର ଅଧିକାଂଶ ଜିଲାରେ ପାଗ ମୁଖ୍ୟତଃ ଶୁଖିଲା ରହିଥିବା ବେଳେ କେବଳ ଦକ୍ଷିଣ ଓଡ଼ିଶାର କୋରାପୁଟ, ମାଲକାନଗିରି, ରାୟଗଡ଼ା ଏବଂ ନବରଙ୍ଗପୁରରେ ସାମାନ୍ୟ ବର୍ଷା ହୋଇଛି। ଆସନ୍ତା ୨୪ ତାରିଖରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏଥିଯୋଗୁ ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ବର୍ଷାର ପରିମାଣ ବଢ଼ିବ ବୋଲି ଅନୁମାନ କରାଯାଉଛି। ଏହା ପରେ ମୌସୁମୀ ଦୁର୍ବଳ ହେବା ସମ୍ଭାବନା ରହିଛି।




# ବିଶ୍ୱସ୍ତରୀୟ ହେବ ପୁରୀ ରେଳଷ୍ଟେଶନ

**୩୬୪ କୋଟି ଟଙ୍କା ବିନିଯୋଗ କରାଯିବ**

**■ ଷ୍ଟେଶନ ବୁଲିଲେ, ମଡେଲ ଦେଖିଲେ ରେଳମନ୍ତ୍ରୀ**
**■ ପୁରୀ ସ୍ଥାପତ୍ୟ କଳା ଢାଞ୍ଚାରେ ନବକଳେବର**
**■ ବାତ୍ୟା ସହନଶୀଳ ପ୍ଲାଟ୍‌ଫର୍ମ ବିଲ୍ଡିଂ, ବୃହତ୍ ଯାତ୍ରୀନିବାସ, ରୁଫ୍ ଟପ୍ ୱେଟିଂ ହଲ୍ ହେବ**
**■ ରଥଯାତ୍ରା ପାଇଁ ଚାଲିବ ୨୦୫ ସ୍ୱତନ୍ତ୍ର ଟ୍ରେନ**

**ପୁରୀ ଅଫିସ, ୨୧।୬**

ପୁରୀରେ ହେବାକୁ ଯାଉଛି ବିଶ୍ୱସ୍ତରୀୟ ରେଳଷ୍ଟେଶନ। ପ୍ରାୟ ୩୬୪ କୋଟି ଟଙ୍କା ବିନିଯୋଗରେ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ସହ ପୁରୀ ରେଳଷ୍ଟେଶନର ନବକଳେବର କରାଯିବ। ବାତ୍ୟା ସହନଶୀଳ ଅତ୍ୟାଧୁନିକ ପ୍ଲାଟଫର୍ମ ବିଲ୍ଡିଂ, ବୃହତ୍‌କାୟ ଯାତ୍ରୀନିବାସ, ରୁଫ୍ ଟପ୍ ୱେଟିଂ ହଲ୍ ନିର୍ମାଣ ହେବ। ମଙ୍ଗଳବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୁରୀ ରେଳଷ୍ଟେଶନ ପରିଦର୍ଶନ ସହ ପ୍ରସ୍ତାବିତ ବିଶ୍ୱସ୍ତରୀୟ ରେଳଷ୍ଟେଶନ କାର୍ଯ୍ୟର ସମୀକ୍ଷା କରି ଏହି ସୂଚନା ଦେଇଛନ୍ତି। ଆସନ୍ତା କିଛି ଦିନ ମଧ୍ୟରେ ଏ ନେଇ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ହେବାକୁ ଯାଉଥିବାବେଳେ ଦୁଇବର୍ଷ ମଧ୍ୟରେ ପୁରୀ ରେଳଷ୍ଟେଶନର ଚିତ୍ର ସମ୍ପୂର୍ଣ୍ଣ ଭାବେ ବଦଳିଯିବ ବୋଲି ରେଳମନ୍ତ୍ରୀ କହିଛନ୍ତି। ସେହିପରି ଚଳିତବର୍ଷର ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଭାବେ ୨୦୫ଟି ଟ୍ରେନ୍ ଚଳାଚଳ କରିବା ସହ ସ୍ୱତନ୍ତ୍ର ଶେଡ୍, ପାର୍କିଂ ଓ ମୋବାଇଲ ଟିକେଟ ବିକ୍ରିର ବ୍ୟବସ୍ଥା କରାଯିବ ବୋଲି ରେଳମନ୍ତ୍ରୀ ବୈଷ୍ଣବ ପ୍ରକାଶ କରିଛନ୍ତି।

ରେଳମନ୍ତ୍ରୀ କହିଛନ୍ତି, ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ପୁରୀର ସ୍ୱତନ୍ତ୍ର ସ୍ଥାନ ରହିଛି। ଦେଶ ବିଦେଶରୁ ଦୈନିକ ହଜାର ହଜାର ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ତେଣୁ ପୁରୀ ରେଳଷ୍ଟେଶନର ନବକଳେବର ନିହାତି ଆବଶ୍ୟକ ଥିଲା ଏବଂ କେନ୍ଦ୍ର ସରକାର ଏହାକୁ ପୂରଣ କରିଛନ୍ତି। ପୁରୀ ସ୍ଥାପତ୍ୟ କଳା ଢାଞ୍ଚାରେ ଏହି ରେଳଷ୍ଟେଶନର ବିକାଶ କରାଯିବ। ରେଳଷ୍ଟେଶନର ମୁଖ୍ୟକୋଠାଗୁଡ଼ିକୁ ବାତ୍ୟା ନିରୋଧକ କୋଠାରେ ପରିବର୍ତ୍ତନ କରାଯିବ। ୨୦୦ରୁ ୩୦୦ କିଲୋମିଟର ବେଗର ବାତ୍ୟା ସହନଶୀଳ ପ୍ଲାଟଫର୍ମ, ଅତ୍ୟାଧୁନିକ ୱେଟିଂ ରୁମ୍, ଭକ୍ତଙ୍କ ରହଣି ଲାଗି ଏକ ବିରାଟ ଯାତ୍ରୀନିବାସ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ୨୮ ହଜାର ୫୭୪ ବର୍ଗ ମିଟର ଜାଗାରେ ବିକାଶ କରାଯିବ। ରେଳ ଷ୍ଟେଶନ୍‌କୁ ତିନି ମହଲା ବିଶିଷ୍ଟ କରାଯିବ। ଏହାର ଭିତର ଓ ବାହାର ସହ ଚତୁଃପାର୍ଶ୍ୱ ଉନ୍ନୟନ ପ୍ରକଳ୍ପ ଅନ୍ତର୍ଭୁକ୍ତ ରହିବ। ଷ୍ଟେଶନର ପ୍ରବେଶ ଓ ପ୍ରସ୍ଥାନ, ବ୍ୟାଗେଜ୍ ସୁରକ୍ଷା, ଚେକ୍ ଇନ୍ କ୍ଷେତ୍ରର ଆଧୁନିକୀକରଣ ସାଙ୍ଗକୁ ଏକ ସୂଚନା କେନ୍ଦ୍ର ବ୍ୟବସ୍ଥା କରାଯିବ। ଆସନ୍ତା ୨୦୨୪ ଅଗଷ୍ଟ ସୁଦ୍ଧା ଷ୍ଟେଶନ ନିର୍ମାଣ କାର୍ଯ୍ୟ ସରିବାକୁ ଲକ୍ଷ୍ୟ ରଖାଯାଇଛି। ପୁରୀରେ ଏୟାରପୋର୍ଟ ପ୍ରତିଷ୍ଠା ହେବାର ଯୋଜନା ଥିବାରୁ ଜାତୀୟ ଓ ଅନ୍ତଃରାଷ୍ଟ୍ରୀୟ ସ୍ତରର ଟ୍ରେନ ଚଳାଚଳ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଆଗକୁ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆସୁଥିବାରୁ ଯାତ୍ରୀଙ୍କ ସୁବିଧା ପାଇଁ ୨୦୫ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ଯାତ୍ରୀଙ୍କ ସୁବିଧା ପାଇଁ ଏକ ଉନ୍ନତମାନର ରହଣି ଓ ପାର୍କିଂସ୍ଥଳ ନିର୍ମାଣ କରାଯାଉଥିବା ବେଳେ ବିଭିନ୍ନ ସ୍ଥାନରେ ଏଲ୍‌ସିଡି ମାଧ୍ୟମରେ ରଥଯାତ୍ରାର ପ୍ରସାରଣ ସୁବିଧା କରାଯିବ। ରଥଯାତ୍ରାରେ ପ୍ରବଳ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମୋବାଇଲ ଟିକେଟର ବ୍ୟବସ୍ଥା କରାଯିବ। ଯାତ୍ରୀମାନେ ବିଭିନ୍ନ ସ୍ଥାନରୁ ଟିକେଟ କିଣି ଯାତ୍ରା କରିପାରିବେ। ସେହିପରି ମହାମାରୀ କରୋନା ସମୟରେ ପୁରୀକୁ ବନ୍ଦ ଥିବା ଯାତ୍ରୀବାହୀ ପାସେଞ୍ଜର ଟ୍ରେନ୍‌ଗୁଡ଼ିକ ଖୁବଶୀଘ୍ର ଚଳାଚଳ କରିବ। ବନ୍ଦ ହୋଇଥିବା ଗାଡ଼ି ସଂଖ୍ୟା ୬୮୪୧୪/୬୮୪୧୩ ପୁରୀ -ତାଳଚେର- ପୁରୀ ମେମୁ ପାସେଞ୍ଜର ଟ୍ରେନ, ୬୮୪୩୮/୬୮୪୩୭ କଟକ -ଭଦ୍ରକ- କଟକ ମେମୁ ପାସେଞ୍ଜର, ୧୮୪୧୪/୧୮୪୧୩ ପୁରୀ -ପାରାଦୀପ - ପୁରୀ ଏକ୍ସପ୍ରେସ ଏବଂ ୨୦୮୫୭/୨୦୮୫୮ ପୁରୀ- ସାଇନଗର ଶିରିଡ଼ି - ପୁରୀ ଏକ୍ସପ୍ରେସ ଟ୍ରେନକୁ ପୁନଃ ଚଳାଚଳ କରାଯିବ। ଯେପରି ଯାତ୍ରୀମାନଙ୍କର କୌଣସି ସମସ୍ୟା ନ ହୁଏ, ସେଥିପ୍ରତି ଧ୍ୟାନ ଦିଆଯିବ। ଯାତ୍ରୀଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର, ଖାଦ୍ୟ ବିତରଣ ବ୍ୟବସ୍ଥା କରାଯିବ। ପୂର୍ବତଟ ରେଳ ବିଭାଗର ଖୋର୍ଦ୍ଧା ରେଳ ଡିଭିଜନ୍ ଅଧୀନରେ ଥିବା ପୁରୀ ରେଳଷ୍ଟେଶନ୍ ଏନ୍‌ଏସ୍‌ଜି-୨ ପର୍ଯ୍ୟାୟ ଷ୍ଟେଶନ୍ ଅନ୍ତର୍ଭୁକ୍ତ। ପୁରୀ ରେଳଷ୍ଟେଶନ୍‌ର ୮ଟି ପ୍ଲାଟଫର୍ମରେ ମେଲ୍, ଏକ୍ସପ୍ରେସ୍ ଓ ପାସେଞ୍ଜରକୁ ମିଶାଇ ଦୈନିକ ୫୦ରୁ ଅଧିକ ଟ୍ରେନ୍ ଚଳାଚଳ କରୁଛି। ଏହି ଅବସରରେ ବିଶ୍ୱସ୍ତରୀୟ ଷ୍ଟେଶନର ରୂପରେଖ (ମଡେଲ)କୁ ରେଳମନ୍ତ୍ରୀ ପ୍ରଦର୍ଶନ କରିଥିଲେ। ପ୍ରକଳ୍ପ ଉପରେ ଏକ ଫଟୋ ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସମେତ ବହୁ ଭାଜପା ନେତା ଏବଂ ରେଲୱେ ଅଧିକାରୀ ଉପସ୍ଥିତ ଥିଲେ। ଷ୍ଟେଶନ ନିରୀକ୍ଷଣ ପୂର୍ବରୁ ରେଳମନ୍ତ୍ରୀ ବୈଷ୍ଣବ ଶ୍ରୀମନ୍ଦିର ଯାଇ ପତିତପାବନଙ୍କ ସମେତ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିଥିଲେ।



ପୁରୀ ରେଳଷ୍ଟେଶନ ପରିଦର୍ଶନ ଅବସରରେ ପ୍ରସ୍ତାବିତ ମଡେଲକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦେଖୁଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘଇତା ପଛକେ ମରୁ
ସଉତୁଣୀ ରାଣ୍ଡ ହେଉ।**

ସ୍ୱାର୍ଥସିଦ୍ଧି ପାଇଁ ଅତ୍ୟନ୍ତ କୁଟିଳ ବିଚାର। ନିଜର ପଛେ ସବୁକିଛି ଚାଲିଯାଉ ବା ନଷ୍ଟ ହୋଇଯାଉ, ପ୍ରତିପକ୍ଷ କିନ୍ତୁ ଦୁଃଖକଷ୍ଟ ପାଉ। ନିଜର କ୍ଷତି ଘଟାଇ ପର ଉପରେ ଦାଉ ସାଧିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଘଷର ଘଷର ଆହୁରି ଘଷର
ପୁଣି ଘଷର ପାଣି
ତୁମେ ଯହିଁପାଇଁ ନସର ପସର
ଆମେ ସେଇ କଥାଟି ଜାଣି।**

ସାଧାରଣତଃ ପାଖେ ପାଖେ ଘୂରିବୁଲୁଥିବା ଲୋକର ଭିତିରି ଉଦ୍ଦେଶ୍ୟ ଅତି ସହଜରେ ଜଣାପଡ଼ି ଯାଇଥାଏ। ମନୁଷ୍ୟର ଚାଲିଚଳନ ତଥା ଆଦବ କାଇଦାରୁ ତା'ର ଅଭିପ୍ରାୟ ଜଣାପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲିଃ.

# ରାଷ୍ଟ୍ରପତି ଦୌଡ଼ରେ ପ୍ରଥମ ଆଦିବାସୀ ମହିଳା

**ଭୁବନେଶ୍ୱର, ୨୧।୬ (ବ୍ୟୁରୋ)**

ଆଦିବାସୀ ନେତ୍ରୀ ତଥା ଝାଡ଼ଖଣ୍ଡର ପୂର୍ବତନ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁଙ୍କୁ ଏନ୍‌ଡିଏ ପକ୍ଷରୁ ଆଗାମୀ ରାଷ୍ଟ୍ରପତି ନିର୍ବାଚନ ଲାଗି ପ୍ରାର୍ଥୀ କରାଯାଇଛି। ଭାଜପା ନେତ୍ରୀ ଦ୍ରୌପଦୀ ଝାଡ଼ଖଣ୍ଡର ପ୍ରଥମ ରାଜ୍ୟପାଳ, ଯିଏ ୫ ବର୍ଷ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିଥିଲେ। ସେ ୨୦୧୫ରୁ ୨୦୨୧ ପର୍ଯ୍ୟନ୍ତ ଏହି ପଦବୀରେ ରହିଥିଲେ। ୨୦୦୦ରୁ ୨୦୦୯ ଦ୍ରୌପଦୀ ରାଇରଙ୍ଗପୁର ଆସନରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଓଡ଼ିଶାରେ ଭାଜପା-ବିଜେଡି ମେଣ୍ଟ ସରକାରରେ ସେ ୨୦୦୦ ମାର୍ଚ୍ଚ ୬ରୁ ୨୦୦୨ ଅଗଷ୍ଟ ୬ ପର୍ଯ୍ୟନ୍ତ ବାଣିଜ୍ୟ ଓ ପରିବହନ ବିଭାଗ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବଂ ୨୦୦୨ ଅଗଷ୍ଟ ୬ରୁ ୨୦୦୪ ମେ' ୧୬ ପର୍ଯ୍ୟନ୍ତ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଥିଲେ।

ମୟୂରଭଞ୍ଜ ଜିଲା ଅନ୍ତର୍ଗତ ବୈଦପୋଷି ଗ୍ରାମର ସାନ୍ତାଳ ପରିବାରରେ ୧୯୫୮ ଜୁନ୍ ୨୦ରେ ଦ୍ରୌପଦୀଙ୍କ ଜନ୍ମ। ତାଙ୍କ ବାପାଙ୍କ ନାମ ବିରଞ୍ଚି ନାରାୟଣ ଟୁଡୁ। ସେ ମୟୂରଭଞ୍ଜ ଜିଲା ଉପରବେଡ଼ା ପ୍ରାଥମିକ ବିଦ୍ୟାଳୟ, ଭୁବନେଶ୍ୱର ୟୁନିଟ୍-୩ ଉଚ୍ଚ ବିଦ୍ୟାଳୟ ଓ ରମାଦେବୀ ମହିଳା ମହାବିଦ୍ୟାଳୟରେ ଶିକ୍ଷା ଅର୍ଜନ କରିଥିଲେ। ତାଙ୍କ ଝିଅଙ୍କ ନାମ ଇତିଶ୍ରୀ ମୁର୍ମୁ। ଦ୍ରୌପଦୀ ଓଡ଼ିଶାରେ ଜଳସେଚନ ଓ ବିଦ୍ୟୁତ ବିଭାଗରେ କନିଷ୍ଠ ସହାୟକ ଭାବେ କାର୍ଯ୍ୟ କରିଛନ୍ତି। ପରେ ରାଇରଙ୍ଗପୁରସ୍ଥିତ ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ ଏଜୁକେଶନରେ


ରାଇରଙ୍ଗପୁର ବାସଭବନରେ ଶୁଭେଚ୍ଛୁଙ୍କ ଗହଣରେ ଦ୍ରୌପଦୀ ମୁର୍ମୁ।

ଶିକ୍ଷକତା କରିଥିଲେ। ଓଡ଼ିଶା ରାଜନୀତିରେ ପ୍ରବେଶ କରି ସେ ୧୯୯୭ରେ ରାଇରଙ୍ଗପୁର ମ୍ୟୁନିସିପାଲିଟିକୁ କାଉନ୍‌ସିଲର ଭାବେ ନିର୍ବାଚିତ ହୋଇଥିଲେ। ସେ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ଉପସଭାପତି ଥିଲେ। ଭାଜପା ଟିକେଟରେ ଦ୍ରୌପଦୀ ମୟୂରଭଞ୍ଜର ରାଇରଙ୍ଗପୁର ଆସନରୁ ଦୁଇଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଏବଂ ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ମନ୍ତ୍ରୀ ଥିଲେ। ୨୦୦୭ ବର୍ଷ ପାଇଁ ଓଡ଼ିଶା ବିଧାନସଭା ଦ୍ୱାରା ତାଙ୍କୁ ଶ୍ରେଷ୍ଠ ବିଧାୟିକା ଭାବେ ନୀଳକଣ୍ଠ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୧୫ରେ ସେ ଝାଡ଼ଖଣ୍ଡ ରାଜ୍ୟପାଳ ଭାବେ ଶପଥ ନେଇଥିଲେ। ସେ ଶ୍ୟାମ ଚରଣ ମୁର୍ମୁଙ୍କୁ ବିବାହ କରିଥିଲେ ଓ ସେମାନଙ୍କର ୨ ପୁଅ ଓ ଗୋଟିଏ ଝିଅ ଥିଲେ। ସ୍ୱାମୀ ଓ ଦୁଇ ପୁଅଙ୍କର ଅକାଳ ବିୟୋଗ ଘଟିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ସଦ୍‌ଭାବ ଓ ନିକଟ ସମ୍ପର୍କୀୟମାନଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ଭାବରୁ ମନକୁ ସାନ୍ତ୍ୱନା ମିଳିଯିବ। ଆଜକୁ କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇଯିବେ। ଶିଳ୍ପ, ନିର୍ମାଣ, ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ମଧ୍ୟ ଉନ୍ନତି କରିବେ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

**ବୃଷ** ବିଭିନ୍ନ ପ୍ରକାରର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ବାଣିଜ୍ୟ ଓ ବ୍ୟବସାୟ, ପରିବହନ, ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଓ ପ୍ରେମାନୁରାଗୀ ହୋଇପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଅଦଳବଦଳ ହୋଇଯାଇପାରେ।

**ମିଥୁନ** ସାମୟିକ ଅସୁବିଧା ମଧ୍ୟରେ ଅଟକି ରହିଥିବା କାମ ଗୁଡିକ ସୁବିଧାରେ ହୋଇଯିବ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ ମନ ବଳାଇ କର୍ମମୁଖର ହେବେ। ଯାତ୍ରାରେ ଲକ୍ଷ୍ୟ ହାସଲରେ ସମର୍ଥ ହେବେ ଓ ସଫଳତା ମଧ୍ୟ ପାଇବେ। ସ୍ୱାସ୍ଥ୍ୟସମସ୍ୟା କେତେକାଂଶରେ ନିୟନ୍ତ୍ରିତ ରହିବ।

**କର୍କଟ** ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କୁ ଆପଣେଇ ନେଇ କାମ ହାସଲ କରିପାରିବେ। ପରିସ୍ଥିତିକୁ ଯେତେ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ ଓ ବାଣିଜ୍ୟ ଏବଂ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କାମ ସ୍ଥଗିତ ରହିବ ନାହିଁ। ପରିବାର ବିଷୟରେ କୌଣସି ଚିନ୍ତା ମନକୁ ବ୍ୟାକୁଳିତ କରିପାରେ।

**ସିଂହ** ନିଜର ବିଚାରଧାରା ଅନୁଯାୟୀ କାର୍ଯ୍ୟ ସମ୍ପନ୍ନ ସଙ୍ଗକୁ ଅର୍ଥ ଓ ଦ୍ରବ୍ୟ ଲାଭ ହେବ। ପାରିବାରିକ ପରିସ୍ଥିତି ବିଶେଷ ଭଲ ନ ହେଲେ ମଧ୍ୟ ମନ୍ଦ ହେବନି। ଦେହ ଭଲ ରହିଲେ ମଧ୍ୟ କଠିନ ପରିଶ୍ରମ କିମ୍ବା ଭ୍ରମଣଜନିତ କ୍ଳାନ୍ତିବୋଧ କରିବେ। କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** ଧାର୍ମିକ ବାତାବରଣ, ସାଂଗଠନିକ କାର୍ଯ୍ୟ କିମ୍ବା ସାମୂହିକ କାମରେ ତତ୍ପରତା ପ୍ରକାଶ କରିବେ। ଖଳ ଲୋକଙ୍କ କଥାରେ ଭୁଲ ମାର୍ଗ ଅନୁସରଣ କରି ହଇରାଣ ହେବେ। କାମରେ ଅବହେଳା ଯୋଗୁ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହେବେ। ମାଲି ମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଂଗଠନ, ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ ଆଶାନୁରୂପ ସଫଳତା ପାଇବେ। ଯାତ୍ରା ସମୟରେ ଧନହାନିର ଆଶଙ୍କାକୁ ଏଡ଼ି ହେବ ନାହିଁ। ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ କାମରେ ଅର୍ଥଲାଭ ଓ ବନ୍ଧୁ ମିଳନ ଘଟିବ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ଅଶାନ୍ତିର କାରଣ ପାଲଟିଯିବ। କ୍ରୋଧର ବଶବର୍ତ୍ତୀ ହୋଇ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଂଗଠନରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ପରିବାର ଭିତରେ ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବେ। ପାଖ ପଡ଼ୋଶୀମାନଙ୍କ ସହାୟତାରେ ସାୟାହ୍ନେ ଅର୍ଥ ଓ ସମ୍ମାନ ଲାଭ ହୋଇପାରେ। କର୍ମକ୍ଷେତ୍ରର ସମସ୍ୟାକୁ ଈର୍ଷାପରାୟଣ ବ୍ୟକ୍ତିମାନେ ବଢାଇ ଦେଇପାରନ୍ତି। ପଡ଼ୋଶୀଙ୍କ ସହାୟତାରେ ବାକି ରହିଥିବା ଟଙ୍କା ପାଇବାରେ ଅସୁବିଧା ହେବ ନାହିଁ।

**ମକର** ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରିବା ଭଲ ହେବ। ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ କ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନି କାରବାର ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** ଦୀର୍ଘଦିନ ହେଲା ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ଆଜି ତାହା ସୁବିଧାରେ ପାଇଯିବେ। ହଠାତ୍ ଜଣେ ବନ୍ଧୁ ପାରିବାରିକ ସମସ୍ୟା ସମାଧାନ ସକାଶେ ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ନିର୍ମାଣ କାର୍ଯ୍ୟ କିମ୍ବା ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ** ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି କରିବ। ଅଟକି ରହିଥିବା କାମ ସୁବିଧାରେ ସମ୍ପନ୍ନ କଷ୍ଟକର ହୋଇପଡ଼ିବ। ଆକସ୍ମିକ ଅନାବଶ୍ୟକ ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।


# classifieds Everyday
**0674-2580101, 2549302**



### GROOM WANTED

36 ବୟସ୍କା Govt. ଚାକିରିଆ Bengali Divorce ଝିଅଙ୍କୁ anycaste ପୁଅ ଦରକାର। 6371296020. D-794



### SALE

ପୁରୀ ସାକ୍ଷୀଗୋପାଳ NHରୁ 2.5 K.M. ଦୂରରେ Black Top roadକୁ ଲାଗି sqft. 270/-ରେ commercial plot ମିଳୁଛି। 9692213354. D-73922

**ଭୁବନେଶ୍ୱର Sum Hospital ଠାରୁ 6k.m. ଦୂରତାରେ କଣ୍ଟାବାଡ଼ NH 16 ରୁ 50mtr ଦୂରରେ boundary, electricity 30ft. ରୋଡ୍ ଥାଇ ଘରବାରି plot ମିଳୁଛି। 9348444368.** D-73261

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73821

Land for Sale near Adani Dhamra Port, Bhadrak. Area - 4 Acre 10 Decimal, Non Agri. Land (Converted to Gharabari), Clear Title of Land, Single Owner. Rate per Decimal - 2Lakhs, Connected to State Highway. Contact- 9738021978, 8917251410. D-73824

6BHK Triplex finishing 60,00,000/- Hanspal, 3BHK duplex 25,00,000/- corehouse Balianta -8114964769, 9668194157. D-73326

ପୁରୀ ବାଇପାସ୍ କେଶୁରା ପାଖ ମେହେରପଲ୍ଲୀ ମୌଜାରେ immediate ଘରକରି ରହିବା ପାଇଁ plot ମିଳୁଛି। 9692213354. D-73924

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000- (outright). 9348232008. D-73266

**Plot for Sale, 2000sqft (8nos) per sqft-2000/- Yellowzone Gharabari Plot near Tata-ariana, Vipul Garden Backside Ghatikia Mouza- Sankarpur, BBSR. Water & Electricity available 30'Road NH-16 to 1km. Contact: - 7381564227, 8114744495.** D-770

Duplex house on corner plot for sale at Gadakana, Bhubaneswar. Contact owner: 9348695941. D-777

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186.** D-73920

କଟକରୁ 10K.M. ଦୂର ମଙ୍ଗୁଳି ପାଖ NHରୁ 1.5 K.M. ଦୂରରେ yellowzone plot sqft.-300/-ରେ ମିଳୁଛି। 9692213354. D-73923

**ଭୁବନେଶ୍ୱର Sum Hospitalରୁ 6K.M. ଦୂରତାରେ 200' NH ପାଖରେ Electricity, 30'road, boundary ଘରବାରି ଥାଇ ଘର କରିବା ପାଇଁ plot ମିଳୁଛି। 9090963952.** D-73255

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda Schoolକୁ ଲାଗି 30' road, electricity ସୁବିଧା ଥାଇ gated society ଘରବାରି plot @9,00,000/- ଘର କରନ୍ତୁ। (Bank loan available). 9437691481.** D-73260

### PURCHASE

Required flats independent house GA plots from direct owner's, Bhubaneswar. 6371090682. D-68293


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd., 9439856856.** D-698



Shoproom (10'x10') 2 Nos. opposite Biju Patnaik College, main road, Jayadev Vihar, Bhubaneswar. Contact: 9938511622. D-788

2000sqft. Second Floor hall with lift near Airport on 100ft. wide Bhimatangi Mainroad for Office or Commercial. 9958003695. D-73618



Newly open SPA positively health benefit with expert. Contact: 7749976301. D-73829

All types hair cutting, body massage by smart lady room services available. Contact: 9938582450. D-71346

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73828

Mesmerizing, energetic body, mind qualitative relaxing massage experienced therapists. 9668374480. D-73610

Newly open SPA offer @799/-, positively health benefits, Kalpana. 7846814019. D-73619

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73825

Newly open full body massage ladies and gents. 8327740003, 8093860513. D-73921

### LOST

I, Mr. Susanta Ku Panda, Son of Kasinath Panda would like to inform you that the original sale deed with reference to document No.- 4816, dated 26.04.2005, executed by Tarun Kumar Mohanty in favour of Simanchal Nanda of Khata No.- 544/518, Plot No.- 113/2745, Mouza- Bhimpur, P.S.- Air field No-22, Tahasil- Bhubaneswar, Sub Registrar- Khandagiri, Area- Ac 0.033dec, Kisam- Gharabari and document No.- 11131306183, dated 17.04.2013, executed by Nirupama Das, W/o- Prakash Kumar Das bearing Khata No.- 512/378, Plot No.-622/2117, Mouza- Ghangapatna, P.S.- Chandaka No.-46, Tahasil- Bhubaneswar, Sub Registrar- Khandagiri, Area- Ac 0.740dec, Kisam- Gharabari has been lost by me at unit 2 market on dated 20.06.2022 on the way while coming from my residence. Hence I request you to handover to me, if found ensuring that it was not misused. D-803

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


ପ୍ରଥମ ପୃଷ୍ଠାରୁ...

## ଏନ୍‌ଡିଏର ଦ୍ରୌପଦୀ...

ମୁଖ୍ୟାଳୟରେ ଦଳର ସଂସଦୀୟ ବୋର୍ଡ ବୈଠକରେ ପ୍ରାର୍ଥୀ ଚୟନ ପାଇଁ କସରତ ଚାଲିଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଉପସ୍ଥିତ ଥିଲେ। ବୈଠକ ଶେଷ ହେବା ପରେ ରାତି ୯.୩୦ରେ ଏନ୍‌ଡିଏ ପ୍ରାର୍ଥୀ ଭାବେ ଦ୍ରୌପଦୀ ମୁର୍ମୁଙ୍କ ନାମ ଘୋଷଣା କରାଯାଇଥିଲା। ଖବରଦାତା ସମ୍ମିଳନୀରେ ନଡ୍ଡା କହିଥିଲେ, ପ୍ରଥମ ଥର ପାଇଁ ଜଣେ ଆଦିବାସୀ ମହିଳାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଛି। ଭାଜପା ପାର୍ଲାମେଣ୍ଟାରି ବୋର୍ଡରେ ୨୦ ଜଣଙ୍କ ନାମକୁ ନେଇ ଆଲୋଚନା ହୋଇଥିଲା। ତେବେ ପୂର୍ବ ଭାରତର ଜଣେ ଆଦିବାସୀ ତଥା ମହିଳାଙ୍କୁ ପ୍ରାର୍ଥୀ କରାଇବା ପାଇଁ ବୋର୍ଡରେ ସହମତି ପ୍ରକାଶ ପାଇଥିଲା। ଦ୍ରୌପଦୀ ୨୦୧୫ରୁ ୨୦୨୧ ପର୍ଯ୍ୟନ୍ତ ଝାଡ଼ଖଣ୍ଡ ରାଜ୍ୟପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହା ପୂର୍ବରୁ ୨୦୦୦ ମସିହାରେ ଓଡ଼ିଶାରେ ବିଜେଡି-ଭାଜପା ମେଣ୍ଟ ସରକାରରେ ମଧ୍ୟ ସେ ବିଭିନ୍ନ ବିଭାଗର ମନ୍ତ୍ରୀ ଥିଲେ। ପ୍ରକାଶ ଯେ, ଆସନ୍ତା ଜୁଲାଇ ୧୮ରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ଜୁନ୍ ୨୯ ହେଉଛି ନାମାଙ୍କନପତ୍ର ଦାଖଲର ଶେଷ ଦିନ। ଜୁଲାଇ ୨୧ରେ ଭୋଟ ଗଣତି ପରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ।

## ବିରୋଧୀଙ୍କ ଯଶୱନ୍ତ...

ଦଳଗୁଡ଼ିକ ପକ୍ଷରୁ ଅନୁରୋଧ କରାଯାଇଥିବା ରମେଶ କହିଛନ୍ତି। ସହମତିରେ ରାଷ୍ଟ୍ରପତି ପ୍ରାର୍ଥୀ ଦେବା ଲାଗି ନରେନ୍ଦ୍ର ମୋଦି ସରକାରଙ୍କ ପକ୍ଷରୁ ସେଭଳି ଉଦ୍ୟମ ନ ହେବା ଦୁଃଖଦାୟକ। ରାଷ୍ଟ୍ରପତି ନିର୍ବାଚନ ପାଇଁ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇଥିବାରୁ ଆଗାମୀ ଦିନରେ ଏହି ଏକତା ଆହୁରି ମଜଭୁତ ହେବ ବୋଲି ମିଳିତ ବିବୃତିରେ କୁହାଯାଇଛି। ଶରଦ ପାୱାର, ଗୋପାଳକୃଷ୍ଣ ଗାନ୍ଧୀ ଏବଂ ଫାରୁକ୍ ଅବଦୁଲ୍ଲା ମିଳିତ ବିରୋଧୀ ଦଳର ରାଷ୍ଟ୍ରପତି ପ୍ରାର୍ଥୀ ହେବାକୁ ମନା କରିଦେବା ପରେ ସିହ୍ନାଙ୍କ ନାମ ପ୍ରସ୍ତାବ ଦିଆଯାଇଥିଲା। ମଙ୍ଗଳବାର ବୈଠକରେ କଂଗ୍ରେସ, ଏନ୍‌ସିପି, ଟିଏମ୍‌ସି, ସିପିଆଇ, ସିପିଏମ୍, ସମାଜବାଦୀ ପାର୍ଟି, ନ୍ୟାଶନାଲ କନ୍‌ଫରେନ୍ସ, ଏଆଇଏମ୍‌ଆଇଏମ୍, ଆର୍‌ଜେଡି ଏବଂ ଏଆଇୟୁଡିଏଫ୍ ପ୍ରମୁଖ ଦଳ ଯୋଗ ଦେଇଥିଲେ। କଂଗ୍ରେସରୁ ମଲ୍ଲିକାର୍ଜୁନ ଖାର୍ଗେ, ଜୟରାମ ରମେଶ, ଟିଏମ୍‌ସିରୁ ଅଭିଷେକ ବାନାର୍ଜୀ, ଡିଏମ୍‌କେରୁ ତିରୁଚି ଶିବ, ସିପିଏମ୍‌ରୁ ସୀତାରାମ ୟେଚୁରୀ ଏବଂ ସିପିଆଇରୁ ଡି. ରାଜା ଉପସ୍ଥିତ ଥିଲେ। ଆଞ୍ଚଳିକ ଦଳ ଟିଆର୍‌ଏସ୍, ବିଜେଡି, ଏଏପି, ଏସ୍‌ଏଡି ଏବଂ ୱାଇଏସ୍‌ଆର୍ କଂଗ୍ରେସ ବୈଠକରେ ଯୋଗ ଦେଇ ନ ଥିଲେ। ଯଶୱନ୍ତ ସିହ୍ନା ବିରୋଧୀ ଦଳର ରାଷ୍ଟ୍ରପତି ପ୍ରାର୍ଥୀ ହେବେ ବୋଲି ଜଣାପଡ଼ିବା ପରେ ମଙ୍ଗଳବାର ସେ ଟିଏମ୍‌ସିରୁ ଇସ୍ତଫା ଦେଇଥିଲେ। ମିଳିତ ବିରୋଧୀ ଦଳ ପକ୍ଷରୁ ବୃହତ୍ତର ଜାତୀୟ କାରଣ ପାଇଁ କାମ କରିବା ନିମନ୍ତେ ସେ ଟିଏମ୍‌ସି ଛାଡ଼ିଥିବା କହିଛନ୍ତି। ଦିନକ ପୂର୍ବରୁ ଟିଏମ୍‌ସି ସୁପ୍ରିମୋ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମିଳିତ ବିରୋଧୀ ଦଳର ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ସିହ୍ନାଙ୍କ ନାମ ପ୍ରସ୍ତାବ ରଖିଥିଲେ। ଏଥିପାଇଁ ସିହ୍ନା ଟିଏମ୍‌ସି ନେତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଦ୍ୱିତୀୟ ପର୍ଯ୍ୟାୟରେ...

କେନ୍ଦ୍ର ମନ୍ତ୍ରୀ କହିଛନ୍ତି। କୋଣାର୍କକୁ ରେଳ ସଂଯୋଗ ନେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଖୁବ୍‌ଶୀଘ୍ର କୋଣାର୍କକୁ ରେଳ ସଂଯୋଗ କରିବା ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ କରାଯିବ। ତେବେ କୋଣାର୍କକୁ ପୁରୀରୁ କିମ୍ବା ଅନ୍ୟ କେଉଁ ସ୍ଥାନରୁ ରେଳ ସଂଯୋଗ କରାଯିବ ତାହାକୁ ଦୃଷ୍ଟିରେ ରଖି ସର୍ଭେ କାର୍ଯ୍ୟ କରାଯିବ। ଅଗ୍ନିପଥ ଯୋଜନାକୁ ନେଇ କୌଣସି ପ୍ରକାର ରାଜନୀତି ଓ ଗୁଜବକୁ ବିଶ୍ୱାସ ନ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ ଏହି ଯୋଜନାକୁ ନେଇ ରାଜନୀତି ନ କରିବାକୁ ଅଶ୍ୱିନୀ ରାଜନୈତିକ ଦଳଗୁଡ଼ିକୁ ଆହ୍ୱାନ କରିଛନ୍ତି। ୧୯୯୦ ମସିହାରୁ ଅଗ୍ନିପଥ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଅନେକ ଦେଶ ଏହି ଯୋଜନାକୁ କାର୍ଯ୍ୟକାରୀ କରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ଦନ୍ତାର ଜୀବନ...

ଗ୍ରାମ ପୋଖରୀରେ ପଶି ଆଉ ବାହାରିପାରି ନ ଥିଲା। ସେଠାରେ ଚିକିତ୍ସା ସହ ଖାଦ୍ୟ ଖାଇବାକୁ ଦିଆଯାଉଥିଲା। ହେଲେ ୩ଦିନ ହେଲା ହାତୀଟି ଖାଇବା ଛାଡି ଦେଇଥିଲା। କେବଳ ସାଲାଇନ ଓ ଔଷଧ ଦିଆଯାଉଥିଲା। ସାତକୋଶିଆରୁ ସୋମବାର ଏକ ଡାକ୍ତରୀ ଦଳ ଆସି ଚିକିତ୍ସା କରିଥିଲେ। ସମ୍ବଲପୁରର ବନ୍ୟପ୍ରାଣୀ ବିଶେଷଜ୍ଞ ଏଥିରେ ସାମିଲ ଥିଲେ। ମଙ୍ଗଳବାର ସକାଳେ ବନ ବିଭାଗ ଓ ଅଗ୍ନିଶମ ବାହିନୀ ପହଞ୍ଚି ହାଇଡ୍ରା ସାହାଯ୍ୟରେ ହାତୀକୁ ପୋଖରୀ ଭିତରୁ ଉଠାଇ ହୁଡାକୁ ନେଇଥିଲେ। ସେଠାରେ ଚିକିତ୍ସା କରିବାକୁ ଯୋଜନା କରାଯାଇଥିଲା। ହେଲେ ପ୍ରାୟ ଅଧଘଣ୍ଟା ପରେ ହାତୀ ଆଖିବୁଜି ଦେଇଥିଲା।

## ଭାଲୁ ଆକ୍ରମଣରେ...

ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ମଙ୍ଗଳବାର ଜଣଙ୍କର ମୃତ୍ୟୁ ଘଟିଛି। ତେବେ ଏହି ଗ୍ରାମାଞ୍ଚଳ ଗଜପତି ଜିଲା ଗୋଷାଣୀ ବ୍ଲକର ପ୍ରାୟ ୧୦ରୁ ୧୫କିମି ଦୂରରେ ଅବସ୍ଥିତ ଥିବାରୁ ଏଠାକାର ଲୋକେ ଆତଙ୍କିତ ରହିଥିବା ଜଣାପଡିଛି।

## ଶିବସେନାରେ...

ଲି ମେରିଡିଏନ୍ ହୋଟେଲରେ ରହି ଭାଜପା ସହ ଯୋଗାଯୋଗ କରୁଥିବା ଜଣାପଡ଼ିଥିଲା। ସେମାନେ ମଙ୍ଗଳବାର ସେଠାରେ ପହଞ୍ଚିବା ପରଠୁ ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଉକ୍ତ ହୋଟେଲକୁ ଯାଉଥିବା ପ୍ରତ୍ୟେକ କାର୍‌କୁ ସ୍ଥାନୀୟ ପୋଲିସ ଯାଞ୍ଚ କରୁଛି। ସିନ୍ଦେଙ୍କ ନେତୃତ୍ୱରେ ଏହି ବିଧାୟକ ଏବଂ ମନ୍ତ୍ରୀମାନଙ୍କୁ ହୋଟେଲକୁ ନିଆଯିବାର ତାତ୍ପର୍ଯ୍ୟ ହେଉଛି ଶିବସେନାରେ ବିଦ୍ରୋହ ଘଟାଇ ଦଳକୁ ଭାଙ୍ଗି ସରକାରର ପତନ ଘଟାଇବା ପାଇଁ ଷଡ଼ଯନ୍ତ୍ର। ଏସବୁ ଭିତରେ ବାଲାପୁର ନିର୍ବାଚନମଣ୍ଡଳୀର ଶିବସେନା ବିଧାୟକ ନୀତୀନ ଦେଶମୁଖଙ୍କ ସ୍ତ୍ରୀ ପ୍ରାଞ୍ଜଳି ଦେଶମୁଖ ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ଅକୋଲା ଥାନାରେ ଏତଲା ଦେଇଛନ୍ତି। ସୋମବାରଠାରୁ ସ୍ୱାମୀଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବା ଦର୍ଶାଇ ତୁରନ୍ତ ଖୋଜିବା ପାଇଁ ପ୍ରାଞ୍ଜଳି ପୋଲିସକୁ ଅନୁରୋଧ କରିଛନ୍ତି। ଏନେଇ ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ କହିଛନ୍ତି, ଏକଥା ସତ ଯେ, ତାଙ୍କ ଦଳର କେତେଜଣ ବିଧାୟକ ମୁମ୍ବାଇରେ ନାହାନ୍ତି। ନିଖୋଜ ହୋଇଥିବା ବିଧାୟକମାନଙ୍କୁ ଅପହରଣ କରାଯାଇଛି। ଅପହୃତଙ୍କ ମଧ୍ୟରୁ କେତେଜଣଙ୍କ ସହ ଯୋଗସୂତ୍ର ସ୍ଥାପନ ସମ୍ଭବ ହୋଇଛି। ଏଠାରେ ଭାଜପା ପକ୍ଷରୁ ଚାଲିଥିବା ମଧ୍ୟପ୍ରଦେଶ ଓ ରାଜସ୍ଥାନ ଭଳି ଚକ୍ରାନ୍ତକୁ ସଫଳ ହେବାକୁ ଦିଆଯିବ ନାହିଁ। ୨୦୧୯ରେ ଭାଜପା ନେତା ଦେବେନ୍ଦ୍ର ଫଡ଼୍‌ନବିସ୍‌ଙ୍କ ଦ୍ୱାରା ସରକାର ଗଠନ କଥାକୁ ସ୍ମରଣ କରି ସଞ୍ଜୟ କହିଛନ୍ତି, ରାଜନୀତିରେ ଆମକୁ ଏଭଳି ସ୍ଥିତି ଦେଇ ଯିବାକୁ ପଡ଼ିଥାଏ। ଅଢ଼େଇ ବର୍ଷ ପୂର୍ବେ ଭାଜପା ଅନୁରୂପ କୌଶଳ ପ୍ରୟୋଗ କରି ବିଫଳ ହୋଇଥିଲା। ଏବେ ସେମାନେ ପୁଣି ଥରେ ସମାନ ଘଟଣାର ପୁନରାବୃତ୍ତି ଉଦ୍ୟମ କରୁଛନ୍ତି। ଏହା ଉଭୟ ସାମ୍ନା ଓ ପଛପଟୁ ଛୁରାମାଡ଼। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ସୁରଟରେ ଶିବସେନା ବିଧାୟକମାନଙ୍କ ରହଣି ପାଇଁ ଗୁଜରାଟ ଭାଜପା ନେତା ଚନ୍ଦ୍ରକାନ୍ତ ରଘୁନାଥ ପାଟିଲ ବ୍ୟବସ୍ଥା କରିଛନ୍ତି। ଚାପ ପକାଇ ଲକ୍ଷ୍ୟ ହାସଲ ରାଜନୀତି ଚାଲିଛି। ଆମ ଦଳର ଅନିଲ ପରବଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ କରିଛି, ଯେପରି କି ସେ ଆମ ସହିତ ରହିପାରିବେ ନାହିଁ ବୋଲି ସଞ୍ଜୟ କେନ୍ଦ୍ରକୁ ଘେରିଛନ୍ତି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ଏହାକୁ ଏକ ଆଭ୍ୟନ୍ତରୀଣ ପ୍ରସଙ୍ଗ ଭାବେ ଅଭିହିତ କରି ଉଦ୍ଧବଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରିଛନ୍ତି। ଏମ୍‌ଭିଏ ସରକାର ପାଇଁ ସୃଷ୍ଟି ହୋଇଥିବା ରାଜନୈତିକ ସଙ୍କଟର ସମାଧାନ ଉଦ୍ଧବ ବାହାର କରିପାରିବେ। ଏହା ହେଉଛି ଏମ୍‌ଭିଏ ସରକାରରେ ଅସ୍ଥିରତା ସୃଷ୍ଟି ପାଇଁ ତୃତୀୟ ଉଦ୍ୟମ, ଯହିଁରେ କୌଣସି ସଫଳତା ମିଳି ନ ପାରେ ବୋଲି ପାୱାର ଗଣମାଧ୍ୟମକୁ କହିଛନ୍ତି। ଇତିମଧ୍ୟରେ ସିନ୍ଦେ କହିଛନ୍ତି, ସେ ହେଉଛନ୍ତି ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେଙ୍କ ସଚ୍ଚୋଟ ସୈନିକ। ବାଲ୍ ଠାକ୍‌ରେ ତାଙ୍କୁ ହିନ୍ଦୁତ୍ୱ ଶିଖାଇଛନ୍ତି। ସେ କ୍ଷମତା ପାଇଁ ବିଶ୍ୱାସଘାତ କରିନାହାନ୍ତି କି ଆଗକୁ ମଧ୍ୟ କରିବେ ନାହିଁ ବୋଲି ସିନ୍ଦେ ଟୁଇଟ୍ କରିଛନ୍ତି।

## ମୋବାଇଲ ବ୍ୟାଟେରି ଫାଟି ଯୁବକ ଆହତ

ଗଞ୍ଜାମ,୨୧।୬(ଡି.ଏନ୍.ଏ.)-ଗଞ୍ଜାମ ବ୍ଲକ ଝାଟିପଦର ଗ୍ରାମର ଜଣେ ଯୁବକଙ୍କ ହାତରେ ମଙ୍ଗଳବାର ମୋବାଇଲ ବ୍ୟାଟେରୀ ଫାଟିଯିବାରୁ ଆହତ ହୋଇଛନ୍ତି। ସେ ହେଲେ ରଞ୍ଜନ ସାହୁ। ରଞ୍ଜନ ସକାଳେ ମୋବାଇଲରେ ଗେମ୍ ଖେଳୁଥିଲେ। ଏହି ସମୟରେ ହଠାତ୍ ବ୍ୟାଟେରୀ ଫାଟିଯାଇଥଲା। ଫଳରେ ରଞ୍ଜନ ମୋବାଇଲକୁ ତଳେ ଫୋପାଡ଼ି ଦେଇଥିଲେ ମଧ ତାଙ୍କ ହାତରେ ଆଘାତ ଲାଗିଛି। ଏ ନେଇ ରମ୍ଭା ଥାନା କିମ୍ବା ହୁମା ଫାଣ୍ଡି ପୋଲିସ ପାଖରେ କୌଣସି ଖବର ନଥିବା ଜଣାପଡ଼ିଛି L

## ଇଣ୍ଟିଗ୍ରେଟେଡ୍ ସର୍ଭିଲାନ୍ସ ଆରମ୍ଭ

ଭୁବନେଶ୍ୱର, ୨୧।୬(ବ୍ୟୁରୋ): ରାଜ୍ୟରେ ମଙ୍ଗଳବାରଠାରୁ ଇଣ୍ଟିଗ୍ରେଟେଡ୍ ସର୍ଭିଲାନ୍ସ ଆରମ୍ଭ ହୋଇଛି। କୋଭିଡ୍ ସଂକ୍ରମଣ ସହ ଟିବି, ଫାଇଲେରିଆ, ମ୍ୟାଲେରିଆ, ଡାଇରିଆ, ଡେଙ୍ଗୁ ଭଳି ରୋଗ ଚିହ୍ନଟ ପାଇଁ ଘରକୁ ଘର ବୁଲି ସର୍ଭିଲାନ୍ସ କରାଯାଉଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ରାଜ୍ୟରେ ବର୍ତ୍ତମାନ କୋଭିଡ୍ ସଂକ୍ରମଣ ଲଗାତାର ଉପରମୁହାଁ ହେଉଛି। ସୋମବାର ୪୬ଜଣ ଆକ୍ରାନ୍ତ ହୋଇଥିବାବେଳେ ମଙ୍ଗଳବାର ଆଉ ୫୩ଜଣ ଚିହ୍ନଟ ହୋଇଛନ୍ତି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମହାପାତ୍ର କହିଛନ୍ତି, ପୂର୍ବ ୧୫ ଦିନରେ ରାଜ୍ୟରେ ସଂକ୍ରମଣ ଏକ ଅଙ୍କରେ ରହୁଥିଲା। ମେ' ୩୧ରେ ୩ଜଣ ଚିହ୍ନଟ ହୋଇଥିଲେ। ଏହାପରେ ସଂଖ୍ୟା ଦୁଇଅଙ୍କ ଟପି ବଢ଼ିବାରେ ଲାଗିଛି। କିନ୍ତୁ ତାହା ଏତେ ଅଧିକ ନୁହେଁ। ହସ୍ପିଟାଲାଇଜେନ ବଢ଼ି ନାହିଁ। ତଥାପି ଇଣ୍ଟିଗ୍ରେଟେଡ ସର୍ଭିଲାନ୍ସ କରି କେଉଁଠି ଅଧିକ ସଂକ୍ରମଣ ବଢୁଛି ତାହାର ତଥ୍ୟକୁ ଅନୁଧାନ କରିବୁ। ଏହାବାଦ ଲୋକମାନଙ୍କୁ ଅପିଲ କରୁଛୁ ସମସ୍ତେ ଟିକା ନିଅନ୍ତୁ। ବର୍ତ୍ତମାନ ରାଜ୍ୟରେ ଯେଉଁ ସଂକ୍ରମିତ ଚିହ୍ନଟ ହେଉଛନ୍ତି, ସବୁ ଓମିକ୍ରନର ଭ୍ୟାରିଆଣ୍ଟ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ନବୀନ



## ରୋମ୍‌ରୁ ଅହିଂସାର ବାର୍ତ୍ତା

ଭୁବନେଶ୍ୱର,୨୧।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱର ସର୍ବପୁରାତନ ସହର ରୋମରେ ଶାନ୍ତି ଓ ଅହିଂସାର ବାର୍ତ୍ତା ଦେଇଛନ୍ତି। ମଙ୍ଗଳବାର ନବୀନ ରୋମରେ ମହାତ୍ମାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଶାସନ ଓ ପ୍ରଶାସନରେ ଗାନ୍ଧିବାଦକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ମୁଖ୍ୟମନ୍ତ୍ରୀ ୨୦୧୮ରୁ ସମ୍ବିଧାନର ମୁଖବନ୍ଧରେ ମହାତ୍ମାଙ୍କ ଅହିଂସାକୁ ସ୍ଥାନିତ କରିବାକୁ ପ୍ରସ୍ତାବ ଦେଇଛନ୍ତି। ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ପାଳନ ପାଇଁ ପ୍ରଥମ କମିଟି ବୈଠକରେ ମୁଖ୍ୟମନ୍ତ୍ରୀ ଏହି ପ୍ରସ୍ତାବ ଦେଇଥିଲେ। ଏହା ଜାତିର ପିତାଙ୍କ ପ୍ରତି ତାଙ୍କ ୧୫୦ ତମ ଜୟନ୍ତୀରେ ଶ୍ରେଷ୍ଠ ସମ୍ମାନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ସମୟରେ ମଧ ମୁଖ୍ୟମନ୍ତ୍ରୀ ମହାତ୍ମାଙ୍କ ଉକ୍ତିକୁ ଆଧାର କରି ଶାନ୍ତି ବିନା ପ୍ରଗତି ସମ୍ଭବ ନୁହେଁ ବୋଲି କହିଥିଲେ। ସେହିଭଳି ସମାଜର ଗରିବ ଶ୍ରେଣୀର ଲୋକଙ୍କ ପାଇଁ ରାଜ୍ୟ ସରକାର ସବୁବେଳେ ପ୍ରତିଶ୍ରୁତିବଦ୍ଧ। ନିଃସ୍ୱାର୍ଥପର ଭାବେ ସମାଜର ଗରିବ ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ ଗାନ୍ଧୀଙ୍କ ଏହି ପରାମର୍ଶକୁ ମୁଖ୍ୟମନ୍ତ୍ରୀ ଲୋକସେବା ଭବନରେ ମଧ ସ୍ଥାନିତ କରିଛନ୍ତି। ଗାନ୍ଧୀ ଜୟନ୍ତୀରେ ରାଜ୍ୟର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ଉପସ୍ଥିତିରେ ଏହାକୁ ଲୋକସେବା ଭବନରେ ସ୍ଥାନିତ କରାଯାଇଛି। ଗରିବଙ୍କ ପାଇଁ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିବାକୁ ସମସ୍ତଙ୍କୁ ପ୍ରେରଣା ଯୋଗାଇବ।

# ଜେରା ହେବେ ଦୁଇ ପୁରୁଷ ବନ୍ଧୁ

## ଅଭିନେତ୍ରୀଙ୍କ ରହସ୍ୟଜନକ ମୃତ୍ୟୁ ଘଟଣା

ଭୁବନେଶ୍ୱର,୨୧।୬(ବ୍ୟୁରୋ)

ଅଭିନେତ୍ରୀ ରଶ୍ମିରେଖା ଓଝା ଓରଫ ସୋନି(୨୨)ଙ୍କ ରହସ୍ୟଜନକ ମୃତ୍ୟୁକୁ ୪ ଦିନ ବିତିଛି। ପ୍ରାଥମିକ ତଦନ୍ତରୁ ରଶ୍ମିରେଖା ଆତ୍ମହତ୍ୟା କରିଥିବା କମିଶନରେଟପୋଲିସପକ୍ଷରୁକୁହାଯାଉଥିବାବେଳେ ପରିବାର ଲୋକେ କିନ୍ତୁ ହତ୍ୟା ଅଭିଯୋଗକୁ ଦୋହରାଇଛନ୍ତି। ଏପରିସ୍ଥିତିରେ ତଦନ୍ତକୁ ଆଗକୁ ବଢ଼ାଇବା ସହ ଅଧିକ ତଥ୍ୟ ପାଇବାକୁ ପୋଲିସ ଦୁଇ ପୁରୁଷ ବନ୍ଧୁ ସନ୍ତୋଷ ଓ ରାଜାଙ୍କୁ ଜେରା କରିବାକୁ ଯୋଜନା କରୁଛି। ସେମାନଙ୍କୁ ପୋଲିସ ଥାନାକୁ ଡକାଇଥିବା ସୂଚନା ମିଳିଛି। ଏଥିସହ ରଶ୍ମିରେଖାଙ୍କ ଲାପଟପ୍ ଓ କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍) ଯାଞ୍ଚ କରାଯାଉଛି। ସେଥିରୁ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବାକୁ ପୋଲିସ ଆଶା ରଖିଛି।

ଅନ୍ୟପଟେ ରଶ୍ମିରେଖାଙ୍କୁ ପୁରୁଷ ବନ୍ଧୁ ସନ୍ତୋଷ ହିଁ ହତ୍ୟା କରିଥିବା ପରିବାର ଲୋକ କହି ଆସୁଛନ୍ତି। ବାପା ରଞ୍ଜନ ଓଝା କହିଛନ୍ତି, ମୋ ଝିଅ ଆତ୍ମହତ୍ୟା କରିନାହିଁ। ତାକୁ ହତ୍ୟା କରି ଟାଙ୍ଗି ଦିଆଯିବା ପରେ ଅଭିଯୁକ୍ତମାନେ ଘରର ପଛପଟ ଝରକା ଦେଇ ପଳାଇଯାଇଛନ୍ତି। ସନ୍ତୋଷ ପାତ୍ର ହିଁ ଝିଅକୁ ହତ୍ୟା କରିଛନ୍ତି। ସନ୍ତୋଷଙ୍କୁ ଘର ଯିଏ ଦେଇଥିଲା, ସେ ହିଁ ଏସବୁର ମୂଳ କାରଣ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ମା' ରଞ୍ଜିତା ଓଝା କହିଛନ୍ତି, ରାଜା ବାରମ୍ବାର ରଶ୍ମିରେଖାଙ୍କୁ ଫୋନ କରି କେଉଁଠି ଅଛୁ ବୋଲି ପଚାରୁଥିଲେ। ଫଳରେ ସନ୍ତୋଷ ଏହାକୁ ସନ୍ଦେହ କରି ରଶ୍ମିରେଖାଙ୍କୁ ହତ୍ୟା କରିଥିବା ସେ କହିଛନ୍ତି। ତେବେ ପରିବାର ଲୋକ ବାରମ୍ବାର ଗଣମାଧ୍ୟମରେ ଏଭଳି ପ୍ରତିକ୍ରିୟା ଦେଉଥିଲେ ମଧ କାହା ନାମରେ ଥାନାରେ ଲିଖିତ ଅଭିଯୋଗ କରିନାହାନ୍ତି। ଫଳରେ ପରିବାର ଲୋକଙ୍କ ମନ୍ତବ୍ୟ ଉପରେ ସନ୍ଦେହ କରାଯାଉଛି। ରଶ୍ମିରେଖା ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟା କରିଛନ୍ତି, ଯଦି ଆତ୍ମହତ୍ୟା ତେବେ କାରଣ କ'ଣ, କିଏ ଚାପ କିମ୍ବା ପ୍ରବର୍ତ୍ତାଇଥିଲେ କି? ଏଭଳି ବିଭିନ୍ନ ଦିଗକୁ ନେଇ ସାଧାରଣରେ ଆଲୋଚନା ଜାରି ରହିଥିବାବେଳେ ପୋଲିସର ତଦନ୍ତ ଉପରେ ସମସ୍ତଙ୍କ ନଜର ରହିଛି।



## ଅଗ୍ନିବୀରମାନଙ୍କ ଲାଗି ନୀତି ନିଷ୍ପତ୍ତି ନିଆଯିବ: ମନ୍ତ୍ରୀ ବେହେରା

ଭୁବନେଶ୍ୱର,୨୧।୬(ବ୍ୟୁରୋ)

କେନ୍ଦ୍ରରେ ଭାଜପା ପରିଚାଳିତ ଏନ୍‌ଡିଏ ସରକାର ଆଣିଥିବା ଅଗ୍ନିପଥ ଯୋଜନାରେ ସେନାରେ ନିଯୁକ୍ତିକୁ ନେଇ ସାରା ଦେଶରେ ବିକ୍ଷୋଭ ହେଉଥିବା ବେଳେ କଂଗ୍ରେସ ମଧ ଏହାକୁ ପ୍ରତ୍ୟାହାର କରି ନେବାକୁ ଦାବି କରିଛି। ରାଜ୍ୟ ଯୁବ ଓ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ଅଗ୍ନିପଥ ଯୋଜନାକୁ ନେଇ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଯେ, ଦଶମ ଓ ଦ୍ୱାଦଶ ଶ୍ରେଣୀ ପାସ୍ କରିବା ପରେ ଯୁବକମାନେ ସେନାରେ ଭର୍ତ୍ତି ହେବାକୁ ପ୍ରସ୍ତୁତ ହୋଇଥାଆନ୍ତି। ତେବେ ଅଗ୍ନିବୀରମାନଙ୍କୁ ଅଗ୍ରାଧିକାର ଦେବା ନେଇ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇନାହିଁ। ଏନ୍‌ସିସି ପ୍ରାର୍ଥୀମାନଙ୍କୁ ଓଡିଶା ପୋଲିସ୍‌ରେ ଅଗ୍ରାଧିକାର ମିଳୁଛି। ତେଣୁ ଅଗ୍ନିବୀର ଭାବେ ଯେଉଁମାନେ ରହିକି ଆସିବେ ସେମାନଙ୍କ ଲାଗି ସେମିତି କିଛି ନୀତି ନିଷ୍ପତ୍ତି ନିଆଯାଇପାରେ। ଯେପରି ସେମାନଙ୍କୁ ଫେରିବା ପରେ କିଛି ସୁବିଧା ମିଳିପାରିବ। ହେଲେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ସେ ବାବଦରେ କିଛି ନିଷ୍ପତ୍ତି ନେଇନାହାନ୍ତି। ଏନେଇ ଆଗକୁ ବିଚାର ବିମର୍ଷ କରାଯିବ। ଆଗାମୀ ଦିନରେ ଯାହା ଠିକ୍ ହେବ ତାହା କରାଯିବ ବୋଲି ମନ୍ତ୍ରୀ ବେହେରା କହିଛନ୍ତି।

# ୨ ମୃତ, ଯୁବତୀ ଗୁରୁତର



କାର୍ ଧକ୍କାରେ ବାଇକ୍ ଜଳିଯାଉଛି

## କାର୍ ଧକ୍କାରେ ଜଳିଗଲା ବାଇକ୍

ଢେଙ୍କାନାଳ ଅଫିସ, ୨୧।୬

ଢେଙ୍କାନାଳ ଜିଲା ଗଁଦିଆ ଥାନା ସୋରିଷିଆପଦା ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ହୃଦୟ ବିଦାରକ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ କାର୍ ଧକ୍କାରେ ଗୋଟିଏ ବାଇକ୍ ଜଳିଯାଇଛି। ଏଥିରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଯାଜପୁର ଜିଲା ବଇରି ଥାନା ଭାଲୁମରା ଗ୍ରାମର ଲକ୍ଷ୍ମଣ ଭଦ୍ରା, ସୋରିଷିଆପଦା ରଗଡ଼ିସାହି ଅଞ୍ଚଳର ସନ୍ତୋଷ ନାୟକ। ସୋରିଷିଆପଦା ଅଞ୍ଚଳର ଯୁବତୀ ତୁଳସୀ ହେମ୍ବ୍ରମ ଗୁରୁତର ହୋଇଛନ୍ତି। ବାଇକ୍‌ଟି କଟକ ଜିଲା ଟାଙ୍ଗୀ ଆଡ଼କୁ ଯାଉଥିବାବେଳେ ଟାଙ୍ଗୀରୁ କପିଳାସ ଆଡ଼କୁ ଆସୁଥିବା ଉକ୍ତ କାର୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ପ୍ରଥମେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଦୁଇ ଯୁବକଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ କାର୍ ଚାଳକ ଫେରାର ହୋଇଯାଇଛନ୍ତି। ଗଁଦିଆ ପୋଲିସ ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

# କୋଟିଆରେ ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ



କୋଟିଆର ତାଡିବାଲସା ଗ୍ରାମକୁ ଆସିଥିବା ଆନ୍ଧ୍ର ଉପ ମୁଖ୍ୟମନ୍ତ୍ରୀ ପିଡିକା ରାଜନ ଦୋରା।

ପଟ୍ଟାଙ୍ଗୀ,୨୧।୬(ଡି.ଏନ.ଏ.)

- ବ୍ଲକ ପ୍ରଶାସନ ପାଖରେ ଖବର ନାହିଁ
- ଉପମୁଖ୍ୟମନ୍ତ୍ରୀ ପ୍ରୋଟୋକଲ ମାନିବା ଉଚିତ: ବିଧାୟକ

କୌଣସି କଟକଣାକୁ ମାନୁନି ଆନ୍ଧ୍ରପ୍ରଦେଶ। ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ବାରମ୍ବାର ଅଣଦେଖାକରି କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତରେ ଅନୁପ୍ରବେଶ କରିଚାଲିଛି। ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ପିଡିକା ରାଜନ ଦୋରା ସୀମାନ୍ତ କୋଟିଆରେ ପ୍ରବେଶକରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ରବିବାରଠାରୁ ସେ ଏହି ଗସ୍ତ କରିଥିଲେ ମଧ ଏହାକୁ ଲୁଚାଇ ରଖିଥିଲେ। ତାହା ମଙ୍ଗଳବାର ପଦାକୁ ଆସିଛି। ଅନ୍ୟପକ୍ଷରେ ରାଜ୍ୟ ଓ ଜିଲା ପ୍ରଶାସନ ପକ୍ଷରୁ ଆନ୍ଧ୍ରର ଅନୁପ୍ରବେଶ ନେଇ ନଜର ରଖିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ରହିଥିଲେ ମଧ ଏହାକୁ ଗୁରୁତର ସହ ନିଆଯାଉ ନ ଥିବା ଅଭିଯୋଗ ହେଉଛି। କୋଟିଆର ତାଡିବାଲସା ଗ୍ରାମରେ ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ଦୋରା ଅନୁପ୍ରବେଶ କରି ନିଜ ରାଜ୍ୟ ସରକାରଙ୍କ ପକ୍ଷରୁ ସୀମାନ୍ତ ଗ୍ରାମବାସୀଙ୍କ ପାଇଁ କିପରି ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି ସେନେଇ ପ୍ରସ୍ତୁତ ଏକ ବହି ଗ୍ରାମର ସବୁ ଘର ବୁଲି ବାଣ୍ଟିଛନ୍ତି। ଗ୍ରାମବାସୀଙ୍କ ନିକଟରେ ଯାହାସବୁ ସୁବିଧା ପହଞ୍ଚିପାରିଛି ତାହା ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ହୋଇଛି। ଆଗକୁ ଅନେକ ସୁବିଧା ସୁଯୋଗ ମିଳିବ। ସେନେଇ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଗ୍ରାମବାସୀଙ୍କୁ ସେ ବୁଝାଇଥିଲେ। ନେଟ୍‌ୱର୍କ ସୁବିଧାଠାରୁ ଆରମ୍ଭକରି ଗ୍ରାମର ସମସ୍ତ ପରିବାରକୁ ଜଙ୍ଗଲ ଜମି ପଟ୍ଟା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ଦୋରା ପହଞ୍ଚିବା ପରେ ତାଙ୍କୁ ତାଡିବାଲସା ଗ୍ରାମବାସୀ ପାରମ୍ପରିକ ବାଜା ବଜାଇ ନାଚଗୀତ ମାଧ୍ୟମରେ ସ୍ୱାଗତ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ଦୋରାଙ୍କ ଏପରି ଗସ୍ତ ସୀମାନ୍ତ କୋଟିଆବାସୀଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ତେବେ ରାଜ୍ୟର ଜଣେ ଉପମୁଖ୍ୟମନ୍ତ୍ରୀ ହୋଇ ଏପରି ଦାୟିତ୍ୱହୀନ କାର୍ଯ୍ୟ କରିବା କେତେଦୂର ଠିକ୍ ବୋଲି ପଟ୍ଟାଙ୍ଗୀ ବିଧାୟକ ପୀତମ ପାଢ଼ୀ ପ୍ରଶ୍ନ ଉଠାଇଛନ୍ତି। ଜଣେ ଉପମୁଖ୍ୟମନ୍ତ୍ରୀଙ୍କ ପାଇଁ ରହିଥିବା ପ୍ରୋଟୋକଲ ସେ ଜାଣିବା ଉଚିତ ବୋଲି ପ୍ରକାଶ କରି କୋଟିଆ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ଓଡ଼ିଶା ସରକାର ସର୍ବଦା ଚେଷ୍ଟିତ ଅଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଅବଦୁଲ ଏମ. ଅଖତରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ।ସୂଚନାଯୋଗ୍ୟ, ଏହି ଅବସରରେ ଆନ୍ଧ୍ର ସରକାର ୱାଇଏସ୍‌ଆର ବୀମା ଯୋଜନା ଆରମ୍ଭ କରିଥିବା ଏବଂ ଏଥିପାଇଁ ୧୬ ଜଣ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତି କରିଥିବା ଜଣାପଡ଼ିଛି।

# ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ବଇଣ୍ଡା,୨୧।୬(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ଥାନା ଖମାର ଗ୍ରାମର ମମତା ସାହୁଙ୍କୁ ତାଙ୍କ ସ୍ୱାମୀ ପ୍ରକାଶ ସାହୁ, ଶ୍ୱଶୁର ମନୋଜ ସାହୁ, ଶାଶୁ ପ୍ରଭାସିନୀ ସାହୁ ଯୌତୁକ ନିର୍ଯାତନା ଦେଉଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପତ୍ରରେ ମମତା ଉଲ୍ଲେଖ କରିଛନ୍ତି, ସେ ୯ ବର୍ଷ ତଳେ ବୈଦିକ ରୀତିରେ ପ୍ରକାଶଙ୍କୁ ବିବାହ କରିଥିଲେ। ହେଲେ କିଛି ଦିନ ହେବ ବିନା କାରଣରେ ତାଙ୍କୁ ମାଡ଼ ମାରିବା ସହ ଘରୁ ଯୌତୁକ ଆଣିବାକୁ କହି ନିର୍ଯାତନା ଦିଆଯାଉଛି। ପୋଲିସ ନମ୍ବର ୧୫୬/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**KHALLIKOTE-UNITARY UNIVERSITY BERHAMPUR**
**GANJAM. ODISHA, Pin-760001**
**Website: http://kuu.ac.in**

**PRESS NOTE**

Khallikote Unitary University is organizing "Mega Campus Drive" on 22.06.2022 at 10.00 AM onwards inside the premises. Our Motto is to provide employment to the student community all over the region. Ten (10) companies confined to join the RECRUITMENT DRIVE for the greater interest of student mass. This drive is the first of its kind in the South Odisha, the University will continue to organise such drives in coming days also. In near future, Khallikote Unitary University is planning to sign Memorandum of Understanding (MOU) with Cristal Management Services(CMS), Visakhapatnam regarding placement of the students in various companies all over India.

Sd./- Vice-Chancellor
Khallikote Unitary University
Berhampur, Ganjam

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
Newly Open SPA ପାଇଁ Female Therapist ଆବଶ୍ୟକ ।
ଯୋଗାଯୋଗ:
7436957557,8249486011

WANTED
NUHASS urgently required a DIPLOMA CIVIL ENGINEER for OTELP Plus Project at: Lathikata, Sundargarh. 3 Yrs. experience in OTELP/ OPELIP Project.
Contact :
9437041228, 9040268680
Email- nuhassbbsr@gmail.com
Apply within Seven days.

WANTED
Sales Executive for Odisha experience in Pipe Industry Marketing Preferably- Government Organisations Working Experience.
Salary- negotiable
send your resume to:
eastcoastbbsr@yahoo.com
Mob: # 9434044160_9340655314

See Career Appointment on every Wednesday & Saturday

NIIS GROUP OF INSTITUTIONS
ESTD - 2000
NIIS INSTITUTE OF BUSINESS ADMINISTRATION
(Approved by AICTE, Govt. of India & Affiliated to BPUT,Govt. of Odisha)
NIIS INSTITUTE OF INFORMATION SCIENCE & MANAGEMENT
(Recognised by Govt. of Odisha & Affiliated to Utkal University)
WANTED ACADEMIC POSITIONS
PROFESSOR / ASSO. PROFESSOR / ASST. PROFESSOR / SR. LECTURER / LECTURER

| | |
|---|---|
| Master Programme | : Computer Science, Finance, HR, Management & Operation |
| Graduate/ Higher Secondary Programme | : Political Science, Psychology, Sociology, Physics, Chemistry, Biotechnology, Zoology, English & Commerce |
| Eligibility | : As per AICTE & UGC norms. |

Applicants may mail / send their CVs by 7th July 2022
Applicants for Master degree programme having M.Phil / Ph.D degree on the domain shall be added advantage.
Similarly for UG/Higher Secondary stream experience in the academic field will be preferred. Package will commensurate with industry standard. Canvassing in any form shall disqualify ab initio.
MANAGEMENT
SARADA VIHAR, MADANPUR, BHUBANESWAR - 752054
Visit us: www.niisgroup.org
Email: hr@niisgroup.org

NARAYANI MOTORS Recruitment
NARAYANI MOTORS (P) LTD | NEXA | MARUTI SUZUKI | MARUTI SUZUKI ARENA | NARAYANI MOTORS (P) LTD
We are hiring candidates for our all outlet *Rasulgarh, Jharpada, Puri, Nimapada, Paradeep, Jagatsinghpur, Khorda & NEXA - Raj Bhawan, Khandagiri (Upcoming-NEXA Service)*. Interested candidates please apply on given Contact details.
Walk-in-Interview (11.00 A.M. – 4.00 P.M.) on Working Days
ARENA: (Rasulgarh, Paradeep, Jagatsinghpur, Puri, Nimapada, Nirgundi)
1. SALES EXECUTIVES - 20 Nos. (Exp.: 0-3 Yrs.)
2. TEAM LEADERS - 2 Nos. (Exp.: 3-6 Yrs.)
3. TECHNICIANS - 10 Nos. (Exp.: 0-3 yrs.)
4. CUSTOMER CARE EXECUTIVES - 8-10 Nos. (Back-office Exp.: 0-3 yrs.)
(Any Graduate/BBA, Experienced in Automobile Sales, Salary: Negotiable)
NEXA: Raj Bhaban (Bhubaneswar, Cuttack, Jagatsinghpur, Paradeep)
1. RELATIONSHIP MANAGER - 5 Nos. (Exp.: 1-3 Yrs.)
2. RURAL RELATIONSHIP MANAGER - 2-3 Nos. (Exp.: 1-3 Yrs.)
3. QUALITY MANAGER - 1 No. (Exp- 5-8 yrs. In Customer Care)
(Any Graduate/MBA, Experienced in Automobile Sales, Salary: Negotiable)
NEXA- SERVICE (New Outlet at KHANDAGIRI)
1. SERVICE ADVISOR - 4 Nos. (1-3 Yrs. Exp.)
2. BODYSHOP ADVISOR - 2 Nos. (1-3 Yrs. Exp.)
3. WORKSHOP SUPERVISOR - 1 No. (Exp.: Above 4 Yrs.)
4. TECHNICIANS - 10 Nos. (Exp. 1-3 Yrs.)
5. DENTOR - 6 Nos. (Exp.: 2-5 Yrs.)
6. PAINTER - 6 Nos. (Exp.: 2-5 Yrs.)
7. CUSTOMER RELATIONSHIP EXECUTIVE - 4 Nos. (Exp.: 1-2 Yrs. Female)
8. WORKS MANAGER - 1 No. (Exp.: 8-10 Yrs.)
9. BODYSHOP MANAGER - 1 No. (Exp.: 8-10 Yrs.)
10. EDP EXECUTIVE - 1 No. (Exp.: 5 Yrs.)
11. ACCOUNTS EXECUTIVE - 1 No. (Exp: 2-5 Yrs.)
Salary Negotiable, Diploma/ B-Tech Mechanical person required for technical profile.
Contact Details: (HR) M: 8599002007, 9583022053
Mail id: narayani.bhb.hr@marutidealers.com

WANTED
ଧରିତ୍ରୀ DHARITRI LIVE
Web Channel
is looking for
MOTION GRAPHIC DESIGNER
- Candidate should be able to create visual packages & create attractive news / stories for digital audiences.
- Develop graphics and visuals for product illustrations.
- Responsible for creating on screen text, video graphics, developing company creatives, assist with custom graphics & packages and building marketing material.
VIDEO EDITOR
- Candidate should be able to edit and create attrative news/ creative packages.
- Candidate should have working knowledge of online video editing, uploading videos & creating Live Stream feeds.
VIDEOGRAPHER
- Graduates having 2-3 years of experience in Cinematography/Videography.
- Responsibilities include managing camera & light crew, strong technical knowledge of cameras & thorough understanding of lighting techniques.
Apply immediately to :
recruitment@dharitri.com
Pay & perks will be the best in the industry for deserving candidates.

“ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ହିଁ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। –ଶ୍ରୀଅରବିନ୍ଦ



# ପହଞ୍ଚିବେ କି ୩୭ ?

ମହାରାଷ୍ଟ୍ରରେ କ୍ଷମତା ଦଖଲ ପାଇଁ ଭାଜପାର ଦୀର୍ଘଦିନର ଷଡ଼ଯନ୍ତ୍ର ସେଠାକାର ଶିବସେନା ନେତୃତ୍ୱାଧୀନ ମହା ବିକାଶ ଅଘାଡି (ଏମ୍‌ଭିଏ) ସରକାରକୁ ଅଡୁଆରେ ପକାଇଛି। ସଦ୍ୟ ଘଟଣାକ୍ରମରେ ଉଦ୍ଧବ ଠାକ୍‌ରେ ସରକାରରେ ସହରାଞ୍ଚଳ ବିକାଶ ମନ୍ତ୍ରୀ ଥିବା ଏକନାଥ ସିନ୍ଧେ ଶିବସେନାର ୩୦ରୁ ଅଧିକ ବିଧାୟକଙ୍କୁ ଧରି ଗୁଜରାଟର ସୁରଟ୍ ସ୍ଥିତ ଏକ ହୋଟେଲରେ ରହିଥିବା ଜଣାପଡ଼ିଛି। କୁହାଯାଉଛି ଶିବସେନା ୨୦୧୯ ନଭେମ୍ବରରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଓ କଂଗ୍ରେସ ଭଳି ଧର୍ମନିରପେକ୍ଷ ଦଳ ସହ ମିଶି ସରକାର ଗଢ଼ିବା ପରେ ଏକନାଥ ଅସନ୍ତୁଷ୍ଟ ଥିଲେ। କାରଣ ସେ ବାଲ୍ ଠାକ୍‌ରେଙ୍କ ଚାଟଶାଳୀରୁ ରାଜନୀତିରେ ଆଗେଇଥିଲେ। ବାଲ୍ ଠାକ୍‌ରେ ସବୁବେଳେ ମୁସଲମାନ ବିରୋଧୀ, କଂଗ୍ରେସ ବିରୋଧୀ ଏବଂ ମରାଠୀ ମାନୁସ୍‌ର ଧ୍ୱନି ଦେଇ ଆଞ୍ଚଳିକ ପରିଚୟକୁ ଗୁରୁତ୍ୱ ଦେଇଆସୁଥିଲେ। ଏକ ବାଧ୍ୟବାଧକତାରେ ଏକନାଥ ଏମ୍‌ଭିଏ ସରକାରରେ ସାମିଲ ହୋଇଥିଲେ ବୋଲି ଏବେ କୁହାଯାଉଛି। କିନ୍ତୁ ମନ୍ତ୍ରୀ ହେଲା ବେଳକୁ ସେ କୌଣସି ପ୍ରତିବାଦ କରି ନ ଥିଲେ। ତେବେ ଭାଜପାର ଅପର୍ଯ୍ୟାପ୍ତ ଅର୍ଥ ବଳ ସମ୍ମୁଖରେ କୌଣସି ରାଜନୈତିକ ବିଶ୍ୱାସ ଦୃଢ଼ ଭାବେ ରହିବା କଷ୍ଟକର ହେଉଛି। ଅବଶ୍ୟ ସେହି ଯନ୍ତାରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ, ଷ୍ଟାଲିନ୍‌ଙ୍କ ଡିଏମ୍‌କେ ଓ କେସିଆର୍‌ଙ୍କ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍)କୁ ସେଭଳି ଅର୍ଥବଳ ପ୍ରଭାବିତ କରିପାରୁ ନାହିଁ।

କ୍ଷମତା ରାଜନୀତିରେ କୌଣସି ରାଜନୈତିକ ଦଳ କାହାର ସ୍ଥାୟୀ ବନ୍ଧୁ କିମ୍ବା ଶତ୍ରୁ ନ ଥାଆନ୍ତି। ମହାରାଷ୍ଟ୍ର ବିଧାନସଭା ଲାଗି ୨୦୧୯ ଅକ୍ଟୋବରରେ ହୋଇଥିବା ନିର୍ବାଚନ ଓ ତା’ ପରବର୍ତ୍ତୀ ଦୃଶ୍ୟପଟକୁ ଦେଖିଲେ ସେତେବେଳେ ସୃଷ୍ଟି ହୋଇଥିବା ଚିତ୍ର ଅନେକଙ୍କ ମନେଥିବ। ୨୮୮ ଆସନ ବିଶିଷ୍ଟ ବିଧାନସଭାରେ ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲା। ନିର୍ବାଚନ ସମୟରେ ଭାଜପା ଓ ଶିବସେନା ମଧ୍ୟରେ ଆସନ ବୁଝାମଣା ମଧ୍ୟ ହୋଇଥିଲା। ଶେଷ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଟଣାଓଟରା ଚାଲିବାରୁ ଉଭୟ ପରସ୍ପରଠାରୁ ଦୂରେଇ ଯାଇଥିଲେ। ଏକ ନୂଆ ଘଟଣାକ୍ରମରେ ୨୩ ନଭେମ୍ବର ୨୦୧୯ ସକାଳେ ରାଜଭବନରେ ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଭାଜପା ନେତା ଦେବେନ୍ଦ୍ର ଫଡ଼୍‌ନବିସ ଓ ଏନ୍‌ସିପି ନେତା ଅଜିତ୍ ପାୱାରଙ୍କୁ ଶପଥପାଠ କରାଇଥିଲେ। ଫଡ଼୍‌ନବିସ ମୁଖ୍ୟମନ୍ତ୍ରୀ ଓ ଅଜିତ୍ ଉପମୁଖ୍ୟମନ୍ତ୍ରୀ ହୋଇଥିବା ବିଷୟ ଜଣାପଡ଼ିବା ପରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର ତାଙ୍କ ପୁତୁରା ଅଜିତ୍‌ଙ୍କ ନିଷ୍ପତ୍ତି ବ୍ୟକ୍ତିଗତ କହି ଦଳକୁ ସରକାର ଗଠନଠାରୁ ଦୂରେଇ ରଖିଲେ। ଫଳରେ ଫଡ଼୍‌ନବିସଙ୍କ ମୁଖ୍ୟମନ୍ତ୍ରୀ ଆଶା ମଉଳିଯାଇଥିଲା। ପରବର୍ତ୍ତୀ ସମୟରେ ଏନ୍‌ସିପି ଓ କଂଗ୍ରେସ ସହାୟତାରେ ଉଦ୍ଧବ ଠାକ୍‌ରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏବର ସ୍ଥିତି ଦେଖିଲେ ଯଦି ଏକନାଥ ସିନ୍ଧେ ନିଜ ଜିଦ୍‌ରେ ଅଟଳ ରହି ସରକାରଠାରୁ ଦୂରେଇ ରୁହନ୍ତି, ତାହା ହେଲେ ଉଦ୍ଧବ ଠାକ୍‌ରେଙ୍କ ସରକାର ସଂଖ୍ୟାଲଘୁ ଆଡ଼କୁ ଯାଇପାରେ। ବିରୋଧୀ ମେଣ୍ଟର ସ୍ଥିତି ଦେଖିଲେ ଭାଜପା ୧୦୬ ଓ ଅନ୍ୟାନ୍ୟ ଦଳକୁ ନେଇ ୧୧୩ ଅଙ୍କରେ ରହିଛି। ଭାଜପା ସମର୍ଥିତ ଗଣମାଧ୍ୟମରେ କୁହାଯାଉଛି ଯେ, ୩୦ରୁ ଅଧିକ ଶିବସେନା ବିଧାୟକ ଏବେ ଗୁଜରାଟର ଏକ ହୋଟେଲରେ ଲୁଚିଛନ୍ତି। ସେପଟେ ଶିବସେନାରୁ ସେହି ସଂଖ୍ୟକ ବିଧାୟକ ଯଦି ଭାଜପା ଆଡ଼କୁ ଚାଲିଯାଆନ୍ତି ଓ ଆଉ କିଛି ସଂଖ୍ୟା ଯୋଗାଡ଼ ହୋଇପାରେ, ତାହାହେଲେ ବିରୋଧୀ ପକ୍ଷ ହୁଏତ ମ୍ୟାଜିକ୍ ନମ୍ବର ଛୁଇଁପାରେ। କିନ୍ତୁ ଏଥିରେ ଏକ କେଁ ରହିଛି। କୌଣସି ଦଳରୁ ଯଦି ଦୁଇ ତୃତୀୟାଂଶ ବାହାରି ଯାଇ ଅନ୍ୟ ଦଳ ସହ ମିଶିଯାଆନ୍ତି ସେତେବେଳେ ଆଣ୍ଟି-ଡିଫେକ୍ସନ ଆଇନ ଲାଗୁ ହେବ ନାହିଁ। ସେହି ଦୃଷ୍ଟିରୁ ଦେଖିଲେ ଶିବସେନାର ୫୬ ବିଧାୟକଙ୍କ ମଧ୍ୟରୁ ଏକନାଥ ୩୭ ଜଣଙ୍କୁ ତାଙ୍କ ସାଥୀରେ ନେବା ଦରକାର। ବର୍ତ୍ତମାନ ସ୍ଥିତିରେ ସେହି ସଂଖ୍ୟା ତାଙ୍କୁ ମିଳିବା ସହଜ ମନେହେଉ ନାହିଁ।

ଭାଜପାର ମୂଳଚାଲ ରାଜନୀତି ବିଷୟରେ ସମସ୍ତେ ଜାଣିଛନ୍ତି। ଏଥିସହିତ ଯେଉଁଠାରୁ ବା ଯାହାଙ୍କଠାରୁ ଏହା ଠୋକର ଖାଇଥାଏ ସେହି ସ୍ଥିତି ବା ବ୍ୟକ୍ତିଙ୍କ ପ୍ରତି ପ୍ରତିଶୋଧପରାୟଣ ରହିବା ଭାଜପା ଶୀର୍ଷ ନେତୃତ୍ୱଠାରେ ଦେଖିବାକୁ ମିଳେ। ଯଦି ଶିବସେନା ଭିତରେ ଏକନାଥଙ୍କ ପଲା ଭାରି ପଡ଼େ ତେବେ ମହାରାଷ୍ଟ୍ରରେ ଭାଜପା ସରକାର ଗଢ଼ିବା ସମ୍ଭବ ହୋଇପାରେ ଏବଂ ସେ ମଧ୍ୟପ୍ରଦେଶର ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଭଳି ସମ୍ମାନ ପାଇପାରନ୍ତି। ତାହା ନ ହୋଇ ସେ ରାଜସ୍ଥାନର ସଚିନ ପାଇଲଟଙ୍କ ଭଳି ହୋଇ ରହିଗଲେ ଶିବସେନା ଭିତରେ ହଟହଟା ହେବା ନିଶ୍ଚିତ। ସମୟକୁ ଅପେକ୍ଷା ରହିଲା।

> **ଯଦି ଶିବସେନା ଭିତରେ ଏକନାଥଙ୍କ ପଲା ଭାରି ପଡ଼େ ତେବେ ମହାରାଷ୍ଟ୍ରରେ ଭାଜପା ସରକାର ଗଢ଼ିବା ସମ୍ଭବ ହୋଇପାରେ ଏବଂ ସେ ମଧ୍ୟପ୍ରଦେଶର ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଭଳି ସମ୍ମାନ ପାଇପାରନ୍ତି। ତାହା ନ ହୋଇ ସେ ରାଜସ୍ଥାନର ସଚିନ ପାଇଲଟଙ୍କ ଭଳି ହୋଇ ରହିଗଲେ ଶିବସେନା ଭିତରେ ହଟହଟା ହେବା ନିଶ୍ଚିତ।**

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | | 1 | |
| | | | | 2 | | 3 | | |
| | 3 | | | | 1 | 4 | | 5 |
| | | 5 | | 1 | 6 | | | |
| 4 | | | 7 | | 3 | | | 1 |
| 7 | | | | | 9 | 2 | | |
| | 8 | | 9 | | 4 | | 5 | |
| | | 9 | 8 | | | 1 | | 2 |
| | | | | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 4 | 5 | 3 | 8 | 9 | 7 | 1 |
| 5 | 1 | 9 | 6 | 7 | 2 | 3 | 4 | 8 |
| 3 | 8 | 7 | 9 | 1 | 4 | 2 | 5 | 6 |
| 9 | 5 | 8 | 4 | 2 | 7 | 1 | 6 | 3 |
| 7 | 3 | 1 | 8 | 9 | 6 | 4 | 2 | 5 |
| 2 | 4 | 6 | 3 | 5 | 1 | 8 | 9 | 7 |
| 1 | 6 | 3 | 2 | 4 | 5 | 7 | 8 | 9 |
| 4 | 9 | 5 | 7 | 8 | 3 | 6 | 1 | 2 |
| 8 | 7 | 2 | 1 | 6 | 9 | 5 | 3 | 4 |

ଗତକାଲିର ଉତ୍ତର

# ପିଏଚ୍‌.ଡି. ଡିଗ୍ରୀଧାରୀ ଓ ବୃତ୍ତିଗତ ପେସାଦାରୀ



ଡ. ଚିତ୍ତରଂଜନ ମିଶ୍ର

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିକଟ ଅତୀତରେ ଏକ ଘୋଷଣାନାମା ଜାରି କରିଛନ୍ତି ଯେ, ଦେଶରେ ଥିବା ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷାଦାନ ପାଇଁ ପିଏଚ୍‌.ଡି. ଯୋଗ୍ୟତାର ଆଉ କୌଣସି ଆବଶ୍ୟକତା ପଡ଼ିବ ନାହିଁ। ଅର୍ଥାତ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟମାନଙ୍କରେ ଯୋଗ୍ୟ ଫାକଲ୍‌ଟିର ଅଭାବ ରହିଛି ବୋଲି ୟୁ.ଜି.ସି. ସ୍ୱୀକାର କରିଛି। ଶିକ୍ଷା ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଡିସେମ୍ବର ୨୦୨୧ ସୁଦ୍ଧା ଦେଶରେ ଥିବା ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟମାନଙ୍କରେ ୧୦ ହଜାର ଶିକ୍ଷକ ପଦବୀ ଖାଲିପଡିଛି।

କ୍ଷେତ୍ର ବିଶେଷଜ୍ଞ ଭାବେ ଶିଳ୍ପ ବିଶେଷଜ୍ଞ ଓ ବୃତ୍ତିଗତ ପେସାଦାରୀ ବ୍ୟକ୍ତିବିଶେଷମାନଙ୍କୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟମାନଙ୍କୁ ନିମନ୍ତ୍ରିତ କରି ଅଣାଯିବ ଏବଂ ସେମାନଙ୍କୁ ବିଶେଷ ପଦ ପଦବୀ ଯଥା: ପ୍ରଫେସର ଏବଂ ଆସୋସିଏଟ୍ ପ୍ରଫେସର ଅଫ୍ ପ୍ରାକ୍‌ଟିସ ଭାବେ ନିଯୁକ୍ତି ଦିଆଯିବ। ନିକଟରେ ୟୁ.ଜି.ସି. ଅଧ୍ୟକ୍ଷ ଏମ୍‌.ଜଗଦୀଶ କୁମାର କହିଛନ୍ତି ଯେ – “ନୂତନ ଜାତୀୟ ଶିକ୍ଷାନୀତି ଶିଳ୍ପସଂସ୍ଥାମାନଙ୍କ ସହ ଉତ୍ତମ ସମନ୍ୱୟ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଆରୋପ କରିଛି। ବିଶେଷଜ୍ଞମାନେ କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଏକାନ୍ତ ଅପରିହାର୍ଯ୍ୟ।” ପ୍ରାଥମିକ ଦୃଷ୍ଟିରେ ଅବଲୋକନ କଲେ ଏହା ସ୍ପଷ୍ଟ ପ୍ରତୀୟମାନ ହୋଇଥାଏ ଯେ ଏଭଳି ଏକ ଚିନ୍ତାଧାରା ଅତ୍ୟନ୍ତ ସୁଦୂର ପ୍ରସାରୀ ହେବା ସହ ଉତ୍ତମ ଅଭିପ୍ରାୟସମ୍ପନ୍ନ। ଅପରପକ୍ଷରେ ଏହା ମଧ୍ୟ ଭଲ ପ୍ରଶ୍ନଟିଏ ଉତ୍‌ଥାପନ କରିଥାଏ। ତା’ହେଲେ ମୁଖ୍ୟ ପ୍ରଶ୍ନଟି କ’ଣ ଯାହା ୟୁ.ଜି.ସି. ସମାଧାନ କରିବାକୁ ଚେଷ୍ଟା କରୁଛି ? ଏହା କ’ଣ ଏକ ପୂର୍ଣ୍ଣାଧିକାର ପତ୍ର, ପୂର୍ଣ୍ଣ ସ୍ୱତନ୍ତ୍ରତା ବା ବ୍ଲାଙ୍କ ଚେକ ଯାହା ଆଧାରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟମାନଙ୍କରେ ଫାକଲ୍‌ଟିମାନଙ୍କ ଅଭାବ ପୂରଣ କରିବା ପାଇଁ ପିଏଚ.ଡି. ଡିଗ୍ରୀର ଆବଶ୍ୟକତାରୁ ମୁକ୍ତ ହୋଇଯିବାର ଏକ ଅଭିନବ ପ୍ରୟାସ ? ଆମେ କ’ଣ ପିଏଚ.ଡି. ଡିଗ୍ରୀଧାରୀ ପ୍ରଫେସର ଓ ଅନ୍ୟ ପ୍ରଫେସରମାନଙ୍କ ସହ ସମାନ ଭାବେ ବ୍ୟବହାର କରିପାରିବା ? ଯଦି ତାହା, ତେବେ ତାହା ହେବା ଉଚିତ ନୁହେଁ।

ଶିକ୍ଷାଦାନ କ୍ଷେତ୍ରରେ ଉଚ୍ଚକୋଟୀର ପିଏଚ.ଡି. ଡିଗ୍ରୀଧାରୀ ପ୍ରଫେସରମାନେ ଛାତ୍ରୀଛାତ୍ରମାନଙ୍କୁ ‘କଟିଂ-ଏଜ୍-ନଲେଜ୍’ ବା ଅତ୍ୟାଧୁନିକ ଜ୍ଞାନ ସମ୍ପତ୍ତି ପ୍ରଦାନ କରିବା ସହ ସେମାନଙ୍କର ସଂକଳ୍ପନାତ୍ମକ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଭୂମିକା ନିଅନ୍ତି। ସେମାନେ ମଧ୍ୟ ଛାତ୍ରୀଛାତ୍ରମାନଙ୍କୁ ଜୀବନରେ ଆସୁଥିବା ନାନାବିଧ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାପାଇଁ ତଥା ସେମାନଙ୍କର ଦକ୍ଷତାର ବିକାଶ ଲାଗି ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରିଥାନ୍ତି। ଏକ ଉତ୍ତମ ପିଏଚଡି ଡିଗ୍ରୀଧାରୀ ପ୍ରଫେସର ପ୍ରାସଙ୍ଗିକତା ପୂର୍ଣ୍ଣ ଥିଓରୀ ଉପରେ ନିଜର ଦୃଷ୍ଟି କେନ୍ଦ୍ରୀଭୂତ କରିଥାଏ ଏବଂ ବିଭିନ୍ନ ସନ୍ଦର୍ଭରେ ତାହା କିଭଳି ଭାବେ ବ୍ୟବହାରରେ ଲାଗିଥାଏ ସେ ବିଷୟରେ ମଧ୍ୟ ଅବଗତ କରାଇଥାଏ; ଯଦ୍ଦ୍ୱାରା ଛାତ୍ରମାନେ ସାଂପ୍ରତିକ ଓ ଭବିଷ୍ୟତ ଚ୍ୟାଲେଞ୍ଜର ମୁକାବିଲା କରିବା ପାଇଁ ପୂର୍ଣ୍ଣ ସମର୍ଥ ହୋଇଥାନ୍ତି।




ବୃତ୍ତିଗତ ପେସାଦାରୀ ବ୍ୟକ୍ତିବିଶେଷମାନେ ଅଖଣ୍ଡ ଜ୍ଞାନ ଓ ଗଭୀର ବିଶେଷଜ୍ଞତା ନେଇ ଆସିଥାନ୍ତି, ଯାହା କି ବିଶିଷ୍ଟ ସନ୍ଦର୍ଭ ଓ ଅନୁପ୍ରୟୋଗର ପ୍ରାସଙ୍ଗିକତା ବହନ କରିଥାଏ। ଯେହେତୁ ପିଏଚ.ଡି. ଲାଭ କରି ନ ଥିବା ବ୍ୟକ୍ତିବିଶେଷମାନେ ମୌଳିକ ଗବେଷଣା କରିବା ପାଇଁ ପ୍ରଶିକ୍ଷଣ ପାଇ ନ ଥାନ୍ତି, ସେମାନେ ନିଜ ଶିକ୍ଷାଦାନକୁ ସମୟ ସହ ଖାପ ଖୁଆଇ ରଖିବା ପାଇଁ ଅନ୍ୟମାନେ ଯାହା କରିଥାନ୍ତି ତାକୁ ପୁନର୍ବାର ଉପସ୍ଥାପନ କରିଥାନ୍ତି। ସେଭଳି ଶିକ୍ଷକମାନେ ସେମାନଙ୍କର ନିଜ ଜ୍ଞାନ କ୍ଷେତ୍ର ବା ଅଭ୍ୟାସ କ୍ଷେତ୍ରର ଅବଧାରଣା ଓ ସୈଦ୍ଧାନ୍ତିକ ରୂପରେଖ ସମ୍ପର୍କରେ ସ୍ୱଳ୍ପ ଜାଣିଥାନ୍ତି। ଶିକ୍ଷକମାନଙ୍କର ଏହି ସୀମିତ ପଣିଆର ପ୍ରଭାବ ଛାତ୍ରମାନଙ୍କ ଉପରେ ପ୍ରତିଫଳିତ ହେବା ସ୍ୱାଭାବିକ। ଛାତ୍ରମାନେ ସେମାନଙ୍କଠାରୁ ଉପଯୁକ୍ତ ଜ୍ଞାନ ଆହରଣ କଲେ ମଧ୍ୟ ତାହା ସୀମିତ ସନ୍ଦର୍ଭ ମଧ୍ୟରେ ବନ୍ଧା ପଡିଯାଇଥାଏ। ଆଉ ଏକ ଜଟିଳ ସମସ୍ୟା ହେଲା କିଭଳି ବୃତ୍ତିଗତ ପେସାଦାରୀ ବ୍ୟକ୍ତି ବିଶେଷମାନଙ୍କୁ ନିଯୁକ୍ତି ଦେଉଥିବା ଅନୁଷ୍ଠାନ ସେମାନଙ୍କର ଗୁଣକୁ ଚିହ୍ନିପାରିବେ ? ଏହି ପେସାଦାରୀ ବ୍ୟକ୍ତି ବିଶେଷମାନେ ନିଜ ମୂଳ ଅନୁଷ୍ଠାନରେ କେତେବର୍ଷ କର୍ମ ଅଭିଜ୍ଞତା ହାସଲ କରିଛନ୍ତି ତାହା ଆଧାରରେ ସେମାନଙ୍କର ଶିକ୍ଷକ ହେବାର ଯୋଗ୍ୟତାକୁ ମୂଲ୍ୟାୟନ କରିବା ନିଶ୍ଚିତ ରୂପେ ଏକ ଭ୍ରାନ୍ତ ପଦକ୍ଷେପ ହେବ।

ଯଦିଓ ପେସାଦାରୀ ବ୍ୟକ୍ତିବିଶେଷମାନେ ଯେଉଁମାନେ କି ଉଭୟ ଶୈକ୍ଷଣିକ କଠୋରତା ଓ ଥିଓରୀକୁ ଠିକ୍‌ଭାବେ ହୃଦୟଙ୍ଗମ କରିଛନ୍ତି ସେମାନେ ମଧ୍ୟ ଅତି ଉତ୍କୃଷ୍ଟ ଶିକ୍ଷକ ହୋଇପାରିବେ, ଏପରି କି ବେଳେବେଳେ ପିଏଚଡି ଶିକ୍ଷକମାନଙ୍କଠାରୁ ମଧ୍ୟ ଭଲ ହୋଇପାରିବେ। ଏଭଳି ସ୍ଥିତିରେ ସେମାନଙ୍କ ଗୁଣ ଓ ବିଦ୍‌ବତ୍ତାର ମୂଲ୍ୟାୟନ କରିବା ଏକ ମହତ୍ତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ହେବ। ପୁନଶ୍ଚ ଏଭଳି ପେସାଦାରୀ ବ୍ୟକ୍ତିବିଶେଷଙ୍କର ଶିକ୍ଷାଦାନ ପ୍ରଦର୍ଶନର ମୂଲ୍ୟାୟନ କରିବା ପାଇଁ ଏକ ପ୍ରାସଙ୍ଗିକ ସତତ ମନିଟରିଙ୍ଗ ପଦ୍ଧତି ଅବଲମ୍ବନ କରାଯିବା ଆବଶ୍ୟକ। ଯେହେତୁ ଛାତ୍ରମାନେ ସେମାନଙ୍କୁ ପଢାଯାଉଥିବା ବିଷୟବସ୍ତୁର ଠିକ୍ ମୂଲ୍ୟାଙ୍କନ କରିପାରିବେ ନାହିଁ ତେଣୁ ପିଏଚଡି ଡିଗ୍ରୀଧାରୀ ବ୍ୟକ୍ତିବିଶେଷମାନେ ହିଁ ଅଧିକ ଉପଯୁକ୍ତ ହୋଇଥାନ୍ତି ଜଣେ ଶିକ୍ଷକ ଭାବେ ବୃତ୍ତିଗତ ପେସାଦାରୀ ବ୍ୟକ୍ତିବିଶେଷଙ୍କ ଦକ୍ଷତାର ଠିକ୍ ମୂଲ୍ୟାୟନ କରିବା ପାଇଁ।

ଏଭଳି ଏକ ପରିସ୍ଥିତିରେ ବ୍ୟାବହାରିକ ଏବଂ ସହନୀୟ ସମାଧାନର ପଥ ହେବ ବୃତ୍ତିଗତ ପେସାଦାରୀ ବ୍ୟକ୍ତି ଏବଂ ପାରମ୍ପରିକ ଶିକ୍ଷାବିତ୍‌ମାନଙ୍କର ଏକ ମିଳିତ ସଂଗୋଷ୍ଠୀର ଗଠନ। ଦେଶରେ ଏବଂ ଦେଶ ବାହାରେ ଥିବା ଏକାଧିକ ବ୍ୟବସାୟିକ ପ୍ରତିଷ୍ଠାନ ଏହାର ସାର ମର୍ମକୁ ଅଂଗେ ଅଂଗେ ଅନୁଭବ କରି ଏହି ମିଶ୍ର ମଡେଲର ପ୍ରଚଳନ କରୁଛନ୍ତି; ଯାହାକି ମହତ୍ତ୍ୱପୂର୍ଣ୍ଣ ଯୁକ୍ତ ଫଳାଫଳ ପ୍ରଦାନ କରୁଅଛି। ସେମାନେ ପ୍ରଥମେ ପିଏଚଡି ଡିଗ୍ରୀଧାରୀ ଅଧ୍ୟାପକମାନଙ୍କୁ ନିଜର ଆବଶ୍ୟକତା ପରିପୂରଣ କରିବା ପାଇଁ କାର୍ଯ୍ୟରେ ନିଯୁକ୍ତ କରିଥାନ୍ତି। ତା’ପରେ ସେମାନେ ସୀମିତ ସଂଖ୍ୟକ ବୃତ୍ତିଗତ ଓ ପେସାଦାରୀ ବ୍ୟକ୍ତି ବିଶେଷମାନଙ୍କୁ କଣ୍ଟ୍ରାକ୍ଟ ଭିତ୍ତିରେ କ୍ଲିନିକାଲ୍ ଏବଂ ଆଡଜଙ୍କ୍ଟ ଫାକଲ୍‌ଟି ବା ନୈଦାନିକ ଏବଂ ଅନୁବନ୍ଧକ ଅଧ୍ୟାପକ ଭାବେ ନିଯୁକ୍ତି ଦେଇଥାନ୍ତି; ଯାହା କି ସୀମିତ ସମୟ ପାଇଁ ଏବଂ ନିର୍ଦ୍ଦିଷ୍ଟ ଅଧ୍ୟାପନା ଆବଶ୍ୟକତାକୁ ପୂରଣ କରିବା ପାଇଁ ଉଦ୍ଦିଷ୍ଟ ହୋଇଥାଏ। ଏହି ଉଭୟ ଶ୍ରେଣୀ ବା ବର୍ଗର ଫାକଲ୍‌ଟିମାନଙ୍କର ଉତ୍ତରଦାୟିତ୍ୱ ଓ ମୂଲ୍ୟାଙ୍କନ ମଧ୍ୟ ଅଲଗା ଅଲଗା ହୋଇଥାଏ। ପିଏଚ.ଡି. ଡିଗ୍ରୀଧାରୀ ଅଧ୍ୟାପକମାନେ ଶକ୍ତ ଗୁଣବତ୍ତା ନିୟନ୍ତ୍ରଣ ନିର୍ବାହ କରିଥାନ୍ତି।

ଯେତେବେଳେ ନିୟନ୍ତ୍ରଣ ବୃତ୍ତିଗତ ପେସାଦାରୀ ବ୍ୟକ୍ତିବିଶେଷଙ୍କ ଉପରେ ନ୍ୟସ୍ତ ରହିଥାଏ ସେତେବେଳେ ଗୁଣବତ୍ତାକୁ କଷ୍ଟ ସ୍ୱୀକାର କରିବାକୁ ପଡିଥାଏ। ଛାତ୍ରମାନେ ହିଁ ହେବେ ସର୍ବଶେଷ ପରାଜିତ ବ୍ୟକ୍ତି, ଯାହାଙ୍କର ସୁବିଧା ସୁଯୋଗ ପାଇଁ ପ୍ରଥମତଃ ସଂପୂର୍ଣ୍ଣ ବ୍ୟବସ୍ଥାର ଡିଜାଇନ ବା ରୂପାୟନ ହୋଇଅଛି। ‘ବିଜ୍‌ନେସ୍ ସ୍କୁଲ’ର ଅଭିଜ୍ଞତାରୁ ଗୋଟିଏ ପତ୍ର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟମାନେ ଗ୍ରହଣ କରି ଏକ ମଡେଲ ମଧ୍ୟ ସୃଷ୍ଟି କରିପାରିବେ; ଯାହା କି ସେଥିରେ ଠିକ୍ ଭାବେ ନିବିଷ୍ଟ ହୋଇପାରିବ।

ମୋ–୯୩୩୮୨୦୪୯୯୩

# ମଧ୍ୟବିତ୍ତ ବାପା



ଅଂଶୁମାନ ଦାଶ

ଦେଶର ସ୍ୱାଧୀନତା ସମୟ ୧୯୪୭ ବେଳକୁ ସରକାରୀ କାଗଜ ହିସାବରେ ସମାଜର ୭୦ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ। କ୍ଷୁଧା ପାଇଁ ଆହାର ଓ ଶରୀର ପାଇଁ ପୋଷାକ ଉପଲବ୍ଧ କରିପାରିବା ସେମାନଙ୍କ ନିତିଦିନର ଲକ୍ଷ୍ୟ ଥିଲା। ସେହି ଦଶନ୍ଧି ମଧ୍ୟରେ ଜନ୍ମ ହୋଇଥିବା ଅଧିକାଂଶ ଲୋକ ଗରିବ ପରିବାରର ସେହି ସଙ୍ଘର୍ଷ କାହାଣୀ ସହ ପରିଚିତ ଥିବା ସ୍ୱାଭାବିକ୍। ସେହି ଗରିବ ପରିବାରରେ ଜନ୍ମ ହୋଇ ପ୍ରତିକୂଳ ପରିସ୍ଥିତିରେ ବଢି ଅନେକ ଲୋକ ସଫଳତାର ଶିଡି ଚଢ଼ି ଗରିବ ଶ୍ରେଣୀରୁ ମଧ୍ୟବିତ୍ତ ଶ୍ରେଣୀକୁ ପ୍ରବେଶ କରିପାରିଥିଲେ। ହେଲେ ସେମାନଙ୍କ ସଙ୍ଘର୍ଷ ସେଠାରେ ଶେଷ ହୋଇ ନ ଥିଲା। ବାପା ମା’ ଝିଅ ପୁଅ ବିଶିଷ୍ଟ ସାଧାରଣ ମଧ୍ୟବିତ୍ତ ପରିବାରର ନିରନ୍ତର ସଙ୍ଘର୍ଷ। ମଧ୍ୟବିତ୍ତ ବାପା ସରକାରୀ ଚାକିରି କରିଥିବାରୁ ନିଜ ଗାଁ ମାଟି ଛାଡି ସହରରୁ ମଧ୍ୟ ବହୁ ଦୂରରେ ଚାକିରି ଅଞ୍ଚଳରେ ପରିବାର ସହ ବାସ କଲେ। ମାସିକ ଦରମାରେ ନିଜ ମା’ବାପାଙ୍କ ଭଲମନ୍ଦ ବୁଝି ସ୍ତ୍ରୀ ପିଲାଛୁଆ ଓ ଘରର ଆବଶ୍ୟକ ପୂରଣ କଲା ବେଳକୁ ନିଅଣ୍ଟ। ସମୟ ଭଲ ନ ଥିଲେ ଅଯଥା ମେଡିକାଲ୍ ଖର୍ଚ୍ଚ ତା’ ସାଙ୍ଗକୁ ଡାକ୍ତର ପାଖରେ ଲମ୍ବା ଲାଇନ୍। ଡାକ୍ତର ଦେଖାଇବା ପାଇଁ ଶହେ କୋଷ ଦୂର ଗମନ କରି ସହର ମେଡିକାଲରେ ପହଞ୍ଚିଲା ବେଳକୁ ନମ୍ବର ସେଦିନ ପଡ଼ିବ କି ନାହିଁ ତାହା ମଧ୍ୟ ସନ୍ଦେହ। ସ୍କୁଟର ଦେହରେ ଲଗେଜ୍ ବାନ୍ଧି ଖରାଛୁଟିରେ ସ୍ତ୍ରୀ, ପୁଅଝିଅଙ୍କୁ ବସାଇ ଶହେ ମାଇଲ୍ ଦୂର ନିଜ ଗାଁକୁ ଚଲାଇ ନେବାରେ ଜଣେ ମଧ୍ୟବିତ୍ତ ବାପା ହିଁ ସିଦ୍ଧହସ୍ତ। ଆଉ ବସ୍‌ରେ କେବେ ଗଲେ ସିଟ୍ ନ କାଟିବା ପାଇଁ ବାପା ପିଲାମାନଙ୍କୁ କୋଳରେ ବସେଇକି ନେଇଥାନ୍ତି। ବାପାଙ୍କ ଆର୍ଥିକ ସମସ୍ୟାର ଗୁରୁତ୍ୱକୁ ପିଲାମାନେ ବେଳେବେଳେ ହୃଦୟଙ୍ଗମ କରି ଅନେକ ଜିନିଷ ଯଥା ଜନ୍ମଦିନର ଉତ୍ସବ ହେଉ ବା ପ୍ରିୟ ଜିନିଷ କିଛି ହେଉ ସେଥିପାଇଁ ନିଜ ଜିଦ୍‌କୁ ତ୍ୟାଗ କରିଦେଇଥାନ୍ତି। ସକାଳୁ ଉଠି ନିତ୍ୟକର୍ମ ସାରି ଅଫିସ୍ ଯିବା ଆଉ ଫେରିବା ବାଟରେ ସଉଦା କିଣି ଘରେ ପହଞ୍ଚିବାର ରୁଟିନ୍‌ରେ ଦୀର୍ଘ ବର୍ଷ ଏପରି ପଳାଇଗଲା ଜଣାପଡିଲା ନାହିଁ। ଭଡ଼ାଘରେ ଅଧା ଜୀବନ ବିତାଇ ନିଜ ପାଇଁ ଜମି କିଣି ଘର ତିଆରି କଲାବେଳକୁ ଜୀବନର ଅପରାହ୍ନ ଅବନୀତ। ସମସାମୟିକ କିଛି ସହକର୍ମୀ ହୁଏତ କଳାଧନ ବଳରେ କିମ୍ବା ପାରିବାରିକ ସମ୍ଭ୍ରାନ୍ତଶ୍ରେଣୀ ଯୋଗୁ ବେଶ୍ ସୁରୁଖୁରୁରେ ସମୟ କାଟୁଥିବେ; ହେଲେ ସେମାନଙ୍କୁ ଉପେକ୍ଷା କରି ନିଜର ସଙ୍କୋଚତାରେ ଅତୁଟ ରହି ମଧ୍ୟବିତ୍ତ ବର୍ଗରେ ମୁଣ୍ଡ ଉଚ୍ଚା କରି ଜାରି ରଖିଥିବା ସେହି ସଙ୍ଘର୍ଷ ପାଇଁ ମଧ୍ୟବିତ୍ତ ବାପା ମାନେ ଶ୍ରେୟ ଯୋଗ୍ୟ। ପାଦେପାଦେ ସହଧର୍ମିଣୀଙ୍କ ସହଯୋଗ ସମର୍ଥନ ନ ଥିଲେ ସଙ୍ଘର୍ଷ ବି ହୋଇଥାନ୍ତା ଅସମ୍ଭବ।

ଷାଠିଏ ଦଶକର ଗରିବ ବାପାର ସଙ୍ଘର୍ଷ ସହ ପରିଚିତ ଥିବା ଅଧିକାଂଶ ଲୋକଙ୍କ ଆଗାମୀ ପିଢ଼ି ନବେ ଦଶକର ମଧ୍ୟବିତ୍ତ ବାପାର ସଙ୍ଘର୍ଷର ଏହି ବାସ୍ତବ କାହାଣୀର ସାକ୍ଷୀ ହୋଇଥିବେ। ନବେ ଦଶକର ପିଲାମାନେ ବର୍ତ୍ତମାନ ଦେଶର ଆଗଧାଡ଼ିର ବୁଦ୍ଧିଜୀବୀ। ହେଲେ ଯେଉଁ ସାଧାରଣ ମଧ୍ୟବିତ୍ତ ବାପା ସେମାନଙ୍କ ସଫଳତାର ମାର୍ଗ ଗଠନ କରିଥିଲେ ସେହି ବାପା ଆଜି ଦୁଃସ୍ଥ ନିଷେଷିତ ନାହିଁ ତ। କେଉଁ ଏକ ଅଜଣା ସହରରେ ଅଚିହ୍ନା ବୃଦ୍ଧାଶ୍ରମର କୋଠରି ଭିତରେ ଏକାଏକା ସଙ୍ଘର୍ଷରତ ନାହାନ୍ତି ତ ! ବିକାଶ ଭିତରେ ଆମ ମାନସିକ ମୂଲ୍ୟବୋଧ ହ୍ରାସ ହୋଇଯାଇନି ତ ! ନବେ ଦଶକରେ ବାପାଙ୍କ ସହିତ ମେଳାରେ ବଉଳ ମୂଳରେ ମିଶିକି ତରଭୁଜ ଖାଇଥିଲେ, ବାଡି ବଗିଚାରେ ମିଶିକି ମାଟିକାମ କରିଥିଲେ, କେବେ ସେହି ଖୁସିଭରା ଛୋଟଛୋଟ ପୁରୁଣା ମୁହୂର୍ତ୍ତକୁ ବାପାଙ୍କ ସହ ମନେ ପକାଇଛେ ! ହେଲେ ସେହି ବାପା ବୃଦ୍ଧାଶ୍ରମ ଭିତରେ ଏକୁଟିଆ ସେହି ମୁହୂର୍ତ୍ତ ସବୁକୁ ମନେପକାଇ ଆଖି ଛଳଛଳ କରିଦେଉନାହାଁନ୍ତି ତ ! ବୃଦ୍ଧାଶ୍ରମରେ କାଳ କାଟୁଥିବା ସେହି ମଧ୍ୟବିତ୍ତ ବାପା ପିଲାମାନଙ୍କ ପ୍ରତି ନିଜର ପ୍ରତିପାଳନକୁ ମନେ ପକାଇ ନିନ୍ଦା କରୁ ନ ଥିବେ ତ ! ଚାକିରିର ପ୍ରକୃତି ଯୋଗୁଁ ବାପା ମା’ଙ୍କ ଘରଠାରୁ ଦୂରେଇ ଯିବାକୁ ପଡିଥାଏ। ହେଲେ କାର୍ଯ୍ୟବ୍ୟସ୍ତତା ବାହାନାରେ ମାନସିକତାରେ ମଧ୍ୟ ସେମାନଙ୍କଠାରୁ ଦୂରେଇଯିବା, ଏହା କ’ଣ ଗ୍ରହଣଯୋଗ୍ୟ।



ପୁରାଣ କଥାରେ ରାଜା ଯଯାତି ନିଜ ଶ୍ୱଶୁର ଋଷି ଶୁକ୍ରାଚାର୍ଯ୍ୟଙ୍କଠାରୁ ଦ୍ୱିତୀୟ ବିବାହ କରିଥିବାରୁ ଅଭିଶାପ ପ୍ରାପ୍ତ କରି ବୃଦ୍ଧ ପାଲଟି ଯାଇଥିଲେ। ନିଜର ଭୁଲ୍‌କୁ ସ୍ୱୀକାର କରି କ୍ଷମା ପ୍ରାର୍ଥନା ସହ ଅଭିଶାପରୁ ମୁକ୍ତ ପାଇଁ ଋଷିଙ୍କ ନିକଟରେ ଦୟା ଭିକ୍ଷା କରିବାରୁ ମହର୍ଷି ଯୁବକ ହେବା ପାଇଁ ଅନ୍ୟ ଜଣକୁ ନିଜର ବାର୍ଦ୍ଧକ୍ୟ ପ୍ରଦାନ କରିବାକୁ ହେବ ବୋଲି ଜଣାଇଲେ। ଏହି ପ୍ରସ୍ତାବରେ ଯଯାତିଙ୍କ ପୁତ୍ର ପୁରୁ ସଙ୍ଗେସଙ୍ଗେ ରାଜି ହୋଇଯାଇଥିଲେ ଏବଂ ପିତାଙ୍କ ବାର୍ଦ୍ଧକ୍ୟ ଗ୍ରହଣ କରିଥିଲେ। ପୁରାଣ କଥାରେ ଏହା ପିତାଙ୍କ ପ୍ରତି ଆଦର୍ଶ ପୁତ୍ରର ତ୍ୟାଗକୁ ଦର୍ଶାଇଥାଏ। ସଂସ୍କୃତରେ କୁହାଯାଇଛି, ‘ପଂଚାନ୍ୟୋ ମନୁଷ୍ୟେଣ ପରିଚର୍ଯ୍ୟା ପ୍ରୟତ୍ନତରୁ- ପିତାମାତାଗ୍ନିରାତ୍ମା ଚ ଗୁରୁଶ୍ଚ ଭରତର୍ଷଭ।’ ଅର୍ଥାତ୍ ପିତା, ମାତା, ଅଗ୍ନି, ଆତ୍ମା ଓ ଗୁରୁ- ମନୁଷ୍ୟକୁ ଏହି ପାଞ୍ଚ ପ୍ରକାର ଅଗ୍ନିର ଯତ୍ନର ସହ ସେବା କରିବା ଉଚିତ୍। ୧୦୦ ଟଙ୍କା ମୂଳଧନକୁ ୧୫୦ ଟଙ୍କା କରିବା ପାଇଁ ୫୦%ର ଲାଭ କରିବାକୁ ହୋଇଥାଏ, ବଦଳରେ ମାତ୍ର ୩୩% କ୍ଷତିରେ ପୁନଶ୍ଚ ୧୫୦ ଟଙ୍କା ୧୦୦ ଟଙ୍କାକୁ ଖସିଆସେ। ସେହିପରି ଅଭ୍ୟାସ, କର୍ମ ଏବଂ ଗୁଣ। ଯେତିକି ପରିଶ୍ରମରେ ସୁଅଭ୍ୟାସ, ସୁକର୍ମ ଓ ସଦ୍‌ଗୁଣ ମଣିଷ ହାସଲ କରିଥାଏ ଏବଂ ତା’ର ସୁଫଳ ପାଇଥାଏ ତା’ ଠାରୁ ଢେର୍ କମ୍ ପରିମାଣର କୁକର୍ମ, ମନ୍ଦ ଅଭ୍ୟାସ ଓ ଦୁର୍ଗୁଣ ଅର୍ଜିଥିବା ସୁଫଳର ହାନି ଘଟାଇବା ସହ ଜୀବନର ହାନି ଘଟାଇଥାଏ। ସେହିପରି ମାତାପିତାଙ୍କୁ ଅଣଦେଖା କଲେ ଅର୍ଜିଥିବା ସୁଫଳର ଭାଗଶେଷ ଶୂନ୍ୟ ହୋଇଯାଇଥାଏ। ତେବେ ନିଜ ସମୟରୁ ସାମାନ୍ୟ କିଛି ବି ପିତାମାତାଙ୍କ ପାଇଁ ଉପଚୟ କଲେ ସେମାନଙ୍କୁ ସେମାନଙ୍କ ସଙ୍ଘର୍ଷର ପୁରସ୍କାର ଓ ସ୍ନେହର ମୂଲ୍ୟ ପ୍ରାପ୍ତ ହେବା ସହ ନିଜକୁ ଜୀବନର ବହୁ ମୂଲ୍ୟବାନ ଜ୍ଞାନ ତଥା ଆଶୀର୍ବାଦ ପ୍ରାପ୍ତ ହେବ।

**ଶିଶୁପାଳଗଡ଼, ଭୁବନେଶ୍ୱର**
**ମୋ–୯୪୩୭୫୬୫୩୯୩**

## ଏଇ ଭାରତରେ

ଗୁଜରାଟର ମହେନ୍ଦ୍ରସିଂ ଜଲା ଜଣେ ଦୃଷ୍ଟିବାଧିତ ହେଲେ ବି ଅନ୍ୟମାନଙ୍କ ପାଇଁ ଏକ ଦୃଷ୍ଟାନ୍ତ। ପ୍ରତିବର୍ଷ ବର୍ଷାଋତୁ ଆସିଲେ ସେ ତାଙ୍କ କାମରେ ଲାଗିଯାଆନ୍ତି ଓ ୧ ଲକ୍ଷ ଲିଟର ବର୍ଷାଜଳ ଅମଳ ବା ସଂରକ୍ଷଣକରି ବ୍ୟବହାର କରୁଛନ୍ତି। ଏହି କାର୍ଯ୍ୟ ସେ ୧୦ ହେଲା କରିଆସୁଛନ୍ତି। ୧୯୯୨ରେ ଏକ ଭଲିବଲ ମ୍ୟାଚ୍ ଖେଳୁଥିବା ସମୟରେ ଏକ ଶଟ୍ ତାଙ୍କ ରେଟିନା ଦୁଇଟିକୁ ଆଘାତ ଦେବା ପରେ ସେ ୯୦ ପ୍ରତିଶତ ଦୃଷ୍ଟିଶକ୍ତି ହରାଇଥିଲେ। ବହୁ ଚିକିତ୍ସା ପରେ ମଧ୍ୟ ଆଉ ତାଙ୍କ ଦୃଷ୍ଟିଶକ୍ତି ଫେରିପାଇଲେ ନାହିଁ। ଏବେ ତାଙ୍କ ବୟସ ୬୦। ବର୍ଷାଜଳ ସଂରକ୍ଷଣ କାର୍ଯ୍ୟରେ ତାଙ୍କ ଭାଇ, ପୁଅ ଓ ପୁତୁରା ସହଯୋଗ କରୁଛନ୍ତି। ସେ ବଡ଼ ବଡ଼ ଟାଙ୍କିରେ ଏହି ଜଳ ସଂରକ୍ଷଣକରି ରଖୁଛନ୍ତି। ଘରର ପ୍ରଥମ ମହଲା, ଦ୍ୱିତୀୟ ମହଲା ଏବଂ ଅଗଣାରେ ପାଣିଟାଙ୍କି ଫିଟ୍ କରିଛନ୍ତି ଓ ଏଥିରେ ଫିଲ୍‌ଟର ବ୍ୟବସ୍ଥା କରିଛନ୍ତି, ଯାହାଦ୍ୱାରା ଜଳ ସ୍ୱଚ୍ଛ ରହୁଛି। ଲୁଗାପଟା ଓ ବାସନ ସଫା କରିବା, ଗଛରେ ପାଣି ଦେବାରେ ଏହା ବ୍ୟବହାର କରାଯାଉଛି। ପାନୀୟ ଜଳ ଓ ପରିମଳ ବିଭାଗ ତରଫରୁ ତାଙ୍କୁ ‘ୱାଟର ହିରୋ’ ଉପାଧି ପ୍ରଦାନ କରାଯାଇଛି ଓ ୧୦ ହଜାର ଟଙ୍କା ପୁରସ୍କାର ମଧ୍ୟ ଦିଆଯାଇଛି। ଆମେ ଯଦି ଜଳ ସଂରକ୍ଷଣ ନ କରିବା ତେବେ ପର ପିଢ଼ିଙ୍କୁ ପାଣି ବଦଳରେ ଲୁହ ପିଇ ବଞ୍ଚିବାକୁ ପଡ଼ିବ ବୋଲି କହନ୍ତି ମହେନ୍ଦ୍ରସିଂ।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଜୁନ୍ ୧୯୯୭

- ୯୫୦ କୋଟି ଟଙ୍କାର ବିହାର ଗୋଖାଦ୍ୟ ଦୁର୍ନୀତି ମାମଲାର ତଦନ୍ତ ଅଂଶ ସ୍ୱରୂପ ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବଙ୍କ ପୈତୃକ ଘର ଏବଂ ଘନିଷ୍ଠ ସମ୍ପର୍କୀୟଙ୍କ ବାସଭବନ ଉପରେ ସିବିଆଇ ଖାନ୍‌ତଲାସ କରିଛି।
- ଭାରତୀୟ କ୍ରିକେଟରେ ବାଜି ଲଗାଇବା ଏବଂ ମ୍ୟାଚ୍ ନିର୍ଦ୍ଧାରଣ ସମ୍ପର୍କିତ ଅଭିଯୋଗଗୁଡ଼ିକ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ବିସିସିଆଇ ପକ୍ଷରୁ ଜଷ୍ଟିସ୍ ୱାଇ.ଭି. ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଏକ ନିରପେକ୍ଷ ଜଣିକିଆ ତଦନ୍ତ କମିଟି ଗଠିତ।
- ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି)ର ପରିଚାଳନା ନିର୍ଦ୍ଦେଶକ ଭାବେ ବିରେନ୍ଦ୍ର ଗଡ଼ନାୟକଙ୍କୁ ନିଯୁକ୍ତି ପ୍ରଦାନ।

## ପାଠକ ଶ୍ରେଷ୍ଠ ବିଚାରକ

### ଋଣ ବୋଝ ବଢୁଛି

ମହାଶୟ,

ବର୍ତ୍ତମାନ ସୁଦ୍ଧା ସରକାର ୧ ଲକ୍ଷ ୧୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଋଣ କରିସାରିଲେଣି। ପ୍ରତ୍ୟେକ ଓଡ଼ିଆଙ୍କ ମୁଣ୍ଡ ଉପରେ ପ୍ରାୟ ୨୫ ହଜାର ଟଙ୍କାର ଋଣଭାର। ୨୦୦୦ ମସିହା ମାର୍ଚ୍ଚ ଶେଷ ସୁଦ୍ଧା ସରକାରଙ୍କ ମୋଟ ଋଣ ପରିମାଣ ଥିଲା ପ୍ରାୟ ୧୯ ହଜାର କୋଟି ଟଙ୍କା ଏବଂ ମୁଣ୍ଡପିଛା ଋଣ ଥିଲା ପ୍ରାୟ ୪ ହଜାର ଟଙ୍କା। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସରକାରଙ୍କ ଋଣ ପରିମାଣ ଆହୁରି ଅଧିକ ୨୦ ହଜାର କୋଟି ଟଙ୍କା ବଢ଼ିଯିବ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ରାଜ୍ୟ ସରକାର ଏତେ ଋଣ କରି କ’ଣ କରୁଛନ୍ତି ? ଏହାର ସରକାରୀ ଉତ୍ତର ହେଉଛି ନିଅଣ୍ଟିଆ ବଜେଟ; କିନ୍ତୁ ବାସ୍ତବ ଉତ୍ତର ହେଉଛି କ୍ଷମତା ରାଜନୀତିରେ ଦୀର୍ଘଦିନ ତିଷ୍ଠି ରହିବା ପାଇଁ ସନ୍ତୁଷ୍ଟୀକରଣ ରାଜନୀତି କରିବା। ଅଯୋଗ୍ୟ ହିତାଧିକାରୀଙ୍କୁ ମାସିକିଆ ଭତ୍ତା ଓ ଚାଉଳ ଦେବା, ୯ ହଜାରରୁ ଅଧିକ ଅଣକଳାକାରଙ୍କୁ ମାସିକିଆ ଭତ୍ତା, ପିଠା ଭଳି ଅନାବଶ୍ୟକ ଯୋଜନାରେ ଶହ ଶହ କୋଟି ଟଙ୍କା ଉଡାଇବା, ଅଯୋଗ୍ୟ ହିତାଧିକାରୀଙ୍କୁ ହଜାର ହଜାର କୋଟି ଟଙ୍କା ବାଣ୍ଟିବା ଯୋଗୁ ଋଣ ଭାର ବଢ଼ି ବଢ଼ି ଚାଲିଛି। ରାଜ୍ୟର ଭିତ୍ତିଭୂମିର ବିକାଶ ହେଲା ନାହିଁ କି ବେକାରି ମଧ୍ୟ ହଟିଲା ନାହିଁ, ଏ ସମ୍ପର୍କରେ ଅନୁଧ୍ୟାନ କରାଯାଉନାହିଁ। ତୁଷ୍ଟୀକରଣ ରାଜନୀତିକୁ ବନ୍ଦ କରାଯାଉ, ଦୁର୍ନୀତି ହଟାଯାଉ ଏବଂ ରାଜ୍ୟର ଦୁର୍ନୀତିଗ୍ରସ୍ତଙ୍କଠାରୁ କଳାଧନ ଉଦ୍ଧାର କରାଯାଉ। ଯଦି ଏହା ହେବ ନାହିଁ, ତେବେ ଓଡ଼ିଶା ଓ ଓଡ଼ିଶାବାସୀଙ୍କର ସର୍ବନାଶ ହୋଇଯିବ।

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସ୍ଫଟିକ ଧବଳ ଦଶନେ ତୁମର
ଦଶଦିଶ ଉଠୁ ହସି
ଅଧର ଶୋଭାକୁ ସରସ କରୁ ଗୋ
ତୃତୀୟାର ଶିଶୁ ଶଶୀ।
–(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

- ଜଳକଷ୍ଟ ଭୋଗୁଛନ୍ତି ୧୧୦ ପରିବାର
- ୨୦ ବର୍ଷ ହେବ କାର୍ଯ୍ୟକାରୀ ହୋଇପାରୁନାହିଁ
- ନୂତନ ପାଇପ୍ ଲାଇନ ବିଛାଇବା ସତ୍ତ୍ୱେ ମିଳୁନି ପାନୀୟ ଜଳ

ଏରସମା,୨୧।୬(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ନୂଆଡିହି ପଞ୍ଚାୟତସ୍ଥିତ ଭଇଁଚ ଗ୍ରାମର ୧୧୦ ପରିବାର ଜଳକଷ୍ଟ ଭୋଗୁଛନ୍ତି। ଏହାର ପ୍ରତିବାଦରେ ସ୍ଥାନୀୟ ସରପଞ୍ଚଙ୍କ ସହ ବହୁ ଲୋକ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କାର୍ଯ୍ୟାଳୟ ଘେରାଉ କରି ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମରେ ମଧୁର ଜଳସ୍ତର ବହୁତ ତଳେ ରହିଛି। ବ୍ୟକ୍ତିଗତ ଭାବରେ ବସାଯାଉଥିବା ନଳକୂଅରୁ ଲୁଣିପାଣି ବାହାରୁଛି । ଏନେଇ ବାରମ୍ବାର ଅଭିଯୋଗ କରିବା ପରେ ଭଇଁଚ ଗ୍ରାମରେ ପାନୀୟ ଜଳ ଯୋଗାଣ ନିମନ୍ତେ ମାଟିତଳେ ପାଇପ ଲାଇନ ବିଛା ଯାଇଥିଲା। ଇତିମଧ୍ୟରେ ଦୀର୍ଘ ୨୦ ବର୍ଷ ବିତିଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ମାଟିତଳେ ପାଇପ୍ ଲାଇନ ନଷ୍ଟ ହୋଇଯାଇଥିଲା। ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ପରେ ପୁନର୍ବାର ଗ୍ରାମରେ ନୂତନ ପାଇପ୍‌ଲାଇନ ବିଛାଯାଇଛି । ମାତ୍ର ଏହା ମଧ୍ୟରେ ୬ ମାସ ବିତି ଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଅପରପକ୍ଷରେ ସେହି ଗ୍ରାମରେ ଅମ୍ବିକାଇ ଠାକୁରାଣୀଙ୍କ ନିକଟରେ ଥିବା ଏକମାତ୍ର ସରକାରୀ ନଳକୂଅରୁ ଲୁଣି ପାଣି ବାହାରୁଛି। ତାହା ପାନୀୟ ଉପଯୋଗୀ ନୁହେଁ। ଏନେଇ ଗ୍ରାମବାସୀ ବାଧ୍ୟ ହୋଇ ୨ କିଲୋମିଟର ଦୂରରେ ଥିବା ନୂଆଡିହି ଗ୍ରାମକୁ ଯାଇ ପାନୀୟ ଜଳ ଆଣୁଛନ୍ତି । ଏହାକୁ ବିରୋଧ କରି ସରପଞ୍ଚ ବ୍ରଜ କିଶୋର ପ୍ରଧାନଙ୍କ ନେତୃତ୍ୱରେ ସନ୍ତୋଷ ଲେଙ୍କା, ଡା.ପ୍ରଶାନ୍ତ କୁମାର ସାହୁ, ସଞ୍ଜୟ କୁମାର ଲେଙ୍କା, ସୁରେଶ ମଲ୍ଲିକ, ସମିତି ସଭ୍ୟ ବିଧୁଭୂଷଣ ମହାନ୍ତି, ପବିତ୍ର ମହାନ୍ତି, ଜଗବନ୍ଧୁ ବିଶ୍ୱାଳ, ଶେଷଦେବ ଲେଙ୍କା ପ୍ରମୁଖ ଧାରଣା ଦେଇଥିଲେ।

କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ପରିଡା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଶୀଘ୍ର କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଲୋକେ ବିକ୍ଷୋଭ କରୁଛନ୍ତି।

# ଜମିବାଡ଼ି ଗଣ୍ଡଗୋଳ, ୨ ଭାଇ କୋର୍ଟଚାଲାଣ

ବାଲିକୁଦା,୨୧।୬(ସ୍ୱ.ପ୍ର.)

ବାଲିକୁଦା ଥାନା ପୋଲିସ ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ ଘଟଣାରେ ଦୁଇଭାଇଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଏହି ଦୁଇଭାଇଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ଯିବାକୁ ପଡ଼ିଛି।

ପୋଲିସ ସୂଚନା ମୁତାବକ, ଥାନା ଅନ୍ତର୍ଗତ ବୋରିକିନା ପଞ୍ଚାୟତ ବରିମୂଳ ଗାଁର ମହେଶ୍ୱର ସ୍ୱାଇଁ ଓ ବୈକୁଣ୍ଠ ସ୍ୱାଇଁ ଦୁଇଭାଇଙ୍କ ମଧ୍ୟରେ ପୈତୃକ ସମ୍ପତ୍ତିକୁ ନେଇ ଗଣ୍ଡଗୋଳ ହୋଇଥିଲା। ବୈକୁଣ୍ଠଙ୍କ ଆକ୍ରମଣରେ ମହେଶ୍ୱରଙ୍କ ମୁଣ୍ଡ ଫାଟି ଯାଇଥିଲା। ଏ ନେଇ ମହେଶ୍ୱରଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତି କରି ପୋଲିସ ବୈକୁଣ୍ଠଙ୍କୁ ଉଠାଇ ଆଣିଥିଲା। ଅପରପକ୍ଷେ ବୈକୁଣ୍ଠଙ୍କ ଆକ୍ରମଣରେ ଅନୁରୂପ ଭାବେ ମହେଶ୍ୱରଙ୍କ ପତ୍ନୀ ଅହଲ୍ୟା ଆହତ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକ୍ରମେ ପୋଲିସ ମହେଶ୍ୱରଙ୍କୁ ଉଠାଇ ଆଣିଥିଲା। ଏ ନେଇ ଉଭୟପକ୍ଷଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୨୭୮/୨୨ ଓ ୨୭୯/୨୨ରେ ଦୁଇ ୨ଟି ମାମଲା ରୁଜୁ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଦୁଇଭାଇଙ୍କୁ ଆଳିପିଙ୍ଗଳ ଉପକାରାଗାରକୁ ପଠାଇ ଦିଆଯାଇଛି।

# ‘ଭାରତର ଯୋଗ ସାରା ବିଶ୍ୱରେ ଆଦୃତ’

ପାରାଦୀପ,୨୧।୬(ସ୍ୱ.ପ୍ର.)

ପାରାଦୀପର ବିଭିନ୍ନ ସ୍ଥାନରେ ମଙ୍ଗଳବାର ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ପିପିଏଲ୍ ପକ୍ଷରୁ ଆୟୋଜିତ ଯୋଗ କାର୍ଯ୍ୟକ୍ରମର କମ୍ପାନୀ ମୁଖ୍ୟ ପ୍ରଣବ ଭଟ୍ଟାଚାର୍ଯ୍ୟ ନେତୃତ୍ୱ ନେଇ କହିଥିଲେ, ଭାରତର ଯୋଗ ସାରା ବିଶ୍ୱରେ ଆଦୃତ। ଯୋଗଗୁରୁ ଦୈତାରି ବିନ୍ଧାଣିଙ୍କ ଦ୍ୱାରା ପ୍ରଶିକ୍ଷଣ ଶିବିରରେ ଜଗନ୍ନାଥ ଖୁଣ୍ଟିଆ, ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୨୦ ଜଣ କର୍ମଚାରୀ ଓ ସେମାନଙ୍କ ପରିବାର ସମେତ ସ୍କୁଲ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଆୟୋଜିତ ଯୋଗ ଦିବସରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍ ହାରାନ୍ଧ, ଉପାଧ୍ୟକ୍ଷ ଏ.କେ. ବୋଷ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଗ କାର୍ଯ୍ୟକ୍ରମର ଲାଇଭ ଆୟୋଜନ କରାଯାଇଥିଲା। ଏଥିରେ ଯୋଗ ପ୍ରଶିକ୍ଷକ ତାପସ ରଞ୍ଜନ ପତି ପ୍ରଶିକ୍ଷଣ ଦେଇଥିଲେ। ଆର୍ଟ ଅଫ୍ ଲିଭିଙ୍ଗର ସୁଦର୍ଶନ କ୍ରିୟା କରାଯାଇଥିଲା। ଏହି ଶିବିରରେ ସିଆର୍‌ପିଏଫ, ସାକ୍ଷରତା ସମିତି, ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ପ୍ରମୁଖ ସାମିଲ ହୋଇଥିଲେ। ଇଫ୍‌କୋ ପକ୍ଷରୁ ଆୟୋଜିତ ଯୋଗ ଶିବିରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ଜେ. ପଟେଲ ସାମିଲ ହୋଇଥିଲେ। ସେହିପରି ପାରାଦୀପ କଲେଜ ଏନ୍‌ସିସି ପକ୍ଷରୁ ଆୟୋଜିତ ଶିବିରରେ ଅଧ୍ୟକ୍ଷା ସସ୍ମିତା ଶତପଥୀ, ଲ୍ୟୁଟନାଣ୍ଟ କମାଣ୍ଡର ଅକ୍ଷୟ ମିଶ୍ର, ସଂଘମିତ୍ରା ପ୍ରଧାନ, ଗଣେଶ୍ୱର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଯୋଗ ପ୍ରଶିକ୍ଷକ ରଣଜିତ ରାୟ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ସାମିଲ ହୋଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସମୁଦ୍ର ବେଳାଭୂମିରେ ମେଗା ଯୋଗ ଶିବିର ଆୟୋଜନ କରାଯାଇଥିଲା। ବାଲିଝରାଠାରେ ଗଣପତି ଶିଶୁ ବିଦ୍ୟାମନ୍ଦିର ପରିସରରେ ଯୋଗ ଶିବିର କରାଯାଇଥିଲା।



ପିପିଏଲ୍ ପକ୍ଷରୁ ଆୟୋଜିତ ଶିବିରରେ ଯୋଗଭ୍ୟାସ କରାଯାଉଛି।

# କଟକ-ପାରାଦୀପ ରେଳପଥରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଦାବି

## ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସ୍ମାରକପତ୍ର ପ୍ରଦାନ

କୁଜଙ୍ଗ,୨୧।୬(ଡି.ଏନ.ଏ.)

ଲକ୍‌ଡାଉନ ପରଠାରୁ କଟକ-ପାରାଦୀପ ରେଳପଥରେ ୫ଥର ଯାତାୟାତ କରୁଥିବା କଟକ-ପାରାଦୀପ ପାସେଞ୍ଜର, ଇଣ୍ଟରସିଟି ଓ ଇଣ୍ଟର ଷ୍ଟେଟ ଯାତ୍ରୀବାହୀ ଟ୍ରେନଗୁଡ଼ିକର ଚଳାଚଳ ବନ୍ଦ ରହିଛି। ଫଳରେ ଗମନାଗମନରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ କୁଜଙ୍ଗ, ଏରସମା ବ୍ଲକ ସମେତ କେନ୍ଦ୍ରାପଡା ଜିଲାର ପ୍ରାୟ ୫୦ ପଞ୍ଚାୟତର ପ୍ରତିନିଧି ବିଭିନ୍ନ ଦଫା ଦାବି ନେଇ ରେଳ କର୍ତ୍ତୃପକ୍ଷଙ୍କୁ ଲିଖିତ ଆକାରରେ ଜଣାଇଥିଲେ । ମାତ୍ର କୌଣସି ପଦକ୍ଷେପ ନନେବାରୁ ମଙ୍ଗଳବାର ଉକ୍ତ ପ୍ରତିନିଧିମଣ୍ଡଳୀ କୋଣାର୍କରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ପୂର୍ବଦାବି ଦୋହରାଇବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅନ୍ୟାନ୍ୟ ଦାବିଗୁଡ଼ିକ ମଧ୍ୟରେ ରୋଡ ଓଭରବ୍ରିଜ ନିର୍ମାଣ କରିବା, ରାଜ୍ୟ ରାଜପଥଠାରୁ ରାହାମା ରେଳ ଷ୍ଟେଶନକୁ ସଂଯୋଗ କରୁଥିବା ରେଲବାଇ ରାସ୍ତାକୁ ୧୦ମିଟର ଚଉଡ଼ା କରିବା, ରାସ୍ତାର ୨ ପାର୍ଶ୍ୱ ଆଲୋକୀକରଣ କରିବା, ଷ୍ଟେଶନକୁ ଚିହ୍ନିତ କରିବା ପାଇଁ ଏକ ବଡ଼ ଫାଟକ ନିର୍ମାଣ କରିବା, ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ଏକ ଟ୍ରାଫିକ ପୋଷ୍ଟ ବ୍ୟବସ୍ଥା କରିବା, ରାହାମା ରେଳ ଷ୍ଟେଶନର ଦୁଇ ପାର୍ଶ୍ୱ ପ୍ଲାଟଫର୍ମ ଉଚ୍ଚ କରିବା ସହ ପୂର୍ଣ୍ଣାଙ୍ଗ ରେଳଷ୍ଟେଶନରେ ପରିଣତ କରିବା, କମ୍ୟୁନିଟିସେଣ୍ଟର ନିର୍ମାଣ କରିବା, ଷ୍ଟେଶନଠାରେ ଶୀତତାପ ନିୟନ୍ତ୍ରିତ ପ୍ରତୀକ୍ଷାଳୟ ନିର୍ମାଣ କରିବା ଆଦି ଅନ୍ତର୍ଭୁକ୍ତ। ପୂର୍ବରୁ ରେଲବାଇ କର୍ତ୍ତୃପକ୍ଷ ୫ ଥର ବଦଳରେ ଦୈନିକ ୪ ଥର ଯାତ୍ରୀବାହୀ ରେଳ ଚଳାଚଳ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହାକୁ ପୂରଣ କରାଯାଇ ନାହିଁ ବୋଲି ପ୍ରତିନିଧିମଣ୍ଡଳୀ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏନେଇ ପଦକ୍ଷେପ ନେବାକୁ ମନ୍ତ୍ରୀ ବୈଷ୍ଣବ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ରାହାମା ବଣିକ ସଂଘର ସମ୍ପାଦକ ଡ. ସୁନାକର ବେହେରା, ସାମାଜିକ କର୍ମୀ ପ୍ରତାପ ମହାନ୍ତି ଓ ପୂର୍ବତନ ଏମ୍‌ପି ଡ. ବିଭୁ ପ୍ରସାଦ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୧୪-ଇଏଲ-ଡବ୍ଲ୍ୟୁଟି-୨୦୨୨-୨୩, ତାରିଖ: ୧୭।୦୬।୨୦୨୨ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଟେଣ୍ଡର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଟେଣ୍ଡରକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ସିକେପି ଡିଭିଜନ ଅଧୀନରେ ବିଭିନ୍ନ ଷ୍ଟେଶନଠାରେ ବିଭିନ୍ନ ପ୍ରକାର ଷ୍ଟାଫ୍ କ୍ୱାର୍ଟରଗୁଡ଼ିକର ରିୱାୟରିଂ (ଟାଟା - ୮୭୦ ୟୁନିଟ୍, ଡିପିଏସ୍ - ୩୨୬ ୟୁନିଟ୍, ସିକେପି - ୨୭୧ ୟୁନିଟ୍, ବିଏନ୍‌ଡିଏମ୍ - ୫୮୭ ୟୁନିଟ୍, ଆରଓୟୁ - ୩୧୪ ୟୁନିଟ୍, କେଏସ୍‌ଜି - ୧୫୦ ୟୁନିଟ୍) । **ଟେଣ୍ଡର ମୂଲ୍ୟ:** ₹୪,୩୮,୧୬,୮୭୦.୦୮ । ଇଏମ୍‌ଡି: ₹୩,୬୯,୧୦୦.୦୦ । **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ । **ବନ୍ଦ ହେବା/ଖୋଲାଯିବା ତାରିଖ:** ୨୫।୦୭।୨୦୨୨, ୧୫.୦୦ ଘଟିକା । ଟେଣ୍ଡର http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଆବଶ୍ୟକ । PR-241

# ୭୨ ଅଭିଯୋଗରୁ ଗୋଟିଏ ସମାଧାନ

## ଜିଲାପାଳଙ୍କ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଶିବିର



ଶିବିରରେ ଜିଲାପାଳଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ଜଗତ୍‌ସିଂହପୁର ଅଫିସ,୨୧।୬

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ପାରୁଲ ପଟୱାରୀ ଯୋଗଦେଇ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ୭୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୬୮, ଗ୍ରାମ ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୪ଟି ରହିଥିଲା। ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଅଭିଯୋଗଗୁଡିକ ମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବା ପାଇଁ ୧୪ଟି ଅଭିଯୋଗ ହୋଇଥିଲା। ସେହିପରି ଜମିଜମା ସମସ୍ୟା ସମ୍ପର୍କିତ ୧୫, ରାଶନ କାର୍ଡ ୧, ଭତ୍ତା ୪, ପରିବାର ବିବାଦର ସମାଧାନ ପାଇଁ ୩ଟି ଅଭିଯୋଗ ଥିଲା । ରେଡକ୍ରସ୍ ପାଣ୍ଠି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି, ପୋଲିସ ସହାୟତା ପାଇବା ପାଇଁ ଯଥାକ୍ରମେ ୧, ୩ ଓ ୪ଟି ଅଭିଯୋଗ ଉପରେ ଶୁଣାଣି ହୋଇଥିଲା । ଅବଶିଷ୍ଟ ୨୨ଟି ଅଭିଯୋଗର ମଧ୍ୟ ଶୁଣାଣି କରାଯାଇଥିଲା । ତେବେ ୭୨ ଅଭିଯୋଗ ମଧ୍ୟରୁ ମାତ୍ର ଗୋଟିଏର ଫଏସଲା ହୋଇ ପାରିଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଅତିରିକ୍ତ ଏସ୍‌ପି ଉମେଶ କୁମାର ପଣ୍ଡା, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଡିଆରଡିଏ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅଭିମନ୍ୟୁ ପଣ୍ଡା, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

**ଅଧିସୂଚନା**

**‘ଗୋଟିଏ ଷ୍ଟେଶନ ଗୋଟିଏ ଉତ୍ପାଦ’ ଯୋଜନା ଅଧୀନରେ ଶାଲିମାର, ବାଗ୍‌ନାନ, ମେଛେଡ଼ା, ଦିଘା, ଆନ୍ଦୁଲ, ଜଳେଶ୍ୱର ଏବଂ ବାଉରିଆ ରେଳ ଷ୍ଟେଶନଠାରେ ସ୍ଥାନୀୟ ଦେଶୀ ଉତ୍ପାଦର ବିକ୍ରୟ ପାଇଁ ଅସ୍ଥାୟୀ ଷ୍ଟଲ୍ ସ୍ଥାପନ**

ନଂ.ସିଓଏମ୍/ଜି.୧୮/୨/ସିଏଟିଜି./ୱାନ୍ ଷ୍ଟେଶନ ୱାନ୍ ପ୍ରଡକ୍ଟ ତାରିଖ: ୦୩।୦୬।୨୦୨୨

କେନ୍ଦ୍ର ବଜେଟ ଘୋଷଣା ୨୦୨୨-୨୩ ଆଧାରରେ ଏବଂ ରେଲ୍‌ୱେ ବୋର୍ଡର ଇଚ୍ଛା ଅନୁସାରେ ଦ.ପୂ. ରେଳପଥ, ଖଡ଼ଗପୁର ଡିଭିଜନ ତା୨୩।୦୬।୨୦୨୨ରିଖଠାରୁ ୧୫ ଦିନ ପାଇଁ ପାଇଲଟ୍ ଭିତ୍ତିରେ ଚିହ୍ନିତ ଉତ୍ପାଦଗୁଡ଼ିକୁ ବିକ୍ରୟ କରିବା ପାଇଁ ଷ୍ଟଲ୍ ଯୋଗାଇ ସମ୍ପୃକ୍ତ ଅଞ୍ଚଳର ବିଶିଷ୍ଟ ଉତ୍ପାଦ ଯଥା– ସ୍ଥାନୀୟ ଖାଦ୍ୟ ସାମଗ୍ରୀ, ହସ୍ତକଳା, ହସ୍ତଶିଳ୍ପ, ହସ୍ତତନ୍ତ, ପ୍ରକ୍ରିୟାକୃତ/ଅର୍ଦ୍ଧ-ପ୍ରକ୍ରିୟାକୃତ ଖାଦ୍ୟ ସାମଗ୍ରୀ ଇତ୍ୟାଦିର ପ୍ରସାର କରିବା ଲାଗି ଇଚ୍ଛୁକ ଅଟେ । ବର୍ତ୍ତମାନ, ଗୋଟିଏ ଷ୍ଟେଶନ ଗୋଟିଏ ଉତ୍ପାଦ ଯୋଜନା ଅଧୀନରେ ପର୍ଯ୍ୟାୟ Vର ଦ୍ୱିତୀୟ ଭାଗରେ ଶାଲିମାର, ବାଗନାନ, ମେଛେଡ଼ା, ଦିଘା, ଆନ୍ଦୁଲ, ବାଉରିଆ ଏବଂ ଜଳେଶ୍ୱର ଷ୍ଟେଶନକୁ ପାଇଲଟ୍ ପ୍ରକଳ୍ପ ପାଇଁ ଚିହ୍ନଟ କରାଯାଇଛି । ଆଗ୍ରହୀ ଆବେଦନକାରୀ (ସ୍ଥାନୀୟ ନିର୍ମାତା ହୋଇଥିବା ବାଞ୍ଛନୀୟ) ଯୋଜନାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ସମ୍ପୃକ୍ତ ଷ୍ଟେଶନ ମ୍ୟାନେଜରଙ୍କ ସହିତ ଯୋଗାଯୋଗ କରିପାରିବେ ଏବଂ ତା୨୨।୦୬।୨୦୨୨ରିଖ ୧୭.୦୦ ଘଟିକା ମଧ୍ୟରେ ଷ୍ଟେଶନ ମ୍ୟାନେଜରଙ୍କ ନିକଟରେ ଷ୍ଟଲ୍ ପିଛା @ ଟ.୧୦୦୦/-ର ଟୋକନ ଦେୟ ସହିତ ନିଜର ଦରଖାସ୍ତ ଦାଖଲ କରିପାରିବେ । ପ୍ରଚଳିତ ନିୟମ ଅନୁଯାୟୀ ପ୍ରସଙ୍ଗର ପରବର୍ତ୍ତୀ ପ୍ରକ୍ରିୟାକରଣ ପାଇଁ ସେହିଦିନ ୧୭.୩୦ ଘଟିକାରେ ଡିଭିଜନାଲ ଅଧିକାରୀମାନଙ୍କ ଉପସ୍ଥିତିରେ ଷ୍ଟେଶନ ମ୍ୟାନେଜରଙ୍କ ଚାମ୍ବରରେ ଦରଖାସ୍ତର ପ୍ରକ୍ରିୟାକରଣ କରାଯିବ, ଯାହାଫଳରେ ପ୍ରସ୍ତାବିତ ଷ୍ଟଲ୍ ତା୨୩।୦୬।୨୦୨୨ରିଖ ଓ ତା'ପରଠାରୁ କାର୍ଯ୍ୟକ୍ଷମ ହୋଇପାରିବ । ଅଧିକ ସଂଖ୍ୟକ ଦରଖାସ୍ତ ପ୍ରାପ୍ତ ହେଲେ ଉନ୍ମୁକ୍ତ ଲଟେରି/ସର୍ବସାଧାରଣ ଉଠାଣ କରାଯିବ । ବିବରଣୀ ନିମ୍ନ ଅନୁଯାୟୀ ଅଟେ: **କ୍ର.ସଂ.; ଷ୍ଟେଶନ; ଉତ୍ପାଦ; ନିର୍ବାହୀ କର୍ତ୍ତୃପକ୍ଷ ଏବଂ ଯୋଗାଯୋଗ ପାଇଁ ଉଦ୍ଦିଷ୍ଟ ବ୍ୟକ୍ତି ଏବଂ ଫୋନ୍ ନଂ.** ନିମ୍ନ ଅନୁଯାୟୀ ହେବ:- **(୧) ଜଳେଶ୍ୱର;** କତା ଉତ୍ପାଦ ଓ ବେତ ଉତ୍ପାଦ; ଷ୍ଟେଶନ ମ୍ୟାନେଜର/ଜଳେଶ୍ୱର, ଫୋନ୍ ନଂ. ୯୪୩୭୬୮୪୭୨୯। **(୨) ଶାଲିମାର;** ଝୋଟ ଉତ୍ପାଦ, କାଠ ଫର୍ନିଚର ଏବଂ ହସ୍ତଶିଳ୍ପ ଅଳଙ୍କାର ଏବଂ ହ୍ୟାଣ୍ଡଲୁମ ଶାଢ଼ି; ଷ୍ଟେଶନ ମ୍ୟାନେଜର/ଶାଲିମାର, ଫୋନ୍ ନଂ. ୯୦୦୨୦୮୬୩୧୯ । **(୩) ବାଗ୍‌ନାନ;** ହସ୍ତଶିଳ୍ପ କ୍ରୀଡ଼ା ସାମଗ୍ରୀ; ଷ୍ଟେଶନ ମ୍ୟାନେଜର/ବାଗ୍‌ନାନ, ଫୋନ୍ ନଂ. ୯୦୦୨୦୮୬୩୪୧। **(୪) ମେଛେଡ଼ା;** ପଟ୍ଟଚିତ୍ର; ଷ୍ଟେଶନ ମ୍ୟାନେଜର/ମେଛେଡ଼ା, ଫୋନ୍ ନଂ. ୯୦୦୨୦୮୬୨୩୬ । **(୫) ଦିଘା;** ଝୋଟ ଉତ୍ପାଦ; ଷ୍ଟେଶନ ମ୍ୟାନେଜର/ଦିଘା, ଫୋନ୍ ନଂ. ୮୦୧୬୪୮୧୯୬୩ । **(୬) ଆନ୍ଦୁଲ;** ପଟ୍ଟଚିତ୍ର; ଷ୍ଟେଶନ ମ୍ୟାନେଜର/ଆନ୍ଦୁଲ, ଫୋନ୍ ନଂ. ୯୦୦୨୦୮୬୩୨୪ । **(୭) ବାଉରିଆ;** ବେକେରୀ ଉତ୍ପାଦ; ଷ୍ଟେଶନ ମ୍ୟାନେଜର/ବାଉରିଆ, ଫୋନ୍ ନଂ. ୯୦୦୨୦୮୬୩୩୧ । **ଷ୍ଟଲ୍ ସ୍ଥାପନ ଖର୍ଚ୍ଚ:** ପ୍ରତ୍ୟେକ ପାଇଁ ରେଳପଥ ଦ୍ୱାରା ବହନ କରାଯିବ । **ଦରଖାସ୍ତ ଦାଖଲର ଶେଷ ତାରିଖ:** ପ୍ରତ୍ୟେକ ପାଇଁ ତା୨୨।୦୬।୨୦୨୨ରିଖ ୧୭.୦୦ ଘଟିକା । **ଦରଖାସ୍ତ ଖୋଲାଯିବାର ତାରିଖ:** ପ୍ରତ୍ୟେକ ପାଇଁ ତା୨୨।୦୬।୨୦୨୨ରିଖ ୧୭.୩୦ ଘଟିକା । **ମନ୍ତବ୍ୟ:** ଯଦି କୌଣସି ଆବେଦନକାରୀ ଅନ୍ୟ କୌଣସି ଷ୍ଟେଶନରେ ଅଂଶଗ୍ରହଣ କରିବାକୁ ଚାହୁଁଥାନ୍ତି, ତେବେ ସେ ମଧ୍ୟ ନିକଟତମ ଷ୍ଟେଶନ ମ୍ୟାନେଜର ଏବଂ ସିନିୟର ଡିସିଏମ୍ କାର୍ଯ୍ୟାଳୟ/ଖଡ଼ଗପୁର, ଫୋନ୍ ନଂ. ୯୮୦୦୩୮୮୯୪୬, ୯୦୦୨୦୮୧୯୪୫ଙ୍କ ସହିତ ଯୋଗାଯୋଗ କରିପାରନ୍ତି ।

PR-242 ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

# ଓଡ଼ିଶା ସରକାର
## କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

File No.309/22 **ଅଧିସୂଚନା** Dated 11.05.22

**No.X-14:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାର ଜୟପୁର-ମାଲକାନଗିରି-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ **ମୌଜା-ଭେଜାପାବିଲି,** ଥାନା-ବୈପାରିଗୁଡା ନଂ.୯୯, ତହସିଲ-ବେପାରିଗୁଡା, ଜିଲ୍ଲା-କୋରାପୁଟରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୩୪.୭୯୮ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act,2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ଜୟପୁର-ମାଲକାନଗିରି-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ କୋରାପୁଟ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜୟପୁର-ମାଲକାନଗିରି-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ସଂଲଗ୍ନ କରାଗଲା ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ଜୟପୁର ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମାଞ୍ଚଳ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଏଥିସହିତ ସଂଲଗ୍ନ କରାଗଲା | | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୯.୭୪୮ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଜୟପୁର-ମାଲକାନଗିରି-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/-ଜିଲ୍ଲାପାଳ, କୋରାପୁଟ

**ଭୂମି ଅନୁସୂଚୀ**

**ମୌଜା-ଭେଜାପାବିଲି, ଥାନା-ବୈପାରିଗୁଡା ନଂ.-୯୯,ତହସିଲ-ବୈପାରିଗୁଡା, ଜିଲ୍ଲା-କୋରାପୁଟ**

**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୪ | ରୟତି | ୯୮ | ୦.୧୧୬ | ୦.୧୦୭ | ଧାନ ଅଣଜଳସେଚିତ ଦୁଇ | ଉର୍ଦ୍ଧବ ମାଝୀ, ହରି ମାଝୀ, ରଘୁ ମାଝୀ,ଗୁରୁ ମାଝୀ, ପି-ସଦା ମାଝୀ, ପ୍ରତିମା ମାଝୀ,ସ୍ୱା-ସଦା ମାଝୀ, ଧବୁଲୁ ମାଝୀ,ପି-ଡମ୍ବରୁ ମାଝୀ, ଜା-ଭୁମିଆଁ, ବା-ନିଜଗାଁ |
| ୧୧ | ରୟତି | ୮ | ୧.୧୬୧ | ୦.୬୨୩ | ଡଙ୍ଗର | ଜିତୁରୁ ମାଝୀ,ପି-ସ୍ମୃତି ମାଝୀ,ଜା-ଭୁମିଆଁ,ବା-ନିଜଗାଁ |
| ୧୫ | ରୟତି | ୯୭ | ୦.୪୩୨ | ୦.୪୦୫ | ଧାନ ଅଣଜଳସେଚିତ ଦୁଇ | ଦଶୁ ମାଝୀ,କମଳା ମାଝୀ,ମଧୁ ମାଝୀ, ଜା-ଭୁମିଆଁ,ବା-ନିଜଗାଁ |
| ୧୫ | ରୟତି | ୨୫୨ | ୦.୭୧୭ | ୦.୪୧୫ | ଧାନ ଅଣଜଳସେଚିତ ଦୁଇ | ଦଶୁ ମାଝୀ,କମଳା ମାଝୀ,ମଧୁ ମାଝୀ, ଜା-ଭୁମିଆଁ,ବା-ନିଜଗାଁ |
| ୧୫ | ରୟତି | ୨୬୧ | ୦.୦୬୨ | ୦.୦୦୯ | ଧାନ ଅଣଜଳସେଚିତ ଦୁଇ | ଦଶୁ ମାଝୀ,କମଳା ମାଝୀ,ମଧୁ ମାଝୀ, ଜା-ଭୁମିଆଁ,ବା-ନିଜଗାଁ |
| ୨୨ | ରୟତି | ୧୧୪ | ୧.୭୯୯ | ୦.୮୭୩ | ଧାନ ଅଣଜଳସେଚିତ ଏକ | ପୁରୁଷୋତ୍ତମ ମାଝୀ, ପି-ଲଳିତା ମାଝୀ, ଜା-ଭୁମିଆଁ,ବା-ନିଜଗାଁ |
| ୨୨ | ରୟତି | ୧୧୫ | ୨.୧୯୯ | ୦.୯୪୩ | ଧାନ ଅଣଜଳସେଚିତ ଦୁଇ | |
| ୨୫ | ରୟତି | ୨୬୬ | ୩.୯୫୪ | ୦.୩୧୨ | ଧାନ ଅଣଜଳସେଚିତ ଏକ | ବିଶ୍ୱନାଥ ମାଝୀ, ପି-ସନା ମାଝୀ, ଜା-ଭୁମିଆଁ,ବା-ଜାଗରାଗୁଡା |
| ୨୬ | ରୟତି | ୧୯ | ୧.୨୬୦ | ୦.୬୧୮ | ଡଙ୍ଗର-୧ | ବୁଦୁରା ମାଝୀ, ଗୁରୁ ମାଝୀ,ପି-ଘନ ମାଝୀ, କୃଷ୍ଣ ମାଝୀ, ପି-ଦେଉସନ ମାଝୀ, ସୁନ୍ଦରି ମାଝୀ,ପି-ଦେଉସନ ମାଝୀ, ଲାବଣ୍ୟ ମାଝୀ, ସ୍ୱା-ଦେଉସନ ମାଝୀ,ଦେବା ମାଝୀ, ରାଇମତି ମାଝୀ, ଉଲ୍ଲାସ ମାଝୀ,ପ୍ରତିମା ମାଝୀ, ପି-ଭଗତ ମାଝୀ, ଅସମତ ମାଝୀ ସ୍ୱା-ଭଗତ ମାଝୀ, ଜା-ଭୁମିଆଁ, ବା-ନିଜଗାଁ |
| ୨୬ | ରୟତି | ୩୦ | ୫.୦୭୩ | ୦.୨୬୧ | ଧାନ ଅଣଜଳସେଚିତ ଦୁଇ | |
| ୨୭ | ରୟତି | ୯୫ | ୨.୧୮୭ | ୧.୩୧୪ | ଧାନ ଅଣଜଳସେଚିତ ଦୁଇ | ଭଗବାନ ମାଝୀ, ପି-ଲବ ମାଝୀ, ଜା-ଭୁମିଆଁ,ବା-ବାଗେରାଗୁଡା |
| ୨୮ | ରୟତି | ୪୬ | ୦.୨୮୪ | ୦.୨୭୫ | ଡଙ୍ଗର-୧ | ମଦନ ମାଝୀ,ପି-ବଳରାମ ମାଝୀ,ଜା-ଭୁମିଆଁ,ବା-ନିଜଗାଁ |
| ୨୮ | ରୟତି | ୪୭ | ୦.୨୪୭ | ୦.୦୩୪ | ଡଙ୍ଗର-୧ | ମଦନ ମାଝୀ,ପି-ବଳରାମ ମାଝୀ,ଜା-ଭୁମିଆଁ,ବା-ନିଜଗାଁ |
| ୨୮ | ରୟତି | ୪୮ | ୦.୧୫୩ | ୦.୦୦୧ | ଡଙ୍ଗର-୧ | ମଦନ ମାଝୀ,ପି-ବଳରାମ ମାଝୀ,ଜା-ଭୁମିଆଁ,ବା-ନିଜଗାଁ |
| ୨୯ | ରୟତି | ୪୫ | ୩.୮୫୫ | ୨.୨୩୯ | ଧାନ ଅଣଜଳସେଚିତ ଦୁଇ | ମନ ବଳି ପୁଟିଆ, ଡମ୍ବ ବଳି ପୁଟିଆ, ପଦ୍ମ ବଳି ପୁଟିଆ, ପି-ଜିନୁ ବଳି ପୁଟିଆ, ଜା-ଭୁମିଆଁ,ବା-ନିଜଗାଁ |
| ୩୦ | ରୟତି | ୨୬୮ | ୪.୨୦୧ | ୦.୦୧୪ | ଡଙ୍ଗର-୧ | ମୁକୁନ୍ଦ ମାଝୀ, ପି-ଦନ ମାଝୀ, ଜା-ଭୁମିଆଁ, ବା-ବାଗରାଗୁଡା |
| ୩୧ | ରୟତି | ୧୦୬ | ୦.୧୮୫ | ୦.୧୭୯ | ଧାନ ଅଣଜଳସେଚିତ ଦୁଇ | ରାମ ଚନ୍ଦ୍ର ଘର୍ସଲିଆ, ମଙ୍ଗୁଳି ଘର୍ସଲିଆ, ପି-ମହାଦେବ ଘର୍ସଲିଆ, ଦ୍ରୌପଦୀ ଘର୍ସଲିଆ, ସ୍ୱା-ମହାଦେବ ଘର୍ସଲିଆ, ସଦା ଘର୍ସଲିଆ, ପି-ସୁନାଧର ଘର୍ସଲିଆ, ଜା-ଭୁମିଆଁ, ବା-ନିଜଗାଁ |
| ୩୨ | ରୟତି | ୧୦ | ୧.୬୬୮ | ୦.୫୩୩ | ଡଙ୍ଗର-୧ | ରୁପଧର ମାଝୀ, ପି-ଡମ୍ବୁ ମାଝୀ, ଜା-ଭୁୟାଁ,ବା-ନିଜଗାଁ |
| ୩୨ | ରୟତି | ୧୧ | ୧.୯୫୨ | ୦.୯୦୨ | ଡଙ୍ଗର-୧ | |
| ୩୨ | ରୟତି | ୯୪ | ୧.୮୦୪ | ୧.୫୧୩ | ଧାନ ଅଣଜଳସେଚିତ ଦୁଇ | ରୁପଧର ମାଝୀ, ପି-ଡମ୍ବୁ ମାଝୀ, ଜା-ଭୁୟାଁ,ବା-ନିଜଗାଁ |
| ୩୩ | ରୟତି | ୩୨ | ୦.୯୮୮ | ୦.୪୮୭ | ଡଙ୍ଗର-୧ | ଲକ୍ଷ୍ମଣ ମାଝୀ, ଲଳିତ ମାଝୀ, ପି-ଚୈତନ୍ୟ ମାଝୀ, ଜା-ଭୁମିଆଁ, ବା-ନିଜଗାଁ |
| ୩୩ | ରୟତି | ୩୩ | ୦.୨୯୨ | ୦.୦୫୬ | ଧାନ ଅଣଜଳସେଚିତ ଏକ | |
| ୩୩ | ରୟତି | ୩୪ | ୩.୮୬୭ | ୨.୭୫୮ | ଧାନ ଅଣଜଳସେଚିତ ଏକ | |
| ୩୩ | ରୟତି | ୪୪ | ୧.୧୮୧ | ୦.୩୧୫ | ଡଙ୍ଗର-୧ | |
| ୩୩ | ରୟତି | ୪୯ | ୫.୦୬୬୬ | ୩.୯୨୮ | ଡଙ୍ଗର-୧ | |
| ୩୩ | ରୟତି | ୭୨ | ୪.୯୬୭ | ୦.୭୭୮ | ଧାନ ଅଣଜଳସେଚିତ ଏକ | |
| ୩୩ | ରୟତି | ୯୨ | ୧.୪୭୦ | ୧.୩୪୪ | | |
| ୩୩ | ରୟତି | ୧୦୧ | ୦.୩୪୧ | ୦.୧୭୨ | | |
| ୩୩ | ରୟତି | ୧୦୨ | ୦.୨୧୭ | ୦.୨୧୩ | ଧାନ ଅଣଜଳସେଚିତ ଏକ | ଲକ୍ଷ୍ମଣ ମାଝୀ, ଲଳିତ ମାଝୀ, ପି-ଚୈତନ୍ୟ ମାଝୀ, ଜା-ଭୁମିଆଁ, ବା-ନିଜଗାଁ |
| ୩୩ | ରୟତି | ୧୦୩ | ୦.୫୮୮ | ୦.୫୮୮ | ଧାନ ଅଣଜଳସେଚିତ ଦୁଇ | ଲକ୍ଷ୍ମଣ ମାଝୀ, ଲଳିତ ମାଝୀ, ପି-ଚୈତନ୍ୟ ମାଝୀ, ଜା-ଭୁମିଆଁ, ବା-ନିଜଗାଁ |
| ୩୩ | ରୟତି | ୧୧୮ | ୦.୯୧୪ | ୦.୦୮୩ | ବଗାୟତ-୨ | ଲକ୍ଷ୍ମଣ ମାଝୀ, ଲଳିତ ମାଝୀ, ପି-ଚୈତନ୍ୟ ମାଝୀ, ଜା-ଭୁମିଆଁ, ବା-ନିଜଗାଁ |
| ୩୩ | ରୟତି | ୧୧୯ | ୦.୬୩୦ | ୦.୦୭୩ | ଡଙ୍ଗର-୧ | ଲକ୍ଷ୍ମଣ ମାଝୀ, ଲଳିତ ମାଝୀ, ପି-ଚୈତନ୍ୟ ମାଝୀ, ଜା-ଭୁମିଆଁ, ବା-ନିଜଗାଁ |
| ୩୪ | ରୟତି | ୯୧ | ୧.୭୦୫ | ୦.୦୧୯ | ଧାନ ଅଣଜଳସେଚିତ ଦୁଇ | ଲକ୍ଷ୍ମୀମିନାର ବାଲିଆ, ପି-ଗଣ ମିନାର ବାଲିଆ, ଜା-ଭୁମିଆଁ, ବା-ନିଜଗାଁ |
| ୩୫ | ରୟତି | ୨୪୮ | ୦.୮୯୭ | ୦.୧୬୨ | ଡଙ୍ଗର-୧ | ସନ୍ୟାସୀ ପୋଡାମାଝୀ, ବିଶ୍ୱନାଥ ପୋଡାମାଝୀ, ପଦ ପୋଡାମାଝୀ, ଲବ ପୋଡାମାଝୀ,ପି-ସନା ପୋଡାମାଝୀ,ମନୁ ପୋଡାମାଝୀ, କାନ୍ତ ପୋଡାମାଝୀ, ଗୋପୀ ପୋଡାମାଝୀ, ଦ୍ରୌପଦୀ ପୋଡାମାଝୀ, ପି-ଦଶରଥ ପୋଡାମାଝୀ, ଜା-ଭୁୟାଁ,ବା-ବାଗେରାଗୁଡା |
| ୩୫ | ରୟତି | ୨୫୪ | ୨.୩୭୨ | ୧.୬୮୩ | ଡଙ୍ଗର-୧ | |
| ୪୦ | ରୟତି | ୨୬୨ | ୦.୫୬୩ | ୦.୫୩୫ | ଡଙ୍ଗର-୨ | ହରି ଡମ୍ବ,ପି-ରଘୁ ଡମ୍ବ,ଜା-ଡମ୍ବ,ବା-ବଗରାଗୁଡା |
| ୪୮/୩୦ | ରୟତି | ୧୧୨ | ୧.୨୧୧ | ୦.୧୪୯ | ଧାନ ଅଣଜଳସେଚିତ ଦୁଇ | ଶ୍ୟାମ ସୁନ୍ଦର ମାଝୀ,ପି-ଲଳିତ ମାଝୀ, ଜା-ଭୁମିଆଁ,ବା-ଭେଜାପାବଲୀ |
| ୪୮/୩୦ | ରୟତି | ୧୧୩ | ୦.୦୩୭ | ୦.୦୩୭ | ଡଙ୍ଗର-୧ | ଶ୍ୟାମ ସୁନ୍ଦର ମାଝୀ,ପି-ଲଳିତ ମାଝୀ, ଜା-ଭୁମିଆଁ,ବା-ଭେଜାପାବଲୀ |
| | | ମୋଟ | | ୨୫.୦୫୦ | | |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | |
| ୧୫ | | ୨୫୨ | ୦.୭୧୭ | ୦.୩୦୨ | ଧାନ ଅଣଜଳସେଚିତ ଦୁଇ | ଦଶୁ ମାଝୀ,ପି-ଲଳିତ ମାଝୀ,ଜା-ଭୁମିଆଁ,ବା-ନିଜଗାଁ |
| ୧୫ | | ୨୬୧ | ୦.୦୬୨ | ୦.୦୫୩ | | |
| ୩୦ | | ୨୬୮ | ୪.୨୦୧ | ୪.୧୮୭ | ଡଙ୍ଗର-୧ | ମୁକୁନ୍ଦ ମାଝୀ,ପି-ଦନ ମାଝୀ,ଜା-ଭୁୟାଁ,ବା-ବାଗରାଗୁଡା |
| ୩୫ | | ୨୪୮ | ୦.୮୯୭ | ୦.୭୩୪ | ଡଙ୍ଗର-୧ | ସନ୍ୟାସୀ ପୋଡାମାଝୀ, ବିଶ୍ୱନାଥ ପୋଡାମାଝୀ, ପଦ ପୋଡାମାଝୀ,ଲବ ପୋଡାମାଝୀ,ପି-ସନା ପୋଡାମାଝୀ,ମନୁ ପୋଡାମାଝୀ, କାନ୍ତ ପୋଡାମାଝୀ, ଗୋପୀ ପୋଡାମାଝୀ, ଦ୍ରୌପଦୀ ପୋଡାମାଝୀ, ପି-ଦଶରଥ ପୋଡାମାଝୀ, ଜା-ଭୁୟାଁ,ବା-ବାଗେରାଗୁଡା |
| ୩୫ | | ୨୪୯ | ୪.୨୭୦ | ୪.୨୭୦ | ଡଙ୍ଗର-୧ | ସନ୍ୟାସୀ ପୋଡାମାଝୀ, ବିଶ୍ୱନାଥ ପୋଡାମାଝୀ, ପଦ ପୋଡାମାଝୀ,ଲବ ପୋଡାମାଝୀ,ପି-ସନା ପୋଡାମାଝୀ,ମନୁ ପୋଡାମାଝୀ, କାନ୍ତ ପୋଡାମାଝୀ, ଗୋପୀ ପୋଡାମାଝୀ, ଦ୍ରୌପଦୀ ପୋଡାମାଝୀ, ପି-ଦଶରଥ ପୋଡାମାଝୀ, ଜା-ଭୁୟାଁ,ବା-ବାଗେରାଗୁଡା |
| ୪୦ | | ୨୬୦ | ୧.୮୪୧ | ୦.୨୦୨ | ଡଙ୍ଗର-୨ | ହରି ଡମ୍ବ, ପି-ରଘୁ ଡମ୍ବ,ଜା-ଡମ୍ବ, ବା-ବାଗରାଗୁଡା |
| | | ମୋଟ | | ୯.୭୪୮ | | |
| ଅଧିଗ୍ରହଣ ନିମନ୍ତେ ମୋଟ ବ୍ୟକ୍ତିଗତ ଜମି | | | | | | |
| ରେଳପଥ ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ଜମି | | | | | | ୨୫.୦୫୦ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | ୯.୭୪୮ |
| | | ମୋଟ | | | | ୩୪.୭୯୮ |

ସ୍ୱା./- ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ
ଜୟପୁର-ନବରଙ୍ଗପୁର/ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ,ଜୟପୁର, ଜିଲ୍ଲା-କୋରାପୁଟ
OIPR-24057/14/0009/2223

## ସଂକ୍ଷେପରେ

### କୀଟନାଶକ ପିଇ ଛାତ୍ର ଗୁରୁତର



ପଟ୍ଟାମୁଣ୍ଡାଇ,୨୧।୬(ସ୍ୱ.ପ୍ର.)
କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଓଉପଦା ପଞ୍ଚାୟତ ସୁବର୍ଣ୍ଣପୁର ଗାଁର ରୋହିତ ନାୟକ ନାମକ ଜଣେ କଲେଜ ଛାତ୍ର କୌଣସି କାରଣରୁ ମଙ୍ଗଳବାର କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରାଇବା ପରେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିଲେ। ମାତ୍ର ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଚିକିତ୍ସା କରିବା ପରିବର୍ତ୍ତେ ବରାଣ୍ଡାରେ ପକାଇ ସାଲାଇନ୍ ଲଗାଇ କଟକ ବଡ଼ ଡାକ୍ତରଖାନାକୁ ରେଫର କରି ଦେଇଥିବା ରୋଗୀଙ୍କ ବାପା ବିଜୟ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ହେଲେ ରୋଗୀ ସେବାରେ ଅବହେଳା କରାଯାଉଛି। ଖାଲି ପଡ଼ିଥିବା ଡାକ୍ତରୀ ପଦବୀ ଏହାର ଅନ୍ୟତମ କାରଣ। ଏ ଦିଗରେ ଦୃଷ୍ଟି ଦିଆଗଲେ ରୋଗୀମାନେ ଅସୁବିଧା କି ଶୋଷଣର ଶିକାର ହୁଅନ୍ତେ ନାହିଁ ବୋଲି ସାମାଜିକ କର୍ମୀ ରଣଧୀର ଜେନା କହିଛନ୍ତି। ଏ ସମ୍ପର୍କରେ ଏଡିଏମ୍‌ଓ ସଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ସରକାରଙ୍କ ଅନୁମୋଦିତ ୬୦ଟି ଡାକ୍ତର ପଦବୀ ଥିବାବେଳେ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୮ ଜଣ ଡାକ୍ତର ଅଛନ୍ତି। ସେଥିରୁ ୧୪ ଜଣ ଡାକ୍ତର ରୋଗୀଙ୍କୁ ଦେଖୁଥିବାବେଳେ ସିଡିଏମ୍‌ଓଙ୍କ ସହିତ ୪ ଜଣ ବିଭିନ୍ନ ପଦ ପଦବୀରେ ଅଧିଷ୍ଠିତ ଅଛନ୍ତି। ଯେଉଁମାନେ ରୋଗୀ ଦେଖନ୍ତି ନାହିଁ। ଆଗକୁ ପିଜି ଡାକ୍ତର ଭର୍ତ୍ତି ହେଲେ ସମସ୍ୟା ରହିବ ନାହିଁ ବୋଲି ସେ କହିଛନ୍ତି।

### ସମବାୟ ନିର୍ବାଚନ: ରମାକାନ୍ତଙ୍କୁ ହରାଇଲେ ବିନାୟକ

ରାଜନଗର, ୨୧।୬(ଡି.ଏନ.ଏ.): ରାଜନଗର ବ୍ଲକର ୭ଟି ସେବା ସମବାୟ ସମିତିରେ ନିର୍ବାଚନ ଶେଷ ହୋଇଥିବା ବେଳେ ଅନ୍ୟ ୭ଟି ସେବା ସମବାୟ ସମିତିରେ ଆସନ୍ତା ୨୬ ତାରିଖ ନିର୍ବାଚନ ହେବ। ଶେଷ ହୋଇଥିବା ୭ଟି ସେବା ସମବାୟ ସମିତି ମଧ୍ୟରୁ ଚାନ୍ଦିବାଉଁଶମୂଳ ସେବା ସମବାୟ ସମିତିରେ ୩ ନଂ ଜୋନରେ ଗତ ଦୁଇ ଥରର ସେବା ସମବାୟ ସମିତିର ସଭାପତି ରମାକାନ୍ତ ଜେନାଙ୍କ ସହ ବିନାୟକ ରାଉତରାୟଙ୍କ ମୁକାବିଲା ହେଉଥିଲା। ବିନାୟକ ୪୦ଖଣ୍ଡ ଭୋଟ ପାଇଥିବା ବେଳେ ରମାକାନ୍ତ ୧୪ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଥିଲେ। ଏହି ସେବା ସମବାୟ ସମିତିର ୧୫ଟି ଜୋନ ମଧ୍ୟରୁ ବିଜେଡି ସମର୍ଥିତ ଚାଷୀମାନେ ୧୦ଟି ଜୋନ ହାତେଇଥିବା ବେଳେ କଂଗ୍ରେସ ଓ ସ୍ୱାଧୀନ ସମର୍ଥିତ ୫ଟି ଜୋନ ହାତେଇବାରେ ସକ୍ଷମ ହୋଇଛନ୍ତି। ସେହିପରି କୋଇଲିପୁର ସେବା ସମବାୟ ସମିତିରେ ୧୫ଟି ଜୋନ ମଧ୍ୟରୁ ବିଜେଡି ସମର୍ଥକମାନେ ୧୦ଟି ଜୋନ ହାତେଇଥିବା ବେଳେ କଂଗ୍ରେସ ଓ ଭାଜପା ସମର୍ଥିତ ମିଳିତ ଭାବେ ୫ଟି ଜୋନ ହାତେଇ ପାରିଛନ୍ତି।

# ନଈ, ପୋଖରୀକୁ ଗିଳୁଛି ବର୍ଦ୍ଧିତ ସହର

- ପୋତି ହୋଇଛି ୨୦ରୁ ଊର୍ଦ୍ଧ୍ୱ ପୁରାଣ ପ୍ରସିଦ୍ଧ ପୋଖରୀ
- ବିଦ୍ୟୁତ ଖୁଣ୍ଟ କରୁଛି ରାସ୍ତା ସଂକୋଚନ
- ବ୍ୟକ୍ତିଗତ ମାଲିକାନାକୁ ଚାଲିଗଲାଣି ଗୋବରୀ ନଦୀ



କେନ୍ଦ୍ରାପଡ଼ା ସହର ନିକଟ ଗୋବରୀ ନଦୀକୁ ଜବରଦଖଲ କରି ଗୃହ ନିର୍ମାଣ ଚାଲିଛି।

କେନ୍ଦ୍ରାପଡ଼ା ଅଫିସ, ୨୧।୬

ଓଡ଼ିଶାର ପ୍ରଥମ ମ୍ୟୁନିସିପାଲିଟି ଭାବେ ୧୮୬୯ ମାର୍ଚ୍ଚ ୧୦ରେ କେନ୍ଦ୍ରାପଡ଼ାକୁ ଘୋଷଣା କରାଯାଇଥିଲା। ଇତିମଧ୍ୟରେ ଏହି ମ୍ୟୁନିସିପାଲିଟି ଘୋଷଣାକୁ ୧୫୩ ବର୍ଷ ପୂରିଛି। କ୍ରମବର୍ଦ୍ଧିଷ୍ଣୁ ସହର ଏବେ ନଈ, ନାଳ, ପୋଖରୀକୁ ଗିଳି ଦେଇଛି। ଜବରଦଖଲ ଏକ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ଠିକ ଧରଣର ଚାଲୁନାହିଁ। ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପୁରାଣ ପ୍ରସିଦ୍ଧ ପୋଖରୀ ଓ ନାଳ ଆଳିଆ ଆବର୍ଜନାରେ ଭରି ରହିବା ହେତୁ ବର୍ଷ ସାରା ମଶାଙ୍କ ବାସସ୍ଥଳୀ ପାଲଟିଛି। ଏହି ପୁରାତନ ସହରର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ସହରବାସୀ ଦାବି କରିଛନ୍ତି।

ଏ ସମ୍ପର୍କରେ ଅମରବର ବିଶ୍ୱାଳ କହିଛନ୍ତି, ମାତ୍ର ୧୪ଟି ପଡା ଗ୍ରାମକୁ ନେଇ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଗଠନ ହୋଇଥିଲା। ତତ୍‌କାଳୀନ ସମୟରେ ଜଳପଥକୁ ବ୍ୟବହାର କରାଯାଉଥିଲା। ଏପରି କି ନଅଙ୍କ ଦୁର୍ଭିକ୍ଷ ସମୟରେ କେନ୍ଦ୍ରାପଡ଼ା କେନାଲ, ଗୋବରୀ ନଦୀ ଆଦିରେ ନୌପରିବହନ ହେଉଥିଲା। ଇତିମଧ୍ୟରେ ସହରର ୨୧ ୱାର୍ଡରେ ମାତ୍ର ଗୋଟିଏ ଦୁଇଟି ପୋଖରୀ ଦେଖାଯାଉଛି। ପ୍ରାୟ ୨୦ଟି ପୁରାଣ ପ୍ରସିଦ୍ଧ ପୋଖରୀ ଓ ନିକଟସ୍ଥ ଗୋବରୀ ନଦୀ ଓ କେନାଲ ଏବେ ଜବରଦଖଲକାରୀଙ୍କ କବଳକୁ ଚାଲିଯାଇଛି। ନାଳ ଓ ପୋଖରୀଗୁଡିକ ଆବର୍ଜନାରେ ଭର୍ତ୍ତି ହୋଇଛି। ଫଳରେ ମଶା ମାଛିଙ୍କ ଉପଦ୍ରବ ସହ ପରିବେଶ ଦୂଷିତ କରୁଛି। କେନ୍ଦ୍ର ସରକାରଙ୍କ ଜଳଶକ୍ତି ଅଭିଯାନରେ ଏହି ପୋଖରୀ ଓ ନାଳର ପୁର୍ନଉଦ୍ଧାର ହୋଇପାରନ୍ତା। ତେବେ ସ୍ଥାନୀୟ ନେତୃତ୍ୱଙ୍କ ମନଭାବ ଅଭାବ ସହିତ ପ୍ରଶାସକଙ୍କର ଏଥିପ୍ରତି ଦୃଷ୍ଟି ପଡୁନାହିଁ। କ୍ଷୀତିଶ କୁମାର ସିଂହ କହିଛନ୍ତି, ଜଳ ନିଷ୍କାସନ ସମସ୍ୟା ପାଇଁ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି। ମହିପାଳ, ବଣିଆମାଳ, ନୂଆ ବସ୍‌ଷ୍ଟାଣ୍ଡ ଆଦି ପୋଖରୀଗୁଡିକ ପୌରପାଳିକା ଅଧୀନରେ ଥିଲେ ମଧ୍ୟ ସଫା ହୋଇପାରୁନାହିଁ। ଏପରି କି ପୌରପାଳିକା କାର୍ଯ୍ୟାଳୟ ପରିସରରେ ଥିବା ପୋଖରୀର ପୁନରୁଦ୍ଧାର ହୋଇନାହିଁ। ସହର ମଧ୍ୟରେ ଟ୍ରାଫିକ ବ୍ୟବସ୍ଥା ଅସମ୍ଭାଳ ହୋଇଛି। ସୁଚିନ୍ତିତ ଯୋଜନା ନ ଥିବାରୁ ରାସ୍ତାଗୁଡିକ ସଂକୁଚିତ ହୋଇରହିଛି। ଉଚ୍ଛେଦକୁ ସ୍ଥାନୀୟ ଲୋକ ମାନୁ ନ ଥିବାରୁ ଜବରଦଖଲ ସମସ୍ୟା ବଢ଼ିଛି। ଗୋବରୀ ନଦୀ ପଠା ଓ ଗୋବରୀ କେନାଲର ସରକାରୀ ଜମି ଏବେ ଜବରଦଖଲକାରୀଙ୍କ ମାଲିକାନାରେ ଅଛି। କେଉଁ ପରିସ୍ଥିତିରେ ଏହି ଜବରଦଖଲକାରୀଙ୍କୁ ଜମି ଦଖଲ ପାଇଁ ମଞ୍ଜୁରୀ ମିଳିଛି ବୋଲି ପ୍ରଶ୍ନ କଲେ ଏହାର ଉତ୍ତର ପ୍ରଶାସକ ଦେଇପାରୁନାହାନ୍ତି। ରାସ୍ତା ସମ୍ପ୍ରସାରଣ ସମୟରେ ବିଦ୍ୟୁତ ଖୁଣ୍ଟ ଉଠାଯାଉ ନ ଥିବାରୁ ଯାତାୟାତ ସମୟରେ ଗାଡି ମୋଟର ଅଟକି ରହୁଛି। ସେହିପରି ସହର ପାଇଁ ଦ୍ୱିତୀୟ ବାଇପାସ ରୋଡ ନିର୍ମାଣ କାର୍ଯ୍ୟ ବହୁଦିନରୁ ଅଟକି ରହିଛି। ସେକ୍ ସାବିର କହିଛନ୍ତି, ରାଜ୍ୟର ଏହି ସର୍ବପୁରାତନ ସହରର ଉନ୍ନତି ପାଇଁ ସ୍ୱତନ୍ତ୍ର ଯୋଜନା ଆବଶ୍ୟକ। ଏଥିପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଅନୁଦାନ ଯୋଗାଇ ଦେବା କଥା। ଏକା ଦିନରେ କେନ୍ଦ୍ରାପଡ଼ା ସହ ଯାଜପୁର ମ୍ୟୁନିସିପାଲିଟିର ଘୋଷଣା ହୋଇଥିଲା। ଯାଜପୁର ସହରର ଉନ୍ନୟନ କାର୍ଯ୍ୟ ସମ୍ମୁଖରେ କେନ୍ଦ୍ରାପଡ଼ା ପୌରାଞ୍ଚଳ ବହୁ ପଛରେ ପଡିଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପୌରାଧକ୍ଷା ସରିତା ସାହୁଙ୍କୁ ପଚାରିବାରେ ବିଗତ କିଛିବର୍ଷ ମଧ୍ୟରେ ସହରର ରୂପରେଖ ବଦଳିଛି। ଆଲୋକୀକରଣ, ରାସ୍ତାଘାଟର ଉନ୍ନତି ସହ ପାର୍କ ଆଦି ସ୍ଥାପନ ହୋଇଛି। ଏହାବ୍ୟତୀତ ପ୍ରତି ୱାର୍ଡ ମଧ୍ୟରେ ଥିବା ସ୍ଥାନୀୟ ସମସ୍ୟାଗୁଡିକ ବିଧାୟକ, କାଉନସିଲରଙ୍କ ସହ ପୌର ପ୍ରଶାସନ ଅନୁଧ୍ୟାନ କରୁଛି। ଖୁବ୍‌ଶୀଘ୍ର ଏହି ସହରକୁ ରାଜ୍ୟର ଉନ୍ନତ ସହର ମଧ୍ୟରେ ରଖିବାକୁ ପ୍ରକ୍ରିୟା ଜାରି ରହିଛି।

### ୩ ଦଫା ଦାବିରେ ସିପିଆଇ କର୍ମୀଙ୍କ ବିକ୍ଷୋଭ

ଏରସମା,୨୧।୬(ସ୍ୱ.ପ୍ର.)

ଏରସମା ତହସିଲ ସମ୍ମୁଖରେ ସୋମବାର ୩ ଦଫା ଦାବି ନେଇ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏରସମା ଜୋନ ସମ୍ପାଦକ ସର୍ବେଶ୍ୱର ବେଉରା ଓ ବାଲିତୁଠ ଜୋନ ସମ୍ପାଦକ ପୀତାମ୍ବର ଦାସଙ୍କ ନେତୃତ୍ୱରେ ସିପିଆଇ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇ ଏରସମା ବଜାର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ଓଡ଼ିଶା କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ସିପିଆଇ ଜିଲା ସମ୍ପାଦକ ଅଭିଜିତ ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ମୁଦୁଲି, ପ୍ରଫୁଲ୍ଲ ଦାସ ଯୋଗଦେଇଥିଲେ। ୨୦୨୧ରେ ଲଗାଣ ବର୍ଷା ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଧାନ ଫସଲ ପାଇଁ କ୍ଷତିପୂରଣ, ମରଣଯନ୍ତା ପାଲଟିଥିବା ଏରସମା ଆମ୍ବିକି ରାସ୍ତାର ପୁନରୁଦ୍ଧାର ସହ ଏରସମାରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲିବା ଉପରେ ସିପିଆଇ ଜିଲା ସହ ସମ୍ପାଦକ ଅଭିଜିତ ସାହୁ ଦାବି କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ତହସିଲଦାର ରଞ୍ଜନ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ବଂଶୀଧର ବେହେରା, ଦେବାଶିଷ ପରିଜା, ବାସୁଦେବ ଖଣ୍ଡୁଆଳ, ଅମରେନ୍ଦ୍ର ଦାସ, ରବୀନ୍ଦ୍ର ପାଇଟାଳ ପ୍ରମୁଖ ସାମିଲ ହୋଇଥିଲେ।

## ଶିକ୍ଷୟିତ୍ରୀଙ୍କ ବେତ ମାଡ଼ରେ ଛାତ୍ରଙ୍କ ହାତ ଫାଟିଲା

### ଦଣ୍ଡମୁକ୍ତ ଅଞ୍ଚଳରେ ଦଣ୍ଡ



ଆହତ ଛାତ୍ର ରନି ରାମନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

ମହାକାଳପଡ଼ା,୨୧।୬ (ଡି.ଏନ୍.ଏ.)

ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନଙ୍କୁ ଆକୃଷ୍ଟ କରିବାକୁ ଅଞ୍ଚଳକୁ ଦଣ୍ଡ ମୁକ୍ତ ଭାବେ ସରକାର ଘୋଷଣା କରିଛନ୍ତି। ସଭିଏଁ ପଢିବେ ସଭିଏଁ ବଢ଼ିବେ ସର୍ବଶିକ୍ଷା ଅଭିଯାନର ଏକ ନାରା। ଗୁଣାତ୍ମକ ଶିକ୍ଷା ଓ ସୈକ୍ଷିକ ପରିବେଶ, ମାଗଣା ମଧ୍ୟାହ୍ନ ଭୋଜନ, ମାଗଣା ପୋଷାକ, ପାଠ୍ୟ ପୁସ୍ତକ ଆଦି ଯୋଗାଇ ଦେଉଛନ୍ତି। ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ନାଚ, ଗୀତ, ଗପ, ଚିତ୍ର ମାଧ୍ୟମରେ ଶିକ୍ଷାଦାନ କରାଯାଉଛି। ପିଲାମାନଙ୍କୁ ପାଠ ପଢ଼ା ବେଳେ ବେତ ମାଡ଼ରେ ଜଣେ ଛାତ୍ରଙ୍କ ଡାହାଣ ହାତ ଫାଟି ଯାଇଛି। ଏଭଳି ଏକ ସଙ୍ଗୀନ ଅଭିଯୋଗ ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ଉତ୍ତର ଖରିନାସୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ର ରନି ଗାୟନ (୧୦) କରିଛନ୍ତି। ଶିକ୍ଷୟିତ୍ରୀ ପଚାରିଥିବା ପ୍ରଶ୍ନର ଉତ୍ତର ଦେବାରେ ବିଳମ୍ବ ହେବାରୁ ସେ ରାଗି ଯାଇ ରନିଙ୍କୁ ବେତରେ ପ୍ରହାର ପରେ ପ୍ରହାର ପକାଇ ଥିଲେ। ଯେତେ ନେହୁରା ହୋଇ କାନ୍ଦି କହିଲେ ମଧ୍ୟ ତାଙ୍କୁ ଶିକ୍ଷୟିତ୍ରୀ ଛାଡ଼ି ନ ଥିଲେ। ଫଳରେ ହାତ ଫାଟିଲା ବୋଲି ଛାତ୍ର ରନି କହିଛନ୍ତି। ଅପରପକ୍ଷେ ଏହି ଘଟଣା କାହାକୁ କହିବୁ ନାହିଁ ଶିକ୍ଷୟିତ୍ରୀ ଜଣକ ଧମକ ଦେଇଛନ୍ତି। ଘରେ ମା'ବାପା ସୁଦୂର ତାମିଲନାଡୁରେ ଶ୍ରମିକ ଭାବେ କାମ କରୁଛନ୍ତି ବୋଲି ଛାତ୍ର କହିଛନ୍ତି। ଖବରପାଇ ଖରିନାସୀ ପଞ୍ଚାୟତ ନାଏବ ସରପଞ୍ଚ କଲ୍ୟାଣ ରାୟ ମୋତେ ଉଦ୍ଧାର କରି ସ୍ଥାନୀୟ ରାମନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଛାତ୍ରଙ୍କୁ ଜ୍ୱର ହୋଇଥିବା ସ୍ୱାସ୍ଥକେନ୍ଦ୍ରର ଡାକ୍ତରଙ୍କ ସୂତ୍ରରୁ ଜଣାପଡିଛି। ଏ ସମ୍ପର୍କରେ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ପାରି ନ ଥିଲା। ଏ ନେଇ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂଙ୍କୁ ପଚାରିବାରେ ଏଭଳି ଅଭିଯୋଗ ଅଦ୍ୟାବଧି ମୋ ପାଖରେ ପହଞ୍ଚି ନାହିଁ। ଯଦି ଶିକ୍ଷୟିତ୍ରୀ ଜଣକ ଛାତ୍ରଙ୍କୁ ମାଡ ମାରିଥିବେ, ତେବେ ଘଟଣାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

### ଶିକ୍ଷାବିତ୍ ରବୀନ୍ଦ୍ର ଦାଶଙ୍କ ପରଲୋକ

ଆଳି,୨୧।୬(ଡି.ଏନ.ଏ.): ଆଳି ବ୍ଲକ ପଦନୀପାଳ ପଞ୍ଚାୟତ ଅନ୍ତର୍ଗତ କଳମଡ଼ା ଶାସନ ଗାଁର ଶିକ୍ଷାବିତ୍ ରବୀନ୍ଦ୍ର ଦାଶଙ୍କର ମଙ୍ଗଳବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ହୋଇଥିଲା। ସ୍ୱର୍ଗତ ଦାଶ ଆଳି ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟ କରିବା ସହ ଆୟତପୁରସ୍ଥିତ ଲକ୍ଷ୍ମୀବରାହ ମହାବିଦ୍ୟାଳୟର ଅଧ୍ୟକ୍ଷ ହୋଇ ଅବସର ଗ୍ରହଣ କରିଥିଲେ। ଏଥିସହ ପଦନୀପାଳ ପଞ୍ଚାୟତକୁ ବାହ୍ୟ ଜଗତ ସହ ଯୋଡିବା ନିମନ୍ତେ ଏକ ସେତୁ ନିର୍ମାଣ ନିମନ୍ତେ ସେ ମାନବାଧିକାର କମିଶନର ଦ୍ୱାରସ୍ଥ ହୋଇଥିଲେ। ପୋଲ ନିମନ୍ତେ ଦୀର୍ଘଦିନ ହେବ ସେ କରୁଥିବା ସଂଗ୍ରାମ ପରେ ଏବେ ନିର୍ମାଣ କାମ ଚାଲିଛି। ତାଙ୍କ ମରଶରୀର ପଦନିପାଳ ପଞ୍ଚାୟତରେ ପହଞ୍ଚିବା ପରେ ପଦନୀପାଳ, ଦୈତାରୀପୁର ଓ କଳମଡ଼ା ଶାସନ ଗାଁରେ ଏକ ଶୋଭାଯାତ୍ରା କରାଯାଇଥିଲା। ପରେ କଳମଡ଼ା ଶାସନସ୍ଥିତ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ ହୋଇଥିଲା। ବଡପୁଅ ସୁବ୍ରତ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଦାଶଙ୍କ ଶେଷ ଦର୍ଶନ ନିମନ୍ତେ ଶତାଧିକ ଲୋକ ରୁଣ୍ଡ ହେବା ସହ ଅଞ୍ଚଳରେ ଶୋକ ପ୍ରକାଶ ପାଇଥିଲା।



## ଯୋଗ ଦେହ, ମନକୁ ସୁସ୍ଥ ରଖେ



ଶିବାନନ୍ଦ ଆଶ୍ରମରେ ଯୋଗ ଦିବସରେ ଉପସ୍ଥିତ ଅତିଥିମାନେ।

କେନ୍ଦ୍ରାପଡ଼ା ଅଫିସ, ୨୧।୬

ଯୋଗ ବ୍ୟକ୍ତିକୁ ସୁସ୍ଥ ଓ ସୁନ୍ଦର ରଖେ। ମନ ଓ ଶରୀରକୁ ସନ୍ତୁଳିତ କରେ। ଏହାଦ୍ୱାରା ଶରୀର ନିରୋଗ, ସୁସ୍ଥ ଓ ଅଧିକ ଆୟୁପ୍ରଦ ହେବ ବୋଲି ୩ ଦିନିଆ ଯୋଗ ଶିବିରରେ ଯୋଗଦେଇ ସହର ନିକଟ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ଅଧକ୍ଷା ଶ୍ରୀମା ଦିବ୍ୟ ସ୍ୱରୂପ ଚୈତନ୍ୟ ମଙ୍ଗଳବାର କହିଛନ୍ତି। ଆଶ୍ରମ ପରିସରରେ ରବିବାରଠାରୁ ଏହି ଶିବିର ନେହେରୁ ଯୁବକେନ୍ଦ୍ର, କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଓ ଶିବାନନ୍ଦ ଯୋଗ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଆଶ୍ରମ ଅଧକ୍ଷା ଶ୍ରୀମା ଦିବ୍ୟସ୍ୱରପ ଚୈତନ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଯୋଗାସନ ଅଭ୍ୟାସ ଦ୍ୱାରା ମନୁଷ୍ୟ ସର୍ବଦା ରୋଗମୁକ୍ତ ପବିତ୍ର ଜୀବନଯାପନ କରିପାରିବ। ଏହି ଉତ୍ସବରେ ଏଡିଏମ୍ ଦୁର୍ଗାପ୍ରସାଦ ମହାରଣା, ଜିଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଯୋଗଗୁରୁ କୈଳାସ ରାଉତ, ସଞ୍ଜୟ ମଥାନ, ପଦ୍ମାବତୀ ଶତପଥୀ, ଶ୍ରୀଧର ମହାନ୍ତି ପ୍ରମୁଖ ଯୋଗ ସମ୍ପର୍କରେ ସମ୍ୟକ ଧାରଣା ପ୍ରଦାନ କରିଥିଲେ। ଏହାକୁ ଏନ୍‌ଏସ୍‌ଏସ୍ ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି, ଗିରିଜାକାନ୍ତ ଦାସ, ନେହେରୁ ଯୁବ କେନ୍ଦ୍ର ଅଧିକାରୀ ଗୋଲୁ ତିରୁପତି ରେଡୀ, କାର୍ଯ୍ୟକର୍ତ୍ତା ଲକ୍ଷ୍ମୀକାନ୍ତ ଜେନାଙ୍କ ସମେତ ଆଶ୍ରମ ଆନ୍ତେବାସୀ ପରିଚାଳନା କରିଥିଲେ।

## ଗୁଣାତ୍ମକ ଶିକ୍ଷାରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କେନ୍ଦ୍ରାପଡ଼ା ଅଫିସ, ୨୧।୬

କେନ୍ଦ୍ରାପଡ଼ା ସହରର ଏକ କଲ୍ୟାଣ ମଣ୍ଡପ ପରିସରରେ ଗୁଣୁପୁରର ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ଅବିଭାବକ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବିଶ୍ୱବିଦ୍ୟାଳୟର ସଭାପତି ଡ. ସତ୍ୟପ୍ରକାଶ ପଣ୍ଡା ଓ ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗଦେଇ ଗୁଣାତ୍ମକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଅବିଭାବକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସେମାନେ କହିଥିଲେ, ଶିକ୍ଷା ଦେଶ ବିକାଶର ଚାବିକାଠି। ତେବେ ପ୍ରାଥମିକସ୍ତରରୁ ଉଚ୍ଚ ସୋପାନ ପର୍ଯ୍ୟନ୍ତ ନେବାରେ ଅବିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ପଥ ପ୍ରଦର୍ଶନରେ ଶୈକ୍ଷିକ ପରିବେଶ ସୃଷ୍ଟି ହେବା ସହ ଉପଯୁକ୍ତ ଶିକ୍ଷାନୁଷ୍ଠାନ ଚୟନ କରାଯାଏ। ବିଗତଦିନରେ ଗୁଣୁପୁରସ୍ଥ ଜିଆଇଇଟି ବିଶ୍ୱବିଦ୍ୟାଳୟ ଶିକ୍ଷାର୍ଥୀଙ୍କୁ ଗୁଣାତ୍ମକ ମାନର ଶିକ୍ଷା ପ୍ରଦାନ କରି ଆସିଛି। ଶୈକ୍ଷିକ ପରିବେଶ ଅବିଭାବକଙ୍କ ସେମାନେ ଏଠାରେ ସୂଚନା ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ବଳଦେବ ମହାନ୍ତି ବିଶ୍ୱବିଦ୍ୟାଳୟର ଶୃଙ୍ଖଳା ଓ ସୃଜନଶୀଳ ଶିକ୍ଷା ପ୍ରଣାଳୀ ସମ୍ପର୍କରେ ସୂଚନା ଦେଇଥିଲେ। ସୀତାରାମ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅବିଭାବକମାନେ ଶିକ୍ଷାର୍ଥୀଙ୍କ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀକୁ ସଦାନନ୍ଦ ଦାସ ପରିଚାଳନା କରିଥିଲେ।




ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

# ମୌସୁମୀର ଲୁଚକାଳି ଖେଳ: ଗଜା ମରୁଡ଼ି ଆଶଙ୍କା

- ଜୁନ ମାସ ଶେଷ ହେବାକୁ ବସିଲାଣି ବର୍ଷାର ଦେଖାନାହିଁ
- କେନାଲରେ ପାଣି ଛାଡ଼ିବାକୁ ଦାବି

ପଟ୍ଟାମୁଣ୍ଡାଇ, ୨୧।୬(ସ୍ୱ.ପ୍ର.)

ପାଣିପାଗ ବିଭାଗଜୁନ ପ୍ରଥମ ସପ୍ତାହରେ ମୌସୁମୀ ଓଡ଼ିଶା ଛୁଇଁବାର ସମ୍ଭାବନା ଥିବା ଓ ଏହାର ପ୍ରଭାବରେ ଭଲ ବର୍ଷା ହେବାର ଆକଳନ କରିଥିଲା। ଓଡ଼ିଶା ଛୁଇଁବା ପରେ ଦୁର୍ବଳ ହୋଇଗଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଜାରି ରହିଥିଲେ ମଧ୍ୟ ମୌସୁମୀକୁ ଅଧିକ ସକ୍ରିୟ ହୋଇ ନ ଥିବାରୁ କେତେକ ଜିଲାରେ କମ୍ ବର୍ଷା ହୋଇଛି। ଜୁନ ମାସ ଶେଷ ହେବାକୁ ବସିଥିବାବେଳେ ବର୍ଷା ଅଭାବରୁ ବିଲବାଡି ସବୁ ଫାଟି ଆଁ କରିଛି। ଯେଉଁ ସବୁ ଚାଷଜମିରେ ବୁଣା ଧାନ ଓ ତଳି ପକାଯାଇଥିଲା, ତାହା ଗଜା ମରୁଡି ହେବାର ଆଶଙ୍କା ଦେଖା ଦେଇଛି। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛଡା ନ ଯିବାରୁ ଏହା ଉପରେ ନିର୍ଭର କରୁଥିବା ଗୋବରୀ ସମ୍ପ୍ରସାରିତ କେନାଲ ସମେତ ସମସ୍ତ ଶାଖା କେନାଲ, ମାଇନର କେନାଲ ଓ ପାଇନାଳୀଗୁଡିକ ଶୁଖିଲା ପଡିଛି। କାଳ ବୈଶାଖୀ ପ୍ରଭାବରେ କାଁ ଭାଁ ଅସରାଏ ବର୍ଷା ହେଲେ ହେଁ ତାହା ମାଟିକୁ ଓଦା କରୁନାହିଁ। ପାଣିପାଗ ବିଭାଗର ଆକଳନକୁ ଆଖି ଆଗରେ ରଖି ଚାଷୀମାନେ ଯେଉଁ ସବୁ ବିଲରେ ବୁଣା ଧାନ ଓ ତଳି ପକାଇଥିଲେ ସେଗୁଡିକ ନଷ୍ଟ ହେବାକୁ ବସିଲାଣି। ପଟ୍ଟାମୁଣ୍ଡାଇ ଅଞ୍ଚଳର ୮୦ ଭାଗ ଲୋକ ଚାଷ ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି। ଆଗାମୀ ସପ୍ତାହକ ମଧ୍ୟରେ ସ୍ୱାଭାବିକ ଭାବେ ମୌସୁମୀ ବର୍ଷା ନ ହେଲେ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି।

କେନ୍ଦ୍ରାପଡା ଜିଲାର ଭାତହାଣ୍ଡି କୁହାଯାଉଥିବା ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳର ୯୦ ମୌଜାର ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମଧ୍ୟରୁ ଚାଷ ଉପରେ ନିର୍ଭର କରୁଥିବା ୮୦ ଭାଗ ଲୋକ ଚାଷକାର୍ଯ୍ୟ ଆଗେଇ ନେବାକୁ ଚାତକ ପରି ବର୍ଷାକୁ ଅନେଇ ରହିଛନ୍ତି। ଉତିକଣ ଅଞ୍ଚଳରେ ଥିବା ଖଡିଅଣ୍ଟା, ଗଙ୍ଗାରାମପୁର, ଅରଡପଲ୍ଲୀ, ସାନଜରିଆ, ବଡମୋହନପୁର, ବଡପଡା, ଦିହୁଡିପୁର, ଦୋଷିଆ, ବିଲିକଣା, ଚନ୍ଦନନଗର, ଓଉପଦା, ଖଣତା, ସଂସାରଫଳ ଆଦି ପଞ୍ଚାୟତରେ ଚାଷଜମି ସବୁ ପଡିଆ ପଡିଥିବା ଦେଖିବାକୁ ମିଳିଛି। ସେହିପରି ନରସିଂହପୁର, ବଡମୂଳବସନ୍ତ, ଡିହାପଡା ଆଦି ପଞ୍ଚାୟତରେ ମଧ୍ୟ ଚାଷକାର୍ଯ୍ୟ ଆଗେଇ ପାରିନାହିଁ। ପୁନଃଶ୍ଚ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ଥିବା ଡାମରପୁର, ବଳଭଦ୍ରପୁର, ଶ୍ରୀରାମପୁର, ବାଛରା, ବାଲିପାଟଣା, ନୀଳକଣ୍ଠପୁର, ଅଳପୁଆ, ତରଡିପାଳ, ପେଣ୍ଠପାଳ, ଅଣ୍ଡରା, ଅମୃତମଣୋହି, ସିଂହଗାଁ, ବଲୁରିଆ ଆଦି ଧୋୟାଞ୍ଚଳରେ ଥିବା ପଞ୍ଚାୟତଗୁଡିକରେ ମଧ୍ୟ ବର୍ଷା ଅଭାବରୁ ଚାଷକାର୍ଯ୍ୟ ଆଗେଇ ନାହିଁ। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବେଲତଳ, ଦକ୍ଷିଣଦିଆ, ତାତନା, ମାଟିଆ, ଛାଉଣୀ, ବକ୍ତାରପୁର, ପ୍ରହରାଜପୁର, ପୋଖରୀଆପଡା ଆଦି ଗ୍ରାମରେ ମଧ୍ୟ ଚାଷକାର୍ଯ୍ୟ ଆରମ୍ଭ ହୋଇନାହିଁ। ପୌରାଞ୍ଚଳର ଧୋୟାଞ୍ଚଳରେ ଥିବା ଅଳଭା, ନୂଆଗାଁ, କାକୁଡିପଲ୍ଲୀ, ବାଲିପଡା, ତଳବାଲିପଡା, ବଳଦେବନଗର, କଷଣଅଣ୍ଟା, ସିଦ୍ଧପାଟଣା, ବଙ୍ଗାଳିଦିଆ, ନନ୍ଦିନୀନଗର, ଷଣ୍ଢପଲ୍ଲୀ ଆଦି ଗ୍ରାମରେ ମଧ୍ୟ ବର୍ଷା ଅଭାବରୁ ଚାଷୀମାନେ ହାତ ବାନ୍ଧି ବସିଛନ୍ତି। ଅବିଳମ୍ବେ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛଡା ନ ଗଲେ ପରିସ୍ଥିତି ଅଧିକ ସଙ୍ଗୀନ ହୋଇପଡିବ ବୋଲି କୃଷକମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ କେତେକ ସ୍ଥାନରେ ଜଳସେଚନର ଭିତ୍ତିଭୂମି ଥିଲେ ମଧ୍ୟ ବୈଷୟିକ ତ୍ରୁଟି ପାଇଁ କେନାଲରେ ପାଣି ଆସିବା ସମ୍ଭବ ହୁଏନାହିଁ। ୬୦ ଦଶକରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଘଟିଥିବା ମରୁଡି ଓ ପ୍ରାକୃତିକ ବିପର୍ଯ୍ୟୟକୁ ଆଖି ଆଗରେ ରଖି ତତ୍‌କାଳୀନ ଜଳସମ୍ପଦ ମନ୍ତ୍ରୀ ଶୈଳେନ୍ଦ୍ର ନାରାୟଣ ସିଂହଦେଓ କେନାଲ ଖନନ କରିବାର ବ୍ୟବସ୍ଥା କରିଥିଲେ। ପରବର୍ତ୍ତୀ ସମୟରେ ପୂର୍ବତନ ଜଳସମ୍ପଦ ମନ୍ତ୍ରୀ ସ୍ୱର୍ଗତ ପ୍ରହଲ୍ଲାଦ ମଲିକ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଅଧିକାଂଶ କେନାଲ, ପାଟନାଳିଗୁଡିକ ପୋତି ହୋଇଯିବା ଫଳରେ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛଡା ଗଲେ ମଧ୍ୟ ବହୁ ଚାଷଜମିକୁ ପାଣି ମାଡିବା ନେଇ ସନ୍ଦେହ ଦେଖା ଦେଇଛି। ପୋତି ହୋଇପଡିଥିବା କେନାଲ ଓ ପାଟନାଳୀଗୁଡିକ ପୁନରୁଦ୍ଧାର କରାଯାଉନାହିଁ। ତେଣୁ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛଡାଗଲେ ମଧ୍ୟ ଶତାଧିକ ଏକର ଚାଷଜମିରେ ମଧ୍ୟ ଚାଷକାର୍ଯ୍ୟ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି। ଅପରନ୍ତୁ ମୌସୁମୀ ବର୍ଷାକୁ ଚାଷୀମାନେ ଚାହିଁ ରହିଥିବାବେଳେ ବର୍ଷା ନ ହେଲେ ଚଳିତବର୍ଷ ଚାଷକାର୍ଯ୍ୟ ଆଗେଇବା ନେଇ ସନ୍ଦେହ ପ୍ରକାଶ ପାଇଛି।



କେନାଲ ଶୁଖିଲା ପଡିଥିବା ବେଳେ ଚାଷ ଜମି ପଡିଆ ପଡିଛି।

# କଂଗ୍ରେସ ପକ୍ଷରୁ ବିକ୍ଷୋଭ, ପ୍ରତିବାଦ ସଭା

**ପାଟକୁରା, ୨୧।୬ (ଡି.ଏନ.ଏ.)**

ନ୍ୟାଶନ୍ୟାଲ ହେରାଲ୍ଡ ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜେରା କରିବା ପ୍ରତିବାଦରେ ମଙ୍ଗଳବାର ପାଟକୁରା କଂଗ୍ରେସ ପକ୍ଷରୁ ଗରଦପୁର ଉପଡାକଘର ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ କରାଯାଇଛି। ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱରେ ନିର୍ବାଚନ ମଣ୍ଡଳୀସ୍ତରୀୟ ଦଳୀୟ କାର୍ଯ୍ୟାଳୟ ବନ୍ଧସାହିଠାରୁ କର୍ମୀମାନେ ବାଇକ୍ ଶୋଭାଯାତ୍ରାରେ ଆସି ଉପଡାକଘର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଠାରେ ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତି ରଞ୍ଜନ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ କାନୁନ୍‌ଗୋ ନିଜର ବକ୍ତବ୍ୟରେ କେନ୍ଦ୍ରର ଥିବା ମୋଦି ସରକାର ମିଛୁଆ ଗାଲୁଆ ସାଜିଛନ୍ତି। ଦେଶରେ ଦରଦାମ୍ ବୃଦ୍ଧି ସହ ବେକାରୀ ସମସ୍ୟା ଓ ଭ୍ରଷ୍ଟାଚାର ଦିନକୁ ଦିନ ବୃଦ୍ଧି ପାଉଛି। ଏଥିରୁ ଦେଶବାସୀଙ୍କ ଦୃଷ୍ଟିକୁ ଅନ୍ୟ ଦିଗକୁ ନେବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ରାହୁଲ ଗାନ୍ଧୀଙ୍କ ସହ କଂଗ୍ରେସକୁ ବଦନାମ କରିବାକୁ ଏକ ଷଡଯନ୍ତ୍ର ବୋଲି କହିଥିଲେ। ଏହି ଅବସରରେ କଂଗ୍ରେସ ନେତା ସୁବାସ ସାମଲ, ଦୟାନିଧି ଜେନା, ନିରଞ୍ଜନ ରାଉତ, କୁମାର ପାଣି, ଶଙ୍କର୍ଷଣ ମଲ୍ଲିକ, ପ୍ରତାପ ଲେଙ୍କା, ସୁରେନ୍ଦ୍ର ବାରିକ, ରମାକାନ୍ତ ସ୍ୱାଇଁ, ରଞ୍ଜନ ପରିଜା, ଫକିର ଲେଙ୍କା, ନୃସିଂହ ପରିଜା, ଦୋଳଗୋବିନ୍ଦ ମାହାଲିଙ୍କ ସମେତ ବହୁ କଂଗ୍ରେସ କର୍ମୀ ନିଜ ନିଜର ବକ୍ତବ୍ୟ ରଖି ଥିଲେ। ଯୁବ କଂଗ୍ରେସ ନେତା ସଂଗ୍ରାମ ପୃଷ୍ଟି ଧନ୍ୟବାଦ ଦେଇଥିଲେ।



କଂଗ୍ରେସ ପକ୍ଷରୁ ଗରଦପୁର ଉପଡାକଘର ସମ୍ମୁଖରେ ବିକ୍ଷୋଭ।

# ‘ଦୈନନ୍ଦିନ ଜୀବନରେ ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ’

**ଜଗତ୍‌ସିଂହପୁର ଅଫିସ, ୨୧।୬**

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ



ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବ୍ୟକ୍ତିମାନେ।

ଜଗତ୍‌ସିଂହପୁର ଜିଲାର ବିଭିନ୍ନ ସ୍ଥାନରେ ବିଶ୍ୱ ଯୋଗ ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ମଣ୍ଡପ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଓ ଦୌରାଜଜ୍ ଅନୁପ କୁମାର ଚନ୍ଦନ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁନନ୍ଦା ପାଢୀ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବିଷ୍ଣୁ ପ୍ରସାଦ ଦେବତାଙ୍କ ସମେତ ଅତିରିକ୍ତ ଏସ୍‌ପି ଉମେଶ କୁମାର ପଣ୍ଡା, ପତଞ୍ଜଳି ଯୋଗ ସଙ୍ଗଠକ ଚିତ୍ତରଞ୍ଜନ ମିଶ୍ର, ଯୋଗଗୁରୁ ବିଶ୍ୱନାଥ ସ୍ୱାଇଁ, ନେହେରୁ ଯୁବ କେନ୍ଦ୍ର ଯୁବ ଅଧିକାରୀ ନିଖିଲ କୋକୁଲା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା କ୍ରୀଡ଼ା ଅଧିକାରିଣୀ ବିଶ୍ୱ ବିଜୟିନୀ ପଟ୍ଟନାୟକ ଓ ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଯୋଗାଭ୍ୟାସ କରିବା ସହ ଦୈନନ୍ଦିନ ଜୀବନରେ ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଯୋଗଗୁରୁ ବିଶ୍ୱନାଥ ସ୍ୱାଇଁ ଉପସ୍ଥିତ ଲୋକଙ୍କୁ ବିଭିନ୍ନ ଯୋଗାଭ୍ୟାସ ଶିକ୍ଷା ଦେଇଥିଲେ। ସେହିପରି ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ଏହି ଦିବସ ପାଳିତ ହୋଇଯାଇଛି। ଏକାଡେମୀର ପ୍ରଧାନ ଶିକ୍ଷକ ଶୁକଦେବ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ଯୋଗ ଦେଇଥିଲେ। ଶିକ୍ଷକ ଚନ୍ଦନ ବେହେରା ଅତିଥି ପରିଚୟ ଓ କେଶବାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଧର୍ମେନ୍ଦ୍ର ଦାସ, ଶୁଚସ୍ମିତା ସ୍ୱାଇଁ ଓ ମଙ୍ଗରାଜ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ମଧୁସୂଦନପୁର ଶାସନସ୍ଥିତ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲା ଜୁନିୟର ରେଡକ୍ରସ୍ ସଙ୍ଗଠନ ତରଫରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତ୍ରିଲୋଚନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ବିଦ୍ୟାଧର ପ୍ରଧାନ ଓ ସମ୍ମାନିତ ଅତିଥି ବିଜୟ କୁମାର ରଥ ଯୋଗଦେଇ ଯୋଗର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ବିରିଡିସ୍ଥିତ ଅଳକା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ. ବିଶ୍ୱଜିତ ରାୟ ସଭାପତିତ୍ୱ କରିଥିଲେ। ପ୍ରାଧ୍ୟାପକ ଡ. ରୁଦ୍ର ନାରାୟଣ ମିଶ୍ର ଯୋଗଦେଇ ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ରଙ୍କୁ ଯୋଗର ଉପାଦେୟତା ସମ୍ପର୍କରେ କହିଥିଲେ। ଅକ୍ଷୟ କୁମାର ବେହେରା ଅଷ୍ଟାଙ୍ଗ ଯୋଗ ବିଷୟରେ ଆଲୋକପାତ କରିଥିଲେ। ସଭାକୁ ପ୍ରୋଗ୍ରାମ ଅଫିସର ଡ. ଅକ୍ଷୟ କୁମାର ଭଦ୍ର ସଂଯୋଜନା କରିଥିବା ବେଳେ ସଲିଳା ଦାସ ଧନ୍ୟବାଦ ଦେଇଥିଲେ। ସେହିପରି ଅଳକା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଯୋଗାଭ୍ୟାସ କରାଯାଇଥିଲା। ପ୍ରଧାନ ଶିକ୍ଷକ ସୁଶାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ପବିତ୍ର ମୋହନ ଗୋଛାୟତ ଓ ଅନ୍ୟମାନେ ପରିଚାଳନା କରିଥିଲେ।

# ରାଜନଗର, ଡେରାବିଶରେ ଯୋଗ ଦିବସ

**ରାଜନଗର/ଡେରାବିଶ, ୨୧।୬(ଡି.ଏନ.ଏ./ସ୍ୱ.ପ୍ର.)**

ରାଜନଗର ସଦର ମହକୁମାସ୍ଥିତ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଛାତ୍ର ସୁରକ୍ଷା ମଞ୍ଚର ପ୍ରତିଷ୍ଠାତା ସଞ୍ଜୟ କୁମାର ବାଗ, ମୁଖ୍ୟବକ୍ତା ଭାବେ ଖବରଦାତା ଦୋଳଗୋବିନ୍ଦ ଜେନା ଯୋଗଦେଇ ଯୋଗ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ରାଜନଗର ଅଞ୍ଚଳର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ଆସନ, ପ୍ରାଣାୟାମ ଓ ଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଜଗବନ୍ଧୁ ଖଟୁଆ, ଅଭୟ ରାଉତ, ସୁକୁମାର ମାନ୍ନା, ମୋନାଲିସା ସାହୁ, ଦୌସୁମୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଭକ୍ତରଞ୍ଜନ ନାୟକ ସଭାପତିତ୍ୱ କରିଥିଲେ। ଏନ୍‌ଏସ୍‌ଏସ୍‌ର ଅଧିକାରୀ ଅଧ୍ୟାପିକା ମିନାକ୍ଷୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ପ୍ରଦୀପ ରାଉତ ଧନ୍ୟବାଦ ଦେଇଥିଲେ। ସେହିପରି କେନ୍ଦ୍ରାପଡ଼ା ପବ୍ଲିକ୍ ସ୍କୁଲ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଶିବିରକୁ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ପ୍ରାଧ୍ୟାପକ ଅଜୟ କୁମାର ରାଉତ ଯୋଗ ଦେଇଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ।



ରାଜନଗର ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ଶିବିରରେ ପିଲାମାନେ ଯୋଗ କରୁଛନ୍ତି।


## OFFICE OF THE COLLECTOR & DISTRICT MAGISTRATE,KANDHAMAL
(SPORTS SECTION)

**Tender Call Notice No.147** **Date.21.06.2022**

### SHORT TENDER CALL NOTICE

Sealed tenders are invited by Registered Post/Speed Post from intends and well establishment Firms/Agencies/Dealers/Manufacturers for supply of Dress Materials, Shoes Materials, Game equipments and other articles mentioned in the tender paper in respect of Sports Hostel, Phulbani having valid GST Certificate, Dealership Certificate, VAT Clearance Certificate, PAN Card required test Certificate in conformity with detailed Tender Call Notice. The General Bid Sheet/ Terms & Conditions for supply of Sports Goods and along with last date of receipt and opening of Tender will be available with District Sports Office, Kandhamal from **22.06.2022** to **05.07.2022** during office hours from 11.00 AM to 4.00 PM on all working days on payment Rs.4,000/- (Rupees four thousand) only in shape cash which is non-refundable and can be downloaded from website NIC, Collectorate, Kandhamal, Phulbani (www.kandhamal.nic.in).

The Authority reserves the right to accept or reject any or all the tenders without assigning any reason thereof.

**Sd/- Addl.Dist.Magistrate, Kandhamal, Phulbani**

## DISTRICT OFFICE MAYURBHANJ, BARIPADA (SOCIAL WELFARE SECTION)

### TENDER CALL NOTICE

**No.2596/Date:18.06.22**

Sealed Tender in the prescribed form are invited from the intending registered Firms/ authorized licensed Transporter/ Agents for Transportation of foodstuff from FCI &RRC-cum-DSC to Anganwadi Centres/SHGs under SNP in Mayurbhanj district for the year 2022-23. **(01/07/2022 to 30/06/2023)**

The tender Papers for the above purpose, containing detailed terms and conditions and statutory requirements can be obtained from DSWO office, Mayurbhanj on a non-refundable payment of Rs. 13,000/- (Rupees Thirteen Thousand) only during the office hours on any working day between dt.17.06.2022 to 02.07.2022 from 10 AM to 1 PM.

The tender Paper completed in all respect may be sent in sealed cover superscribed as **‘Tender for appointment of transporting agent under SNP for 2022-23”** in the address to The District Social Welfare Officer, Mayurbhanj, Baripada, Mayurbhanj, either by Registered Post/ Speed Post/By Hand only so as to reach on or before 1 PM of dt.02.07.2022. The tender shall be opened in the office chamber of the Collector & District Magistrate, Mayurbhanj on dt.02.07.2022 at 3 PM tentatively by the District Level Tender Committee constituted for the purpose.

The tender notice alongwith detailed tender documents can also be downloaded from District website **http://www.mayurbhanj.nic.in** and can be submitted by bidder enclosing DD/MR/PO amounting to Rs. 13,000/- (Rupees Thirteen Thousand) Only in favour of the District Social Welfare Officer, Mayurbhanj payable at Baripada on any nationalized bank failing which the tender paper shall be rejected.

The tender received beyond the scheduled date and time mentioned above shall not be taken in to consideration.

**Sd./- Collector & District Magistrate, Mayurbhanj**

## INVITATION FOR BIDS (IFB)
### NATIONAL COMPETITIVE BIDDING THROUGH E-PROCUREMENT
**IDENTIFICATION NO: RWS&S DIVN.,PURI-10 OF 2022-23**

**Ph:(06752) 251276,Fax:(06752) 251276, E-mail:eerwss_puri@nic.in**

**No.O-496:**The Executive Engineer, RWS&S Division,Puri on behalf of Governor of Odisha invites Percentage rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of Work: | Execution for Retrofitting of Rural Piped Water Supply Scheme |
|---|---|---|
| 1. | No. of Works: | 01 (One) |
| 2. | Estimated Cost: | Rs.79.70 lakhs (app.) |
| 3. | Time for completion: | 9 (Nine) Months |
| 4. | Cost of bidding document: | Rs.10000/- |
| 5. | Class of Contractors eligible: | B & A |
| 6. | Availability of bids on-line: | From 11.00 hour of 24.06.2022 to 17.00 hours of 08.07.2022 |
| 7. | Last date & time for seeking clarification: | 17.00 hours of 04.07.2022 |
| 8. | Date & time of opening of technical bids: | On dt.11.07.2022 at 11.30 hours in the office of the Executive Engineer,RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids: | To be decided. |

Further details can be seen from the website https://www.tendersorissa.gov.in. Subsequent corrigendum if any shall appear in the website.

**Sd./- Executive Engineer, RWS&S Division, Puri**
**OIPR-25017/11/0005/2223**

## ODISHA CONSTRUCTION CORPORATION LIMITED
**No.CAD-866:** **BHUBANESWAR,ODISHA**

PIN:751012, Tel.No.:(0674) 2562020, e-Mail:theoccltd@odishaconstruction.com
GSTIN-21AAACO2571K2ZM

### “e” Procurement Notice No-06/OCCL/2022-23 (on-line)

**Online tender is invited for EPC Contract for the following work;**

| Sl. No. | Name of Work | Bid Identification No. | Period of Completion | Availability of Tender (on-line) | Submission of tender (on-line) |
|---|---|---|---|---|---|
| 1 | Construction of In stream Storage structure across river Nuanai near village Baliguali/ Mohinipur pertaining to Puri Irrigation Division | OCCL-HQP/01/ 2022-23 | 24 (Twenty Four) Calendar Months | From 24.06.2022, 03.30 PM to 08.08.2022, 5.30 PM | From 24.06.2022, 03.30 PM to 08.08.2022, 5.30 PM |

Procurement Officer: Managing Director, OCCL
Date of Opening of the Technical Bid: **10.08.2022,12.00 Noon**
Further details can be seen from the e-procurement portal: https://www.tendersodisha.gov.in.

**Sd./- Managing Director**
**OIPR-34120/11/0009/2223**

## ଓଡ଼ିଶା ସରକାର
## କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

**File No.302/2022** **Dated 11.05.22**

**No.X-06:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାର ଜୟପୁର-ମାଲକାନଗିରି-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ **ମୌଜା-ଘୋର୍ସଲା,** ଥାନା-ବୈପାରିଗୁଡା ନଂ.୭୭, ତହସିଲ-କୁନ୍ଦୁରା, ଜିଲ୍ଲା-କୋରାପୁଟରେ ନିମ୍ନ ତଫସିଲ ମତେ ପ୍ରାୟ **ଏ.୩.୬୩୨** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act,2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଜୟପୁର ମାଲକାନଗିରି ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, କୋରାପୁଟ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜୟପୁର ମାଲକାନଗିରି ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ସଂଲଗ୍ନ କରାଗଲା।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ଜୟପୁର ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମାଞ୍ଚଳ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଏଥିସହିତ ସଂଲଗ୍ନ କରାଗଲା | | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.**NIL** ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା/-ଜିଲ୍ଲାପାଳ, କୋରାପୁଟ**

### PROPOSAL FOR 11 (1) NOTIFICATION
**ଭୂମି ଅନୁସୂଚୀ**
**ମୌଜା-ଘୋର୍ସଲା, ଥାନା-ବୈପାରିଗୁଡ଼ା ନଂ.-୭୭,ତହସିଲ-କୁନ୍ଦୁରା, ଜିଲ୍ଲା-କୋରାପୁଟ**
**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧ | ରୟତି | ୩୬୪ | ୧.୬୮୭ | ୦.୩୧୨ | ଧାନ ଅଣଜଳସେଚିତ ଏକ | ପାନା ଗାଣ୍ଡି ଆଦିନାରାୟଣ, ପି-ପାନା ଗାଣ୍ଡି ସାମାୟା, ଜା-ତେଲେଙ୍ଗା, ବା-ହାଟଖୁଦୁପି |
| ୧ | ରୟତି | ୩୬୫ | ୧.୦୨୧ | ୦.୦୮ | ଧାନ ଅଣଜଳସେଚିତ ଏକ | |
| ୬୬ | ରୟତି | ୧୭୨ | ୦.୫୫୧ | ୦.୦୩୧ | ଧାନ ଅଣଜଳସେଚିତ ଏକ | ଏ.ପଦ୍ମାପତୀ, ପି-ଟି.ତେଡା ଆପଲସ୍ୱାମୀ, ଜା-ପଦ୍ମଶାଳି, ବା-ହାଟଖୁଦୁପି |
| ୬୬ | ରୟତି | ୩୬୩ | ୩.୦୨୭ | ୦.୫୬୩ | ଧାନ ଅଣଜଳସେଚିତ ଏକ | |
| ୮୦ | ରୟତି | ୧୬୧ | ୩.୫୧୬ | ୦.୯୬୬ | ଧାନ ଅଣଜଳସେଚିତ ଏକ | ବାଲ୍ୟକୃଷ୍ଣ ପାଣିଗ୍ରାହୀ,ପି-ସଦାଶିବ ପାଣିଗ୍ରାହୀ, ଜା-ବ୍ରାହ୍ମଣ, ବା-ଦିଗାପୁର |
| ୮୦ | ରୟତି | ୧୬୩ | ୨.୧୪୫ | ୦.୨୯୭ | ଧାନ ଅଣଜଳସେଚିତ ଏକ | |
| ୧୭୨/୫୫ | ରୟତି | ୧୬୧ | ୩.୦୦୯ | ୧.୧୬୩ | ଧାନ ଅଣଜଳସେଚିତ ଏକ | ବିଷ୍ଣୁପ୍ରିୟା ପାଢି, ସ୍ୱା-ହରିଶ୍ଚନ୍ଦ୍ର ପାଢି, ଜା-ବ୍ରାହ୍ମଣ, ବା-ଦିଗାପୁର |
| ୧୭୨/୫୫ | ରୟତି | ୧୬୧/ ୫୪୦ | ୦.୫୬୮ | ୦.୧୨ | ଧାନ ଅଣଜଳସେଚିତ ଏକ | |
| ୧୭୨/୫୫ | ରୟତି | ୧୬୩/ ୫୩୯ | ୦.୩୬୫ | ୦.୦୧ | ଧାନ ଅଣଜଳସେଚିତ ଏକ | |
| | | ମୋଟ | | ୩.୬୩୨ | | |
| ଅଧିଗ୍ରହଣ ନିମନ୍ତେ ମୋଟ ବ୍ୟକ୍ତିଗତ ଜମି | | | | | | |
| ରେଳପଥ ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ଜମି | | | | | | ୩.୬୩୨ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | – |
| ମୋଟ୍ | | | | | | ୩.୬୩୨ |

**ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ**
**ଜୟପୁର-ମାଲକାନଗିରି ରେଳ ପ୍ରକଳ୍ପ,କୋରାପୁଟ**
**OIPR-24057/14/0020/2223**

## ଓଡ଼ିଶା ସରକାର
## କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

**File No.300/22** **Dated 11.05.22**

**No.X-04:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାର ଜୟପୁର ମାଲକାନଗିରି ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ନିଲାଗୁଡା, ଥାନା-ବୈପାରିଗୁଡା ନଂ.୮୩, ତହସିଲ-ବେପାରିଗୁଡା, ଜିଲ୍ଲା-କୋରାପୁଟରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧୧.୨୨୭ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଜୟପୁର ମାଲକାନଗିରି ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଉପମୁଖ୍ୟଯନ୍ତ୍ରୀ, (ନିର୍ମାଣ) ପୂର୍ବତଟ ରେଳପଥ କୋରାପୁଟ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜୟପୁର ମାଲକାନଗିରି ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ସଂଲଗ୍ନ କରାଗଲା।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ଜୟପୁର ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମାଞ୍ଚଳ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଏଥିସହିତ ସଂଲଗ୍ନ କରାଗଲା | | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୮୬୧ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଜୟପୁର-ମାଲକାନଗିରି-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./-ଶ୍ରୀ ଅବ୍ଦାଲ ଏମ୍ ଅଖତର୍ (ଭା.ପ୍ର.ସେ)**
**ଜିଲ୍ଲାପାଳ, କୋରାପୁଟ**

### PROPOSAL FOR 11(1) NOTIFICATION
**ଭୂମି ଅନୁସୂଚୀ**
**ମୌଜା-ନିଲାଗୁଡା, ଥାନା-ବୈପାରିଗୁଡା ନଂ.-୮୩,ତହସିଲ-ବୈପାରିଗୁଡା, ଜିଲ୍ଲା-କୋରାପୁଟ**
**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧ | ରୟତି | ୩୧ | ୦.୨୮୪ | ୦.୨୦୭ | ଧାନ ଅଣଜଳସେଚିତ ଏକ | କୁଶ ଗାଦବା, ପି-ବୁଦୁରା ଗାଦବା, ମୁକ୍ତା ଗାଦବା, ସ୍ୱା-ବୁଦୁରା ଗାଦବା, ଲବ ଗାଦବା, ଲଳିତା ଗାଦବା, ପି-ସମାରୁ ଗାଦବା,ଜା-ଗାଦବା,ବା-ନିଜଗାଁ |
| ୧ | ରୟତି | ୫୭ | ୦.୧୯୮ | ୦.୦୧୫ | ଡଙ୍ଗର | |
| ୪ | ରୟତି | ୬୭ | ୧.୪୯୫ | ୦.୭୩୧ | ଡଙ୍ଗର | ଘାସି ଗାଦବା,ପି-ସମନାଥ ଗାଦବା,ଜା-ଗାଦବା,ବା-ନିଜଗାଁ |
| ୮ | ରୟତି | ୬୮ | ୪.୨୦୧ | ୦.୫୬୮ | ଡଙ୍ଗର ଏକ | ଦେବ ଗାଦବା,ବନମାଳି ଗାଦାବା,ପି-ସଦା ଗାଦବା,ଖଗପତି ଗାଦବା, ଅର୍ଜୁନ ଗାଦବା,ପି-ଡମ ଗାଦବା,ରତିଲା ଗାଦବା, ସ୍ୱା-ଡମ ଗାଦବା, ଜା-ଗାଦବା, ବା-ନିଜଗାଁ |
| ୧୦ | ରୟତି | ୮୧ | ୦.୧୯୮ | ୦.୦୫୫ | ଡଙ୍ଗର | ସୁବର୍ଣ୍ଣ ଗାଦବା, ସ୍ୱା-ଭଗତ ଗାଦବା,ଜା-ଗାଦବା,ବା-ନିଜଗାଁ |
| ୧୦ | ରୟତି | ୮୨ | ୦.୩୦୧ | ୦.୦୧୫ | ଧାନ ଅଣଜଳସେଚିତ ଏକ | |
| ୧୦ | ରୟତି | ୮୩ | ୦.୭୦୨ | ୦.୦୪୧ | ଡଙ୍ଗର | |
| ୧୨ | ରୟତି | ୨୭ | ୫.୩୭୪ | ୦.୦୧୫ | ଧାନ ଅଣଜଳସେଚିତ ଏକ | ରଘୁନାଥ ଗାଦବା,ପି-ଭଜେ ଗାଦବା,ଜା-ଗାଦବା,ବା-ନିଜଗାଁ |
| ୧୨ | ରୟତି | ୬୯ | ୦.୮୧୫ | ୦.୩୦୦ | ଡଙ୍ଗର | |
| ୧୪ | ରୟତି | ୫୫ | ୦.୯୨୭ | ୦.୫୨୦ | ଡଙ୍ଗର | ସମନାଥ ପୂଜାରୀ, ମଧୁ ପୂଜାରୀ, ଡମାଇ ପୂଜାରୀ, ପି-ମୃଦି ପୂଜାରୀ, ଜା-ଭୂମିଆଁ, ବା-ନିଜଗାଁ |
| ୧୪ | ରୟତି | ୮୦ | ୧.୮୧୪ | ୧.୨୪୨ | ଧାନ ଅଣଜଳସେଚିତ ଏକ | ସମନାଥ ପୂଜାରୀ, ମଧୁ ପୂଜାରୀ, ଡମାଇ ପୂଜାରୀ, ପି-ମୃଦି ପୂଜାରୀ, ଜା-ଭୂମିଆଁ, ବା-ନିଜଗାଁ |
| ୧୫ | ରୟତି | ୮୪ | ୩.୭୦୭ | ୧.୩୨୨ | ଧାନ ଅଣଜଳସେଚିତ ଏକ | ସତ୍ୟ ଗାଦବା,ପି-ରଘୁ ଗାଦବା,ଜା-ଗାଦବା,ବା-ନିଜଗାଁ |
| ୧୬ | ରୟତି | ୨୮ | ୬.୧୭୮ | ୦.୫୧୨ | ଧାନ ଅଣଜଳସେଚିତ ଏକ | ହରି ଗାଦବା, ପି-ନାଥ ଗାଦବା,ଜା-ଗାଦବା,ବା-ନିଜଗାଁ |
| ୧୬ | ରୟତି | ୫୮ | ୪.୨୨୫ | ୨.୬୪୩ | ଡଙ୍ଗର | ହରି ଗାଦବା, ପି-ନାଥ ଗାଦବା,ଜା-ଗାଦବା,ବା-ନିଜଗାଁ |
| ୧୬ | ରୟତି | ୬୫ | ୭.୧୬୬ | ୦.୩୯୬ | ଡଙ୍ଗର | ହରି ଗାଦବା, ପି-ନାଥ ଗାଦବା,ଜା-ଗାଦବା,ବା-ନିଜଗାଁ |
| ୧୬ | ରୟତି | ୬୬ | ୦.୬୯୨ | ୦.୨୭୫ | ଡଙ୍ଗର | ହରି ଗାଦବା, ପି-ନାଥ ଗାଦବା,ଜା-ଗାଦବା,ବା-ନିଜଗାଁ |
| ୨୪/୧ | ରୟତି | ୩୦ | ୦.୪୧୫ | ୦.୩୬୧ | ଧାନ ଅଣଜଳସେଚିତ ଏକ | ରାମଚନ୍ଦ୍ର ଗାଦବା, ପି-ଉଜେ ଗାଦବା, ଜା-ଗାଦବା, ବା-ନିଜଗାଁ |
| ୨୪/୧ | ରୟତି | ୩୫ | ୦.୬୬୭ | ୦.୫୦୦ | ଡଙ୍ଗର | |
| ୨୪/୧ | ରୟତି | ୩୬ | ୨.୨୬୧ | ୦.୬୪୮ | ଧାନ ଅଣଜଳସେଚିତ ଏକ | |
| | | ମୋଟ | | ୧୦.୩୬୬ | | |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | |
| ୨୪/୧ | | ୩୬ | ୨.୨୬୧ | ୦.୮୬୧ | ଧାନ ଅଣଜଳସେଚିତ ଏକ | ରାମଚନ୍ଦ୍ର ଗାଦବା, ପି-ଉଜେ ଗାଦବା, ଜା-ଗାଦବା, ବା-ନିଜଗାଁ |
| ମୋଟ | | | | ୦.୮୬୧ | | |
| ଅଧିଗ୍ରହଣ ନିମନ୍ତେ ମୋଟ ବ୍ୟକ୍ତିଗତ ଜମି | | | | | | |
| ରେଳପଥ ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ଜମି | | | | | | ୧୦.୩୬୬ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | ୦.୮୬୧ |
| ମୋଟ | | | | | | ୧୧.୨୨୭ |

**ସ୍ୱା./- ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ**
**ଜୟପୁର-ନବରଙ୍ଗପୁର/ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ, ଜୟପୁର, ଜିଲ୍ଲା-କୋରାପୁଟ**

**OIPR-24057/14/0029/2223**

**ସେନ୍‌ସେକ୍ସ ୯୩୪ ପଏଣ୍ଟ ବୃଦ୍ଧି**

**ମୁମ୍ବାଇ:** ଗତ ସପ୍ତାହରେ ଭାରତୀୟ ପୁଞ୍ଜିବଜାରରେ ଲାଗି ରହିଥିବା ହ୍ରାସ ପରେ ଚଳିତ ସପ୍ତାହରେ କ୍ରମାଗତ ୨ୟ ଦିନ ପାଇଁ ବୃଦ୍ଧି ଜାରି ରହିଛି। ମଙ୍ଗଳବାରର ଆଖିଦୃଶିଆ ବୃଦ୍ଧି ସହିତ ସେନ୍‌ସେକ୍ସରେ ୯୩୪ (୧.୮୧%) ଏବଂ ନିଫ୍ଟିରେ ୨୮୯ (୧.୮୮%) ପଏଣ୍ଟ ବୃଦ୍ଧି ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୫୨,୫୩୨ ଏବଂ ନିଫ୍ଟି ୧୫,୬୪୯ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନର ଟ୍ରେଡିଂ ସେସନରେ ୨୪୨୮ ସଂଖ୍ୟକ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୮୧୯ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି। ସୋମବାରର ଟପ୍ ଗେନର୍ସ ତାଲିକାରେ ଗୁଜରାଟ ଷ୍ଟେଟ୍ ଫେର୍ଟ, ଇଦ୍ ପାରି, ସନ୍ ଫାର୍ମା, ବିଏସ୍ଇ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ଆଇଟିଆଇ ଲିମିଟେଡ୍, ଇକ୍ୱିଟାସ୍ ହୋଲ୍ଡିଂସ୍, କେପିଆର୍ ମିଲ୍ସ, କ୍ୟାମ୍ସ ରହିଛନ୍ତି।

# ୮ମ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗାଭ୍ୟାସ କାର୍ଯ୍ୟକ୍ରମ



ନାଲ୍‌କୋ ଭୁବନେଶ୍ୱର ପକ୍ଷରୁ ୮ମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏହି ଅବସରରେ ନାଲ୍‌କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ କମ୍ପାନୀର ବହୁ ବରିଷ୍ଠ କର୍ମଚାରୀଙ୍କ ସମେତ ଅନ୍ୟ କମ୍ପାନୀର ଅଧିକାରୀମାନେ ମଧ୍ୟ ଅଂଶ ଗ୍ରହଣ କରିଥିଲେ।




ପାୱାର ଗ୍ରୀଡ୍ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପାୱାର ଗ୍ରୀଡ୍‌ର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



୮ମ ଅନ୍ତର୍ଜାତୀୟ ଯୋଗ ପଟିଆସ୍ଥିତ ଓଡିଏମ୍ ଗ୍ଲୋବାଲ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଓଡିଏମ୍ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରୀଛାତ୍ରମାନେ ଯୋଗ କରିଥିଲେ।



ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ମୁଖ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ମିଳିତଭାବେ ଯୋଗଭ୍ୟାସ କରିଥିଲେ।



ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷେତ୍ରୀୟ କାର୍ଯ୍ୟାଳୟ ବାଲେଶ୍ୱର ପକ୍ଷରୁ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କ୍ଷେତ୍ରୀୟ କାର୍ଯ୍ୟାଳୟର ପ୍ରମୁଖ ନିରଞ୍ଜନ ବାରିକଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସାମିଲ ଥିଲେ।



ବେଦାନ୍ତ ଆଲୁମିନିୟମ, ଭକ୍ତି ବେଦାନ୍ତ ଓ ଆମ୍ରି ହସ୍ପିଟାଲର ମିଳିତ ସହଯୋଗରେ ୮ମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା। ବେଦାନ୍ତର ସଭାପତି ଡ. ତପନ କୁମାର ଚାନ୍ଦ, ଭକ୍ତି ବେଦାନ୍ତର ସ୍ୱାମୀ ଅଚ୍ୟୁତ କେଶବ ଦାସ ଏବଂ ଆମ୍ରି ହସ୍ପିଟାଲର ନିର୍ଦ୍ଦେଶିକା ନିରଞ୍ଜନା ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ଗହମ ପରେ ଚାଉଳ ସଙ୍କଟ

**ନୂଆଦିଲ୍ଲୀ, ୨୧।୬:** ଗହମ ଦରବୃଦ୍ଧି ପରେ ଭାରତୀୟମାନେ ଚାଉଳକୁ ଶସ୍ତା ବିକଳ୍ପ ଚୟନ କରିପାରନ୍ତି। ଫଳରେ ଚାଉଳ ଦରବୃଦ୍ଧି ସମ୍ଭାବନା ଦେଖାଦେଇଛି। ପର୍ଯ୍ୟାପ୍ତ ଷ୍ଟକ୍ ଏବଂ ଉତ୍ପାଦନ କାରଣରୁ ଚାଉଳ ଦର ବର୍ତ୍ତମାନ ସ୍ଥିର ରହିଛି। ତେବେ ଚାହିଦା ବଢ଼ିଲେ ଦରବୃଦ୍ଧି ଘଟିପାରେ। ଚାଉଳ ଭଣ୍ଡାରରେ ହ୍ରାସ ଘଟିବା ସହ ରପ୍ତାନି ଉପରେ ପ୍ରତିବନ୍ଧକ ଲାଗିପାରେ। ବିଶ୍ୱର ଅଧାରୁ ଅଧିକ ଜନସଂଖ୍ୟାଙ୍କ ପାଇଁ ଚାଉଳ ପ୍ରାଥମିକ ଖାଦ୍ୟ। ମୋଟ୍ ଚାଉଳର ପ୍ରାୟ ୯୦% ଉତ୍ପାଦନ ଏସିଆରୁ ହୋଇଥାଏ। ଭାରତ ସରକାର ଏବଂ ଭାରତୀୟ ଚାଷୀ ମୌସୁମୀ ବର୍ଷା ଉପରେ ନିର୍ଭର କରୁଛନ୍ତି। ଜାପାନର ଫାଇନାନ୍ସିଆଲ୍ ହୋଲ୍ଡିଂ ନୋମୁରା ପକ୍ଷରୁ କୁହାଯାଇଛି ଗୋଟିଏ ଖାଦ୍ୟପଦାର୍ଥର ଦର ବୃଦ୍ଧି ହେଲେ ତା'ର ପ୍ରଭାବ ଅନ୍ୟଗୁଡ଼ିକ ଉପରେ ପଡ଼ିଥାଏ। ତେଣୁ ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଖାଦ୍ୟ ପଦାର୍ଥ ଦର ବୃଦ୍ଧି ହେବା ଯଥେଷ୍ଟ ସମ୍ଭାବନା ରହିଥିବା ନୋମୁରା ପକ୍ଷରୁ କୁହାଯାଇଛି।

## ସୁନା ପୁନଃ ଚକ୍ରଣରେ ବୃଦ୍ଧି

ନୂଆଦିଲ୍ଲୀ, ୨୧।୬

### ୨୦୨୧ରେ ୭୫ ଟନ୍‌ର ସୁନା ପୁନଃ ଚକ୍ରଣ ସହ ବିଶ୍ୱର ୪ର୍ଥ ସ୍ଥାନରେ ଭାରତ



ଦେଶର ରିଫାଇନିଂ ଇଣ୍ଡଷ୍ଟ୍ରି ସୁଦୃଢ଼ ହେଉଛି। ଗତ ବର୍ଷ ଅର୍ଥାତ୍ ୨୦୨୧ରେ ୭୫ ଟନ୍‌ର ସୁନା ପୁନଃ ଚକ୍ରଣ ସହିତ ଏହି କ୍ଷେତ୍ରରେ ଭାରତ ବିଶ୍ୱର ୪ର୍ଥ ସର୍ବବୃହତ୍ ଦେଶର ମାନ୍ୟତା ପାଇଛି। ଏହି ପରିମାଣ ସାରା ବିଶ୍ୱର ସୁନା ପୁନଃ ଚକ୍ରଣ ପରିମାଣର ୬.୫% । ୱାର୍ଲଡ୍ ଗୋଲ୍ଡ କାଉନ୍‌ସିଲ୍ (ଡବ୍ଲ୍ୟୁଜିସି) ପକ୍ଷରୁ ପ୍ରକାଶିତ ସଦ୍ୟତମ ତଥ୍ୟରୁ ଏହା ଜଣାପଡ଼ିଛି। ଏହା ସତ୍ତ୍ୱେ ବର୍ତ୍ତମାନ ମଧ୍ୟ ୮% ଘରୋଇ ସୁନା ପୁନଃ ଚକ୍ରଣ ହୋଇଥାଏ। ଡବ୍ଲ୍ୟୁଜିସି ପକ୍ଷରୁ ପ୍ରକାଶିତ ରିପୋର୍ଟ 'ଗୋଲ୍ଡ ରିଫାଇନିଂ ଆଣ୍ଡ ରିସାଇକ୍ଲିଂ' ଅନୁସାରେ ଗତ ବର୍ଷ ଅର୍ଥାତ୍ ୨୦୨୧ରେ ସବୁଠାରୁ ଅଧିକ ସୁନା ପୁନଃଚକ୍ରଣ ଚାଇନାରେ କରାଯାଇଥିଲା। ସେହିପରି ଭାରତ ପୂର୍ବରୁ ସୁନା ପୁନଃ ଚକ୍ରଣ କରିବାରେ ୨ୟ ଏବଂ ୩ୟ ସ୍ଥାନରେ ଯଥାକ୍ରମେ ଇଟାଲୀ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ରହିଛନ୍ତି। ଚାଇନାରେ ଗତବର୍ଷ ସର୍ବାଧିକ ୧୬୮ ଟନ୍, ଇଟାଲୀରେ ୮୦ ଟନ୍, ଯୁକ୍ତରାଷ୍ଟ୍ର ଆମେରିକାରେ ୭୮ ଟନ୍ ସୁନା ପୁନଃ ନବୀକରଣ ହୋଇଥିଲା। ସୁନା ଦରରେ ହ୍ରାସ ବୃଦ୍ଧି କାରଣରୁ ଭବିଷ୍ୟତରେ ଏହାର ଦରବୃଦ୍ଧି ଅନୁମାନ ଏବଂ ଆର୍ଥିକ ସ୍ଥିତିକୁ ନଜରରେ ରଖି ପୁନଃ ନବୀକରଣରେ ବୃଦ୍ଧି କରାଯାଇଛି। ଏହାଛଡ଼ା ଯୁବପିଢି ଖୁବ୍‌ଶୀଘ୍ର ଗହଣା ଡିଜାଇନ୍ ପସନ୍ଦରେ ପରିବର୍ତ୍ତନ ଆଣୁଥିବାରୁ ସୁନାର ହୋଲ୍ଡିଂ ପିରିୟଡ୍ ଲଗାତର ହ୍ରାସ ପାଇ ଚାଲିଛି। ଏହା ହେଉଛି ପୁନଃ ନବୀକରଣ ବୃଦ୍ଧିର ଅନ୍ୟତମ କାରଣ। ଗତ ଦଶକରେ ଗୋଲ୍ଡ ରିଫାଇନିଂ ଲ୍ୟାଣ୍ଡସ୍କେପ୍‌ରେ ଅନେକ ପରିବର୍ତ୍ତନ ଆସିଛି। ୨୦୧୩ ରେ ୫ରୁ କମ୍ ସଂଖ୍ୟକ ଫର୍ମାଲ୍ ଅପରେସନ୍ସ ଥିଲା। ତେବେ ଏଥିରେ ଗତ ବର୍ଷ ବୃଦ୍ଧି ଘଟି ୩୩ ହୋଇଯାଇଛି। ଅନ୍ୟପଟେ ଅନ୍ ଅର୍ଗାନାଇଜ୍‌ଡ ରିଫାଇନିଂରେ ହ୍ରାସ ଘଟିଛି। ଡବ୍ଲ୍ୟୁଜିସି ତଥ୍ୟ ଅନୁସାରେ ୨୦୧୩ରେ ଭାରତର ସୁନା ପୁନଃ ଚକ୍ରଣ କ୍ଷମତାରେ ୩୦୦ ଟନ୍ ଥିଲା। ୨୦୨୧ରେ ଏଥିରେ ୫୦୦ ଗୁଣା ବୃଦ୍ଧି ଘଟି ୧୫୦୦ ଟନ୍‌ରେ ପହଞ୍ଚିଛି।

## ନୂତନ ଉତ୍ପାଦର ବଜାର ପ୍ରବେଶ

ନୂଆଦିଲ୍ଲୀ,୨୧।୬



**ପଲିକ୍ୟାବ୍‌ର ନୂଆ ବିଏଲ୍‌ଡିସି ଏନର୍ଜି ସେଭିଂ ଫ୍ୟାନ୍**

ଇଲେକ୍ଟ୍ରିକାଲ ସାମଗ୍ରୀ ଉତ୍ପାଦକ କମ୍ପାନୀ ପଲିକ୍ୟାବ୍ ଇଣ୍ଡିଆ ଲିମିଟେଡ୍ (ପିଆଇଏଲ୍)ର ନୂତନ ଉତ୍ପାଦଗୁଡ଼ିକୁ ବଜାର ପ୍ରବେଶ କରାଯାଇଛି। ଏପରିକି ଏହାର ବହୁପ୍ରତୀକ୍ଷିତ ପଲିକ୍ୟାବ୍ ବିଏଲ୍‌ଡିସି ଏନର୍ଜି-ସେଭିଂ ଫ୍ୟାନ୍‌ର ଶୁଭାରମ୍ଭ କରାଯାଇଛି। ଏହା ବିଶେଷକରି କମ୍ ଶକ୍ତି ବ୍ୟବହାର ପାଇଁ ସ୍ୱତନ୍ତ୍ର ଭାବେ ନିର୍ମିତ ହୋଇଛି। ଏହି ପଲିକ୍ୟାବ୍ ବିଏଲ୍‌ଡିସି ଫ୍ୟାନ୍‌ଗୁଡିକ ପାରମ୍ପରିକ ସିଲିଂ ଫ୍ୟାନ୍ ତୁଳନାରେ ବିଦ୍ୟୁତ୍ ବିଲ୍ ଉପରେ ଅଧିକ ସଞ୍ଚୟ କରିଥାଏ। ବିଏଲ୍‌ଡିସି ଫ୍ୟାନ୍‌ଗୁଡିକ ବିଦ୍ୟୁତ୍ ବିଲ୍ ଉପରେ ବାର୍ଷିକ ୧୫୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିବାର ସାମର୍ଥ୍ୟ ରଖିଛି। ସେହିଭଳି କମ୍ପାନୀର ବ୍ରଶ୍‌ଲେସ୍ ମୋଟର ଟେକ୍ନୋଲୋଜି ହେଉଛି ଏକ ଆଡ୍‌ଭାନ୍ସଡ୍ ଟେକ୍ନୋଲୋଜି, ଯାହାର ଲାଭଗୁଡିକ ପାରମ୍ପରିକ ସିଲିଂ ଫ୍ୟାନ୍‌ର ଲାଭକୁ ପଛରେ ପକାଉଛି। ଏ ସମ୍ପର୍କରେ ପଲିକ୍ୟାବ୍ ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ଓ ମୁଖ୍ୟ ବାଣିଜ୍ୟିକ ଅଧିକାରୀ ନିଲେଶ ମାଲାନି କହିଛନ୍ତି, ପଲିକ୍ୟାବ୍ ବିଏଲ୍‌ଡିସି ଏନର୍ଜି-ସେଭିଂ ଫ୍ୟାନ୍‌ଗୁଡିକ ଭବିଷ୍ୟତର ସିଲିଂ ଫ୍ୟାନ୍ ଏବଂ ଆମର ଗୁରୁତ୍ୱ ହେଉଛି ଉପଭୋକ୍ତାଙ୍କ ମଧ୍ୟରେ ଏହାକୁ ନେଇ ସଚେତନତା ସୃଷ୍ଟି କରିବା। ପଲିକ୍ୟାବ୍‌ର ଡିଜିଟାଲ କ୍ୟାମ୍ପେନ୍ ସେଭିଂୱାଲା ଫ୍ୟାନ୍ ଡିଜିଟାଲ ପ୍ଲାଟ୍‌ଫର୍ମଗୁଡିକରେ ଲାଇଭ୍ ରହିଛି।

## ୧୦୦୦ କୋଟିର ଠକେଇ

**ନୂଆଦିଲ୍ଲୀ, ୨୧।୬:** କ୍ରିପ୍ଟୋ କରେନ୍ସିରେ ନିବେଶ ନାଁରେ ଭାରତୀୟ ନିବେଶକଙ୍କଠାରୁ ପ୍ରାୟ ୧୦୦୦ କୋଟି ଟଙ୍କାର ଠକେଇ ହୋଇଛି। ସାଇବର ସିକ୍ୟୁରିଟି କମ୍ପାନୀ କ୍ଲାଉଡ୍‌ସେକ୍ ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। କମ୍ପାନୀ ତଥ୍ୟ ଅନୁସାରେ ବିଭିନ୍ନ ସନ୍ଦିଗ୍ଧ ୱେବ୍‌ସାଇଟ୍ ଏବଂ ଆଣ୍ଡ୍ରଏଡ୍ ଆଧାରିତ ନକଲି କ୍ରିପ୍ଟୋ ଆପ୍ଲିକେଶନ ଯାଞ୍ଚ କରିବା ପରେ ଏହି ଠକେଇ ସମ୍ପର୍କରେ ଜଣାଯାଇଥିଲା। କ୍ରିପ୍ଟୋକୁ ନେଇ ଉଚ୍ଚ ସ୍ତରରେ ଚାଲିଥିବା ବିଜ୍ଞାପନଗୁଡ଼ିକ ଦ୍ୱାରା ନିବେଶକମାନେ ନକଲି କ୍ରିପ୍ଟୋ-ଏକ୍ସଚେଞ୍ଜ ଜାଲରେ ଫସି ଯାଇଛନ୍ତି। ଏହି ନକଲି କ୍ରିପ୍ଟୋ ୱେବ୍‌ସାଇଟ୍‌ଗୁଡ଼ିକ ଯୁକ୍ତରାଷ୍ଟ୍ର ଆମେରିକାର କ୍ରିପ୍ଟୋ ପ୍ଲାଟ୍‌ଫର୍ମ 'କଏନ୍‌ଏଗ୍'ର କପି କରି ନକଲ ୱେବ୍‌ସାଇଟ୍ ପ୍ରସ୍ତୁତ କରିଥିଲେ।

## ଟାଟା ଷ୍ଟିଲ୍ ମାଇନିଂ ପକ୍ଷରୁ ଗ୍ରୀନ୍ ଥେରାପି

ଭୁବନେଶ୍ୱର,୨୧।୬



ବୃକ୍ଷମାନଙ୍କ ଔଷଧୀୟ ଗୁଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ସେସବୁର ସଂରକ୍ଷଣ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଟାଟା ଷ୍ଟିଲ୍ ମାଇନିଂ ପକ୍ଷରୁ ଗ୍ରୀନ୍ ଥେରାପି ନାମକ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ କମ୍ପାନୀର ସୁକିନ୍ଦା କ୍ରୋମାଇଟ ଖଣି ପରିସର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହାର କାର୍ଯ୍ୟକ୍ଷେତ୍ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହୁଥିବା ଆଦିମ ଅଧିବାସୀଙ୍କ ସମୃଦ୍ଧ ଐତିହ୍ୟ ଓ ସଂସ୍କୃତିର ସଂରକ୍ଷଣ ପାଇଁ ଟାଟା ଷ୍ଟିଲ୍ ମାଇନିଂ ନିଜର କାର୍ଯ୍ୟଧାରା ଜାରି ରଖିଛି। ସ୍ଥାନୀୟ ଔଷଧୀୟ ବୃକ୍ଷ ବିଶେଷଜ୍ଞ କିମ୍ବା ବୈଦ୍ୟମାନଙ୍କ ଔଷଧୀୟ ଜ୍ଞାନକୁ ସମ୍ମିଳିତ କରିବା ପାଇଁ କମ୍ପାନୀ ପକ୍ଷରୁ ନିଆଯାଉଥିବା ଅନେକ ପଦକ୍ଷେପ ମଧ୍ୟରୁ ଏହା ଅନ୍ୟତମ। ଏପରିକି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କଟକର ଆୟୁର୍ବେଦ ପ୍ରଫେସର ଡ. ସଞ୍ଜୀବ ଦାସଙ୍କ ସହ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୫୦ ଜଣ ପ୍ରତିଷ୍ଠିତ ପାରମ୍ପରିକ ଔଷଧୀୟ ବୃକ୍ଷ ବିଶେଷଜ୍ଞ ଉକ୍ତ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଏହି ଦିନିକିଆ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

## ନନ୍-ବ୍ୟାଙ୍କ୍ ଦେଇପାରିବେନି କ୍ରେଡିଟ୍ ଲାଇନ ସୁବିଧା

ନୂଆଦିଲ୍ଲୀ, ୨୧।୬

ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ପକ୍ଷରୁ ପ୍ରିପେଡ୍ ପେମେଣ୍ଟ ଇନ୍‌ଷ୍ଟ୍ରୁମେଣ୍ଟସ୍ (ପିପିଆଇ) ସହିତ ଜଡ଼ିତ ଏକ ନୂଆ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶ ଅନୁସାରେ, ନନ୍-ବ୍ୟାଙ୍କ ଅନୁଷ୍ଠାନଗୁଡ଼ିକ କ୍ରେଡିଟ୍ ଲାଇନ ଲୋଡ୍ କରିପାରିବେ ନାହିଁ। ଆର୍‌ବିଆଇ ମଙ୍ଗଳବାର ପ୍ରିପେଡ୍ ପେମେଣ୍ଟର ମାଷ୍ଟର ଡାଇରେକ୍ସନ ସହିତ ଜଡ଼ିତ ନୋଟିଫିକେଶନ ଜାରି କରିଛନ୍ତି। ଏହା ସମସ୍ତ ଅଥରାଇଜ୍‌ଡ ନନ୍‌ବ୍ୟାଙ୍କ୍ ପିପିଆଇ ବ୍ୟବହାରକାରୀମାନଙ୍କ ନିମନ୍ତେ କରାଯାଇଛି। ଏହି ନୋଟିସକୁ ସମସ୍ତ ଫିନ୍‌ଟେକ୍‌କମ୍ପାନୀ ସହିତ ସମସ୍ତ ନନ୍-ବ୍ୟାଙ୍କ୍ ପିପିଆଇ ବ୍ୟବହାରକାରୀଙ୍କୁ ପଠାଯାଇଛି।

## ହ୍ରାସ ପାଉଛି ବେଦାନ୍ତ ଶେୟାର

ନୂଆଦିଲ୍ଲୀ, ୨୧।୬

ମଲ୍ଟି ମାଇନିଂ ବେଦାନ୍ତ ଲିମିଟେଡ୍‌ର ଶେୟାରରେ ସୋମବାର ଭାରି ହ୍ରାସ ଦେଖିବାକୁ ମିଳିଥିଲା। ଗତ ୨ସପ୍ତାହର ହ୍ରାସ ପରେ ଭାରତୀୟ ପୁଞ୍ଜିବଜାର ରିକଭରି ସ୍ଥିତିରେ ଥିବା ବେଳେ ବେଦାନ୍ତ ଶେୟାରରେ ହ୍ରାସ ଦେଖାଦେଇଛି। ପୂର୍ବ ସପ୍ତାହର ଶେଷ କାରବାର ଦିବସ ଅର୍ଥାତ୍ ଶୁକ୍ରବାର ବେଦାନ୍ତ ଷ୍ଟକ୍ ୨୬୩.୬୫ ଟଙ୍କାରେ ବନ୍ଦ ହୋଇଥିଲା। ତେବେ ସୋମବାରର କାରବାର ସମୟରେ ଷ୍ଟକ୍ ହ୍ରାସ ପାଇ ଚାଲିଥିଲା। କାରବାର ସମୟରେ ଏହା ୧୫% ପର୍ଯ୍ୟନ୍ତ ହ୍ରାସ ପାଇ ୨୨୪ର ସର୍ବନିମ୍ନ ସ୍ତରକୁ ଛୁଇଁଥିଲା। ଏହା ୫୨ ସପ୍ତାହର ସର୍ବନିମ୍ନ ସ୍ତରରେ ଥିଲା। ଏହି ହ୍ରାସ ପରେ କମ୍ପାନୀର ମାର୍କେଟ୍ କ୍ୟାପ୍‌ରେ ହ୍ରାସ ଘଟି ୮୫ ହଜାର କୋଟି ଟଙ୍କା ତଳକୁ ଆସିଥିଲା। ତାମିଲନାଡୁର ଟୁଟିକୋରିନ୍‌ଠାରେ କମ୍ପାନୀର ୨୦୧୮ ରୁ ବନ୍ଦ ରହିଥିବା କପର ପ୍ଲାଣ୍ଟ ବିକ୍ରି କରିବାକୁ ଯାଉଥିବା ଖବର ପରେ ଷ୍ଟକ୍‌ରେ ଏହି ହ୍ରାସ ଘଟିଥିଲା। ତେବେ ପରଦିନ ଅର୍ଥାତ୍ ମଙ୍ଗଳବାର ବେଦାନ୍ତ ଷ୍ଟକ୍‌ରେ ୨.୪୩% ବୃଦ୍ଧି ସହିତ ୨୩୬.୦୫ ଟଙ୍କାରେ ବନ୍ଦ ହୋଇଛି। ଦିନର କାରବାର ସମୟରେ ବେଦାନ୍ତ ଷ୍ଟକ୍ ୨୨୭ର ସର୍ବନିମ୍ନ ସ୍ତର ଏବଂ ୨୪୩.୬୫ର ସର୍ବୋଚ୍ଚ ସ୍ତରରେ ଟ୍ରେଡ୍ କରିଥିଲା।



ରାଷ୍ଟ୍ରପତି ନିର୍ବାଚନ ଲାଗି ପ୍ରାର୍ଥୀ ଘୋଷଣା ପୂର୍ବରୁ ନୂଆଦିଲ୍ଲୀଠାରେ ମଙ୍ଗଳବାର ଅନୁଷ୍ଠିତ ମିଳିତ ବିରୋଧୀ ଦଳର ବୈଠକ। (ଫଟୋ: ଚମନ ଗୌତମ)

# ଭାଜପା ବିଦ୍ରୋହୀରୁ ବିରୋଧୀ ଦଳର ରାଷ୍ଟ୍ରପତି ପ୍ରାର୍ଥୀ

**ନୂଆଦିଲ୍ଲୀ,୨୧।୬**

ପୂର୍ବତନ ଆଇଏଏସ୍ ଅଫିସର ଯଶଓ୍ବନ୍ତ ସିହ୍ନା ୧୯୯୩ରେ ଭାଜପାରେ ଯୋଗଦେଲାବେଳେ ଦଳ ପାଇଁ ଦୀପାବଳି ଭେଟି ବୋଲି ବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀ କହିଥିଲେ। ଏହା ପରେ ସେ ରାଜନୀତିରେ ଅନେକ ପଥ ଅତିକ୍ରମ କରିଛନ୍ତି। ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ସେ କେନ୍ଦ୍ରରେ ଅର୍ଥ ଓ ବହିର୍ବ୍ୟାପାର ମନ୍ତ୍ରୀ ଥିଲେ। ନରେନ୍ଦ୍ର ମୋଦି ସରକାରରେ ତାଙ୍କୁ ଅଣଦେଖା କରାଯିବାରୁ ସେ ବିଦ୍ରୋହ କରିବା ସହ ଦଳ ଛାଡ଼ି ପରବର୍ତ୍ତୀ ସମୟରେ ଟିଏମ୍‌ସିରେ ଯୋଗଦେଇଥିଲେ। ମଙ୍ଗଳବାର ତାଙ୍କୁ ମିଳିତ ବିରୋଧୀ ଦଳର ରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଛି।

୧୯୩୭ ନଭେମ୍ବର ୬ରେ ଜନ୍ମିତ ସିହ୍ନା ପାଟନା ୟୁନିଭର୍ସିଟିରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ୧୯୬୦ରେ ଭାରତୀୟ ପ୍ରଶାସନିକ ସେବା


ଯଶଓ୍ବନ୍ତ ସିହ୍ନା

(ଆଇଏଏସ୍)ରେ ଯୋଗଦେଇଥିଲେ। ୨୪ ବର୍ଷର ଚାକିରି ଜୀବନରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବସ୍ଥାପିତ ହୋଇଥିଲେ। ୧୯୮୪ରେ ସେ ଚାକିରିରୁ ଇସ୍ତଫା ଦେଇ ଜନତା ଦଳ ସଦସ୍ୟ ହେବା ସହ ସକ୍ରିୟ ରାଜନୀତିରେ ସାମିଲ ହୋଇଥିଲେ। ୧୯୮୬ରେ ସେ ଦଳର ସାଧାରଣ ସମ୍ପାଦକ ନିଯୁକ୍ତ ହେବା ସହ ୧୯୮୮ରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ଭି.ପି. ସିଂ ସରକାରରେ ସେ ଜନତା ଦଳର ସାଧାରଣ ସମ୍ପାଦକ ଥିଲେ। ପରେ ଚନ୍ଦ୍ରଶେଖରଙ୍କ ସରକାରରେ ସେ ୧୯୯୦ ନଭେମ୍ବରରୁ ୧୯୯୧ ଜୁନ୍ ପର୍ଯ୍ୟନ୍ତ ଅର୍ଥମନ୍ତ୍ରୀ ରହିଥିଲେ। ୧୯୯୬ ଜୁନ୍‌ରେ ସେ ଭାଜପାର ରାଷ୍ଟ୍ରୀୟ ମୁଖପାତ୍ର ହେବା ସହ ୧୯୯୮ ମାର୍ଚ୍ଚରୁ ବାଜପେୟୀ ସରକାରରେ ମନ୍ତ୍ରୀ ହୋଇଥିଲେ। ଝାଡ଼ଖଣ୍ଡର ହଜାରିବାଗ ଆସନରୁ ସେ ଲୋକ ସଭାକୁ ନିର୍ବାଚିତ ହୋଇଆସୁଥିଲେ। ତେବେ ୨୦୧୪ରେ ଭାଜପା ତାଙ୍କୁ ଟିକେଟ ନ ଦେଇ ଉକ୍ତ ଆସନରେ ତାଙ୍କ ପୁଅ ଜୟନ୍ତଙ୍କୁ ପ୍ରାର୍ଥୀ କରିଥିଲା। ୨୦୧୮ରେ ସେ ସକ୍ରିୟ ରାଜନୀତିରୁ ଅବସର ନେବା ସମ୍ପର୍କରେ ଘୋଷଣା କରିଥିଲେ। ତେବେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ୨୦୨୧ରେ ସେ ତୃଣମୂଳ କଂଗ୍ରେସରେ ଯୋଗଦେଇ ଏହାର ଉପାଧ୍ୟକ୍ଷ ହୋଇଥିଲେ। ବୃହତ୍ ବିରୋଧୀ ଏକତା ପାଇଁ କାର୍ଯ୍ୟ କରିବାକୁ ସେ ମଙ୍ଗଳବାର ଟିଏମ୍‌ସିରୁ ଇସ୍ତଫା ଦେଇଛନ୍ତି।

# ୯ ବିଧାୟକଙ୍କ ସମେତ ଅନ୍ୟ ନେତାଙ୍କୁ ଦିଲ୍ଲୀ ଡକରା

**ଭୁବନେଶ୍ୱର,୨୧।୬(ବ୍ୟୁରୋ)**

**ରାହୁଲଙ୍କୁ ଇଡି ଜେରା ପ୍ରସଙ୍ଗ**
- ୨ ଦିନ ହେଲା ଗଲେଣି ପିସିସି ସଭାପତି
- ଆଗରୁ ଯାଇଛନ୍ତି ୩, ମଙ୍ଗଳବାର ଗଲେ ଅନ୍ୟ ବିଧାୟକ

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ବାରମ୍ବାର ଜେରା ହେବା ଘଟଣାକୁ ନେଇ କଂଗ୍ରେସ ନେତା ଓ କର୍ମୀମାନେ ବିକ୍ଷୋଭ, ଆନ୍ଦୋଳନ ଓ ପ୍ରତିବାଦ ଜାରି ରଖିଛନ୍ତି। ଇତିମଧ୍ୟରେ କଂଗ୍ରେସର ସବୁ ବିଧାୟକ ଦିଲ୍ଲୀ ମୁହାଁ ହୋଇଥିବା ଖବର ପହଞ୍ଚିଛି। ସୂଚନା ମୁତାବକ, ଏଆଇସିସି ପକ୍ଷରୁ ଡକରା ପାଇବା ପରେ ବିଧାୟକମାନଙ୍କ ମଧ୍ୟରୁ ୨ଦିନ ତଳୁ ୩ ଜଣ ଦିଲ୍ଲୀ ଗସ୍ତ କରିଛନ୍ତି। ଅନ୍ୟ ସମସ୍ତ ବିଧାୟକ ମଙ୍ଗଳବାର ଦିଲ୍ଲୀ ମୁହାଁ ହୋଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ ମଧ୍ୟ ୨ ଦିନ ତଳୁ ଦିଲ୍ଲୀରେ ଡେରା ପକାଇଛନ୍ତି। ରାହୁଲଙ୍କ ଜେରା ଘଟଣାକୁ ସାରା ଦେଶରୁ ନେତାମାନେ ଦିଲ୍ଲୀରେ ପହଞ୍ଚି ବିରୋଧ କରିବାକୁ କୁହାଯାଇଛି। ଅନ୍ୟପଟେ ପୂର୍ବତନ ବିଧାୟକ, ଏମ୍‌ପିଙ୍କ ସମେତ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ସମସ୍ତଙ୍କୁ ଡକାଯାଇଛି। ତେବେ କେତେଜଣଙ୍କୁ ରାଜ୍ୟରେ ରହି ବିକ୍ଷୋଭ ଓ ଆନ୍ଦୋଳନ ଆଦି ପରିଚାଳନା କରିବାକୁ କୁହାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ରାଜ୍ୟର ବାକି ଥିବା ବ୍ଲକ ଏବଂ ନଗର କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଗଣବିକ୍ଷୋଭ କରାଯାଇଛି। ରାଜଧାନୀରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ତେବେ ବୁଧବାର ରାହୁଲ ପୁଣିଥରେ ଜେରାର ସମ୍ମୁଖୀନ ହେବାକୁ ଥିବାବେଳେ ୨୩ରେ ଏଆଇସିସି ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଇଡିରେ ହାଜର ହେବାକୁ କୁହାଯାଇଛି। ତେଣୁ ଏହାକୁ ଦୃଷ୍ଟିରେ ରଖି କଂଗ୍ରେସ ଦେଶବ୍ୟାପୀ ନିଜ ବିଧାୟକ, ଏମ୍‌ପି ଏବଂ ଅନ୍ୟ ନେତାଙ୍କୁ ଏକାଠି କରି ଆନ୍ଦୋଳନ ଓ ବିକ୍ଷୋଭ ପାଇଁ ସଜବାଜ ଆରମ୍ଭ କରିଦେଇଛି। ବିଭିନ୍ନ ରାଜ୍ୟ ଦାୟିତ୍ୱରେ ଥିବା ନେତାମାନେ କିଛିଦିନ ହେଲା ଦିଲ୍ଲୀରେ ଡେରା ପକାଇ ରହିଛନ୍ତି।

# ଏଏପି ସରକାରଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣୁଛି ଭାଜପା


ମନୀଷ ସିସୋଦିଆ

**ନୂଆଦିଲ୍ଲୀ, ୨୧।୬:** ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ମଙ୍ଗଳବାର ରାଜଧାନୀରେ ଶାସକ ଆମ ଆଦମୀ ପାର୍ଟି (ଏଏପି) ଦ୍ୱାରା କରାଯାଇଥିବା କାର୍ଯ୍ୟକୁ ବନ୍ଦ କରିବା ପାଇଁ ଭାରତୀୟ ଜନତା ପାର୍ଟି ମିଥ୍ୟା ଅଭିଯୋଗ କରିଥିବା ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଉପରାଜ୍ୟପାଳ ବିନୟ କୁମାର ସାକସେନା ନିକଟରେ କରୋନା ମହାମାରୀ ସମୟରେ ଦିଲ୍ଲୀରେ ସାତୋଟି ଅସ୍ଥାୟୀ ଡାକ୍ତରଖାନା ନିର୍ମାଣରେ ଅନିୟମିତତା ଅଭିଯୋଗ ନେଇ ଯାଞ୍ଚ ପାଇଁ ମଞ୍ଜୁରୀ ଦେବାର କିଛି ଦିନ ପରେ ସିସୋଦିଆ ଏଭଳି ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ଆମେ ସମ୍ପୂର୍ଣ୍ଣ ସଚ୍ଚୋଟ ସରକାର ଏବଂ କୌଣସି ଅନୁସନ୍ଧାନକୁ ଆମେ ଭୟ କରୁନାହୁଁ। ବିଭିନ୍ନ କ୍ଷେତ୍ରରେ ଦିଲ୍ଲୀ ସରକାର କରୁଥିବା କାର୍ଯ୍ୟକୁ ବନ୍ଦ କରିବା ପାଇଁ ଭାଜପା ଏଭଳି ମିଥ୍ୟା ଅଭିଯୋଗ କରୁଛି। ଏକ ଗଣମାଧ୍ୟମ ସମ୍ମିଳନୀରେ ସେ କହିଛନ୍ତି ଯେ ଏହା ଏକ ପୁରୁଣା ଅଭିଯୋଗ ଏବଂ ଏହାକୁ ପୂର୍ବତନ ଉପରାଜ୍ୟପାଳ ଅନିଲ ବୈଜଲ ଖାରଜ କରିଦେଇଥିଲେ। ତେବେ ଏହି ଘଟଣାର ତଦନ୍ତକୁ ନୂତନ ରାଜ୍ୟପାଳ ଅନୁମୋଦନ କରିଛନ୍ତି। ସିସୋଦିଆ ସାକସେନାଙ୍କୁ ଭାଜପାର ଅଭିଯୋଗକୁ ଅଣଦେଖା କରିବାକୁ ଅନୁରୋଧ କରିଛନ୍ତି। ସିସୋଦିଆ କହିଛନ୍ତି ଯେ ଦୟାକରି ଧୈର୍ଯ୍ୟ ପ୍ରକ୍ରିୟା ଅନୁସରଣ କରନ୍ତୁ, କିନ୍ତୁ ସରକାରଙ୍କ କାର୍ଯ୍ୟରେ ବାଧା ଦିଅନ୍ତୁ ନାହିଁ। ଭାଜପା ନେତା ତଥା ଉତ୍ତର-ପୂର୍ବ ଦିଲ୍ଲୀର ସାଂସଦ ମନୋଜ ତିୱାରୀ ଅଭିଯୋଗ କରିଛନ୍ତି ଯେ ସାତୋଟି ଅସ୍ଥାୟୀ ଡାକ୍ତରଖାନା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱାଧୀନ ସରକାର ୧,୨୧୬ କୋଟି ଟଙ୍କାର ଟେଣ୍ଡର ଅନୁମୋଦନ କରିଛନ୍ତି। ଯାହା ପରେ ୧,୨୫୬ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା।

# ବିଜେଡିରେ ସାମିଲ ହେଲେ ମିନତୀ

**ଭୁବନେଶ୍ୱର,୨୧।୬(ବ୍ୟୁରୋ)**

କୋଟିଏରୁ ଅଧିକ ଟଙ୍କାର ସମ୍ପତ୍ତି ରିକ୍ସାଚାଳକଙ୍କ ନାମରେ ଲେଖି ଦେଇଥିବା କଟକ ସୂତାହାଟ ଅଞ୍ଚଳର ମହିଳା ମିନତୀ ପଟ୍ଟନାୟକ ମଙ୍ଗଳବାର ବିଜେଡିରେ ସାମିଲ ହୋଇଛନ୍ତି।

ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ବିଜୁ ଜନତା ଦଳରେ ସେ ଯୋଗ ଦେଇଛନ୍ତି। ଏହି ଅବସରରେ ଓଡ଼ିଶା ମୋ ପରିବାର କଟକ ସିଟି ସଂଯୋଜକ ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ମିନତୀ ଜଣେ ଉଚ୍ଚଶିକ୍ଷିତା ହୋଇଥିବା ବେଳେ ରୋଗରେ ସ୍ୱାମୀଙ୍କ ଦେହାନ୍ତ ଘଟିଥିଲା। ମିନତୀଙ୍କ ସେବା ଶୁଶ୍ରୂଷା କରି ଆସୁଥିବା ଜଣେ ରିକ୍ସାଚାଳକଙ୍କୁ ସେ ତାଙ୍କର ସମସ୍ତ ସମ୍ପତ୍ତି ହସ୍ତାନ୍ତର କରିଥିଲେ, ଯାହା ରାଜ୍ୟରେ ପ୍ରମୁଖ ଖବର ପାଲଟିଥିଲା।


ମିନତୀ ପଟ୍ଟନାୟକଙ୍କୁ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସ୍ୱାଗତ କରୁଛନ୍ତି।

# ରାଜନୀତିରେ ଯୁବ ଚେହେରା ନୀତିକୁ ବଦ୍ରିଙ୍କ ସମର୍ଥନ

**ଭୁବନେଶ୍ୱର,୨୧।୬(ବ୍ୟୁରୋ)**

ରାଜନୀତିରେ ଯୁବବର୍ଗଙ୍କୁ ସାମିଲ କରିବା ନୀତିକୁ ପୂର୍ବତନ ମନ୍ତ୍ରୀ ତଥା ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ ଯୁବବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ଅଗ୍ରାଧିକାର ଦେଉଛନ୍ତି। ୨୦୨୪ରେ ଯୁବକମାନଙ୍କୁ ବାଟ ଛାଡ଼ିବାକୁ ପଡ଼ିବ। ଆସନ୍ତା ନିର୍ବାଚନରେ ଲଢ଼ିବେ କି ନାହିଁ ଏକ ପ୍ରଶ୍ନରେ ବଦ୍ରି କହିଛନ୍ତି ଯେ ସେହି ସମୟ ଆସିଲେ ଲଢ଼ିବେ କି ନ ଲଢ଼ିବେ ସେ ନେଇ ନିଷ୍ପତ୍ତି ନେବେ।

ନିକଟରେ ଶେଷ ହୋଇଥିବା ରାଜ୍ୟ ସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ୪ ଜଣ ଯୁବ ଚେହେରାଙ୍କୁ ସାମିଲ କରିଛନ୍ତି। ପୂର୍ବତନ ଏମ୍‌ପି ତଥା ଦଳର ବରିଷ୍ଠ ନେତା ପ୍ରସନ୍ନ ପାଟଶାଣୀ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ପ୍ରମୁଖ ରାଜ୍ୟ ସଭା ପାଇଁ ପ୍ରାର୍ଥୀ ହେବାକୁ ଇଚ୍ଛା କରୁଥିବା ନେଇ ଗଣମାଧ୍ୟମରେ ଚର୍ଚ୍ଚା ହେଉଥିଲା। ତେବେ ନବୀନ ଚଳିତ ଥର କେବଳ ଯୁବ ଚେହେରାକୁ ରାଜ୍ୟସଭା ପଠାଇଛନ୍ତି। ଆସନ୍ତା ନିର୍ବାଚନରେ ନବୀନ ପୁରୁଣା ଚେହେରା ବଦଳରେ ବହୁ ଯୁବ ଚେହେରାଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇ ପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

# ପୂର୍ବତନ ବାଚସ୍ପତିଙ୍କ ପରବର୍ତ୍ତୀ ରାଜନୀତି

**ବ୍ରହ୍ମପୁର ଅଫିସ,୨୧।୬**

ଅତୀତରେ ଗଞ୍ଜାମ ଜିଲାରୁ ହୋଇଥିବା ପୂର୍ବତନ ବାଚସ୍ପତିମାନଙ୍କ ପରବର୍ତ୍ତୀ ରାଜନୀତି ଓଲଟପାଲଟ ହୋଇଯାଇଛି। ଏହି ଜିଲାର ଲାଲ ମୋହନ ପଟ୍ଟନାୟକ ୧୯୪୭ରୁ ୫୨ ପର୍ଯ୍ୟନ୍ତ ପ୍ରଥମ ବାଚସ୍ପତି ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେ ରାଜନୈତିକ ଚିତ୍ରପଟ୍ଟରୁ ଅଦୃଶ୍ୟ ହେଲେ। ୧୯୬୧ ନିର୍ବାଚନରେ କୋଦଳାରୁ ବିଧାୟକ ଲିଙ୍ଗରାଜ ପାଣିଗ୍ରାହୀ ବିଧାନସଭାରେ ଜିଲାର ଦ୍ୱିତୀୟ ବାଚସ୍ପତି ପଦ ପାଇଥିଲେ। ପରେ ସେ ମଧ୍ୟ ରାଜନୀତିରୁ ଉଭେଇଗଲେ। ୧୯୮୦ ନିର୍ବାଚନରେ ଭଞ୍ଜନଗର କଂଗ୍ରେସ ବିଧାୟକ ସୋମନାଥ ରଥ ସେହି ସାମ୍ବିଧାନିକ ପଦ ପାଇଁ ନିର୍ବାଚିତ ହୋଇଥିଲେ। ରଥ ମଧ୍ୟ ମାତ୍ର ଦୁଇବର୍ଷରେ ଓହରି ଯାଇଥିଲେ। ୧୯୯୫ ନିର୍ବାଚନରେ ଚିକିଟିର ସ୍ୱାଧୀନ ବିଧାୟକ ହୋଇଥିବା ଚିନ୍ତାମଣି ଦ୍ୟାନ ସାମନ୍ତରା ୯୬ରୁ ୪ ବର୍ଷ ବାଚସ୍ପତି ହେଲେ। ପରବର୍ତ୍ତୀ ନିର୍ବାଚନଗୁଡ଼ିକରେ ସେ ଲଗାତର ଭାବେ ପରାସ୍ତ ହେଲେ। ଏବେ ସେ ସକ୍ରିୟ ରାଜନୀତିରୁ ଏକପ୍ରକାର ଦୂରେଇଛନ୍ତି।

୨୦୧୯ ନିର୍ବାଚନରେ ଦିଗପହଣ୍ଡି ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ର ଏହି ଜିଲାରୁ ପଞ୍ଚମ ବାଚସ୍ପତି ହୋଇଥିଲେ। ଚଳିତ ମାସ ପ୍ରଥମ ସପ୍ତାହରେ ଅସୁସ୍ଥତା ଆଳରେ ସେ ପଦବୀରୁ ଇସ୍ତଫା ଦେଲେ। ସେହି ପଦ ଭଞ୍ଜନଗର ବିଧାୟକ ବିକ୍ରମ କେଶରୀ ଆରୁଖଙ୍କୁ ମିଳିଛି। ୬ ଥର ବିଧାୟକ ଏବଂ ୩ ଥର କ୍ୟାବିନେଟ ମନ୍ତ୍ରୀ ହୋଇ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ସେ ଦକ୍ଷତାର ସହ ସମ୍ଭାଳିଥିଲେ। ହଠାତ୍ ଅନ୍ୟ ମନ୍ତ୍ରୀମାନଙ୍କ ଭଳି ସେ ମଧ୍ୟ ଇସ୍ତଫା ଦେଲେ ଏବଂ ତାଙ୍କୁ ବାଚସ୍ପତି କରାଯିବାର ଘୋଷଣା କରାଗଲା। ରାଜନୈତିକ କ୍ଷେତ୍ରରେ ଆରୁଖଙ୍କ ଅଭିଜ୍ଞତା ରହିଛି। ତେଣୁ ବିଧାନସଭା ନିରପେକ୍ଷ ଭାବେ ଚଳାଇବା ଆଶା କରାଯାଇଛି।

ବାଚସ୍ପତି ପଦ ଛାଡ଼ିଥିବା ସୂର୍ଯ୍ୟ ପାତ୍ରଙ୍କ ବିଷୟରେ ବିଭିନ୍ନ ଆଲୋଚନା ହେଉଛି। ଦିଗପହଣ୍ଡିର ରାଜନୈତିକ ଚିତ୍ର ନେଇ ଚର୍ଚ୍ଚାର ବିଷୟ

**ଗଞ୍ଜାମ ଜିଲାରେ ନୂଆଙ୍କୁ ନେଇ ଚର୍ଚ୍ଚା**



ସୂର୍ଯ୍ୟନାରାୟଣ ପାତ୍ର ଓ ବିକ୍ରମ କେଶରୀ ଆରୁଖ

ପାଲଟିଛି। ତେବେ ଜିଲାରୁ ହୋଇଥିବା ପୂର୍ବତନ ବାଚସ୍ପତିମାନଙ୍କ ପରିବର୍ତ୍ତିତ ରାଜନୀତି ପ୍ରସଙ୍ଗ ଉଠୁଛି।

ଅପରପକ୍ଷରେ ଭଞ୍ଜନଗର ବିଧାନସଭା କ୍ଷେତ୍ରରୁ ସର୍ବାଧିକ ୬ ଥର ଲଗାତର ଭାବେ ବିଧାୟକ ହୋଇଛନ୍ତି ବିକ୍ରମ ଆରୁଖ। ତଥ୍ୟାନୁସାରେ ୧୯୫୭ ନିର୍ବାଚନରେ କମ୍ୟୁନିଷ୍ଟ ପାର୍ଟିରୁ ଗୋବିନ୍ଦ ପ୍ରଧାନ ନିର୍ବାଚିତ ହୋଇଥିଲେ। ୧୯୬୧ରେ କଂଗ୍ରେସରୁ ମାଗୁଣି ଚରଣ ପ୍ରଧାନ ଜିତିଥିଲେ। ୧୯୬୭ରେ ଦୀନବନ୍ଧୁ ବେହେରା କଂଗ୍ରେସ ବିଧାୟକ ହୋଇଥିଲେ। ୧୯୭୧, ୭୪ ଓ ୮୦ ନିର୍ବାଚନରେ କଂଗ୍ରେସ ବିଧାୟକ ହୋଇଥିଲେ ସୋମନାଥ ରଥ। ୭୭ ନିର୍ବାଚନରେ ଜାମି ସୁବାରାଓ ପୃଷ୍ଟି ଜନତା ପାର୍ଟିରୁ ଜିତିଥିଲେ। ୧୯୮୫ରେ ଉମାକାନ୍ତ ମିଶ୍ର କଂଗ୍ରେସରୁ ନିର୍ବାଚିତ ହୋଇଥିବା ବେଳେ ୧୯୯୦ ନିର୍ବାଚନରେ ଜନତା ଦଳରୁ ରାମକୃଷ୍ଣ ଗୌଡ଼ ଭଞ୍ଜନଗର ବିଧାୟକ ହୋଇଥିଲେ। ୧୯୯୫ରୁ ୨୦୧୯ ପର୍ଯ୍ୟନ୍ତ ହୋଇଥିବା ୬ ନିର୍ବାଚନରେ ଆରୁଖ ଥରେ ଜନତା ଦଳରୁ ଓ ୫ ଥର ବିଜେଡିରୁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଏହି ଟାଣୁଆ ରାଜନେତାଙ୍କ ଆଗାମୀ ନିର୍ବାଚନ ଓ ରାଜନୈତିକ ସ୍ଥିତି ନେଇ ଚର୍ଚ୍ଚା ପରିସରକୁ ଆସିଛି।

**ODISHA HYDRO POWER CORPORATION LTD.**
OHPC
(A Gold Rated State PSU)
O/O. Sr.General Manager, Rengali Hydro Electric Project
P.O.:Rengali Dam Site, Pin-759105, Dist:Angul (Odisha)
Tel:06760-277214, Fax:06760-277324, e-mail:sgmel500@gmail.com
No.RHEP/C&P/PUR-III-1014/ 4298, Dated 18.06.2022

**NOTICE INVITING TENDER NO. RHEP-23/2022-23**

**No.CAD-854:** Sealed tenders are invited in two part i.e. (i) Techno Commercial bid and (ii) Price bid in separate sealed envelopes from manufacturer/channel partner.

| Sl. No. | Description of Services | Cost of tender paper (non-refundable) in Rs. | EMD in shape of DD Only (Refundable) in Rs. | Period of availability of tender at OHPC website | Last date & Time of receipt of tender | Date & Time of opening of Techno Commercial bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Re-tubing of UGB Oil Coolers (9 Nos.),LGB Oil Coolers (9 Nos.) and Thrust Bear-ing Oil Coolers (3 Nos.) | Rs.7080/- (Rs.6,000/- + GST @18%) | In lieu of EMD, Bid Security declaration form to be submitted | From dtd.21.06.22 to dtd. 30.06.22 upto 03.30 PM | Dtd.30.06.22 upto 04.00 PM | Dt.30.06.22 at 04.30 PM |

For details and further correspondence/ corrigendum, please visit our website www.ohpcltd.com.

Sd./- C & P Head, RHEP, Rengali
OIPR-04022/11/0030/2223

**GOVERNMENT OF ODISHA**
**OFFICE OF NOTIFIED AREA COUNCIL**
**SURADA, DIST-GANJAM**
**(H&UD Department)**
**E-Procurement Notice**
**Bid Identification No: Surada/NAC/2022-23/01**
E-mail- officerexecutive14@yahoo.com/Phone:06819-270129
Lt.No.895// Dt.18.06.2022

**No.C-593:** 1.The Executive Officer, Notified Area Council, Surada, Dist-Ganjam invites Percentage Rate bids in Two Cover System in Online Mode for " SUPPLY OF SANITATION WORKERS ON OUT-SOURCING BASIS THROUGH SERVICE PROVIDING AGENCY TO NOTIFIED AREA COUNCIL, SURADA, DIST-GANJAM covering all the 11 [ELEVEN) nos. of wards as specified in the Detailed Tender Call Notice (DTCN) from the eligible class of service providers which is available at the odisha Govt. e-procurement system : www.tendersodisha.gov.in. for a period of 01 (one) year.
2.Date and time of Availability in portal: 20.06.2022 (10.00 A.M)
3.Last date & time of submission of bids in the portal: 04.07.2022. (5.00 P.M.)
4.Date of Opening of Technical & financial bids online : 06.07.2022 at 11.00 A.M.
5.Non- refundable Cost of Bid document : INR. 11,200/- (Rupees Ten Thousand plus GST @ 12%)
6.Category of workers required: Skilled category
7.The Bidders have to participate in Online bidding only and further details can be seen from the Govt.portal.
8.Any Corrigendum / Addendum will be displayed in the website www.tendersodisha.gov.in only.
9.Name & address of the Officer inviting tender: Executive Officer, Office of the Notified Area Council, Surada, Ganjam, Dist-Ganjam, Pin-761108.

Sd./- Executive Officer, Surada NAC, Ganjam
OIPR-13101/11/0003/2223

**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, DRAINAGE DIVISION, CUTTACK-753003**
**e-Procurement Notice No.EE-DD-CTC-02/2022-23**
No.A-339: **e-mail Id: eeddcuttack@gmail.com**

| | | | |
|---|---|---|---|
| 1. | Total Number of Works | : | 07 (Seven) Nos. |
| 2. | Nature of Work | : | Drain & Structure Works |
| 3. | Estimated Cost of individual package ranging from | : | Rs.66.76 Lakhs to Rs.88.29 Lakhs |
| 4. | Date of Opening of Bid | : | 11.07.2022, 11.00 AM |

5. Other details as follows:

| Procurement Officer | Bid Identification No. | Availability of Tender Online | | Last date & time for seeking tender clarification in e-Procurement portal | Date & Time of Opening of tender at Office Premises of Executive Engineer, Drainage Division, Cuttack | Date of Lottery (if required) |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Drainage Division, Gandarpur, Cuttack- 753003 | EE-DD-CTC No.02/2022-23 | 24.06.2022 4.00 PM | 08.07.2022 5.00 PM | From 24.06.2022 04.00 PM to 07.07.2022 upto 5.00 PM during office hours | 11.07.2022 at 11.00 AM | 19.08.2022 at 11.00 AM |

The biddiers have to participate in online bidding only. Further details can be seen from the Govt. website www.tendersorissa.gov.in. Any addendum/Corrigendum/Cancellation of tender can also be seen in the same website. If the Office happens to be closed on the date of lottery the same process will be held on next working day in same time and venue.

Sd./- Executive Engineer, Drainage Division, Cuttack
OIPR-32201/11/0005/2223

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**
E-mail-ruralworksdivisioniimalkangiri@yahoo.in
**INVITATION FOR BIDS**
**NATIONAL COMPETITIVE BIDDING**
**Bid Identification No: RWDEE_MKG_II_ONLINE_02/2022-23**

**No.O-501:** The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.
1. Name of the Work : Road Works
2. No. of Works : 07 No.
3. Estimated Cost : Rs.5.19 Lakhs to Rs.46.02 Lakhs
4. Tender Paper Cost : Rs.2000/- and Rs.6000/-
5. Class of Contractor :

| Estimated Cost upto 20.00 Lakhs | Estimated Cost more than 20.00 Lakhs & within 40.00 Lakhs | Estimated Cost more than 40.00 Lakhs & within 300.00 Lakhs |
|---|---|---|
| 'D' & 'C' | 'C' | 'B' & 'A' |

6. Period of Completion : 01 (One) Calendar Month
7. Critical dates:

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Date of Opening of Technical Bid |
|---|---|---|---|---|---|
| | | From | To | | |
| Superintending Engineer, Rural Works Division-II, Malkangiri | RWDEE_MKG_II_ONLINE_02 of 2022-23 | 24.06.2022 at 11.00 AM | 05.07.2022 upto 05.30 PM | 04.07.2022 | 06.07.2022 at 11.00 AM |

❖Further details can be seen in the bidding documents ,which is available in the-procurement portal https://www.tendersorissa.gov.in. ❖Subsequent corrigendum if required shall be appeared in the website. ❖Authority reserves the right to reject any or all tenders without assigning any reason thereof.

Sd./- Executive Engineer, Rural Works Division-II, Malkangiri
OIPR-25079/11/0004/2223

**GOVERNMENT OF ODISHA**
**REVENUE AND DISASTER MANAGEMENT DEPARTMENT**
**WITHDRAWAL NOTIFICATION**
**No. RDM-LAB-GM-0001-2022 16845/R&DM, Dated: 24.05.2022**

No. XII-05: In exercise of the powers conferred by Section 93(1) of the RFCTLAR&R Act., 2013, the State Government do hereby withdraw total Ac.4.260 dec. of private land as per schedule below covered by Revenue & DM Department Notification No. 56378 dated 14.12.1995 and Declaration No. 3419 dated 21.01.1997 published in the Extraordinary issue of Odisha Gazette vide No. 1468 dated 26.12.1995 and No. 137 dated 05.02.1997 respectively and Order 7 No. 5350 dated 02.02.1998 for construction of Establishment of Steel Plant by M/s. Tata Steel Ltd. at Gopalpur in Village: Paikapada, Tahasil: Chhatrapur, Dist.- Ganjam of which possession has not been taken.

**ଭୂମି ଅନୁସୂଚୀ**
ଜିଲ୍ଲା: ଗଞ୍ଜାମ, ତହସିଲ: ଛତ୍ରପୁର, ଗ୍ରାମ: ପାଇକପଡ଼ା

| କ୍ରମିକ ନଂ. | ପ୍ଲଟ ନଂ. | ଅଧିସୂଚନା କ୍ଷେତ୍ର | ପ୍ରତ୍ୟାହାର କରିବା କ୍ଷେତ୍ର |
|---|---|---|---|
| 1 | 846 | 0.648 | 0.648 |
| 2 | 313 | 0.085 | 0.085 |
| 3 | 1202/ 1611 | 0.040 | 0.040 |
| 4 | 1348/ 2060 | 0.020 | 0.020 |
| 5 | 707 | 0.602 | 0.602 |
| 6 | 1198 | 0.275 | 0.275 |
| 7 | 186 | 1.205 | 1.205 |
| 8 | 1348/ 2062 | 0.020 | 0.020 |
| 9 | 1348/ 2061 | 0.017 | 0.017 |
| 10 | 1355 | 0.036 | 0.036 |
| 11 | 897/ 1531 | 0.190 | 0.190 |
| 12 | 1348/ 2064 | 0.019 | 0.019 |
| 13 | 1348/ 2063 | 0.015 | 0.015 |
| 14 | 1364 | 0.070 | 0.070 |
| 15 | 553 | 0.273 | 0.273 |
| 16 | 913 | 0.275 | 0.275 |
| 17 | 1272 | 0.230 | 0.230 |
| 18 | 678 | 0.240 | 0.240 |
| | ମୋଟ | **4.260** | **4.260** |

By Order of Governor
Special Secretary to Government
OIPR-24001/14/0072/2223




# ଶୁଟିଂକୁ ଫେରିଲେ ଅନୁଷ୍କା

**ମୁମ୍ବାଇ:** ବଲିଉଡ୍ ନାୟିକା ଅନୁଷ୍କା ଶର୍ମା ଫିଲ୍ମ 'ଚକ୍‌ଦା ଏକ୍ସପ୍ରେସ୍'ର ଶୁଟିଂ ଆରମ୍ଭ କରିଛନ୍ତି। ପାଖାପାଖି ୪ ବର୍ଷର ଲମ୍ବା ବିରତି ପରେ ପୁଣିଥରେ ଶୁଟିଂ ସେଟ୍‌କୁ ଆସିଛନ୍ତି ନାୟିକା ଜଣଙ୍କ। ଫିଲ୍ମଟି ମହିଳା କ୍ରିକେଟର ଝୁଲନ ଗୋସ୍ୱାମୀଙ୍କ ଜୀବନୀ ଉପରେ ଆଧାରିତ। ପ୍ରୋସିତ ରାଓ ଫିଲ୍ମର ନିର୍ଦ୍ଦେଶନା ଦେଇଥିବାବେଳେ କରନେଶ ଶର୍ମା ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଶୁଟିଂ ଆରମ୍ଭ କରିବା ନେଇ ଅନୁଷ୍କା ନିଜ ଇନ୍‌ଷ୍ଟାଗ୍ରାମରେ ଶୁଟିଂ ସେଟ୍‌ର ଫଟୋ ଶେୟାର କରିଛନ୍ତି। ଚକ୍‌ଦା ଏକ୍ସପ୍ରେସ୍ ପାଇଁ ଅନୁଷ୍କା ବହୁଦିନ ଧରି କ୍ରିକେଟ ପ୍ରଶିକ୍ଷଣ ନେଉଥିଲେ। ଅନେକ ସମୟରେ ସୋସିଆଲ ମିଡିଆରେ ଅନୁଷ୍କା ଫଟୋ ମଧ୍ୟ ଶେୟାର କରିଥିବାର ଦେଖିବାକୁ ମିଳିଛି। ଅନୁଷ୍କାଙ୍କ ପୋଷ୍ଟରେ ରଣବୀର ସିଂଙ୍କ ସମେତ ସ୍ୱାମୀ ବିରାଟ କୋହଲି ପ୍ରତିକ୍ରିୟା ମଧ୍ୟ ଦେଇଛନ୍ତି। ଶେଷଥର ପାଇଁ ଅନୁଷ୍କା ଫିଲ୍ମ ଜିରୋରେ ଦେଖାଯାଇଥିଲେ, ଯେଉଁଥିରେ ଶାହାରୁଖ ଖାନ୍, କ୍ୟାଟ୍ରିନା କୈଫ୍ ଅଭିନୟ କରିଥିଲେ। ଏହି ମଲ୍ଟି ଷ୍ଟାରର ଫିଲ୍ମଟି କିନ୍ତୁ ବକ୍ସ ଅଫିସରେ ଭଲ ବ୍ୟବସାୟ କରିପାରି ନ ଥିଲା।

## ଦୁଇ ପ୍ରେମିକାଙ୍କ ସହ ବାହାଘର

**ରାଞ୍ଚି:** ଝାଡ଼ଖଣ୍ଡ ଲୋହାରଡାଗାର ସନ୍ଦୀପ ଓରାଓନ ଏକକାଳୀନ ତାଙ୍କ ଦୁଇ ପ୍ରେମିକାଙ୍କୁ ବିବାହ କରିଛନ୍ତି। ବନ୍ଦା ଗ୍ରାମରେ ସନ୍ଦୀପ କୁସୁମ ଲାକ୍ରା ଏବଂ ଶ୍ୱାତୀ କୁମାରୀଙ୍କୁ ବାହାହୋଇଛନ୍ତି। ସନ୍ଦୀପ ଓ କୁସୁମ ଦୁହେଁ ତିନି ବର୍ଷ ଧରି ଲିଭ୍-ଇନ୍ ରିଲେଶନ୍‌ଶିପ୍‌ରେ ଥିବାବେଳେ ସେମାନଙ୍କର ଏକ ସନ୍ତାନ ମଧ୍ୟ ରହିଛି। ପରେ ସନ୍ଦୀପ ଇଟା ଭାଟିରେ କାମ କରିବା ପାଇଁ ପଶ୍ଚିମବଙ୍ଗ ଯାଇଥିବାବେଳେ ସେଠାରେ ଶ୍ୱାତୀ କୁମାରୀଙ୍କ ସହ ଦେଖାହୋଇଥିଲା। ଦୁହେଁ ଏକାଠି ଭାଟିରେ କାମ କରୁଥିବାବେଳେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଘରକୁ ଫେରିବା ବେଳେ ସନ୍ଦୀପ ତାଙ୍କ ସହ ଶ୍ୱାତୀଙ୍କୁ ନେଇ ଆସିଥିଲେ। ପରିବାର ଓ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏ ନେଇ ଗାଁରେ ପଞ୍ଚାୟତ ବୈଠକ ବସିଥିବାବେଳେ ସନ୍ଦୀପ ଦୁହିଁଙ୍କୁ ବାହାହେବା ପାଇଁ ନିଷ୍ପତ୍ତି ହୋଇଥିଲା। ଏକଥରେ ଦୁଇଜଣ ଯୁବତୀଙ୍କୁ ବାହାହେବା ବେଆଇନ ହୋଇଥିଲେ ହେଁ ସନ୍ଦୀପ ତାଙ୍କ ଦୁଇ ପ୍ରେମିକାଙ୍କୁ ଭଲପାଆନ୍ତି ଏବଂ ସେ କାହାରିକୁ ଛାଡ଼ି ରହିପାରିବେ ନାହିଁ ବୋଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବାବେଳେ କହିଛନ୍ତି।



# ଲିଙ୍ଗ ପରିବର୍ତ୍ତନ କରିବେ ମସ୍କଙ୍କ ପୁଅ



**ୱାଶିଂଟନ:** ବିଶ୍ୱର ସବୁଠାରୁ ଧନୀ ଏଲନ ମସ୍କଙ୍କ ପୁଅ ଜାଭିଅର ଆଲେକ୍ସାଣ୍ଡର ମସ୍କ ନିଜ ନାମ ଓ ଲିଙ୍ଗ ପରିବର୍ତ୍ତନର ନିଷ୍ପତ୍ତି ନେଇଛନ୍ତି। ପୁଅରୁ ଝିଅ ହେବାକୁ ଆଗ୍ରହ ପ୍ରକାଶ କରିଥିବା ଜାଭିଅର ତାଙ୍କ ନାମ ବଦଳାଇ ବିବିୟନ ଜେନ୍ନା ୱିଲଶନ ରଖିବେ। ଏଥିସହ ବାପା ମସ୍କଙ୍କ ସହ ସମସ୍ତ ସମ୍ପର୍କ ଛିନ୍ନ କରିବାକୁ ଚାହୁଁଥିବା ସେ କହିଛନ୍ତି। ଏପ୍ରିଲ ୧୮ରେ ଜାଭିଅର ଲସ୍ ଏଞ୍ଜେଲ୍ସର ସାନ୍ତା ମୋନିକାରେ ଥିବା ସର୍ବୋଚ୍ଚ ଅଦାଲତରେ ଏ ନେଇ ଆବେଦନ କରିଛନ୍ତି। କୌଣସି ଆକାର ଓ ରୂପରେ ନିଜ ବାୟୋଲୋଜିକାଲ ଫାଦର ମସ୍କଙ୍କ ସହ ସମ୍ପର୍କ ରଖିବାକୁ ଚାହୁଁ ନ ଥିବା ଜାଭିଅର କହିଛନ୍ତି। ସେଥିପାଇଁ ସେ ତାଙ୍କ ନାମରୁ ମସ୍କ ହଟାଇ ୱିଲ୍‌ଶନ୍ ସରନେମ୍ ରଖିବାକୁ ଚାହୁଁଥିବା ଆବେଦନ ପତ୍ରରେ ଉଲ୍ଲେଖ କରିଛନ୍ତି।

୨୦୦୦ରେ ମସ୍କ କାନାଡିଆନ୍ ଲେଖିକା ଜଷ୍ଟିନ୍ ୱିଲଶନ୍‌ଙ୍କୁ ବିବାହ କରିଥିଲେ। ଜାଭିଅର ଏବଂ ଗ୍ରିଫିନ୍ ମସ୍କଙ୍କ ଯମଜ ସନ୍ତାନ। ଏମାନଙ୍କ ପୂର୍ବରୁ ଜଷ୍ଟିନ୍ ଏକ ପୁତ୍ର ଶିଶୁ ନେଭେଦା ଆଲେକ୍ସାଣ୍ଡର ମସ୍କଙ୍କୁ ଜନ୍ମ ଦେଇଥିବାବେଳେ ଜନ୍ମର ୧୦ ସପ୍ତାହରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ୨୦୦୪ରେ ଜାଭିଅର ଓ ଗ୍ରିଫିନ୍ ଜନ୍ମ ହୋଇଥିଲେ। ସେହିପରି ୨୦୦୬ରେ ମସ୍କ ଓ ଜଷ୍ଟିନ୍ ତିନିଟି ଯାଆଁଳା ସନ୍ତାନ କାଇ, ସାକ୍ସୋନ୍ ଏବଂ ଡାମିଅନ ଜନ୍ମ ହୋଇଥିଲେ। ଜଷ୍ଟିନ୍‌ଙ୍କ ୫ଟିଯାକ ସନ୍ତାନ ଇନ୍ ଭିଟ୍ରୋ ଫର୍ଟିଲାଇଜେଶନ୍ (ଆଇଭିଏଫ୍) ଜରିଆରେ କରାଯାଇଛି। ୨୦୦୮ରେ ମସ୍କ ଏବଂ ଜଷ୍ଟିନ୍‌ଙ୍କ ବିବାହ ବିଚ୍ଛେଦ ହୋଇଥିଲା।

ଟେସ୍‌ଲା ତଥା ସ୍ପେସ୍‌ଏକ୍ସ ମାଲିକ ଏଲନ ମସ୍କ ରିପବ୍ଲିକାନ ପାର୍ଟିକୁ ନିଜ ସମର୍ଥନ ଜଣାଇଥିବାବେଳେ ଏହି ରାଜନୈତିକ ଦଳର ପ୍ରତିନିଧିମାନେ ଦେଶରେ ଥିବା ଟ୍ରାନ୍ସଜେଣ୍ଡର ପ୍ରତିନିଧୀଙ୍କୁ ସୀମିତ କରିବା ପାଇଁ ଆଇନ ପ୍ରଣୟନ କରିଛନ୍ତି। ସେହିପରି ୨୦୨୦ରେ ମସ୍କ ଟ୍ରାନ୍ସଜେଣ୍ଡରଙ୍କୁ ନେଇ ଏକ ଟୁଇଟ୍ କରିଥିଲେ ଯେଉଁଥିରେ ସେ କହିଥିଲେ ଯେ, ମୁଁ ଟ୍ରାନ୍ସମାନଙ୍କୁ ସମର୍ଥନ କରେ କିନ୍ତୁ ସେମାନଙ୍କ ପାଇଁ ବ୍ୟବହୃତ ସର୍ବନାମ ସୁନ୍ଦର ଦୁଃସ୍ୱପ୍ନ ଭଳି।

# ନିର୍ବାଚନ ଲଢୁଛନ୍ତି ୩ ସ୍ତ୍ରୀ

**ଭୋପାଳ:** ମଧ୍ୟପ୍ରଦେଶ ସିଙ୍ଗରାଉଲି ପଞ୍ଚାୟତ ସେକ୍ରେଟାରି ସୁଖରାମ ସିଂଙ୍କ ୩ ସ୍ତ୍ରୀ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏହି କଥା ପ୍ରଘଟ ହେବା ପରେ ସୁଖରାମଙ୍କୁ ତାଙ୍କ ପଦରୁ ନିଲମ୍ବନ କରାଯାଇଛି। ତାଙ୍କ ତିନି ସ୍ତ୍ରୀ ନିର୍ବାଚନ ଲଢୁଥିବାବେଳେ ସୁଖରାମ ଏହାକୁ ଅନୁମତି ଦେଇଥିବା ନେଇ ଦେଓସାର ଜନପଦ ପଞ୍ଚାୟତର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ବି.କେ. ସିଂ ଜିଲା ପଞ୍ଚାୟତ ସିଇଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଏପରିକି ସୁଖରାମ ନିଜ ତୃତୀୟ ସ୍ତ୍ରୀଙ୍କ ବିଷୟରେ ସମସ୍ତ ତଥ୍ୟ ଗୋପନୀୟ ରଖିଥିଲେ। ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବି.କେ. ସିଂ ଦାବି କରିଥିଲେ। ପ୍ରକାଶ ଯେ, ସୁଖରାମଙ୍କ ଦୁଇ ସ୍ତ୍ରୀ କୁସୁକାଲି ସିଂ ଓ ଗୀତା ସିଂ ସରପଞ୍ଚ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବାବେଳେ ତୃତୀୟ ସ୍ତ୍ରୀ ଉର୍ମିଳା ସିଂ ପେଡରା ଗ୍ରାମରୁ ପଞ୍ଚାୟତ ସଦସ୍ୟ ହେବା ପାଇଁ ପ୍ରାର୍ଥୀ ହୋଇଥିଲେ। କିଛିଦିନ ପୂର୍ବେ ସୁଖରାମ ସିଂ ସରାଇ ନଗର ପରିଷଦର ଘୋଘରା ଗ୍ରାମ ପଞ୍ଚାୟତ ସେକ୍ରେଟାରି ଭାବେ ନିଯୁକ୍ତ ହୋଇଥିଲେ।

**ପଞ୍ଚାୟତ ସେକ୍ରେଟାରି ନିଲମ୍ବିତ**

# ବୁଡ଼ିଗଲା ଭାସମାନ ରେଷ୍ଟୁରାଣ୍ଟ



**ବେଜିଂ:** ହଂକଂର ଅଚଳ ହୋଇ ପଡ଼ିଥିବା ଭାସମାନ ରେଷ୍ଟୁରାଣ୍ଟ ସମୁଦ୍ରରେ ବୁଡିଯାଇଛି। ରେଷ୍ଟୁରାଣ୍ଟର ମୂଳ କମ୍ପାନୀ ଆବରଡିନ୍ ରେଷ୍ଟୁରାଣ୍ଟ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଭାସମାନ ରେଷ୍ଟୁରାଣ୍ଟର କ୍ରିଉ ମେମ୍ବର ସୁରକ୍ଷିତ ଥିବା କୁହାଯାଇଛି। ଦକ୍ଷିଣ ଚାଇନା ସମୁଦ୍ରର ପାରାସେଲ ଦ୍ୱୀପ ଦେଇ ଏହି ରେଷ୍ଟୁରାଣ୍ଟକୁ ସ୍ଥାନାନ୍ତର କରାଯାଉଥିବାବେଳେ ଜାହାଜରେ ପାଣି ପଶିଥିଲା। କର୍ତ୍ତୃପକ୍ଷ ଜାହାଜଟିକୁ ରକ୍ଷା କରିବା ଉଦ୍ୟମ କରିଥିଲେ ହେଁ ରବିବାର ଏହା ସମ୍ପୂର୍ଣ୍ଣ ଭାବେ ସମୁଦ୍ର ଜଳରେ ବୁଡିଯାଇଥିଲା। ମେରାଇନ୍ ଇଞ୍ଜିନିୟରଙ୍କ ସହାୟତାରେ ଲୁହାଚେନ୍ ବାନ୍ଧି ଏହି ଭାସମାନ ରେଷ୍ଟୁରାଣ୍ଟକୁ ଏକ ଅଜ୍ଞାତ ସ୍ଥାନକୁ ନିଆଯାଉଥିବାବେଳେ ଏହି ଅଘଟଣ ଘଟିଥିବା ମାଲିକ କହିଛନ୍ତି।

୧୯୭୬ରେ ଏହି ଭାସମାନ ରେଷ୍ଟୁରାଣ୍ଟ ଖୋଲାଯାଇଥିଲା। ଏଠାକୁ ୫୦ ବର୍ଷ ଧରି କୋଟି କୋଟି ଗ୍ରାହକଙ୍କ ସମାଗମ ଚାଲିଆସିଥିଲା। କୋଭିଡ୍ କାରଣରୁ ଏହି ଚର୍ଚ୍ଚିତ ଭାସମାନ ରେଷ୍ଟୁରାଣ୍ଟ ବନ୍ଦ ହୋଇଯାଇଥିଲା। ଏଥିସହ ଅର୍ଥାଭାବ କାରଣରୁ ଅନେକ କର୍ମଚାରୀଙ୍କୁ ମଧ୍ୟ ଚାକିରିରୁ ଛଟେଇ କରାଯାଇଥିଲା। ବର୍ଷକୁ କୋଟି କୋଟି ଲୋକ ଏହି ରେଷ୍ଟୁରାଣ୍ଟର ଖାଦ୍ୟ ଚାଖିବା ପାଇଁ ଦେଶ ବିଦେଶରୁ ଆସିଥାନ୍ତି। ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କଠାରୁ ଆରମ୍ଭ କରି ହଲିଉଡ୍ ସୁପରଷ୍ଟାର ଟମ୍ କ୍ରୁସ୍ ଏହି ଭାସମାନ ରେଷ୍ଟୁରାଣ୍ଟରେ ଖାଦ୍ୟ ଗ୍ରହଣ କରିଛନ୍ତି। ପୂର୍ବରୁ ଅନେକ ଫିଲ୍ମର ଶୁଟିଂ ଏହି ରେଷ୍ଟୁରାଣ୍ଟରେ ହୋଇଛି।

## ରାଜ୍ୟ ଖବର

# ବନ୍ୟା: ଆସାମ ଗଲେ ଏନ୍‌ଡିଆର୍‌ଏଫ୍ ଟିମ୍

ବାରଙ୍ଗ,୨୧।୬(ଡି.ଏନ୍.ଏ.)

ଭୟଙ୍କର ବନ୍ୟାରେ ଅସ୍ତବ୍ୟସ୍ତ ହୋଇଥିବା ଆସାମବାସୀଙ୍କୁ ସୁରକ୍ଷା ଏବଂ ଉଦ୍ଧାର କରିବା ନେଇ ଏନ୍‌ଡିଆର୍‌ଏଫ୍ ଟିମ୍ କଟକ ମୁଣ୍ଡଳୀ ୩ୟ ବାଟାଲିୟନ ମଙ୍ଗଳବାର ଆସାମ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ୧୦୪ଜଣ ସିପାହି ୩ୟ ବାଟାଲିୟନ କମାଣ୍ଡାଣ୍ଟ ଅରୁଣ ଦେଓଗମଙ୍କ ନେତୃତ୍ୱରେ ଆସାମ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏମାନେ ସେଠାରେ ୪ ଭାଗରେ ବିଭକ୍ତ ହୋଇ ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କୁ ଉଦ୍ଧାର ଓ ସୁରକ୍ଷା ଯୋଗାଇବେ। ଏହି ଦଳ ମଙ୍ଗଳବାର ସକାଳେ ମୁଣ୍ଡଳିରୁ ବାହାରି ଭୁବନେଶ୍ୱର ବିମାନ ବନ୍ଦରକୁ ଯାଇ ସେଠାରୁ ଏକ ସ୍ୱତନ୍ତ୍ର ବିମାନରେ ଆସାମ ଅଭିମୁଖେ ଗସ୍ତ କରିଛନ୍ତି।



କଟକ ମୁଣ୍ଡଳୀସ୍ଥିତ ୩ୟ ବାଟାଲିୟନରୁ ମଙ୍ଗଳବାର ଆସାମ ଅଭିମୁଖେ ବାହାରିଥିବା ଏନ୍‌ଡିଆର୍‌ଏଫ୍ ଟିମ୍।

# ଯୋଗାଣ ଅଧିକାରୀ କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ, ୨୧।୬:** ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୋମବାର ଖାଦ୍ୟ ଓ ଯୋଗାଣ ଅଧିକାରୀ ଅନାଦି ଚରଣ ସେଠୀଙ୍କ ଘର ସମେତ ୫ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଥିଲା। ଚଢାଉ ବେଳେ ତାଙ୍କ ନିକଟରୁ ଅଢେଇ କୋଟିରୁ ଅଧିକ ମୂଲ୍ୟର ସମ୍ପତ୍ତି ଠାବ ହୋଇଥିଲା। ଯାହା ତାଙ୍କ ପ୍ରକୃତ ଆୟଠାରୁ ଶତକଡା ୧୬୦ ପ୍ରତିଶତ ଅଧିକ। ଏହି ସମ୍ପତ୍ତି ସମ୍ପର୍କରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ମଙ୍ଗଳବାର ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ତାଙ୍କୁ ମାମଲା ନଂ.୯/୨୨ରେ ଗିରଫ କରାଯାଇଥିଲା। ପରେ ତାଙ୍କୁ ବ୍ରହ୍ମପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିବା ଭିଜିଲାନ୍ସ ଏସ୍‌ପି ତ୍ରିଲୋଚନ ସ୍ୱାଇଁ ସୂଚନା ଦେଇଛନ୍ତି।



ଅନାଦି ଚରଣ ସେଠୀ

# ଇଣ୍ଟିଗ୍ରେଟେଡ୍ ସର୍ଭିଲାନ୍ସ ଆରମ୍ଭ

ଭୁବନେଶ୍ୱର, ୨୧।୬(ବ୍ୟୁରୋ)

ରାଜ୍ୟରେ ମଙ୍ଗଳବାରଠାରୁ ଇଣ୍ଟିଗ୍ରେଟେଡ୍ ସର୍ଭିଲାନ୍ସ ଆରମ୍ଭ ହୋଇଛି। କୋଭିଡ୍ ସଂକ୍ରମଣ ସହ ଟିବି, ଫାଇଲେରିଆ, ମ୍ୟାଲେରିଆ, ଡାଇରିଆ, ଡେଙ୍ଗୁ ଭଳି ରୋଗ ଚିହ୍ନଟ ପାଇଁ ଘରକୁ ଘର ବୁଲି ସର୍ଭିଲାନ୍ସ କରାଯାଉଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି।

ରାଜ୍ୟରେ ବର୍ତ୍ତମାନ କୋଭିଡ୍ ସଂକ୍ରମଣ ଲଗାତାର ଉପରମୁହାଁ ହେଉଛି। ସୋମବାର ୪୬ଜଣ ଆକ୍ରାନ୍ତ ହୋଇଥିବାବେଳେ ମଙ୍ଗଳବାର ଆଉ ୫୩ଜଣ ଚିହ୍ନଟ ହୋଇଛନ୍ତି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମହାପାତ୍ର କହିଛନ୍ତି, ପୂର୍ବ ୧୫ ଦିନରେ ରାଜ୍ୟରେ ସଂକ୍ରମଣ ଏକ ଅଙ୍କରେ ରହୁଥିଲା। ମେ' ୩୧ରେ ୩ଜଣ ଚିହ୍ନଟ ହୋଇଥିଲେ। ଏହାପରେ ସଂଖ୍ୟା ଦୁଇଅଙ୍କ ଟପି ବଢ଼ିବାରେ ଲାଗିଛି, କିନ୍ତୁ ତାହା ଏତେ ଅଧିକ ନୁହେଁ। ହସ୍ପିଟାଲାଇଜେନ ବଢ଼ି ନାହିଁ। ତଥାପି ଇଣ୍ଟିଗ୍ରେଟେଡ ସର୍ଭିଲାନ୍ସ କରି କେଉଁଠି ଅଧିକ ସଂକ୍ରମଣ ବଢୁଛି ତାହାର ତଥ୍ୟକୁ ଅନୁଧ୍ୟାନ କରିବୁ। ଏହାବାଦ ଲୋକମାନଙ୍କୁ ଅପିଲ କରୁଛୁ ସମସ୍ତେ ଟିକା ନିଅନ୍ତୁ। ବର୍ତ୍ତମାନ ରାଜ୍ୟରେ ଯେଉଁ ସଂକ୍ରମିତ ଚିହ୍ନଟ ହେଉଛନ୍ତି, ସବୁ ଓମିକ୍ରନର ଭାରିଆଣ୍ଟ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ୩ ପୋଲିସ କର୍ମଚାରୀ ନିଲମ୍ବିତ

**ଥାନା ହାଜତରୁ ବ୍ରାଉନ୍‌ସୁଗାର ବେପାରୀ ଚମ୍ପଟ ଘଟଣା**

**ଜଳେଶ୍ୱର, ୨୧।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ହାଜତରୁ ୧୯ତାରିଖ ମଧ୍ୟରାତ୍ରିରେ ବ୍ରାଉନସୁଗାର ବେପାରୀ ମୁକ୍ତାର ଖାଁ ଚମ୍ପଟ ମାରିବା ଘଟଣାରେ ପୂର୍ବାଞ୍ଚଳ ଆଇଜିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସ୍‌ପି ଅମରେଶ ପାଣିଗ୍ରାହୀ ସବ୍‌ଇନ୍ସପେକ୍ଟର ପ୍ରିୟଦର୍ଶିନୀ ଖଟୁଆ, କନଷ୍ଟେବଲ ସେକ୍ ମଇରୁଦ୍ଦିନ ଓ ରବୀନ୍ଦ୍ର ହାଁସଦାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଗତ ୧୮ ତାରିଖ ସନ୍ଧ୍ୟାରେ ଜଳେଶ୍ୱର ପୋଲିସ ସାହୁଛକ ନିକଟରୁ ମୁକ୍ତାର ଖାଁଙ୍କୁ ଗିରଫ କରିବା ସହିତ ତାଙ୍କ ନିକଟରୁ ୧୦୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଥିଲା। ୧୯ତାରିଖରେ ତାଙ୍କୁ କୋର୍ଟଚାଲାଣ କରାଯାଇ ନ ଥିବା ବେଳେ ମଧ୍ୟରାତ୍ରିରେ ସେ ଥାନାରୁ ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ପୋଲିସର ଅବହେଳାକୁ ଦାୟୀ କରାଯାଇ ରିପୋର୍ଟ ପ୍ରକାଶ ପାଇବା ପରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଡାୟାରା ବୁଗାଲ ପର୍ବତ ଶିଖର ଛୁଇଁଲେ କର୍କଟ ପୀଡ଼ିତା

ଭୁବନେଶ୍ୱର, ୨୧।୬(ବ୍ୟୁରୋ)

**ଦୃଢ଼ ଇଚ୍ଛାଶକ୍ତି, ଧୈର୍ଯ୍ୟ ଥିଲେ ସବୁ ସମ୍ଭବ: ସ୍ୱାଗତିକା**

କମ୍ ବୟସରେ କର୍କଟ ବିରୋଧରେ ଲଢ଼ି ଜିତିଥିଲେ। ଏବେ ଟ୍ରେକିଂରେ ଆଉ ଏକ ଶିଖର ଛୁଇଁଛନ୍ତି। ୧୧ ହଜାର ୮୩୦ ଫୁଟ ଉଚ୍ଚ ଡାୟାରା ବୁଗାଲ ପର୍ବତ ଶିଖର ଛୁଇଁ ଅନ୍ୟ କର୍କଟ ପୀଡିତାଙ୍କ ପାଇଁ ଉଦାହରଣ ସାଜିଛନ୍ତି କଟକ ବିଡ଼ାନାସୀର ସ୍ୱାଗତିକା ଆଚାର୍ଯ୍ୟ। ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ଥିଲେ ସବୁକିଛି ସମ୍ଭବ ହୋଇପାରିବ। କିନ୍ତୁ ଏଥିପାଇଁ ଧୈର୍ଯ୍ୟର ସହିତ ଉଦ୍ୟମ କରିବାକୁ ପଡ଼ିବ। ଯେତେ ବାଧାବିଘ୍ନ ଆସୁଥିଲେ ମଧ୍ୟ ଦମ୍ଭ ହୋଇ ରହିଲେ ଲଢ଼େଇରେ ସଫଳତା ନିଶ୍ଚିତ ମିଳିବ ବୋଲି ସ୍ୱାଗତିକା କହିଛନ୍ତି।

ଜୀବନ ଯୁଦ୍ଧରେ ଜିତିବା ପରେ ଅନ୍ୟ କ୍ୟାନ୍‌ସର ପୀଡ଼ିତାଙ୍କୁ ରୋଗ ବିରୋଧରେ ଲଢ଼ିବା ପାଇଁ ସାହସ ଦେବାକୁ ଆଗେଇ ଆସିଛନ୍ତି ସ୍ୱାଗତିକା। ଏଥିସହ ଗୋଟିକେ ପରେ ଗୋଟିଏ ସାହସିକତା କାର୍ଯ୍ୟ କରି ଚର୍ଚ୍ଚାକୁ ଆସିଛନ୍ତି। ସ୍ୱାଗତିକାଙ୍କ ସହ କଲିକତା, ମୁମ୍ବାଇ, ଚେନ୍ନାଇ, ଛତିଶଗଡ଼ ଆଦି ରାଜ୍ୟର ୮ଜଣ କର୍କଟ ପୀଡିତା ଉତ୍ତରାଖଣ୍ଡ ଡେରାଡୁନର ଡାୟାରା ବୁଗାଲ ପର୍ବତ ଚଢ଼ିଥିଲେ। ସେମାନଙ୍କ ସହିତ ଡାକ୍ତର, ନର୍ସଙ୍କ ସମେତ ମୋଟ ୨୫ଜଣ ଏହି ଟ୍ରେକିଂରେ ଯାଇଥିଲେ। ଗତ ୫ ତାରିଖରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା। ସ୍ୱାଗତିକା ଟ୍ରେକିଂ କରୁଥିବା ସମୟରେ ସେଠାକାର ତାପମାତ୍ରା ୮ରୁ ୧୦ ଡିଗ୍ରୀ ସେଲ୍‌ସିୟସ ଥିଲା। ହେଲେ ରାତିର ହାଡ଼ଭଙ୍ଗା ଶୀତ ଭିତରେ ବି ତାଙ୍କ ପାଦ ଥକି ନ ଥିଲା। ଲଗାତାର ସାଥୀମାନଙ୍କ ସହ ଚାଲୁଥିଲେ। ସ୍ୱାଗତିକାଙ୍କ ସହ ତାଙ୍କ ବାପା ମନୋରଞ୍ଜନ ଆଚାର୍ଯ୍ୟ ମଧ୍ୟ ଥିଲେ। ୩ଦିନରେ ସେମାନେ ୧୧,୮୩୫ଫୁଟ ଉଚ୍ଚ ପର୍ବତ ଶିଖରରେ ପହଞ୍ଚିଥିଲେ। ଏହାପରେ ସେମାନଙ୍କୁ ପୁଣି ବେସ୍ କ୍ୟାମ୍ପରେ ପହଞ୍ଚିବାକୁ ଆଉ ଦୁଇଦିନ ଲାଗିଥିଲା।

ନିଜ ସଂଘର୍ଷ ଓ ସଫଳତା ସମ୍ପର୍କରେ ସ୍ୱାଗତିକା କୁହନ୍ତି, ମୁଁ ଜଣେ କ୍ୟାନ୍‌ସର ପୀଡିତା। ପତଳା ହୋଇଥିବାରୁ ପର୍ବତାରୋହଣ କରିପାରିବିନି ବୋଲି ବହୁ ଲୋକ କହିଥିଲେ। କିନ୍ତୁ ସେମାନଙ୍କର ଏଭଳି ଚିନ୍ତାଧାରାକୁ ମୁଁ ଭୁଲ ପ୍ରମାଣିତ କରିବା ଉଦ୍ଦେଶ୍ୟ ନେଇ ପର୍ବତ ଶିଖରରେ ପହଞ୍ଚିଥିଲି। ଏବେ ମୋର ଏହି ପର୍ବତାରୋହଣ ସମ୍ପର୍କରେ ଅନ୍ୟ ପୀଡିତାମାନେ ଜାଣିବା ପରେ ସେମାନଙ୍କ ମନୋବଳ ଦୃଢ଼ ହୋଇଛି। ସେମାନେ ବି କ୍ୟାନ୍‌ସରକୁ ମାତ୍ ଦେଇପାରିବେ ଓ କିଛି କରିପାରିବେ ବୋଲି କହୁଛନ୍ତି। ମାନସିକ ସ୍ତରରେ କର୍କଟକୁ ଜିତିବା ପାଇଁ ଆପୋଲୋ ହସ୍ପିଟାଲ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କ୍ୟାନ୍‌ସରକୁ ପରାସ୍ତ କରିଥିବା ଏହି ଯୋଦ୍ଧାମାନେ ଅନ୍ୟମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ଇଚ୍ଛାଶକ୍ତି ଥିଲେ ସବୁ ସମ୍ଭବ। ତେବେ ଆଗକୁ ଯଦି ସୁଯୋଗ ମିଳେ, ଏଭରେଷ୍ଟ ଆରୋହଣ କରିବି ବୋଲି ସ୍ୱାଗତିକା କହିଛନ୍ତି।




ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ୱସୁଧାଂଶୁ କୁମାର ପଟ୍ଟନାୟକ
ବାଟମଙ୍ଗଳା, ପୁରୀ
ଆବିର୍ଭାବ: ୨୨।୦୩।୧୯୫୮
ତିରୋଧାନ: ୧୨।୦୬।୨୦୨୨
ତୁମର ସ୍ନେହ, ଶ୍ରଦ୍ଧା, ସର୍ବଦା ସହାସ୍ୟ ମୁଖ ଆମର ଚିର ସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା ।
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ:
(ପୁତ୍ର, ପୁତ୍ରବଧୂ, ନାତି: ସ୍ୱାଗତ, ସମ୍ମିତ, ଶ୍ରଦ୍ଧା, ଗୀତା, ଶ୍ଳୋକ) ।
ଧ-୭୯୦

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ୱମାତାଜୀ ମହାନ୍ତି
ବୈରୀ, ଛତିଆ, ଯାଜପୁର
ଆବିର୍ଭାବ: ୨୦।୧୨।୧୯୪୫
ତିରୋଧାନ: ୧୨।୦୬।୨୦୨୨
ପଥରେ ପଥିକ ପାଦ ଥାପୁଥାପୁ ସରିଯାଏ ଦିନ। ପଥ ଖୋଜେ ଯେଉଁ ପଥିକ ପାଦକୁ ସେ ଏକା ସଂସାରେ ଧନ୍ୟ। ମହାପ୍ରଭୁ ଶ୍ରୀଜଗନ୍ନାଥ ତମ ଅମର ଆତ୍ମାର ସଦ୍‌ଗତି କରନ୍ତୁ।
ହତଭାଗ୍ୟ ଦିଅର: ଗୋପାଳ କୃଷ୍ଣ ମହାନ୍ତି, ପୁତ୍ର: ବିଶ୍ୱଜିତ ମହାନ୍ତି, ମହେନ୍ଦ୍ର କୁମାର ମହାନ୍ତି, ଶିବ ପ୍ରସାଦ ମହାନ୍ତି, ଦେବ ପ୍ରସାଦ ମହାନ୍ତି, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୮୦୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ୱଘନଶ୍ୟାମ ରାଉଳ
ଗ୍ରାମ: ସାଇଲୋ, ଝାରପଡ଼ା, କଟକ
ଆବିର୍ଭାବ: ତା୧୬।୦୮।୧୯୩୩
ତିରୋଧାନ: ତା୦୩।୦୭।୨୦୨୧
ବାପା! ଚାହୁଁ ଚାହୁଁ ବର୍ଷେ ପୂରିଗଲା। ପରକରି ଚାଲିଗଲେ ଆରପାରିକୁ। ଏତେ ଶୀଘ୍ର ଆମକୁ ଛାଡ଼ି ଚାଲିଯିବେ ବୋଲି କେବେ ଭାବି ନ ଥିଲୁ। ଆପଣଙ୍କ ଅନୁପସ୍ଥିତି ଆମ ପାଇଁ ଏବେ ଅପୂରଣୀୟ କ୍ଷତି। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା, ଆଦର୍ଶ, ସହାନୁଭୂତି, ପରୋପକାର ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ। ସ୍ୱର୍ଗରେ ଥାଇ ଆପଣ ସର୍ବଦା ଆମ୍ଭମାନଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ। ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥ ଆରପାରିରେ ଆପଣଙ୍କ ଅମର ଆତ୍ମାକୁ ଶାନ୍ତିରେ ରଖନ୍ତୁ। ଏହାହିଁ ଆଜିର ଏହି ପୁଣ୍ୟତିଥିରେ ଆମର ମାଗୁଣି ।
ଶୋକସନ୍ତପ୍ତ ପରିବାରବର୍ଗ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୭୯୨

# ଗୋମହିଷଙ୍କୁ ଅଢ଼େଇଦିନିଆ ଜ୍ୱର



ବର୍ଷାଦିନରେ ଗୋମହିଷଙ୍କୁ ଅଢ଼େଇଦିନିଆ ଜ୍ୱର ହୋଇଥାଏ । ସେମାନଙ୍କ ଦେହରେ ଅଧିକ ତାତି ରହେ ଓ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ। ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଆଉ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ଥାଏ । ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ । ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ଲାଗି ପାଉଁଶ ବା ବାଲି ବିଛାନ୍ତୁ । ଏବେ ଗୋ-ମହିଷ ଓ ବାଛୁରୀଙ୍କୁ ସାହାଣ ଏବଂ ବଜବଜିଆ ରୋଗ ହେବା ଆଶଙ୍କା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।

# ମାଛଚାଷ ଲାଗି...

ଚଳିତ ବର୍ଷ ମାଛଚାଷ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଯେଉଁ ଚାଷୀଭାଇମାନେ ପୋଖରୀକୁ ସୁଦ୍ଧା ଶୁଖାଇ ପାରିନାହାନ୍ତି ସେମାନେ ଏବେ ତୁରନ୍ତ ଶୁଖାଇ ଦିଅନ୍ତୁ । ଶୁଖିଥିବା ପୋଖରୀକୁ ଭଲଭାବେ ହଳ କରନ୍ତୁ । ମାଟିର ଅମ୍ଳତାର ମାତ୍ରା ଅନୁସାରେ ଚୂନ ପ୍ରୟୋଗ କରନ୍ତୁ । ବର୍ଷା ହେଲେ ପୋଖରୀରେ ପାଣି ରହିବ । ଏହି ସମୟରେ ଏକର ପ୍ରତି ଏକ ଟନ୍ ହିସାବରେ କଞ୍ଚା ଗୋବର ପାଣିରେ ମିଶାଇ ଦିଅନ୍ତୁ। ଏହା ମାଛର ପ୍ରାକୃତିକ ଖାଦ୍ୟ 'ପ୍ଲାଙ୍କଟନ୍' ପ୍ରସ୍ତୁତ କରିବାରେ ସାହାଯ୍ୟ କରେ ।



# ଫଳଚାଷ ପାଇଁ ଜମି ପ୍ରସ୍ତୁତି



ଆମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଯଥାଶୀଘ୍ର ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛିଦିନ ପାଇଁ ଛାଡ଼ି ଦିଅନ୍ତୁ। ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା:- ଆମ୍ବ ଓ ସପେଟା - ୧ ମି. x ୧ ମି. x ୧ ମି. , ନଡ଼ିଆ - ୧ ମି. x ୧ ମି.x୧ ମି. , କଦଳୀ - ୦.୪ ମି. x ୦.୪ ମି. x ୦.୪ ମି. , କମଳା/ଲେମ୍ବୁ - ୦.୬ ମି. x ୦.୬ ମି. x ୦.୬ ମି. ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ । ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବର ଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ । ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ।

# ପନିପରିବା ତଳିଘରା

ବର୍ଷାଦିନେ ସାଧାରଣତଃ ବାଇଗଣ, ବର୍ଷାଦିନିଆ ବିଲାତି ବାଇଗଣ, କୋବି, ପିଆଜ, ଲଙ୍କା, ଭେଣ୍ଡି, କଖାରୁ, ଛଚିନ୍ଦ୍ରା, ଜହ୍ନି, କଲରା, କାକୁଡ଼ି, କୁନ୍ଦୁରି, କାଙ୍କଡ଼, ଝୁଡ଼ଙ୍ଗ ଆଦି ପନିପରିବା ଚାଷ କରାଯାଇଥାଏ। ସେଗୁଡ଼ିକ ମଧ୍ୟରୁ ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ। ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସ,ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ। ଏଥିସହିତ ୧୫୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ। ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜ କରି ୭ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳୀର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ। ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜି ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷା ଦାଉରୁ ଛୋଟ ଚାରାକୁ ରକ୍ଷା କରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ।

# ଭେଣ୍ଡି ବିହନ ଲଗାଇବା ସମୟରେ...



ଭେଣ୍ଡି ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ । ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ । ଅଧିକ ଅମଳକ୍ଷମ ଭେଣ୍ଡି ପାଇଁ ଭଲ କିସମ ବିହନ ଚୟନ କରନ୍ତୁ। ସେଗୁଡ଼ିକ ମଧ୍ୟରେ ରହିଛି- ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪। ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେ.ମି.x ୩୦ ସେ.ମି. ରହିବା ଦରକାର । ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଭେଣ୍ଡିଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହ ପ୍ରୟୋଗ କରନ୍ତୁ ।

# ଫଳମାଛି



ପ୍ରତ୍ୟୁଷ ପଣ୍ଡା

ଫଳମାଛି ପ୍ରାୟ ସମସ୍ତ କଖାରୁ ଜାତୀୟ ପରିବା ଯଥା କଖାରୁ, କାକୁଡ଼ି, କଲରା, ଜହ୍ନି, ପୋଟଳ, ତରଭୁଜ ଆଦି ଫସଲରେ ଆକ୍ରମଣ କରିବା ସହ ପିଜୁଳି, ଲେମ୍ବୁ, ନାସପାତି ଓ ଆମ୍ବ ଆଦି ଫଳକୁ ଆକ୍ରମଣ କରନ୍ତି। ଏହି ପୋକଟି କଖାରୁ ଓ ଫଳଗୁଡ଼ିକର ଏକ ପ୍ରଧାନ ଓ ମାରାତ୍ମକ ଶତ୍ରୁ। ଏହାର ଆକ୍ରମଣ ଯୋଗୁ ସମୟ ସମୟରେ ୫୦ରୁ ୮୦ ଭାଗ ପର୍ଯ୍ୟନ୍ତ ଅମଳ କମିଯାଏ। ଫଳମାଛି ଆକ୍ରମଣ ପ୍ରତିହିତ ଏବଂ ଫସଲକୁ ସୁରକ୍ଷା ଦେବା ପାଇଁ କି କି ପଦକ୍ଷେପ ନେବା ଓ ଫଳମାଛିକୁ କିପରି ଚିହ୍ନିବା ସେ ବିଷୟରେ ଏଠାରେ ସୂଚୀତ କରାଯାଉଛି।

**ପୋକ ଚିହ୍ନିବେ କିପରି :** ପୂର୍ଣ୍ଣାଙ୍ଗ ମାଛି ଘର ମାଛିଠାରୁ ଛୋଟ (ଲମ୍ବ ୭ମି.ମି. ଓ ଓସାର ୩ମି.ମି.)। ମାଛିର ଶରୀର ଲାଲ୍ ବାଦାମୀ ରଙ୍ଗର ଓ ସ୍ୱଚ୍ଛ ଚିକ୍‌ଚିକ୍ ହଳଦିଆ ରଙ୍ଗର ଡେଣା ଥାଏ, ଯାହା ଉପରେ ହଳଦିଆ ବାଦାମୀ ରଙ୍ଗର ଲମ୍ବାଳିଆ ଚିହ୍ନ ଥାଏ। ଏହା ୧୨-୧୫ ମି.ମି. ଲମ୍ବ ଓ ପଛଭାଗ କୋଣାକୃତି ଆଖି ଏବଂ ମୁଣ୍ଡ ଗାଢ଼ ଧୂସର, ଅଣ୍ଡାର ଆକାର ଲମ୍ବାଳିଆ ରଙ୍ଗଧଳା ଅଂଶେଇ (ମାଗାଟ୍) ଈଷତ୍ ଧଳା ଓ ଏହାର ଗୋଡ଼ ନ ଥାଏ। ଏହାର ମୁଣ୍ଡ ପାଖ ଗୋଜିଆ, ସରୁ ଓ ପଛପାଖ ଅପେକ୍ଷାକୃତ ମୋଟା, ପୂର୍ଣ୍ଣାଙ୍ଗ ପ୍ରାପ୍ତ ଅଂଶେଇ ୯-୧୦ ମି.ମି ଲମ୍ବା। ଅଂଶେଇ ଫଳ ଭିତରେ ଅଂଶ ଖାଇ ବଡ଼ ହେବା ପରେ ଫଳ ଭିତରୁ ବାହାରି ଆସି ମାଟିରେ କୋଷା କରି ରହେ, କୋଷା ଦେଖିବାକୁ ଅଣ୍ଡାକୃତି ଓ ଏହାର ରଙ୍ଗ କଳା।

**ଆକ୍ରମଣଜନିତ ଲକ୍ଷଣ :** ଫଳଗୁଡ଼ିକ କଷି ହୋଇଥିବା ସମୟରେ ମାଈ ମାଛି ତାହାର ଡିମ୍ବ ନିଧାୟକ ସାହାଯ୍ୟରେ ଫଳରେ କ୍ଷତ କରି ତା' ଭିତରେ ୪ରୁ ୧୦ଟି କରି ୩୦୦ ପର୍ଯ୍ୟନ୍ତ ଅଣ୍ଡା ଦେଇଥାଏ। କ୍ଷତସ୍ଥାନ ଏକପ୍ରକାର ଅଠାଳିଆ ପଦାର୍ଥ ଦ୍ୱାରା ଆବୃତ୍ତ ରହିଥାଏ। ଦିନକ ପରେ ଅଣ୍ଡା ଫୁଟି ଅଂଶେଇ ବାହାରନ୍ତି, ଅଣ୍ଡାରୁ ଅଂଶେଇ ବାହାରି ଫଳ ଭିତର ଅଂଶ ଖାଏ। ଏହାଦ୍ୱାରା ଫଳଟି ଖାଇବା ପାଇଁ ଅନୁପଯୁକ୍ତ ହୋଇଥାଏ। ଆକ୍ରାନ୍ତ ଫଳ ସୁକୁଟିଯାଇ ଡଙ୍କରୁ ଝଡ଼ିପଡ଼େ। ଶୁକ ମଧ୍ୟ ଫଳ ଖାଇଯାଏ ଓ ମଳତ୍ୟାଗ କରେ। ଏଇ ବାଟଦେଇ କବକ ଓ ଜୀବାଣୁ ସଂକ୍ରମଣ କରେ, ଫଳରେ ଫଳ ପଚିଯାଏ। ଆକ୍ରାନ୍ତ ଫଳକୁ ଫଟାଇ ଦେଖିଲେ ମେଞ୍ଚା ମେଞ୍ଚା ଧଳା ରଙ୍ଗର ଅଂଶେଇ ଦେଖାଯାଏ। କେତେକ ସମୟରେ ଫଳମାଛି ଗଛର କାଣ୍ଡରେ ମଧ୍ୟ ଛିଦ୍ରକରି ଅଣ୍ଡା ଦେଇଥାଏ, ଯାହାଦ୍ୱାରା କାଣ୍ଡ ଉପରେ ଗୋଟିଏରୁ ଅନେକ ଗୁଳା (ଚାଲ୍) ସୃଷ୍ଟି ହୁଏ ଓ ଆସ୍ତେ ଆସ୍ତେ ଗଛ ପଡ଼ି ମରିଯାଏ।

**ଜୀବନଚକ୍ର :** ଫଳମାଛିର ଜୀବନଚକ୍ର ୪ଟି ଅବସ୍ଥା( ଅଣ୍ଡା, ଅଂଶେଇ, କୋଷା ଓ ପୂର୍ଣ୍ଣାଙ୍ଗ) ଅବସ୍ଥା ମଧ୍ୟ ଦେଇ ଗତିକରେ। ପୂର୍ଣ୍ଣାଙ୍ଗ ମାଈମାଛି ଛୋଟ ଫଳ ଭିତରେ ଗୋଟିଏ ସ୍ଥାନରେ ୪ରୁ ୧୦ଟି କରି ୩୦୦ଅଣ୍ଡା ଦିଏ। ଅଣ୍ଡା ଦିନକ ପରେ ଫୁଟେ। ଅଂଶେଇ ଫଳ ଭିତରେ ଗ୍ରୀଷ୍ମଋତୁରେ ୩ରୁ ୫ଦିନ ଓ ଶୀତଦିନରେ ୩ ସପ୍ତାହ ରହିଲା ପରେ ବାହାରକୁ ଆସି ମାଟି ଉପରେ ଡେଇଁବା ଦେଖାଯାଏ। ଅଳ୍ପ କିଛି ସମୟ ପରେ ଏହା ମାଟି ଉପରେ ବସି ପ୍ରାୟ ୫ସେ.ମି. ଗଭୀରରେ କୋଷାରେ ପରିଣତ ହୁଏ। କୋଷା ଅବସ୍ଥାରୁ ୨୮ଦିନ ଅତିକ୍ରାନ୍ତ ପରେ ପୂର୍ଣ୍ଣାଙ୍ଗ ମାଛି ବାହାରେ, ପୂର୍ଣ୍ଣାଙ୍ଗ ମାଛି ତା'ର ଜୀବନଚକ୍ର ୨ସପ୍ତାହ ମଧ୍ୟରେ ସମାପ୍ତ କରିଥାଏ।





**ଫଳମାଛି ପରିଚାଳନା ଚାଷ ପ୍ରଣାଳୀ**

- ଫସଲ ଥିବା ଅବସ୍ଥାରେ ଲଟା ଚାରିପଟ ମାଟିକୁ ବାରମ୍ବାର କୋଡ଼ାଖୁସା କରିବା ଦ୍ୱାରା ଖୋସାଗୁଡ଼ିକ ମାଟି ଉପରକୁ ଆସି ଯାଆନ୍ତି ଓ ପ୍ରଖର ସୂର୍ଯ୍ୟକିରଣ ପ୍ରଭାବ ଏବଂ ପକ୍ଷୀମାନଙ୍କ ଦ୍ୱାରା ଖାଦ୍ୟ ରୂପେ ବ୍ୟବହୃତ ହୋଇ ନଷ୍ଟ ହୁଅନ୍ତି।
- ଫସଲ ସମ୍ପୂର୍ଣ୍ଣ ଅମଳ ହେବା ପରେ ଜମିକୁ ଗଭୀର ଚାଷ କରିବା ଦ୍ୱାରା ଉପରୋକ୍ତ ଉପାୟରେ ମଧ୍ୟ ଖୋସାଗୁଡ଼ିକ ନଷ୍ଟହେବା ଫଳରେ ଏହି କୀଟମାନଙ୍କ ସଂଖ୍ୟା ନିୟନ୍ତ୍ରଣ ଅବସ୍ଥାରେ ରହନ୍ତି।
- ଜମିକୁ ଭଲଭାବରେ ସଫା କରିବା ଓ ଅନାବନା ଘାସ ନଷ୍ଟ କରିବା ଦ୍ୱାରା ଏହି କୀଟର ଭଲ ଭାବରେ ବଂଶ ବୃଦ୍ଧି ଘଟେ ନାହିଁ ଏବଂ କୀଟ ସଂଖ୍ୟା ନିୟନ୍ତ୍ରିତ ଅବସ୍ଥାରେ ରହେ।
- ଆକ୍ରାନ୍ତ ଫଳଗୁଡ଼ିକ ନିୟମିତ ସଂଗ୍ରହକରି ନଷ୍ଟ କରିବା ଆବଶ୍ୟକ।
- କଖାରୁ ଜାତୀୟ ପନିପରିବା ଗୋଟିଏ ଜମିରେ ବାରମ୍ବାର ଚାଷ ନ କରି ଫସଲ ପର୍ଯ୍ୟାୟ ଅବଲମ୍ବନ କରି କଖାରୁ ଜାତୀୟ ପନିପରିବା ପରେ ଯେକୌଣସି ଛୁଇଁବା ବା କୋବି ଜାତୀୟ ଫସଲ ଚାଷ କରିବା ଭଲ।

**ବିଷ ଥୋପ ପ୍ରୟୋଗ :** ବିଷ ଥୋପ ପ୍ରୟୋଗ ଦ୍ୱାରା ଏହି କୀଟକୁ ନିୟନ୍ତ୍ରଣ କରିବା ପାଇଁ ପ୍ରକୃଷ୍ଟ ଉପାୟ। ଏଥିପାଇଁ ନିମ୍ନଲିଖିତ ଯେକୌଣସି ବିଷ ଥୋପ ପ୍ରୟୋଗ କରିପାରିବା।

- ଗୋଟିଏ ମାଟି ସରାରେ ୧ଲିଟର ସଫାପାଣି ନିଆଯାଇ ସେଥିରେ ୧୨୫-୧୩୦ଗ୍ରାମ୍ ଗୁଡ଼ ଭଲ ଭାବରେ ମିଶାନ୍ତୁ। ସେଥିରେ ୨.୫ ମି.ଲି. ମହୁ ଓ ୨-୨.୫ମି.ଲି .ମାଲାଥିଅନ୍/ଇଣ୍ଡୋକ୍ସାକାର୍ବ କିମ୍ବା କାଟାପ୍ ହାଇଡ୍ରୋକ୍ଲୋରାଇଡ୍ ମିଶାଇ ଭଲଭାବରେ ଗୋଳାନ୍ତୁ। ଏହି ବିଷ ଥୋପକୁ ଫସଲ କିଆରିରେ ୨୦ଟି ସ୍ଥାନରେ ଛୋଟ ଚଟକା ମାଟି, ନଡ଼ିଆ ସରାରେ ୫୦ମି.ଲି. ସରା ପ୍ରତି ରଖି ଦେଲେ ପୂର୍ଣ୍ଣାଙ୍ଗ ମାଛି ଆକୃଷ୍ଟ ହୋଇ ଏହି ପାତ୍ରରେ ପଡ଼ି ମରିଯାଏ। ଏହାକୁ ୧କି.ଗ୍ରା. ପାଚିଲା କଦଳୀ ସହିତ ୧୦ଗ୍ରାମ୍ ପ୍ରିଫୋନିଲ୍ କିମ୍ବା କାରାଟାପ୍ ହାଇଡ୍ରୋକ୍ଲୋରାଇଡ୍ ମିଶାଇ ପ୍ରସ୍ତୁତ କରି ମାଟି ସରାରେ ୫୦ଗ୍ରାମ୍ ଲେଖାଏଁ ରଖି ପୂର୍ଣ୍ଣାଙ୍ଗ ମାଛିକୁ ଆକୃଷ୍ଟ କରି ମାରି ଦିଆଯାଏ।

**ଯନ୍ତା ପ୍ରଣାଳୀରେ ପୋକ ନିୟନ୍ତ୍ରଣ :** ଯନ୍ତା ପ୍ରଣାଳୀରେ ଫଳମାଛି ନିୟନ୍ତ୍ରଣ ଇଥାୟୁଲ୍ ଯୁ ଜେନାଟ୍ରାପ୍ (ଯନ୍ତା) ବ୍ୟବହାର କରାଯାଏ। ଏଥିପାଇଁ ଏକ ଯନ୍ତି ଓ କ୍ୟୁ-ଲିଓରେ ବଜାରରେ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି। ଏହାକୁ ଚାଷୀଭାଇମାନେ ବ୍ୟବହାର କରି ଫଳମାଛିର ସଫଳ ନିୟନ୍ତ୍ରଣ କରିପାରିବେ।

**ରାସାୟନିକ ଉପାୟ :** ଫଳମାଛିର ଅଂଶେଇକୁ ଫଳ ମଧ୍ୟରେ ମାରିବା ପାଇଁ ସାଧାରଣତଃ ସାଇଣ୍ଟ୍ରା ନିଲିପୋଲ୍ ୧୦.୨୬% ଓ ଓଡି ୪୦୦ମି.ଲି. କିମ୍ବା ଟୋଲ୍‌ଫିନ୍ ପ୍ୟାରେଡ୍ ୧୫%ଲି. ୪୦୦ମି.ଲି. କିମ୍ବା ଏମାମେକ୍ଟିନ୍ ବେଞ୍ଜୋଏଟ୍ ୫% ଏସିଜିକୁ ୧୦୦ଗ୍ରାମ୍ ହିସାବରେ ଏକ ଏକରକୁ ୨୦୦ଲିଟର ପାଣିରେ ମିଶାଇ ପ୍ରୟୋଗ କରିବା। ଏହିସବୁ ଉପାୟ ଅବଲମ୍ବନ କଲେ ଫଳମାଛିର ନିୟନ୍ତ୍ରଣ ଠିକ୍ ହୋଇପାରିବ ଏବଂ ଭଲ ଅମଳ ପାଇପାରିବା।

-ଶେଷ ବର୍ଷ କୃଷି ଛାତ୍ର,
ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ : ୯୬୯୨୯୩୬୧୬୩

# ଧାନରେ ଶେଷ ଓଡ଼ ଚାଷ



ଶେଷ ଓଡ଼ ଚାଷ ପୂର୍ବରୁ ପ୍ରଥମେ ଜମିକୁ ଗଭୀର ଚାଷକରି ମାଟିକୁ ଗୁଣ୍ଡ କରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ । ଏହି (ଶେଷ ଓଡ଼) ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଛଟାବୁଣା ନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨-୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ। ବୁଣି ସାରି ଥରେ ମଇ ଦେଇ ଦିଅନ୍ତୁ। ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନ କରି ବୁଣନ୍ତୁ । ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ। ୧ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡିସିମିଲ ତଳିଘରାରେ ୧ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଚଉଡ଼ାର ନାଳୀ ଛାଡ଼ନ୍ତୁ । ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ । ଦୋରସା ମାଟି ଥିବା ବର୍ଷାଧାରିତ ଜମିରେ ଶୁଖିଲା ତଳି ପଟି ମଧ୍ୟ କରାଯାଇ ପାରିବ । ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ । ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ । ଗଜା ହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ । ସାଧାରଣତଃ ଖରିଫ/ବର୍ଷାଋତୁରେ ମୋଟ ୬୦ ମି.ମି. ବର୍ଷା ହେବାପରେ ହିଁ ବୁଣାବୁଣି କାର୍ଯ୍ୟ କରନ୍ତୁ । ଯେଉଁ ଜମିଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଇଛି ବିଶେଷ କରି ଢିପ ଜମିରେ ଘାସମରା ବିଷ ବ୍ୟବହାରକରି ଘାସ ଦମନ କରନ୍ତୁ । ଏଥିପାଇଁ ଢିପଜମିରେ ହେକ୍ଟର ପ୍ରତି ବୁଟାକ୍ଲୋର କିମ୍ବା ପ୍ରେଟିଲାକ୍ଲୋର ୧ ଲିଟର (ମୁଖ୍ୟ ଉପାଦାନ) ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେୟରରେ ବୁଣିବାର ୨-୩ ଦିନ ପରେ ମାଟିର ବତର ଥିବା ଅବସ୍ଥାରେ ସିଞ୍ଚନ କରନ୍ତୁ । ରୋଇବା ପାଇଁ ଉଦ୍ଦିଷ୍ଟ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଧନିଚା ବୁଣନ୍ତୁ । ଜଳସେଚିତ ଜମିଗୁଡ଼ିକରେ ଜଳର ସୁବିଧା ଥିଲେ ସବୁଜ ସାର ନିମିତ୍ତ ଆଜୋଲା ବଢ଼ାନ୍ତୁ । ସାଧାରଣ ଉର୍ବର ଜମିରେ ବୁଣାବେଳେ ହେକ୍ଟର ପ୍ରତି ୧୫ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଫସଲକୁ ବିହନଜନିତ ରୋଗରୁ ରକ୍ଷାକରିବା ପାଇଁ ବୁଣିବା ପୂର୍ବରୁ ବିହନକୁ କେ.ଜି. ପ୍ରତି ୨ ଗ୍ରାମ୍ କାର୍ବୋକ୍ସିନ୍ + ଥିରାମ୍ ବା ୨ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିଶୋଧନ କରନ୍ତୁ । ଉପଦ୍ରୁତ ଅଞ୍ଚଳରେ ରୋଗପୋକ ସହଣୀ ଶକ୍ତି ଥିବା କିସମର ଧାନଚାଷ କରନ୍ତୁ। ତଣ୍ଟିକଟା (କେଣ୍ଡା ମହିଷା) ରୋଗର ପ୍ରତିକାର ପାଇଁ ୧ କି.ଗ୍ରା. ବିହନକୁ ୨.୦ ଗ୍ରାମ୍ ହିସାବରେ ମିଶ୍ରିତ ଫିମ୍ପିନାଶକ କାର୍ବୋକ୍ସିନ୍ (୩୭.୫%) + ଥିରାମ୍ (୩୭.୫%) ଦ୍ୱାରା ବିଶୋଧନ କରିବେ ଏବଂ ହେକ୍ଟର ପ୍ରତି ଟେବୁକୋନାଜୋଲ୍ ୫୦୦ ମି.ଲି. କିମ୍ବା କାଜୁଗାମାଇସିନ୍ (୩% ଏସ୍.ଏଲ୍.) ୫୦୦ ମି.ଲି. କିମ୍ବା ୭୫୦ ମି.ଲି. ଆଇସୋପ୍ରୋଥିଲେନ୍ (୪୦% ଇସି) ଦୁଇଥର ପତ୍ର ସିଞ୍ଚନ କରନ୍ତୁ।

## ଚାଷୀଙ୍କ ପାଇଁ

- ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି. ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।



- ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।
- ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।



- ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।
- ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସ ବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ ।

## ସଂକ୍ଷେପରେ

### ଭାରତୀୟ ଦଳରେ ଶୀଘ୍ର ଯୋଗଦେବେ ଅଶ୍ୱିନ

**ନୂଆଦିଲ୍ଲୀ,୨୧।୬:** ବରିଷ୍ଠ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଗତ ସପ୍ତାହରେ ଭାରତୀୟ ଦଳର ଅନ୍ୟ ସଦସ୍ୟଙ୍କ ସହ ୟୁକେ ଗସ୍ତ କରିପାରି ନ ଥିଲେ। ସେ ଆଗାମୀ କିଛି ଦିନ ମଧ୍ୟରେ ଇଂଲଣ୍ଡରେ ପହଞ୍ଚିବେ। ଆସନ୍ତା ୨୪ ତାରିଖରୁ ଲିସେଷ୍ଟରଶାୟାର ସହ ଭାରତୀୟ ଦଳକୁ ଏକ ୪ ଦିନିଆ ୱାର୍ମଅପ୍ ମ୍ୟାଚ୍ ଖେଳିବାର ଅଛି। ଏହି ମ୍ୟାଚ୍ ପୂର୍ବରୁ ସେ ଦଳରେ ଯୋଗ ଦେବେ ବୋଲି ଆଶା କରାଯାଉଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ବର୍ମିଂହାମର ଏଜବାଷ୍ଟନଠାରେ ଅସମାପ୍ତ ଟେଷ୍ଟ ସିରିଜ୍‌ର ଅନ୍ତିମ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ୫ ଟିକିଆ ଟେଷ୍ଟ ସିରିଜ୍‌ର ଫଳାଫଳ ନିର୍ଣ୍ଣୟ କରିବ। ସିରିଜ୍ ଏବେ ୨-୧ରେ ଭାରତ ପକ୍ଷରେ ରହିଛି। ଚେନ୍ନାଇ ସ୍ପିନର ପଜିଟିଭ କୋଭିଡ୍ ରିପୋର୍ଟ ଯୋଗୁ ଗତ ୧୬ ତାରିଖରେ ମୁମ୍ବାଇରୁ ୟୁକେ ଫ୍ଲାଇଟ୍ ଧରିପାରି ନ ଥିଲେ। ଯଦି ଅଶ୍ୱିନ କୋଭିଡ୍‌ରୁ ମୁକ୍ତ ହେବାରେ ବିଫଳ ହୁଅନ୍ତି, ତେବେ ଅଫ୍ ସ୍ପିନର ଜୟନ୍ତ ଯାଦବଙ୍କୁ ତାଙ୍କ ଷ୍ଟାଣ୍ଡବାଇ ଭାବେ ରଖାଯାଇଛି।

### ଦ୍ରାବିଡ୍, ପନ୍ତ, ଆୟାର ଯୋଗ ଦେଲେ

ନିକଟରେ ଶେଷ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ର ଅଂଶଥିବା ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍, ଉଇକେଟକିପର ବ୍ୟାଟର ରିଷଭ ପନ୍ତ ଓ ଶ୍ରେୟାସ ଆୟାର ମଙ୍ଗଳବାର ଲିସେଷ୍ଟରଠାରେ ଭାରତୀୟ ଦଳରେ ଯୋଗ ଦେଇଛନ୍ତି। ରବିବାର ୫ମ ତଥା ଅନ୍ତିମ ଟି୨୦ ମ୍ୟାଚ୍ ବାତିଲ ହେବା ପରେ ସେମାନେ ବାଙ୍ଗାଲୋରରୁ ଇଂଲଣ୍ଡ ଯାତ୍ରା କରିଥିଲେ। ତେବେ ବିସିସିଆଇ ଓ ଚୟନକର୍ତ୍ତା ଲୋକେଶ ରାହୁଲଙ୍କ ବଦଳ ଖେଳାଳିଙ୍କ ନାମ ଘୋଷଣା କରିନାହାନ୍ତି।

### ଲଙ୍କାଶାୟାର ପାଇଁ ଖେଳିବେ ୱାଶିଂଟନ



**ବେଙ୍ଗାଲୁରୁ,୨୧।୬(ପିଟି):** ଭାରତୀୟ ଟି୨୦ ସ୍ପେଶାଲିଷ୍ଟ ଦୀପକ ଚହରଙ୍କୁ ସମ୍ପୂର୍ଣ୍ଣ ରୂପେ ମାଂସପେଶୀ ଜନିତ ଆହତ ସମସ୍ୟାରୁ ମୁକ୍ତ ହେବା ପାଇଁ ଆହୁରି ୪ରୁ ୫ ସପ୍ତାହ ଲାଗିବ। ଏହି କାରଣରୁ ସେ ଚଳିତ ବର୍ଷ ଆଇପିଏଲରେ ଖେଳିପାରି ନ ଥିଲେ। ହାତ ଜନିତ ସମସ୍ୟାରୁ ମୁକୁଳୁ ଥିବା ୱାଶିଂଟନ ସୁନ୍ଦର ଏବେ ଟି ନଟରାଜନଙ୍କ ସହ ବେଙ୍ଗାଲୁରୁସ୍ଥିତ ଏନ୍‌ସିଏରେ ରେହାବିଲିଟେଶନରେ ଅଛନ୍ତି। ମିଳିଥିବା ସୂଚନା ମୁତାବକ, ସ୍ପିନ ଅଲରାଉଣ୍ଡର ୱାଶିଂଟନ ଅଗ୍ରଣୀ କାଉଣ୍ଟି କ୍ଲବ ଲଙ୍କାଶାୟାର ପାଇଁ ଖେଳିବା ଲାଗି ଇଂଲଣ୍ଡ ଗସ୍ତ କରିବେ। ''ୱାଶିଂଟନ ଖୁବ ଶୀଘ୍ର ଶତ ପ୍ରତିଶତ ଫିଟନେସ୍ ହାସଲ କରିବେ। ଏହାପରେ ତାଙ୍କୁ ଅନେକ ଗେମ୍ ଟାଇମ ଦରକାର, ଯାହାକି ସେ କେବଳ ରେଡ୍ ବଲ କ୍ରିକେଟରୁ ପାଇପାରିବେ। ସେ ଲଙ୍କାଶାୟାର ପକ୍ଷରୁ ଖେଳିବାକୁ ଯାଉଛନ୍ତି'' ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି। ଅନ୍ୟପକ୍ଷରେ ଚହର ୱେଷ୍ଟଇଣ୍ଡିଜ ଗସ୍ତ କିମ୍ବା ଏସିଆ କପ୍‌ରେ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ୍‌ରେ ଆହତ ହୋଇଥିବା ଚହର ଏନ୍‌ସିଏଠାରେ ମଙ୍ଗଳବାର ସକାଳ ସେସନରେ ବୋଲିଂ ଅଭ୍ୟାସ କରିଥିଲେ। ''ମୋ ରେହାବ ପ୍ରୋଗ୍ରାମ ଅନୁଯାୟୀ, ଥରକେ ୪ରୁ ୫ ଓଭର ବୋଲିଂ କରୁଛି। ଠିକଭରି ମଧ ଭଲ ଚାଲିଛି। ମୋ ମତରେ ମ୍ୟାଚ୍ ଫିଟ୍‌ନେସ ହାସଲ କରିବା ପାଇଁ ମୋତେ ଆହରି ୪ରୁ ୫ ସପ୍ତାହ ଲାଗିବ। ଆହତ ସମସ୍ୟାରୁ ମୁକ୍ତୁଳିବା ଏକ ପର୍ଯ୍ୟାୟ ପ୍ରକ୍ରିୟା। ଇଂଲଣ୍ଡ ଟି୨୦ ସିରିଜ୍ ଲାଗି ମୁଁ ଫିଟ୍ ଥିବି ଲାଗୁନାହିଁ। ଫିଟ୍ ହେଲା ପରେ ମୋ ଫିଟ୍‌ନେସ ଯାଞ୍ଚ କରିବା ପାଇଁ କ୍ଲବ ସ୍ତରୀୟ କ୍ରିକେଟ ଖେଳିବା ଦରକାର'' ବୋଲି ଚହର ତାଙ୍କ ରେହାବ ସେସନ ପରେ କହିଛନ୍ତି। ଇଂଲଣ୍ଡ ଗସ୍ତ ଶେଷ ହେବା ପରେ ଭାରତୀୟ ଦଳ ୱେଷ୍ଟଇଣ୍ଡିଜ ଗସ୍ତ କରିବ। ସେଠାରେ ୩ ଦିନିକିଆ ଓ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳିବ।

# ସବିତା ଅଧିନାୟିକା, ଦୀପ୍‌ଗ୍ରେସ୍ ଉପଅଧିନାୟିକା


ସବିତା ପୁନିଆ


ଦୀପ୍‌ଗ୍ରେସ୍ ଏକ୍କା

**ମହିଳା ହକି ବିଶ୍ୱକପ ପାଇଁ ଭାରତୀୟ ଦଳ ଘୋଷିତ**

ନୂଆଦିଲ୍ଲୀ, ୨୧।୬

ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ ଜୁଲାଇ ୧ରୁ ୧୭ ପର୍ଯ୍ୟନ୍ତ ନେଦରଲାଣ୍ଡ୍ସ ଓ ସ୍ପେନ୍‌ରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ମଙ୍ଗଳବାର ୧୮ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଗୋଲକିପର ସବିତା ପୁନିଆ ଅଧିନାୟିକା ଏବଂ ଓଡ଼ିଶା ଡିଫେଣ୍ଡର ଦୀପ୍‌ଗ୍ରେସ୍ ଏକ୍କା ଉପ-ଅଧିନାୟିକା ମନୋନୀତ ହୋଇଛନ୍ତି। ଭାରତ ଗ୍ରୁପ୍ 'ବି'ରେ ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ଚାଇନା ସହିତ ସ୍ଥାନ ପାଇଛି। ଭାରତୀୟ ଦଳ ଏହାର ପ୍ରଥମ ମ୍ୟାଚ ଜୁଲାଇ ୩ରେ ଇଂଲଣ୍ଡ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଟୋକିଓ ଅଲିମ୍ପିକ୍ସର ବ୍ରୋଞ୍ଜ ମେଡାଲ ମ୍ୟାଚରେ ଭାରତ ଅଳ୍ପକେ ଇଂଲଣ୍ଡଠାରୁ ପରାଜିତ ହୋଇଥିଲା। ଏବେ ଏହାର ମଧୁର ପ୍ରତିଶୋଧ ନେବା ସୁଯୋଗ ଆସିଛି। ଗ୍ରୁପ୍ 'ଏ'ରେ ନେଦରଲାଣ୍ଡ୍ସ, ଜର୍ମାନୀ, ଆୟର୍ଲାଣ୍ଡ, ଚିଲି, ଗ୍ରୁପ୍ 'ସି'ରେ ଆର୍ଜେଣ୍ଟିନା, ସ୍ପେନ, କୋରିଆ, କାନାଡ଼ା ଓ ଗ୍ରୁପ୍ 'ଡି'ରେ ଅଷ୍ଟ୍ରେଲିଆ, ବେଲ୍‌ଜିୟମ, ଜାପାନ ଓ ଦକ୍ଷିଣ ଆଫ୍ରିକା ସ୍ଥାନ ପାଇଛି। ଲଣ୍ଡନରେ ଅନୁଷ୍ଠିତ ଏହି ସମ୍ମାନଜନକ ପ୍ରତିଯୋଗିତାର ପୂର୍ବ ସଂସ୍କରଣରେ ଭାରତ ଭଲ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ମାତ୍ର ଆୟର୍ଲାଣ୍ଡ ବିପକ୍ଷ କ୍ୱାର୍ଟର ଫାଇନାଲ ମ୍ୟାଚ ୦-୦ ଗୋଲରେ ଶେଷ ହେବାରୁ ଶୁଟ୍‌ଆଉଟରେ ଭାରତ ୧-୩ ଗୋଲରେ ପରାଜିତ ହୋଇଥିଲା। ଆୟର୍ଲାଣ୍ଡ ଫାଇନାଲ ଖେଳିଥିଲା ଏବଂ ରୌପ୍ୟ ପଦକ ପାଇଥିଲା। ଏଥରର ଦଳ ଚୟନ ସମ୍ପର୍କରେ ମୁଖ୍ୟ କୋଚ୍ ଜାନେକ ସ୍କୁପମାନ କହିଛନ୍ତି ଯେ, ''ଆମେ ବିଶ୍ୱକପ ପାଇଁ ଶ୍ରେଷ୍ଠ ଦଳ ଚୟନ କରିଛୁ। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ସୁଯୋଗ ମିଳିଛି। ଦଳ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ସନ୍ତୁଳିତ। ରାଣୀ ରାମପାଲ ଆହତ ସମସ୍ୟାରୁ ମୁକୁଳି ନ ଥିବାରୁ ସ୍ଥାନ ପାଇନାହାନ୍ତି। ଜ୍ୟୋତି ଓ ସୋନିକା ଯେତେବେଳେ ବି ସୁଯୋଗ ପାଇଛନ୍ତି ତା'ର ସଦୁପଯୋଗ କରିଥିବାରୁ ଦଳରେ ସାମିଲ ହେବାର ହକ୍‌ଦାର ହୋଇଛନ୍ତି। ରିପ୍ଲେସମେଣ୍ଟ ଖେଳାଳିଭାବେ ଆମେ ସଙ୍ଗିତା ଓ ଅକ୍ଷତାଙ୍କୁ ଦଳରେ ନେଇଛୁ। ବିଶ୍ୱକପରେ ଖେଳିବା ପାଇଁ ଦଳ ବ୍ୟଗ୍ରତାର ସହ ଅପେକ୍ଷା କରିଛି''। ଭାରତୀୟ ଦଳ ଏହାର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ନେଦରଲାଣ୍ଡ୍ସର ଆମଷ୍ଟେଲଭିନ୍‌ଠାରେ ଖେଳିବ। ଯଦି ଗ୍ରୁପର ଶୀର୍ଷରେ ରୁହେ ତେବେ କ୍ୱାର୍ଟର ଫାଇନାଲ ମଧ୍ୟ ସମାନ ଭେନ୍ୟୁରେ ଖେଳିବ। ସ୍ପେନର ଟେରାସାଠାରେ ସେମିଫାଇନାଲ ଓ ଫାଇନାଲ ହେବ। ପୁଲ୍ 'ବି'ର କ୍ରସ୍ ଓଭର ମ୍ୟାଚ ମଧ୍ୟ ସ୍ପେନ୍‌ରେ ଖେଳାଯିବ।

**ଭାରତୀୟ ଦଳ**

**ଗୋଲକିପର:** ସବିତା ପୁନିଆ (ଅଧିନାୟିକା), ବିଚ୍ଚୁ ଦେବୀ ଖାରିବାମ୍। **ଡିଫେଣ୍ଡର:** ଦୀପ୍ ଗ୍ରେସ୍ ଏକ୍କା (ଉପ-ଅଧିନାୟିକା), ଗୁରଜିତ କୌର, ନିକ୍କି ପ୍ରଧାନ, ଉଦିତା। **ମିଡ୍‌ଫିଲ୍ଡର:** ନିଶା, ସୁଶିଳା ଚାନୁ ପୁଖରମବାମ, ମୋନିକା, ନେହା, ଜ୍ୟୋତି, ନବଜୋତ କୌର, ସୋନିକା, ସାଲିମା ଟେଟେ। **ଫରୱାର୍ଡ:** ବନ୍ଦନା କାଟରିୟା, ଲାଲରେମସିଆମି, ନବନୀତ କୌର, ଶର୍ମିଳା ଦେବୀ। **ରିପ୍ଲେସମେଣ୍ଟ ଖେଳାଳି:** ଅକ୍ଷତା ଆବାସୋ ଧେକାଲେ, ସଙ୍ଗିତା କୁମାରୀ।

# ଶ୍ରଦ୍ଧାଞ୍ଜଳିଙ୍କୁ ପ୍ରତିଭା ଚୟନ ଦାୟିତ୍ୱ


ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

**ଜାତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟବଲ**

ଭୁବନେଶ୍ୱର, ୨୧।୬ (କ୍ରୀଡ଼ା ପ୍ରତିନିଧି)

ଅତୀତରେ ଅନେକ ଥର କୋଚ୍ ଏବଂ ଚୟନକର୍ତ୍ତା ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଥିବା ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ଆଉ ଏକ ଗୁରୁଦାୟିତ୍ୱ ମିଳିଛି। ଆସାମର ଗୁଆହାଟୀଠାରେ ଆରମ୍ଭ ହୋଇଥିବା ସମ୍ମାନଜନକ ୧୭ ବର୍ଷରୁ କମ୍ ଜାତୀୟ ମହିଳା ଫୁଟବଲ ଚାମ୍ପିୟନଶିପ୍ ଅବସରରେ ସେ ଅନ୍ୟତମ ଚୟନକର୍ତ୍ତା ରହିବେ। ପ୍ରତିଯୋଗିତାରୁ ଯେଉଁ ଖେଳାଳି ଚୟନ ହେବେ ସେମାନଙ୍କୁ ୧୭ ବର୍ଷରୁ କମ୍ ବୟସ ବର୍ଗର ଜାତୀୟ କ୍ୟାମ୍ପରେ ସାମିଲ କରାଯିବ। ଏଥିପାଇଁ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ପତ୍ରଯୋଗେ ଜଣାଇ ଦିଆଯିବା ପରେ ଶ୍ରଦ୍ଧାଞ୍ଜଳି ମଙ୍ଗଳବାର ପୂର୍ବାହ୍ନରେ ଗୁଆହାଟୀରେ ପହଞ୍ଚି କାର୍ଯ୍ୟ ଆରମ୍ଭ କରିଛନ୍ତି। ସେଠାରେ ସେ ଜୁଲାଇ ୪ ତାରିଖ ପର୍ଯ୍ୟନ୍ତ ରହିବେ। ଅତୀତରେ ଶ୍ରଦ୍ଧାଞ୍ଜଳି ଜଣେ ଖେଳାଳି, କୋଚ୍ ଓ ଚୟନକର୍ତ୍ତାଭାବେ ଦକ୍ଷତାର ସହିତ ଦାୟିତ୍ୱ ତୁଲାଇଥିବାରୁ ଏଆଇଏଫ୍‌ଏଫ୍ ତାଙ୍କ ଉପରେ ଆସ୍ଥା ସ୍ଥାପନ କରିଛି। ଏହାକୁ ଏକ ଗୁରୁଦାୟିତ୍ୱ ବୋଲି ଅନୁଭବ କରୁଛନ୍ତି ଏହି ପୂର୍ବତନ ଅଧିନାୟିକା। ଏହା ଛଡ଼ା ତାଙ୍କ ପାଇଁ ଏହା ସମ୍ମାନର କଥା ବୋଲି ସେ ପ୍ରକାଶ କରିଛନ୍ତି।

# ଜୋକୋଭିଚ୍, ନାଡାଲ ଟପ୍‌ସିଡ୍

**ୱିମ୍ବଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ**

ୱିମ୍ବଲଡନ, ୨୧।୬ (ଏ.ପି.)


ରାଫାଲ ନାଡାଲ ଓ ନୋଭାକ୍ ଜୋକୋଭିଚ୍।

ସର୍ବିୟାର ନୋଭାକ୍ ଜୋକୋଭିଚ୍ ଓ ସ୍ପେନର ରାଫାଲ ନାଡାଲ ୱିମ୍ବଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପାଇଁ ହେବାକୁଥିବା ଡ୍ର'ରେ ଭିନ୍ନ ଗ୍ରୁପ୍‌ରେ ସ୍ଥାନ ପାଇବେ। ମଙ୍ଗଳବାର ପ୍ରତିଯୋଗିତାର ସିଡିଂ ଘୋଷଣା କରାଯାଇଛି। ଡାନିଲ ମେଡଭେଡେଭ ଓ ଆଲେକଜାଣ୍ଡାର ଜେଭରେଭଙ୍କ ଅନୁପସ୍ଥିତି ଯୋଗୁ ପୁରୁଷ ଡ୍ର'ରେ ଜୋକୋଭିଚ୍ ଓ ନାଡାଲ ଯଥାକ୍ରମେ ୧ ଓ ୨ ନମ୍ବର ସିଡ୍‌ର ମାନ୍ୟତା ପାଇଛନ୍ତି। ୟୁକ୍ରେନ ଉପରେ ଆକ୍ରମଣ ଯୋଗୁ ରୁଷିଆ ଓ ବେଲାରୁଷର କୌଣସି ପ୍ରତିଯୋଗୀଙ୍କୁ ଏଣ୍ଟ୍ରି କରାଇ ନ ଦେବାକୁ ଅଲ୍ ଇଂଲଣ୍ଡ କ୍ଲବ ନିଷ୍ପତ୍ତି ନେବାରୁ ଟପ୍ ର୍‍ୟାଙ୍କ୍‌ପ୍ରାପ୍ତ ମେଡଭେଡେଭ ୱିମ୍ବଲଡନ ଓପନରେ ଖେଳିପାରିବେ ନାହିଁ। ମେଡଭେଡେଭ ରୁଷିଆର ହୋଇଥିବାବେଳେ ନମ୍ବର ୨ ର୍‍ୟାଙ୍କ୍ ଖେଳାଳି ଜର୍ମାନୀର ଜେଭରେଭ ଆହତ ସମସ୍ୟା ଯୋଗୁ ଓହରି ଯାଇଛନ୍ତି। ଫଳରେ ଜୋକୋଭିଚ୍ ଓ ନାଡାଲ ଟପ୍-୨ ସିଡ୍ ଖେଳାଳିଭାବେ ୱିମ୍ବଲଡନ ଖେଳିବେ ଏବଂ ଫାଇନାଲ ପୂର୍ବରୁ ପରସ୍ପରକୁ ଭେଟିବେ ନାହିଁ। ଗତ ମାସରେ ଅନୁଷ୍ଠିତ ଫ୍ରେଞ୍ଚ୍ ଓପନରେ କିନ୍ତୁ ତାହା ହୋଇ ନ ଥିଲା। ଜୋକୋଭିଚ୍ ଓ ନାଡାଲ କ୍ୱାର୍ଟର ଫାଇନାଲରେ ପରସ୍ପରକୁ ଭେଟିଥିଲେ। ଏଥିରେ ବିଜୟୀ ହୋଇଥିବା ନାଡାଲ ଶେଷରେ କ୍ୟାରିୟରର ରେକର୍ଡ ୨୨ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ।

**ସେରେନା ଅଣସିଡେଡ୍**

ମହିଳା ବିଭାଗରେ ୨୩ ଗ୍ରାଣ୍ଡସ୍ଲାମ ବିଜୟିନୀ ସେରେନା ୱିଲିୟମ୍ସ ଏଥର କିନ୍ତୁ ଅଣସିଡେଡ୍ ଭାବେ ଖେଳିବେ। ଶୁକ୍ରବାର ଡ୍ର' ଉଠାଣ ଏବଂ ସୋମବାରଠାରୁ ମ୍ୟାଚ ଆରମ୍ଭ ହେବ। ୨୦୨୧୦ାରୁ ଉଭୟ ମହିଳା ଓ ପୁରୁଷ ସିଙ୍ଗଲ୍ସରେ ବିଶ୍ୱ ର୍‍ୟାଙ୍କିଙ୍ଗ୍ ଅନୁସାରେ ସିଡିଂ ନିର୍ଣ୍ଣୟ କରାଯାଉଛି। ଗତବର୍ଷ ୱିମ୍ବଲଡନର ପ୍ରଥମ ରାଉଣ୍ଡରୁ ରିଟାୟର୍ଡ ହେବାଠାରୁ ସେରେନା ଆଉ ପ୍ରତିଦ୍ୱନ୍ଦ୍ୱିତାମୂଳକ ଟେନିସ ଖେଳିନାହାନ୍ତି। ଅଲ୍ ଇଂଲଣ୍ଡ କ୍ଲବ ଟୁର୍ନାମେଣ୍ଟ ପାଇଁ ସେ ୱାଇଲ୍ଡକାର୍ଡ ଏଣ୍ଟ୍ରି ପାଇବେ। ତେଣୁ ପ୍ରଥମ ରାଉଣ୍ଡରେ ଯେ କୌଣସି ଖେଳାଳିଙ୍କୁ ଭେଟିବେ। ପୋଲାଣ୍ଡର ଇଗା ସ୍ୱିଟେକ ଟପ୍ ସିଡ୍‌ର ମାନ୍ୟତା ପାଇଛନ୍ତି।

### ଏଆଇଏଫ୍‌ଏଫ୍ ପରିଚାଳନା ପାଇଁ କମିଟି ଗଠିତ

**ନୂଆଦିଲ୍ଲୀ,୨୧।୬(ପିଟି):** ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍)ର ଦୈନ୍ୟଦିନ କାର୍ଯ୍ୟ ପରିଚାଳନା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସନିକ କମିଟି (ସିଓଏ)ର ସହାୟତା ଲାଗି ଉପଦେଷ୍ଟା କମିଟି ଗଠନ କରାଯାଇଛି। ଏହି ୧୨ ଜଣିଆ ଉପଦେଷ୍ଟା କମିଟିର ମୁଖ୍ୟ ଭାବେ ପୂର୍ବତନ ଆଇ-ଲିଗ୍ କ୍ଲବ ମାଲିକ ଏଣ୍ଟରପ୍ରିନିୟର ରନଜିତ ବଜାଜଙ୍କୁ ନିଯୁକ୍ତ କରିଛି ସିଓଏ।

# 'ଯୋଗ ଭାରତୀୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ'

**ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ**

ଭୁବନେଶ୍ୱର, ୨୧।୬ (କ୍ରୀଡ଼ା ପ୍ରତିନିଧି)

କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। କଳିଙ୍ଗ ହକି ଷ୍ଟାଡିୟମ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ଶାସନ ସଚିବ ଶୁଭ୍ରାଂଶୁ ମିଶ୍ର ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପରିଚାଳକ ବିକାଶ ରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ''ଯୋଗ ଭାରତୀୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଆସିଛି। ଅନ୍ତର୍ଜାତୀୟ ଯୋଗ ଦିବସ ଭାରତୀୟ ସଂସ୍କୃତିରେ ରହି ଆସିଥିବା ଯୋଗର ମହତ୍ତ୍ୱକୁ ସର୍ବବ୍ୟାପୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। କ୍ରୀଡ଼ା ଓ ଯୁବସେବା ବିଭାଗ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ଉନ୍ନତି ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। ଯୁବବର୍ଗଙ୍କ ମଧ୍ୟରେ ଥିବା ସାମର୍ଥ୍ୟକୁ ସମଗ୍ର ବିଶ୍ୱରେ ପ୍ରସ୍ଫୁଟିତ କରିବାର ସମୟ ଆସିଛି'' ବୋଲି ଶୁଭ୍ରାଂଶୁ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ, କୋଚ୍, କ୍ରୀଡ଼ା ବିଭାଗ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବିଭାଗୀୟ ଅଧିକାରୀ ରାମ ଗୋବିନ୍ଦ ପରିଡ଼ା ପରିଚାଳନା କରିଥିଲେ। ଚନ୍ଦ୍ରକାନ୍ତ ବାରିକ ବିଭିନ୍ନ ଯୋଗମୁଦ୍ରା ଓ ପ୍ରାଣାୟାମ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ଦୁଇଜଣ ଛାତ୍ରୀ ସ୍ୱତନ୍ତ୍ର ଯୋଗମୁଦ୍ରା ପ୍ରଦର୍ଶନ କରିଥିଲେ।



ସ୍ୱତନ୍ତ୍ର ଯୋଗମୁଦ୍ରା ଅବସରରେ ଦୁଇ ବାଳିକା।

### ଆଜିଠୁ ରଣଜୀ ଟ୍ରଫି ଫାଇନାଲ

**ବେଙ୍ଗାଲୁରୁ,୨୧।୬(ପିଟି):** ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି ରଣଜୀ ଟ୍ରଫି ଫାଇନାଲ। ଏହି ୫ ଦିନିଆ ମ୍ୟାଚରେ ୪୧ ଥର ରଣଜୀ ଟ୍ରଫି ଚାମ୍ପିୟନ ମୁମ୍ବାଇକୁ ଭେଟିବ ୨୩ ବର୍ଷରେ ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିବା ମଧ୍ୟପ୍ରଦେଶ। ତାରକା ଖଚିତ ମୁମ୍ବାଇ ଦଳ ଫେଭରାଇଟ୍ ମନେ ହେଉଛି। ତେବେ ପୂର୍ବତନ ମୁମ୍ବାଇ କ୍ରିକେଟର ମୁଖ୍ୟ କୋଚ୍ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ପ୍ରଶିକ୍ଷଣରେ ମଧ୍ୟପ୍ରଦେଶ ଚାମ୍ପିୟନ ହେବା ଲକ୍ଷ୍ୟରେ ରହିଛି। ମୁମ୍ବାଇ ଦଳର ପ୍ରାୟତଃ ଖେଳାଳି ଓପନରଙ୍କ ଠାରୁ ଆରମ୍ଭ କରି ବୋଲରଙ୍କ ପର୍ଯ୍ୟନ୍ତ ସମସ୍ତେ ଫର୍ମରେ ଅଛନ୍ତି। ନିକଟରେ ଶେଷ ହୋଇଥିବା ଆଇପିଏଲରେ ରାଜସ୍ଥାନ ରୟାଲ୍ସ ପାଇଁ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଯୁବ ବ୍ୟାଟର ଜଶସ୍ୱୀ ଜୟସ୍ୱାଲ ଗତ ୪ ଇନିଂସରେ ୩ ଶତକ ହାସଲ କରିଛନ୍ତି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ୩ ବେଆଇନ ବାଲି ବୋଝେଇ ଗାଡ଼ି ଜବତ

**ପାଣିକୋଇଲି,୨୧।୬(ଡି.ଏନ.ଏ.):** ବ୍ୟାସନଗର ତହସିଲଦାର ଓ ପାଣିକୋଇଲି ପୋଲିସର ମିଳିତ ଚଢ଼ାଉବେଳେ ମଙ୍ଗଳବାର ୩ ବେଆଇନ ବାଲି ବୋଝେଇ ଗାଡ଼ି ଜବତ ହୋଇଛି। ବେଆଇନ ବାଲି ଗାଡ଼ି ଚାଲାଣର ଖବର ପାଇ ତହସିଲ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଜାତୀୟ ରାଜପଥରେ ଯାଉଥିବା ବାଲି ବୋଝେଇ ଗାଡ଼ି ଯାଞ୍ଚବେଳେ ଉକ୍ତ ୩ଟି ଗାଡ଼ିକୁ ତହସିଲଦାର ଜବତ କରିଥିଲେ। ସେଗୁଡ଼ିକୁ ପୋଲିସ ଜିମା ଦିଆଯାଇଛି। ଜରିମାନା ଆଦାୟ ପରେ ଗାଡ଼ିଗୁଡ଼ିକୁ ଛଡ଼ାଯିବ ବୋଲି ସୂଚନା ମିଳିଛି। ତହସିଲଦାର ଅଶୋକ କୁମାର ମାଝି ସକାଳୁ ସଦଳବଳ ଯାଞ୍ଚ ଆରମ୍ଭ କରିଥିଲେ। ତହସିଲଦାର ମାଝିଙ୍କ ସମେତ ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକ, ରାଜସ୍ୱ ନିରୀକ୍ଷକ(ଆରଆଇ) ସୁଜିତ କୁମାର ସାମଲ, ପ୍ରମୋଦ କୁମାର ସାମଲ, ରବିନାରାୟଣ ସାହୁ, କିଶୋର ପ୍ରଧାନ, ଏଆର୍‌ଆଇ ସୁଧୀର ମଲିକ ଓ ପାଣିକୋଇଲି ପୋଲିସ ବାହିନୀ ଚଢ଼ଉରେ ସାମିଲ ହୋଇଥିଲେ।

### ବସ୍ତି ବାସିନ୍ଦାଙ୍କ ଥଇଥାନ ଦାବିରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର

**ଯାଜପୁରସଦର,୨୧।୬(ଡି.ଏନ୍.ଏ.):** ମଙ୍ଗଳବାର ରାଜା ଯଯାତି କେଶରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ୪୦ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ବସବାସ କରୁଥିବା ହରିଜନ ଆଦିବାସୀ ଭୂମିହୀନମାନଙ୍କୁ ଭିଟାମାଟିରୁ ଉଚ୍ଛେଦ କରାଯାଇଛି। ଫଳରେ ବୃଦ୍ଧାବୃଦ୍ଧ ଓ ଛୋଟ ପିଲାମାନେ ଖରା ବର୍ଷାରେ ରାସ୍ତା କଡ଼ ଗଛ ମୂଳରେ ଭୋକ ଓ ଉପାସରେ ଦିନ କାଟୁଛନ୍ତି । ତେଣୁ ଅବିଳମ୍ବେ ଜିଲା ପ୍ରଶାସନ ସେମାନଙ୍କ ପାଇଁ ସ୍ଥାୟୀ ଘର ନିର୍ମାଣ କରି ଥାଇଥାନ ନ କରିବା ପର୍ଯ୍ୟନ୍ତ ଖାଦ୍ୟ ଓ ସରକାରୀ ବାସସ୍ଥାନ ଯୋଗାଇ ଦେବା ପାଇଁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ତରଫରୁ ଦାବି କରାଯାଇଛି । ଜିଲା ସମ୍ପାଦକ ସୁରେନ୍ଦ୍ର ମଲ୍ଲିକ, ଜିଲା କମିଟି ସଭ୍ୟ ସୁଲୋଚନା ପ୍ରଧାନ, ଲୋକାଲ କମିଟି ସଭ୍ୟ ପ୍ରମୋଦ ମଲ୍ଲିକ, ଘନଶ୍ୟାମ ପରିଡ଼ା ନେତୃତ୍ୱରେ ଅତିରିକ୍ତ ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ଯଦି ଦାବି ପୂରଣ ନ କରାଯାଏ ତା'ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି।

# କ୍ଷେତ୍ର ପରିଦର୍ଶନରେ ସୀମିତ ସ୍ଲୁଇସ୍‌ଗେଟ୍ ନିର୍ମାଣ

## ଆନ୍ଦୋଳନକୁ ଓହ୍ଲାଇବ ଖରସ୍ରୋତା ପୁନରୁଦ୍ଧାର ସମିତି

**ରସୁଲପୁର,୨୧।୬(ଡି.ଏନ.ଏ.)**

ରସୁଲପୁର ବ୍ଲକ୍ ଅଧୀନ ପାଟିଆ ନଦୀବନ୍ଧର ଟିକରପଡ଼ାଠାରେ ସ୍ଲୁଇସ୍‌ଗେଟ ନିର୍ମାଣ କେବଳ କ୍ଷେତ୍ର ପରିଦର୍ଶନରେ ସୀମିତ ରହିଛି। ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଏଠାରେ ସ୍ଲୁଇସ୍‌ଗେଟ ନିର୍ମାଣ ପାଇଁ ମୂଳ ଖରସ୍ରୋତା ପୁନରୁଦ୍ଧାର ସମିତି ପକ୍ଷରୁ ଦାବି କରାଯାଉଛି। ହେଲେ ଦାବିପୂରଣ ହେଉନାହିଁ। ତେବେ ସ୍ଲୁଇସ୍ ଗେଟ ନିର୍ମାଣ ଦାୟିତ୍ୱ ଜଳସେଚନ ବିଭାଗ ଉପରେ ନ୍ୟସ୍ତ କରାଯାଇଥିବାରୁ ବିଭାଗ ପକ୍ଷରୁ ରିପୋର୍ଟ ପ୍ରସ୍ତୁତ କରାଯାଇ ଅନୁମୋଦନ ପାଇଁ ପଠାଯାଇଛି। ମାତ୍ର ଉକ୍ତ ପ୍ରକଳ୍ପ ନିର୍ମାଣରେ ବିଭାଗ ପକ୍ଷରୁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବାରୁ ସମିତି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେଣୁ ସ୍ଲୁଇସ୍ ଗେଟ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ ଦାବିରେ ସମିତି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଜବାଜ ହେଉଛି। ନଦୀ ଅବବାହିକାରେ ଅବସ୍ଥିତ ଜନବସତିର ଜନସାଧାରଣଙ୍କ ସହଯୋଗରେ ମୂଳ ଖରସ୍ରୋତା ବଞ୍ଚାଓ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସୂଚନା ମିଳିଛି।

ଉକ୍ତ ବ୍ଲକ୍‌ର ଯୋକଡ଼ିଆଠାରୁ ଖଣ୍ଡିତର ପର୍ଯ୍ୟନ୍ତ ଖରସ୍ରୋତା ନଦୀର ୧୩ କି.ମି.କୁ ମାରି ଦିଆଯାଇଛି। ଏହି ଯୋଜନା ୨୫ବର୍ଷ ତଳୁ ଆରମ୍ଭ ହୋଇଥିଲା। ସେତେବେଳେ ହୋଇଥିବା ପ୍ରୟାସରେ ନଦୀ ଉପରମୁଣ୍ଡ ଟିକରପଡ଼ାଠାରେ ଏକ ବନ୍ଧ ନିର୍ମାଣ କରାଯାଇଥିଲା। ସମାନ ସମୟରେ ନଦୀ ତଳମୁଣ୍ଡ ଖଣ୍ଡିତରଠାରେ ସ୍ଲୁଇସ୍ ଗେଟ ନିର୍ମାଣ କରାଗଲା। ଫଳରେ ନଦୀ ଉପରମୁଣ୍ଡ ଦେଇ ଜଳ ପ୍ରବାହିତ ବନ୍ଦ ହୋଇଗଲା। ହେଲେ ନଦୀକୂଳିଆ ବନ୍ୟା ଦାଉରୁ ରକ୍ଷା ପାଇପାରିଲେ ନାହିଁ। ତଳମୁଣ୍ଡରେ ନିର୍ମାଣ ହୋଇଥିବା ସ୍ଲୁଇସ୍‌ଗେଟରେ ସୃଷ୍ଟି ହୋଇଥିବା ଫାଟ ଦେଇ ବନ୍ୟା ଜଳ ନଦୀରେ ପ୍ରବେଶ କରି ବନ୍ୟା ସୃଷ୍ଟି କରିଆସୁଛି। ଚାଷଜମିରେ ବନ୍ୟାଜଳ ପ୍ରଭାବିତ ହୋଇ ବ୍ୟାପକ ଫସଲ କ୍ଷୟକ୍ଷତି ହେବା ପ୍ରତିବର୍ଷର ଘଟଣା ପାଲଟିଛି। କେବଳ ବର୍ଷା ଋତୁକୁ ଛାଡ଼ିଦେଲେ ବର୍ଷସାରା ନଦୀଗର୍ଭ ଶୁଷ୍କ ରହୁଛି। ଠାଏଠାଏ ଖାଲୁଆ ଅଞ୍ଚଳରେ ନଦୀଜଳ ଜମି ରହୁଛି। ଦୂଷିତ ଜଳ ବ୍ୟବହାର ଯୋଗୁ ମନୁଷ୍ୟଠାରୁ ଆରମ୍ଭକରି ଗୃହପାଳିତ ପଶୁ ପର୍ଯ୍ୟନ୍ତ ନାନା ରୋଗର ଶିକାର ହେଉଛନ୍ତି। ନଦୀର ଖାଲୁଆ ଓ ସନ୍ତସନ୍ତିଆ ସ୍ଥାନରେ ସୃଷ୍ଟି ହୋଇଥିବା ବୁଦା, ଦଳୁଆ ଘାସ ଭିତରେ ସରୀସୃପ ଜନ୍ମ ନେଇ ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ନଦୀକୂଳରେ ବସବାସ କରୁଥିବା ଧୀବର ସମ୍ପ୍ରଦାୟ ଲୋକଙ୍କ କୌଳିକ ବୃତ୍ତି ବୁଡ଼ି ଯାଇଛି। ନଦୀର ଏଭଳି ଅବସ୍ଥା ତା'ର ପରିଚୟ ବଦଳାଇ ଦେଇଛି। ମୂଳ ଖରସ୍ରୋତା ନଦୀଟି ଏବେ ଛିଣ୍ଡା ଖରସ୍ରୋତା ନାମରେ ପ୍ରଚାରିତ ହେଉଛି। ବାସ୍ତବରେ ଏହା ମୂଳ ଖରସ୍ରୋତା ନଦୀ ବୋଲି ସମିତି ଦାବି କରୁଛି। ଉକ୍ତ ନଦୀକୁ ଚିରସ୍ରୋତା କରାଯାଇ ନଦୀ ଅବବାହିକାରେ ବସବାସ କରୁଥିବା ଭୋଟାକା, ରସୁଲପୁର, ଗନ୍ଧଣ, ଟିକରପଡ଼ା, ବଡ଼କଇଞ୍ଚ, ରାହାମ୍ଭା, ଶ୍ରୀବନ୍ତପୁର ପଞ୍ଚାୟତର ଜନସାଧାରଣଙ୍କ ନଦୀ ଜଳକୁ ନେଇ ଉପୁଜିଥିବା ସମସ୍ୟା ଦୂର ପାଇଁ ଦାବି ହୋଇଛି।

ଟିକରପଡ଼ାଠାରେ ତୁରନ୍ତ ସ୍ଲୁଇସ୍ ଗେଟ୍ ନିର୍ମାଣ, ତଳମୁଣ୍ଡ ଖଣ୍ଡିତରଠାରେ ନର୍ମାଣ ହୋଇଥିବା ସ୍ଲୁଇସ୍ ଗେଟ୍‌ର ଉନ୍ନତୀକରଣ, ଏହି ନଦୀରେ ବନ୍ୟା ନିୟନ୍ତ୍ରଣ ସହ ବର୍ଷ ତମାମ ନଦୀଜଳ ପ୍ରଭାବିତ କରାଯିବା ପାଇଁ ନଦୀର ଉପରମୁଣ୍ଡ ସ୍ଲୁଇସ୍ ଗେଟ ଦେଇ ଅଣ ମୌସୁମୀ ଋତୁରେ ଜଳ ପ୍ରବାହିତ ହେବା ପାଇଁ ଏକ ଚ୍ୟାନେଲ ନିର୍ମାଣ, ମୂଳ ଖରସ୍ରୋତା ନଦୀରେ ଜଳ ପ୍ରବାହିତ ହେବାର ସ୍ଥିତି ସୃଷ୍ଟି, ନଦୀ ପାର ହେବା ପାଇଁ ନିର୍ମାଣ ହୋଇଥିବା ପୋଲ ଗୁଡିକର ମୂଳଦୁଆ ସଜାଡ଼ିବା ଓ ବନ୍ୟା ସମୟରେ ଉଭୟ ପାର୍ଶ୍ୱର ସ୍ଲୁଇସ୍‌କୁ ବନ୍ଦ କରାଯାଇ ଅଣମୌସୁମୀ ଋତୁରେ ନଦୀରେ ଜଳ ପ୍ରବାହିତ କରିବାକୁ ସମିତି ପକ୍ଷରୁ ଦାବି କରାଯାଇଛି। ଏଭଳି କରାଗଲେ ଭୂତଳ ଜଳସ୍ତର ବୃଦ୍ଧି ପାଇବ, ନଦୀ ଅବବାହିକାରେ ବସବାସ କରୁଥିବା ୧୦ହଜାରରୁ ଊର୍ଦ୍ଧ୍ୱ ପରିବାରର କୃଷି କ୍ଷେତକୁ ଜଳ ସେଚନର ସୁବିଧା ମିଳିପାରିବ। ଏହି ସବୁ ଦାବି ନେଇ ସମିତି ପକ୍ଷରୁ ବିଭିନ୍ନ ସ୍ଥାନରେ ଅଭିଯୋଗ କରିଆସୁଛି। ତେବେ ଉକ୍ତ ଦାବି ମୁତାବକ ୨ ବର୍ଷ ତଳେ ଗ୍ରାମ୍ୟ ଉନ୍ନୟନ, ଡ୍ରେନେଜ, ଜଳସେଚନ ଓ ପୂର୍ତ୍ତ ବିଭାଗର ଅଧିକାରୀଙ୍କ ସମେତ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କୋରେଇ ବିଧାୟକ ଅଶୋକ କୁମାର ବଳ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିଲେ। ହେଲେ ସ୍ଲୁଇସ୍ ଗେଟ୍ ନିର୍ମାଣ ନେଇ ବିଶେଷ ଅଗ୍ରଗତି ଘଟି ନ ଥିବା ଜଣାଯାଇଛି। ଚଳିତ ମାସ ପ୍ରଥମ ସପ୍ତାହରେ ଉକ୍ତ ସ୍ଲୁଇସ୍ ଗେଟ୍ ନିର୍ମାଣକୁ ନେଇ ବିଧାୟକ ବଳବନ୍ତରାୟ ଏକ ସମୀକ୍ଷା ବୈଠକ ଡାକିଥିଲେ। ଜଳସେଚନ ବିଭାଗ ପକ୍ଷରୁ ସ୍ଲୁଇସ୍ ନିର୍ମାଣ ହେବା ନେଇ ପ୍ରକଳ୍ପର ଡିଜାଇନ ପ୍ରସ୍ତୁତ ହୋଇ ପଠାଯାଇଛି। ତେବେ ଏଯାଏ ଅନୁମୋଦନ ମିଳିନାହିଁ ବୋଲି ଶୁଣିବାକୁ ମିଳିଛି। ତେଣେ ଡ୍ରେନେଜ ବିଭାଗ ପକ୍ଷରୁ ନଦୀର ପୁନରୁଦ୍ଧାର ପାଇଁ ବ୍ୟୟବରାଦ କରାଯାଇଛି। ଆସନ୍ତା ମାସ କେଇଟା ମଧ୍ୟରେ ଉକ୍ତ ବ୍ୟୟବରାଦକୁ ମଞ୍ଜୁରୀ ମିଳିବା ପରେ ଟେଣ୍ଡର ଆହ୍ୱାନ କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଡ୍ରେନେଜ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ ସୂଚନା ଦେଇଛନ୍ତି। ଏନେଇ ଜାରକା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଭାଗବତ ବେହେରା କହିଛନ୍ତି, ସ୍ଲୁଇସ୍ ଗେଟ୍ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ଡିଜାଇନ ପ୍ରସ୍ତୁତ କରାଯାଇ ଅନୁମୋଦନ ପାଇଁ ପଠାଯାଇଛି। ଗତମାସରେ ଉଚ୍ଚସ୍ତରୀୟ କମିଟି କ୍ଷେତ୍ର ପରିଦର୍ଶନ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ସ୍ଲୁଇସ୍ ଗେଟ୍ ନିର୍ମାଣ ନେଇ କୌଣସି ସୂଚନା ଆସିନାହିଁ। ତେଣୁ ଏ ଦିଗରେ ବିଶେଷ କିଛି କହିପାରିବେ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।


ସ୍ଲୁଇସ୍ ଗେଟ୍ ନିର୍ମାଣ ହେବାକୁ ଥିବା ସ୍ଥାନରେ ପ୍ରଶାସନିକ ଅଧିକାରୀ ଯାଞ୍ଚ କରୁଛନ୍ତି।

### ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ଆରମ୍ଭ

**ବରୀ,୨୧।୬(ଡି.ଏନ.ଏ.)**

ବରୀ ବ୍ଲକ୍ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ତେବେ ଉକ୍ତ ବିଦ୍ୟାଳୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ସରକାରୀ ନିୟମ ମୁତାବକ ବିଦ୍ୟାଳୟର ୮୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୨ ଜଣଙ୍କୁ ସ୍ଥାନୀୟ କୃପାସିନ୍ଧୁ ବିଦ୍ୟାଭବନ ପରିସରରେ ଶିକ୍ଷା ଦାନ ବ୍ୟବସ୍ଥା କରାଯାଇଛି। ୨୦୧୭ରୁ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେବା ନିମନ୍ତେ ସରକାରଙ୍କ ତରଫରୁ ଅର୍ଥ ମଞ୍ଜୁର ହୋଇଥିଲେ ହେଁ ପ୍ରାକ୍ତନ ବିଧାୟକ ଦେବାଶିଷ ନାୟକ ପ୍ରଥମେ ସନ୍ଥନମଠ, ଦ୍ୱିତୀୟ ଥର ବରୀପାଳ ଓ ତୃତୀୟ ଥର କୃପାସିନ୍ଧୁ ବିଦ୍ୟାଭବନ ପରିସରରେ ଉକ୍ତ ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଶିଳାନ୍ୟାସ କରିଥିଲେ। ପରବର୍ତ୍ତୀ ସମୟରେ ଅଟିରା ପଞ୍ଚାୟତର ସନ୍ଥନମଠ ନିକଟରେ ବିଧାୟିକା ସୁନନ୍ଦା ଦାସ ଜିଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ସ୍ଥାନ ଚିହ୍ନଟ କରିଥିଲେ। ହେଲେ ଉକ୍ତ ବିଦ୍ୟାଳୟ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏ ସମ୍ପର୍କରେ ବରୀ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲିକଙ୍କୁ ପଚାରିବାରେ ସେ କୁହନ୍ତି, ଶିକ୍ଷାନୁଷ୍ଠାନ ନିର୍ମାଣ ବିଳମ୍ବ ହୋଇଥିଲେ ହେଁ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବା ନିମନ୍ତେ ଅନ୍ୟ ଏକ ବିଦ୍ୟାଳୟରେ ବ୍ୟବସ୍ଥା କରାଯାଇଛି। ବିଧାୟିକା ଦାସ କହିଛନ୍ତି, ବିକଶିତ ବରୀ, ସ୍ୱପ୍ନର ବରୀ ଗଠନ କ୍ଷେତ୍ରରେ ପ୍ରତିଟି ମୁହୂର୍ତ୍ତ ମୋ ପାଇଁ ମୂଲ୍ୟବାନ। ତେବେ ଦଳମତ ନିର୍ବିଶେଷରେ ବରୀର ବିକାଶ ପାଇଁ ସମସ୍ତେ ସହଯୋଗ କଲେ ଆଗାମୀ ଦିନରେ ବିକଶିତ ବରୀ ଗଠନ ସମ୍ଭବ ହୋଇପାରିବ।

# ଧାରଣାରେ ବସିଲେ ନୂଆହାଟପାଟଣା ଗ୍ରାମବାସୀ

**କଳିଙ୍ଗନଗର,୨୧।୬(ଡି.ଏନ.ଏ.)**

କୋରେଇ ବ୍ଲକ ନୂଆହାଟପାଟଣା ଗ୍ରାମର ରାସ୍ତା ବିବାଦକୁ ନେଇ ଅଭିଯୋଗ ପରେ ମଧ୍ୟ ବ୍ୟାସନଗର ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଏହାର ପ୍ରତିବାଦରେ ମଙ୍ଗଳବାର ସ୍ଥାନୀୟ ଗ୍ରାମବାସୀ ବ୍ୟାସନଗର ତହସିଲ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିଛନ୍ତି । ସୂଚନା ଅନୁଯାୟୀ, କୋରେଇ ବ୍ଲକ ନୂଆହାଟପାଟଣାରେ ଥିବା ସର୍ବସାଧାରଣ ଗ୍ରାମ୍ୟ ରାସ୍ତାକୁ ଜଣେ ବ୍ୟକ୍ତି ଜବରଦଖଲ କରିବା ସହିତ ସେଠାରେ ଏକ ଗୃହ ନିର୍ମାଣ କରୁଥିବା ସଂକ୍ରାନ୍ତରେ ଗତ ଏପ୍ରିଲ ୨୬ରେ ବ୍ୟାସନଗର ତହସିଲଦାର ଏବଂ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଗ୍ରାମବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆବଶ୍ୟକସ୍ଥଳେ ସ୍ଥାନୀୟ ପୋଲିସ ସହାୟତାରେ ଉକ୍ତ ବେଆଇନ ନିର୍ମାଣକୁ ବନ୍ଦ କରିବା ନିମନ୍ତେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ବ୍ୟାସନଗର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ପ୍ରାୟ ୨ ମାସ ଅତିକ୍ରାନ୍ତ ପରେ ବି ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝୀ ଅତିରିକ୍ତ ଜିଲାପାଳଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଇବାରେ କାଳକ୍ଷେପଣ ନୀତି ଆପଣାଇ ପରୋକ୍ଷରେ ଅତିରିକ୍ତ ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବା ଦେଖିବାକୁ ମିଳିଛି । ଫଳରେ ଦୀର୍ଘ ଦିନ ଧରି ନିଜ ଗ୍ରାମର ମିଳିତ ସମସ୍ୟା ସମାଧାନ ନ ହେବାରୁ ମଙ୍ଗଳବାର ଗ୍ରାମବାସୀ ଏକତ୍ରିତ ହୋଇ ବ୍ୟାସନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବା ଫଳରେ ଏକପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ଘଟଣାସ୍ଥଳରେ ଯାଜପୁର ରୋଡ ଥାନାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ଘଟଣା ଶାନ୍ତ ପଡିଥିଲା । ଅପରପକ୍ଷେ ଯେ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇନାହିଁ ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି ।


ବ୍ୟାସନଗର ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

# ମହିଳାଙ୍କୁ ଆକ୍ରମଣ ଘଟଣା: ମୁଖ୍ୟ ଅଭିଯୁକ୍ତ କୋର୍ଟଚାଲାଣ

**ଯାଜପୁର ଟାଉନ,୨୧।୬(ଡି.ଏନ.ଏ.)**

ଯାଜପୁର ଥାନା ଅଧୀନ ସିଦ୍ଧେଶ୍ୱର ଗ୍ରାମର ତପସ୍ୱିନୀ ପୁହାଣ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ ଏବଂ ହତ୍ୟା ଉଦ୍ୟମ କରିଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ନିରାକାର ବେହୁରିଆ। ଅନ୍ୟତମ ଅଭିଯୁକ୍ତ ନିରାକାରଙ୍କ ବାପା ଭାଗବତ, ମା'ମିନତି, ସ୍ତ୍ରୀ ଜ୍ୟୋତ୍ସ୍ନା, ଦାଦା ସୋମନାଥ, ଖୁଡ଼ି କବିତା ଓ ଭାଇ ସନ୍ତୋଷଙ୍କୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ସୋମବାର ନିରାକାର ତପସ୍ୱିନୀଙ୍କ ଘର ଆଗରେ ବାଲି ଟ୍ରାକ୍ଟର ଖଲାସ କରିବା ଯୋଗୁ ରାସ୍ତା ଅବରୋଧ ହୋଇଥିଲା। ଏହାକୁ ତପସ୍ୱିନୀ ଓ ତାଙ୍କ ପରିବାର ଲୋକେ ବିରୋଧ କରିଥିଲେ। ଫଳରେ ଏଥିରେ ରାଗିଯାଇ ନିରାକାର ଏକ ବାଉଁଶ କିଳାରେ ତପସ୍ୱିନୀ, ତାଙ୍କ ଛୋଟପୁଅ, ଦେଢ଼ଶୁର ଅରୁଣ ଓ ଶଶୁର ଆନନ୍ଦଙ୍କୁ ଆକ୍ରମଣ କରିଥିଲେ। ନିରାକାର ତପସ୍ୱିନୀଙ୍କ ଘରେ ପଶି ଆକ୍ରମଣ କରୁଥିବାର ଭିଡିଓ ଏବେ ଭାଇରାଲ ହୋଇ ବୁଲୁଛି। ତେବେ ଘଟଣା ସମ୍ପର୍କରେ ଜନ ପ୍ରତିନିଧି ହିସାବରେ ସ୍ଥାନୀୟ ୱାର୍ଡସଭ୍ୟ ଥାନାକୁ ଆସିଥିବା ବେଳେ ନିରାକାରଙ୍କ ପରିବାର ଲୋକେ ସୋମବାର ରାତିରେ ତାଙ୍କ ଘର ଉପରେ ମଧ୍ୟ ଆକ୍ରମଣ କରିଛନ୍ତି। ପୋଲିସ ଅନ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି ବୋଲି କହୁଥିବା ବେଳେ ବାସ୍ତବ ପକ୍ଷେ ସମସ୍ତ ଅଭିଯୁକ୍ତ ସିଦ୍ଧେଶ୍ୱରସ୍ଥିତ ନିଜ ଘରେ ରହି ପୁନରାୟ ତପସ୍ୱିନୀଙ୍କ ପରିବାର ଏବଂ ତାଙ୍କ ସହଯୋଗୀଙ୍କୁ ଧମକ ଦେଉଛନ୍ତି। ଏପରିକି ଘରେ ନିଆଁ ଲଗାଇଦେବାର ଚେତାବନୀ ଦେଇଥିବା ଜଣାପଡ଼ିଛି। ତପସ୍ୱିନୀଙ୍କ ଅଭିଯୋଗ ଆଧାରରେ ନଂ.୨୧୯/୨୨ରେ ଏକ ମାମଲା ରୁଜୁ ହୋଇଛି। ଏନେଇ ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ।

# ରୂପାନ୍ତରିତ ହାଇସ୍କୁଲ କାର୍ଯ୍ୟ ଦେଖିଲେ ଜିଲାପାଳ

**ଝୁମ୍ପୁରୀ,୨୧।୬(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟ ନିକଟସ୍ଥ ଦଶରଥପୁର ଉଚ୍ଚ ବିଦ୍ୟାଳୟଟି ୫-ଟି ରୂପାନ୍ତରିତ ବିଦ୍ୟାଳୟରେ ସାମିଲ ହୋଇଛି। ତେବେ ଉକ୍ତ ବିଦ୍ୟାଳୟ କାର୍ଯ୍ୟ ଚାଲିଥିବାରୁ ମଙ୍ଗଳବାର ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ପହଞ୍ଚି ବିଦ୍ୟାଳୟର ଭିତ୍ତିଭୂମି ବୁଲି ଦେଖିବା ସହିତ ସମସ୍ତ କାର୍ଯ୍ୟ ତଦାରଖ କରିଛନ୍ତି। ଜିଲାପାଳ ବିଦ୍ୟାଳୟର କାର୍ଯ୍ୟଧାରାକୁ ପ୍ରଂଶସା କରିବା ସହିତ ଜିଲା ପ୍ରଶାସନ ପକ୍ଷରୁ ବିଦ୍ୟାଳୟର ଉନ୍ନତ ଭିତ୍ତିଭୂମି ପାଇଁ ଆବଶ୍ୟକ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପରେ ଏ ସମ୍ପର୍କରେ ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ, ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର, ଜିଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର, ଜିଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ସରପଞ୍ଚଙ୍କ ପ୍ରତିନିଧି ଧର୍ମରାଜ ଧୀର, ବିଡିଓ ଶ୍ୱେତା ସ୍ନିଗ୍ଧା, ଭାରପ୍ରାପ୍ତ ତହସିଲଦାର ଠାକୁର ଦାସ ନାୟକ, ଆରକିଟେକ୍ ପ୍ରତୀକ ରଥ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ ପଣ୍ଡା, ନିର୍ବାହୀ ଯନ୍ତ୍ରୀ ନମିତା ହାଂସଦା, କନିଷ୍ଠ ଯନ୍ତ୍ରୀ ନିରୋଧ ସେଠୀ, ଏନ୍‌ପିସିସି ପ୍ରକଳ୍ପ ଯନ୍ତ୍ରୀ ପ୍ରିତିଗୋବିନ୍ଦ ମହାପାତ୍ରଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି। ଜିଲାପାଳଙ୍କ ପରିଦର୍ଶନ ସମୟରେ ବିଦ୍ୟାଳୟ ମୋ ସ୍କୁଲ ଅଭିଯାନ ସଭାପତି ନାରାୟଣ ଚନ୍ଦ୍ର ସାହୁ, ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ଦାସ, ପୂର୍ବତନ ସମିତିସଭ୍ୟ ମହେଶ୍ୱର ସାହୁ, ପୁରାତନ ଛାତ୍ର କୌଶିକ ଦାସ, ତପନ କର, ଅମିତ ଦାସ, ଦୀପକ କୁମାର ଜେନା, ବିଷ୍ଣୁ ଚରଣ ବେହେରା ଓ ବିଜୟ ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।


ଜିଲାପାଳ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ରାହୁଲଙ୍କୁ ଇଡି ଜେରା ନେଇ କଂଗ୍ରେସର ଗଣଧାରଣା


ଯାଜପୁର ବ୍ଲକ୍ ଓ ନଗର କଂଗ୍ରେସ ପକ୍ଷରୁ ଗଣଧାରଣା ଦିଆଯାଇଛି।

**ଯାଜପୁର ଟାଉନ,୨୧।୬(ଡି.ଏନ.ଏ.)**

ରାହୁଲ ଗାନ୍ଧୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ବାରମ୍ବାର ଜେରାକୁ ବିରୋଧ କରି ଯାଜପୁର ବ୍ଲକ୍ ଓ ନଗର କଂଗ୍ରେସ ପକ୍ଷରୁ ମଙ୍ଗଳବାର ଗଣଧାରଣା ଦିଆଯାଇଛି। ଯାଜପୁର ନଗର କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ସାମନ୍ତଙ୍କ ସଭାପତିତ୍ୱରେ ସ୍ଥାନୀୟ ବିଏସ୍‌ଏନ୍‌ଏଲ୍ ଅଫିସ ସମ୍ମୁଖରେ ଏହି ଧାରଣା ଦିଆଯାଇଛି। ଦେଶରେ ବେରୋଜଗାରୀ, ଦରଦାମ ବୃଦ୍ଧି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ରାହୁଲ କେନ୍ଦ୍ର ସରକାରଙ୍କୁ ବାରମ୍ବାର ସମାଲୋଚନା କରି ଆସୁଛନ୍ତି। ତେଣୁ ତାଙ୍କ ମୁହଁ ବନ୍ଦ ପାଇଁ ଇଡି ମାଧ୍ୟମରେ ମୋଦି ସରକାର ଉଦ୍ୟମ କରୁଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଜିଲା ସଭାପତି ମନୋଜ କୁମାର ରାଉତ, ସନ୍ତୋଷ ନନ୍ଦ, ବିଷ୍ଣୁ ରାଉତ, ଗଦାଧର ଦାସ, ବଳଭଦ୍ର ଦାସ, ଦିଗମ୍ବର କର, ବିଳାସ ରାଉତରାୟ, ଦୁର୍ଯ୍ୟୋଧନ ବେହେରା, ପ୍ରତିମା କର, ବିଭୂତି ମହାପାତ୍ର, କନକ ରାଉତ, ଭରତ ବେହେରା, ରାଜୀବ ମହାପାତ୍ର, ଅନିରୁଦ୍ଧ ରାଉତ, ସଂଗ୍ରାମ ସାହାଣୀ, ଅକ୍ଷୟ ଶତପଥୀ, ଆଲୋକ ବେହେରା, ସନ୍ତୋଷ ବେହେରା, ସଂଗ୍ରାମ ଜେନା ଓ ନିକୁଞ୍ଜ ସାମଲ ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇଥିଲେ।

**ବିଞ୍ଝାରପୁର,(ଡି.ଏନ.ଏ.):** ରାହୁଲ ଗାନ୍ଧୀଙ୍କୁ ଇଡି ଜେରା ପ୍ରତିବାଦରେ ବିଞ୍ଝାରପୁର ବ୍ଲକ କଂଗ୍ରେସ ତରଫରୁ ସୟଦପୁରସ୍ଥିତ ବିଏସ୍‌ଏନ୍‌ଏଲ୍ ଅଫିସ ସମ୍ମୁଖରେ ଧାରଣା ଦିଆଯିବା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ବରିଷ୍ଠ ନେତା କିଶୋର ଦାସଙ୍କ ଅଧ୍ୟକ୍ଷତାରେ ରାଜ୍ୟ କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକ, ପୂର୍ବତନ କଏଣା-ରଘୁନାଥପୁର ସରପଞ୍ଚ କୁଞ୍ଜବିହାରୀ ବେହେରା, ପୂର୍ବତନ ବ୍ଲକ ଯୁବ ସଭାପତି ମନୋଜ ସାମଲ, ନାରାୟଣ ମଲ୍ଲିକ, କାଶୀନାଥ ଦାସ, ଶରତ ମଲ୍ଲିକ ଓ ବାପି ଯେନା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ବକ୍ତବ୍ୟ ଦେଇଥିଲେ। ଯଦି କେନ୍ଦ୍ର ସରକାର ପ୍ରତିଶୋଧ ମୂଳକ ରାଜନୀତିରୁ କ୍ଷାନ୍ତ ନ ରୁହନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ସଭାରେ କଂଗ୍ରେସ ସେବା ଦଳର ମାଁସଡ଼ା ପୂର୍ବତନ ସରପଞ୍ଚ ପ୍ରବୋଧ ଦାସ ଧନ୍ୟବାଦ ଦେଇଥିଲେ।

**ବରୀ,(ଡି.ଏନ.ଏ.):** ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଇଡି ମାଧ୍ୟମରେ ବାରମ୍ବାର ଜେରା କରାଯିବା ଘଟଣାକୁ ନେଇ ବରୀ ବ୍ଲକ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବ୍ଲକ୍ କଂଗ୍ରେସ ସଭାପତି ମନୋଜ ଦାସଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବରୀ ଉପଡାକଘର ଆଗରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କଂଗ୍ରେସ ମୁଖପାତ୍ର ଲିପିକା ପାତ୍ର, ଛାତ୍ର କଂଗ୍ରେସ ସଭାପତି ଶ୍ରବଣ ଦାସ, ଯୁବନେତା ସୌଭାଗ୍ୟ ରଞ୍ଜନ ଦାସ, ନାରୀନେତ୍ରୀ କଳ୍ପନା ପଣ୍ଡା, ପ୍ରାକ୍ତନ ସରପଞ୍ଚ ଦେବ ଦାସ, ଦେବ ପ୍ରଧାନ, ମୁନା ଜେନା, ଅଶୋକ ବେହେରା, କୃଷ୍ଣଚନ୍ଦ୍ର ସାମଲ, ରଶ୍ମିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ଚଣ୍ଡିଖୋଲ,(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ କଂଗ୍ରେସ କମିଟି ତରଫରୁ ଚଣ୍ଡିଖୋଲ ନିକଟସ୍ଥ ବିଏସ୍‌ଏନ୍‌ଏଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ବ୍ଲକ କଂଗ୍ରେସ ସଭାପତି ଉମେଶ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଣଧାରଣା ଓ ବିକ୍ଷୋଭ ସମାବେଶରେ କଂଗ୍ରେସ ନେତା କ୍ୟାପ୍‌ଟେନ ରାଜନାରାୟଣ ମହାପାତ୍ର ଯୋଗଦେଇ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ମିଥ୍ୟା ମାମଲାରେ ଫସାଇ ମୋଦି ସରକାର କଂଗ୍ରେସକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ଯାହାକି ଗଣତନ୍ତ୍ର ପାଇଁ ଶୋଭନୀୟ ନୁହେଁ ବୋଲି ସେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିରଞ୍ଜନ ସାହୁ, ସମିତିସଭ୍ୟ କୁଳମଣି ବାରିକ ଓ ଧର୍ମରାଜ ମହାନ୍ତିଙ୍କ ସମେତ ବହୁ କର୍ମୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ଦମନଲୀଳା ବିରୋଧରେ ପ୍ରତିବାଦ କରିଥିଲେ।

**ଧର୍ମଶାଳା,(ଡି.ଏନ.ଏ.):** ଧର୍ମଶାଳା ବ୍ଲକ କଂଗ୍ରେସ ପକ୍ଷରୁ ଜାରକାସ୍ଥିତ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ବ୍ଲକ୍ କଂଗ୍ରେସ ସଭାପତି କିଷାନ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭରେ ବରିଷ୍ଠ ନେତା ବସନ୍ତ କୁମାର ପରିଡ଼ା, ପ୍ରଫୁଲ୍ଲ କୁମାର ରାୟ, ନରୋତ୍ତମ ନାୟକ, ନକୁଳ ଜେନା, ଅମରେନ୍ଦ୍ର ସାମଲ, ଦୀପକ କୁମାର ବଳ, ଗଗନ ବିହାରୀ ରାଉତ, ନିଳମଣି ସ୍ୱାଇଁ, କାର୍ତ୍ତିକ ସାହୁ, ସତ୍ୟାନନ୍ଦ ମଲିକ, ପ୍ରମୋଦ ମହାନ୍ତ, ବବାଜି ରାଉତ ପ୍ରମୁଖ ଯୋଗଦେଇ କେନ୍ଦ୍ରର ଭାଜପା ସରକାର ବିରୋଧରେ ନାରାବାଜି ଦେଇଥିଲେ। ଭାଜପା ସରକାର ଇଡି ମାଧ୍ୟମରେ ବିରୋଧୀ ଦଳ ନେତାଙ୍କୁ ମିଥ୍ୟା ମାମଲାରେ ଛନ୍ଦି ଏଭଳି ହୀନ କାର୍ଯ୍ୟ କରୁଥିବା ସଭାପତି ପଣ୍ଡା ଅଭିଯୋଗ କରିଥିଲେ। ଶେଷରେ ଯୁବନେତା ଦେବାଶିଷ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ଶୀତଳଭଣ୍ଡାରରେ ଗୁଡ୍ ସମରିଟାନ ପଲିସି

**ନୟାଗଡ଼ ଅଫିସ,୨୧।୬**

ଆଖି ଆଗରେ ଦୁର୍ଘଟଣା ଘଟୁଥିବାବେଳେ ଥାନା ଓ କୋର୍ଟ ଭୟ ଥିବାରୁ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବାକୁ ଆଗ୍ରହ ଥିଲେ ବି କେହି ବ୍ୟକ୍ତି ସହଯୋଗ କରୁନାହାନ୍ତି। ପୁଣି ଗୁଡ୍ ସମରିଟାନ ପଲିସି (ଦୁର୍ଘଟଣାଗ୍ରସ୍ତଙ୍କୁ ଚିକିତ୍ସାଳୟକୁ ନେବାକୁ ନୀତି)ର ସଚେତନତା ନ ଥିବାରୁ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ସହଯୋଗ କରିବାକୁ ଆନ୍ତରିକତା ଆସୁନି। ଏଣୁ ନୟାଗଡ ଜିଲାରେ ୪ ବର୍ଷରେ ମାତ୍ର ୭ଜଣ ଏହି ସହାୟତା ରାଶି ପାଇଛନ୍ତି। ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ସହଯୋଗ କରିବାକୁ ଦୃଷ୍ଟିରେ ରଖି ୨୦୧୪ରେ ଦେଶରେ ଗୁଡ୍ ସମରିଟାନ ପଲିସି ଲାଗୁ କରାଯାଇଛି। ଏହି ପଲିସି ୨୦୧୮ ଫେବୃଆରୀରୁ ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି। ଗୁଡ୍ ସମରିଟାନ ପଲିସି ଅନୁଯାୟୀ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରାଇଲେ ସହଯୋଗକାରୀଙ୍କୁ ୨ ହଜାର ଟଙ୍କା ସହ ପୁରସ୍କୃତ କରାଯିବ। ଭଡ଼ାଗାଡ଼ିରେ ଯଦି ଆହତ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବେ ତାହା ହେଲେ ଭଡ଼ା ମଧ୍ୟ ପ୍ରଦାନ କରାଯିବାର ନିୟମ ରହିଛି। ଏଥିପାଇଁ ଗୁଡ୍ ସମରିଟାନ (ଦୁର୍ଘଟଣାଗ୍ରସ୍ତଙ୍କୁ ସହଯୋଗ କରିଥିବା ବ୍ୟକ୍ତି)ଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଥାନାରୁ ପ୍ରମାଣପତ୍ର ଆଣି ଆରଟିଓ କାର୍ଯ୍ୟାଳୟରେ ଦାଖଲ କରିବେ। ଉକ୍ତ ବ୍ୟକ୍ତିଙ୍କୁ କୋର୍ଟ, କଚେରୀର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ହେଲେ ପ୍ରଚାର ପ୍ରସାର ଅଭାବରୁ ଏ ଦିଗରେ ଆଗଭର ହେଉ ନ ଥିବା ଦେଖିବାକୁ ମିଳିଛି। ଜିଲାରେ ୨୦୨୦ ମସିହାରେ ମାତ୍ର ୭ ଜଣ ଗୁଡ୍ ସମରିଟାନ ପୁରସ୍କୃତ ହୋଇଛନ୍ତି। ଅନ୍ୟପକ୍ଷେ ଦୁର୍ଘଟଣାର ପରବର୍ତ୍ତୀ ୧ଘଣ୍ଟା ସମୟ ଆହତ ବ୍ୟକ୍ତିମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଯଦି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପାରନ୍ତି ତାହା ହେଲେ ତାଙ୍କ ଜୀବନ ବଞ୍ଚି ଯାଇପାରେ। ଏଣୁ ଗୁଡ୍ ସମରିଟାନ ପଲିସି ଉପରେ ଅଧିକ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

ଅପରପକ୍ଷେ ଜିଲାରେ ଦିନକୁଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇଛି। ଏହା ସାଙ୍ଗକୁ ମୃତକ ଓ ଗୁରୁତରମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଜିଲାରେ ୨୦୧୮ରେ ୧୧୯, ୨୦୧୯ରେ ୧୦୦ ଓ ୨୦୨୦ରେ ୮୬ଜଣଙ୍କର ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ତେବେ ୨୦୨୦ରେ କରୋନା କଟକଣା ସମୟରେ ଶରଣକୁଳରେ ୬ଜଣଙ୍କ ମୃତ୍ୟୁ ସମେତ ୮୬ ଜଣଙ୍କର ମୃତ୍ୟୁକୁ ନେଇ ଜିଲାପାଳ ପୋମା ଟୁଡୁ ୨୦୨୦ ଡିସେମ୍ବରରେ ଅନୁଷ୍ଠିତ ଜିଲା ସଡକ ସୁରକ୍ଷା କମିଟି ବୈଠକରେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

**ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ମିଳୁନି ସହଯୋଗ**

ଦୁର୍ଘଟଣାରେ ଆହତମାନଙ୍କୁ ଉଦ୍ଧାର କରିବାକୁ ନୟାଗଡ଼ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ମୁଥାଗାଡ଼ିଆ ସରପଞ୍ଚଙ୍କ ଉଦ୍ୟୋଗକ୍ରମେ ନୂଆ ବସ୍‌ଷ୍ଟାଣ୍ଡ ପରିସରରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା ଯୋଗଦେଇ କହିଥିଲେ, ରାସ୍ତା ଦୁର୍ଘଟଣାରେ ପୀଡ଼ିତ ଲୋକମାନଙ୍କୁ ୫୦ ହଜାରରୁ ୨ ଲକ୍ଷ ପର୍ଯ୍ୟନ୍ତ ସହାୟତା ମିଳୁଛି। ତେବେ ଅଜଣା ଗାଡି ଧକ୍କା ହେଲେ ଏହି ସହାୟତା ରାଶି ମିଳିବ। ଅନ୍ୟପକ୍ଷେ ରକ୍ଷକ ତଥା ଗୁଡ୍ ସମରିଟାନଙ୍କୁ ୨ ହଜାର ଟଙ୍କାର ସାହାଯ୍ୟ ଦିଆଯାଇଥାଏ। ଗୁଡ୍ ସମରିଟାନମାନେ କୌଣସି ମତେ ଦୋଷୀ ନୁହନ୍ତି ବୋଲି ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ରାୟ ବିଷୟରେ ସେ କହିଥିଲେ। ଏଣୁ ଗୁଡ୍ ସମରିଟାନ ପଲିସି, ନ୍ୟାୟାଳୟକୁ ଭୟ ନ କରି ଦୁର୍ଘଟଣା ଜନିତ ଲୋକମାନଙ୍କୁ ସାହାଯ୍ୟ କରିବା ଉଚିତ। ପ୍ରଶିକ୍ଷକ ଆଦିତ୍ୟ ପ୍ରସାଦ ମିଶ୍ର କହିଥିଲେ ଓଡ଼ିଶାରେ ବାର୍ଷିକ ପ୍ରାୟ ୬ ହଜାର ଲୋକ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଏଥିରୁ ଅନେକ ଆଶୁ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରିଥାନ୍ତି। ସେମାନଙ୍କୁ ଶୀଘ୍ର ଡାକ୍ତରଖାନାରେ ପହଞ୍ଚାଇବା ପ୍ରଥମେ ସାହାଯ୍ୟକାରୀଙ୍କ କର୍ତ୍ତବ୍ୟ। ଏଥିରେ ସାମାନ୍ୟତମ ବିଳମ୍ବ ହେଲେ ଜୀବନ ଚାଲିଯିବାର ଭୟ ରହୁଛି ବୋଲି ପ୍ରକାଶ କରିଥିଲେ। ପରେ ପ୍ରଶିକ୍ଷକ ରବୀନ୍ଦ୍ର କୁମାର ଦଳବେହେରା ଓ ଅନ୍ୟ ପ୍ରଶିକ୍ଷକମାନେ ଝୁମ୍ପୁରୀ, ଜୟପୁର ଓ ମୁଥାଗାଡ଼ିଆର ଗ୍ରାମବାସୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

- ୪ ବର୍ଷରେ ୭ ଜଣ ପାଇଛନ୍ତି ସହାୟତା ରାଶି
- ଥାନା, କୋର୍ଟର ଭୟ ବାଧକ ସାଜୁଛି
- ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ମିଳୁନି ସହଯୋଗ

## ଜନ ପ୍ରତିନିଧିଙ୍କ ବିରୋଧରେ ଅଭିଯୋଗ

**ଭାପୁର,୨୧।୬(ଡି.ଏନ.ଏ.):** ନୟାଗଡ଼ ଜିଲା ଭାପୁର ବ୍ଲକ୍ ବିଜିପୁର ଗ୍ରାମପଞ୍ଚାୟତର ୩ ଗ୍ରାମର ଜନସାଧାରଣ ନିର୍ବାଚିତ ଜନପ୍ରତିନିଧିଙ୍କ ଜନ ବିରୋଧୀ କାର୍ଯ୍ୟକୁ ବିରୋଧ କରି ବିଡିଓଙ୍କୁ ଫେରାଦ ହୋଇଛନ୍ତି । ବିଜିପୁର ଗ୍ରାମପଞ୍ଚାୟତର ଶୁକପୋଖରୀ ଗ୍ରାମରେ ଦୁଇଟି ରାସ୍ତା ଓ ଦୁବପଲ୍ଲୀ ଗ୍ରାମରେ ତିନୋଟି ରାସ୍ତା ନିର୍ମାଣ ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ଅନୁଦାନ ମଞ୍ଜୁର ହୋଇଥିଲା । ଦୁବପଲ୍ଲୀ ଗ୍ରାମର ରାସ୍ତା ନିର୍ମାଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ଶୁକପୋଖରୀ ଗ୍ରାମରେ କାମ ଆରମ୍ଭ ହେବାକୁ ଯାଉଛି । ଏହାକୁ ବିରୋଧ କରି ନୟାଗଡ଼ ଜିଲା ଭାପୁରର ଜଣେ ଜିଲା ପରିଷଦ ସଭ୍ୟ ହାଇକୋର୍ଟରେ ଅଭିଯୋଗ କରିଛନ୍ତି । ଜନ ପ୍ରତିନିଧିଙ୍କ ଜନ ବିରୋଧୀ କାର୍ଯ୍ୟକୁ ବିରୋଧ କରି ଦୁବପଲ୍ଲୀ, ଶୁକପୋଖରୀ ଓ ଲହଙ୍ଗାସାହିର ଜନସାଧାରଣ ଲିଖିତ ଭାବେ ବିଡିଓ ଜନ୍ମେଜୟ ସାହୁଙ୍କୁ ଭେଟି ଏହି ରାସ୍ତା ଜନସାଧାରଣଙ୍କ ପାଇଁ ନିହାତି ଆବଶ୍ୟକ ବୋଲି ଦାବି କରିଛନ୍ତି। ଜନ ପ୍ରତିନିଧିଙ୍କ ଏଭଳି ଜନ ବିରୋଧୀ କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି।

# ଖଣ୍ଡପଡ଼ାରେ କାଳବୈଶାଖୀ

## ଗଛ ପଡ଼ି ରାସ୍ତା ଅବରୋଧ, ବିଦ୍ୟୁତ୍ ସେବା ବ୍ୟାହତ

**ଖଣ୍ଡପଡ଼ା,୨୧।୬(ସ୍ୱ.ପ୍ର.)**

ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ଖଣ୍ଡପଡ଼ା ଓ ତାର ଆଖପାଖ ଅଞ୍ଚଳରେ କାଳ ବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ବର୍ଷା ଓ ପବନର ପ୍ରଭାବରେ ବହୁ ଗଛ ଭାଙ୍ଗି ପଡିଛି। ଖଣ୍ଡପଡ଼ା ସହରର କୁମ୍ଭାରସାହି ନିକଟ ରାସ୍ତା ଉପରେ ଏକ ବିରାଟ ଗଛ ଭାଙ୍ଗି ପଡିବାରୁ ଉକ୍ତ ରାସ୍ତା ଦେଇ ଯାତାୟତ ବାଧାପ୍ରାପ୍ତ ହୋଇଛି। ଗଛଟି ଭାଙ୍ଗି ପଡିବା ଫଳରେ ୨ଟି ବିଦ୍ୟୁତ ଖୁଣ୍ଟ ଓ ବିଦ୍ୟୁତ୍ ଟ୍ରାନ୍ସଫର୍ମର କ୍ଷତିଗ୍ରସ୍ତ ହୋଇଛି। ଫଳରେ ଅଞ୍ଚଳବାସୀ ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଛନ୍ତି। ଖବର ପାଇ ଖଣ୍ଡପଡ଼ା ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ରାସ୍ତା ଉପରୁ ଗଛଟିକୁ କାଟିବା ଆରମ୍ଭ କରିଛନ୍ତି। କାଳବୈଶାଖୀର ପ୍ରଭାବରେ ବହୁ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଥିବା ବେଳେ ତାର ଛିଡ଼ି ପଡିଛି। ବହୁ ଲୋକଙ୍କ ଚାଳ ଛପର, ଆଜବେଷ୍ଟସ ଓ ଟିଣ ଛପର କ୍ଷତିଗ୍ରସ୍ତ ହୋଇଛି।


ରାସ୍ତା ଉପରେ ଉପୁଡ଼ି ପଡିଥିବା ବିରାଟ ଗଛ।

# ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**ନୟାଗଡ଼ ଅଫିସ,୨୧।୬:** ନୟାଗଡ଼ ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଅନ୍ତର୍ଜାତୀୟ ଯୋଗଦିବସ ପାଳିତ ହୋଇଯାଇଛି।

**ନୂଆଗାଁ,(ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସମ୍ପଡାସ୍ଥିତ ଚିନ୍ତାମଣୀ ବିଦ୍ୟାପୀଠ ପରିସରରେ ଆୟୋଜିତ ଶିବିରରେ ଯୋଗ ଶିକ୍ଷକ ପରମାନନ୍ଦ ପରିଡ଼ା ଯୋଗର ଉପକାରିତା, ପ୍ରଣାଳୀ ଆଦି ବୁଝାଇବା ସହ ତାପାସନ, ବୃକ୍ଷାସନ, ଗରୁଡାସନ, ବଜ୍ରାସନ ଆଦି ପ୍ରାଣାୟାମ କରାଇଥିଲେ। ନୂଆଗାଁ ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଯୋଗ ଶିକ୍ଷା ଦିଆ ଯାଇଥିଲା।

**ଖଣ୍ଡପଡା,(ସ୍ୱ.ପ୍ର):** ଶିଖରପୁର ପଞ୍ଚାୟତ ଶିଖରପୁର ଉଚ୍ଚ ବିଦ୍ୟାଳୟ ପରିସରରେ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଯୋଗ ଶିକ୍ଷକ ରଞ୍ଜନ କୁମାର ସାହୁ ଯୋଗର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ ଓ ଖଳିସାହି ବଡ଼ ପଡ଼ିଆରେ ବି ଯୋଗ ଦିବସ ପାଳନ କରାଯାଇଥିଲା। ଖଣ୍ଡପଡ଼ା ଯୁବକ ସଂଘର ସଦସ୍ୟମାନେ ମଧୁବନ ମିନି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ନୟାଗଡ଼ ଜିଲା ସଂସ୍କୃତି ସୁରକ୍ଷା ସମିତି ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଆନୁକୂଲ୍ୟରେ ଖଳିସାହିଠାରେ ଯୋଗ ଦିବସ ପାଳନ କରାଯାଇଥିଲା।

**ଭାପୁର,(ଡି.ଏନ.ଏ.):** ପଦ୍ମାବତୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ତରଫରୁ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ କୁମାର ପାଇକରାୟଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ.ଜନ୍ମେଞ୍ଜୟ ସାହୁ, ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ପଡ଼ିଆରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା।

**ଦଶପଲ୍ଲା,(ଡି.ଏନ.ଏ.):** ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଦ୍ୟାଳୟ, ମହାବିଦ୍ୟାଳୟ ସମେତ,ଦଶପଲ୍ଲାର ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ ହୋଇଯାଇଛି। ସୀତାରାମ ଯୁଥ୍ କ୍ଲବ୍ , ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘ ପକ୍ଷରୁ ନେତାଜୀ ପଡିଆ ସମେତ ୫ ଟି ସ୍ଥାନରେ ଯୋଗ ଶିବିର ଆୟୋଜନ କରାଯାଇଥିଲା। ମଧ୍ୟଖଣ୍ଡ କଲ୍ୟାଣ ମଣ୍ଡପଠାରେ ମଧ୍ୟ ଯୋଗ ଦିବସ ପାଳିତ ହୋଇଥିଲା। ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ବି ଯୋଗ ଶିବିର ଆୟୋଜିତ ହୋଇଥିଲା।

**ଓଡ଼ଗାଁ,(ସ୍ୱ.ପ୍ର.)**–ସ୍ଥାନୀୟ ପତଞ୍ଜଳୀ ଯୋଗ ପ୍ରଭାରୀ ଭଗବାନ ପ୍ରଧାନ ଓ ଗାୟତ୍ରୀ ପରିବାରଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମ ସମେତ ବିଭିନ୍ନ ସ୍କୁଲ ଓ ସାଧାରଣ ସ୍ଥାନରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ସାକେରୀ ସ୍ୱାସ୍ଥ୍ୟ ଅରୋଗ୍ୟ ଉପକେନ୍ଦ୍ର, ଗର୍ଜନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବି ଯୋଗ ଶିବିର ହୋଇଥିଲା।


ଦଶପଲ୍ଲାରେ ଅନୁଷ୍ଠିତ ଯୋଗ ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର।

# ଘୋଷଯାତ୍ରା ପାଇଁ ଚାଲିଛି ରଥ ନିର୍ମାଣ

**ଖଣ୍ଡପଡ଼ା,୨୧।୬(ସ୍ୱ.ପ୍ର.)**

ଶ୍ରୀଜୀଉଙ୍କ ପବିତ୍ର ଘୋଷଯାତ୍ରା ପାଇଁ ଖଣ୍ଡପଡା, ଖଳିସାହି ଓ ମର୍ଦ୍ଦରାଜପୁରରେ ରଥ ନିର୍ମାଣ ଚାଲିଛି। ଖଣ୍ଡପଡ଼ା ରଥଗଡ଼ା ଛକରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ରାଜ ପରିବାର ପକ୍ଷରୁ ଗୋଟିଏ ରଥ ନିର୍ମାଣ କରାଯାଉଥିବା ବେଳେ ଅନୁରୂପ ଭାବେ ଖଣ୍ଡପଡ଼ା ଦେବୋତ୍ତର ବିଭାଗ ପକ୍ଷରୁ ପ୍ରଭୁ ପତିତପାବନ, ମା'ସୁଭଦ୍ରା ଓ ବଡ଼ଭାଇ ବଳଭଦ୍ରଙ୍କ ପାଇଁ ଆଉ ଗୋଟିଏ ରଥ ନିର୍ମାଣ କରାଯାଉଛି। ମହାରଣା ସେବକମାନେ ରଥ ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି। ଅପରାହ୍ନରେ ପ୍ରାକ୍ ମୌସୁମୀ ବର୍ଷା ରଥ ନିର୍ମାଣରେ ବାଧକ ସାଜିଛି। ସୂଚନାଯୋଗ୍ୟ, ଖଣ୍ଡପଡ଼ାରେ ଅନୁଷ୍ଠିତ ହେବାକୁ ଥିବା ଘୋଷଯାତ୍ରା ପାଇଁ ୨ଟି ରଥ ନିର୍ମାଣ କରାଯାଉଥିବା ବେଳେ ଖଳିସାହି ଓ ମର୍ଦ୍ଦରାଜପୁର ରଥଯାତ୍ରା ଲାଗି ୩ ବିଗ୍ରହଙ୍କ ପାଇଁ ଗୋଟିଏ ରଥ ନିର୍ମାଣ କରାଯାଉଛି।


ରଥ ନିର୍ମାଣ ଚାଲିଛି।


**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୧୪-ଇଏଲ୍-ଡବ୍ଲ୍ୟୁଟି-୨୦୨୨-୨୩, ତାରିଖ: ୧୭।୦୬।୨୦୨୨ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଟେଣ୍ଡର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଟେଣ୍ଡରକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ସିକେପି ଡିଭିଜନ ଅଧୀନରେ ବିଭିନ୍ନ ଷ୍ଟେଶନଠାରେ ବିଭିନ୍ନ ପ୍ରକାର ଷ୍ଟାଫ୍ କ୍ୱାର୍ଟରଗୁଡ଼ିକର ରିଓ୍ୟାରିଂ (ଟାଟା – ୮୭୦ ୟୁନିଟ୍, ଡିପିଏସ୍ – ୩୨୬ ୟୁନିଟ୍, ସିକେପି – ୨୭୧ ୟୁନିଟ୍, ବିଏନ୍‌ଡିଏମ୍ – ୫୮୭ ୟୁନିଟ୍, ଆରଓ୍ୟୁ – ୩୧୪ ୟୁନିଟ୍, ଜେଏସ୍‌ଜି – ୧୫୦ ୟୁନିଟ୍) । **ଟେଣ୍ଡର ମୂଲ୍ୟ:** ₹୪,୩୮,୧୬,୮୭୦.୦୮ । ଇଏମ୍‌ଡି: ₹୩,୬୯,୧୦୦.୦୦ । **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ । ବନ୍ଦ ହେବା/ଖୋଲାଯିବା ତାରିଖ: ୨୫।୦୭।୨୦୨୨, ୧୫.୦୦ ଘଟିକା । ଟେଣ୍ଡର **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଆବଶ୍ୟକ । PR-241

**ଅଧିସୂଚନା**

**'ଗୋଟିଏ ଷ୍ଟେଶନ ଗୋଟିଏ ଉତ୍ପାଦ' ଯୋଜନା ଅଧୀନରେ ଶାଳିମାର, ବାଗ୍‌ନାନ, ମେଛେଡ଼ା, ଦିଘା, ଆନ୍ଦୁଲ, ଜଳେଶ୍ୱର ଏବଂ ବାଉରିଆ ରେଳ ଷ୍ଟେଶନଠାରେ ସ୍ଥାନୀୟ ଦେଶୀ ଉତ୍ପାଦର ବିକ୍ରୟ ପାଇଁ ଅସ୍ଥାୟୀ ଷ୍ଟଲ୍ ସ୍ଥାପନ**

ନଂ.ସିଓଏମ୍/ଜି.୧୮/୨/ସିଏଟିଜି./ଓ୍ୱାନ୍ ଷ୍ଟେଶନ ଓ୍ୱାନ୍ ପ୍ରଡକ୍ଟ ତାରିଖ: ୦୩।୦୬।୨୦୨୨
କେନ୍ଦ୍ର ବଜେଟ ଘୋଷଣା ୨୦୨୨-୨୩ ଆଧାରରେ ଏବଂ ରେଲ୍‌ୱେ ବୋର୍ଡର ଇଚ୍ଛା ଅନୁସାରେ ଦ.ପୂ. ରେଳପଥ, ଖଡ଼ଗପୁର ଡିଭିଜନ ତା୨୩।୦୬।୨୦୨୨ରିଖଠାରୁ ୧୫ ଦିନ ପାଇଁ ପାଇଲଟ୍ ଭିତ୍ତିରେ ଚିହ୍ନିତ ଉତ୍ପାଦଗୁଡ଼ିକୁ ବିକ୍ରୟ କରିବା ପାଇଁ ଷ୍ଟଲ୍ ଯୋଗାଇ ସମ୍ପୃକ୍ତ ଅଞ୍ଚଳର ବିଶିଷ୍ଟ ଉତ୍ପାଦ ଯଥା– ସ୍ଥାନୀୟ ଖାଦ୍ୟ ସାମଗ୍ରୀ, ହସ୍ତକଳା, ହସ୍ତଶିଳ୍ପ, ହସ୍ତତନ୍ତ, ପ୍ରକ୍ରିୟାକୃତ/ଅର୍ଦ୍ଧ-ପ୍ରକ୍ରିୟାକୃତ ଖାଦ୍ୟ ସାମଗ୍ରୀ ଇତ୍ୟାଦିର ପ୍ରସାର କରିବା ଲାଗି ଇଚ୍ଛୁକ ଅଟେ । ବର୍ତ୍ତମାନ, ଗୋଟିଏ ଷ୍ଟେଶନ ଗୋଟିଏ ଉତ୍ପାଦ ଯୋଜନା ଅଧୀନରେ ପର୍ଯ୍ୟାୟ Vର ଦ୍ୱିତୀୟ ଭାଗରେ ଶାଳିମାର, ବାଗନାନ, ମେଛେଡ଼ା, ଦିଘା, ଆନ୍ଦୁଲ, ବାଉରିଆ ଏବଂ ଜଳେଶ୍ୱର ଷ୍ଟେଶନକୁ ପାଇଲଟ୍ ପ୍ରକଳ୍ପ ପାଇଁ ଚିହ୍ନଟ କରାଯାଇଛି । ଆଗ୍ରହୀ ଆବେଦନକାରୀ (ସ୍ଥାନୀୟ ନିର୍ମାତା ହୋଇଥିବା ବାଞ୍ଛନୀୟ) ଯୋଜନାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ସମ୍ପୃକ୍ତ ଷ୍ଟେଶନ ମ୍ୟାନେଜରଙ୍କ ସହିତ ଯୋଗାଯୋଗ କରିପାରିବେ ଏବଂ ତା୨୨।୦୬।୨୦୨୨ରିଖ ୧୭.୦୦ ଘଟିକା ମଧ୍ୟରେ ଷ୍ଟେଶନ ମ୍ୟାନେଜରଙ୍କ ନିକଟରେ ଷ୍ଟଲ୍ ପିଛା @ ଟ.୧୦୦୦/-ର ଟୋକନ ଦେୟ ସହିତ ନିଜର ଦରଖାସ୍ତ ଦାଖଲ କରିପାରିବେ । ପ୍ରଚଳିତ ନିୟମ ଅନୁଯାୟୀ ପ୍ରସଙ୍ଗର ପରବର୍ତ୍ତୀ ପ୍ରକ୍ରିୟାକରଣ ପାଇଁ ସେହିଦିନ ୧୭.୩୦ ଘଟିକାରେ ଡିଭିଜନାଲ ଅଧିକାରୀମାନଙ୍କ ଉପସ୍ଥିତିରେ ଷ୍ଟେଶନ ମ୍ୟାନେଜରଙ୍କ ଚାମ୍ବରରେ ଦରଖାସ୍ତର ପ୍ରକ୍ରିୟାକରଣ କରାଯିବ, ଯାହାଫଳରେ ପ୍ରସ୍ତାବିତ ଷ୍ଟଲ୍ ତା୨୩।୦୬।୨୦୨୨ରିଖ ଓ ତା'ପରଠାରୁ କାର୍ଯ୍ୟକ୍ଷମ ହୋଇପାରିବ । ଅଧିକ ସଂଖ୍ୟକ ଦରଖାସ୍ତ ପ୍ରାପ୍ତ ହେଲେ ଉନ୍ମୁକ୍ତ ଲଟେରି/ସର୍ବସାଧାରଣ ଉଠାଣ କରାଯିବ । ବିବରଣୀ ନିମ୍ନ ଅନୁଯାୟୀ ଅଟେ: **କ୍ର.ସଂ.; ଷ୍ଟେଶନ; ଉତ୍ପାଦ; ନିର୍ବାହୀ କର୍ତ୍ତୃପକ୍ଷ ଏବଂ ଯୋଗାଯୋଗ ପାଇଁ ଉଦ୍ଦିଷ୍ଟ ବ୍ୟକ୍ତି ଏବଂ ଫୋନ୍ ନଂ.** ନିମ୍ନ ଅନୁଯାୟୀ ହେବ:– **(୧) ଜଳେଶ୍ୱର;** କତା ଉତ୍ପାଦ ଓ ବେତ ଉତ୍ପାଦ; ଷ୍ଟେଶନ ମ୍ୟାନେଜର/ଜଳେଶ୍ୱର, ଫୋନ୍ ନଂ. ୯୪୩୭୬୮୪୭୨୯। **(୨) ଶାଳିମାର;** ଝୋଟ ଉତ୍ପାଦ, କାଠ ଫର୍ନିଚର ଏବଂ ହସ୍ତଶିଳ୍ପ ଅଳଙ୍କାର ଏବଂ ହ୍ୟାଣ୍ଡଲୁମ ଶାଢ଼ି; ଷ୍ଟେଶନ ମ୍ୟାନେଜର/ଶାଳିମାର, ଫୋନ୍ ନଂ. ୯୦୦୨୦୮୬୩୧୯ । **(୩) ବାଗ୍‌ନାନ;** ହସ୍ତଶିଳ୍ପ କ୍ରୀଡ଼ା ସାମଗ୍ରୀ; ଷ୍ଟେଶନ ମ୍ୟାନେଜର/ବାଗ୍‌ନାନ, ଫୋନ୍ ନଂ. ୯୦୦୨୦୮୬୩୪୧। **(୪) ମେଛେଡ଼ା;** ପଟ୍ଟଚିତ୍ର; ଷ୍ଟେଶନ ମ୍ୟାନେଜର/ମେଛେଡ଼ା, ଫୋନ୍ ନଂ. ୯୦୦୨୦୮୬୨୩୬ । **(୫) ଦିଘା;** ଝୋଟ ଉତ୍ପାଦ; ଷ୍ଟେଶନ ମ୍ୟାନେଜର/ଦିଘା, ଫୋନ୍ ନଂ. ୮୦୧୬୪୮୧୯୬୩ । **(୬) ଆନ୍ଦୁଲ;** ପଟ୍ଟଚିତ୍ର; ଷ୍ଟେଶନ ମ୍ୟାନେଜର/ଆନ୍ଦୁଲ, ଫୋନ୍ ନଂ. ୯୦୦୨୦୮୬୩୨୪ । **(୭) ବାଉରିଆ;** ବେକେରୀ ଉତ୍ପାଦ; ଷ୍ଟେଶନ ମ୍ୟାନେଜର/ବାଉରିଆ, ଫୋନ୍ ନଂ. ୯୦୦୨୦୮୬୩୩୧ । **ଷ୍ଟଲ୍ ସ୍ଥାପନ ଖର୍ଚ୍ଚ:** ପ୍ରତ୍ୟେକ ପାଇଁ ରେଳପଥ ଦ୍ୱାରା ବହନ କରାଯିବ । **ଦରଖାସ୍ତ ଦାଖଲର ଶେଷ ତାରିଖ:** ପ୍ରତ୍ୟେକ ପାଇଁ ତା୨୨।୦୬।୨୦୨୨ରିଖ ୧୭.୦୦ ଘଟିକା । **ଦରଖାସ୍ତ ଖୋଲାଯିବାର ତାରିଖ:** ପ୍ରତ୍ୟେକ ପାଇଁ ତା୨୨।୦୬।୨୦୨୨ରିଖ ୧୭.୩୦ ଘଟିକା । **ମନ୍ତବ୍ୟ:** ଯଦି କୌଣସି ଆବେଦନକାରୀ ଅନ୍ୟ କୌଣସି ଷ୍ଟେଶନରେ ଅଂଶଗ୍ରହଣ କରିବାକୁ ଚାହୁଁଥାନ୍ତି, ତେବେ ସେ ମଧ୍ୟ ନିକଟତମ ଷ୍ଟେଶନ ମ୍ୟାନେଜର ଏବଂ ସିନିୟର ଡିସିଏମ୍ କାର୍ଯ୍ୟାଳୟ/ଖଡ଼ଗପୁର, ଫୋନ୍ ନଂ. ୯୮୦୦୩୮୮୯୪୬, ୯୦୦୨୦୮୧୯୪୫ଙ୍କ ସହିତ ଯୋଗାଯୋଗ କରିପାରନ୍ତି ।

PR-242 ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ


# ଓଡ଼ିଶା ସରକାର
## କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

File No.309/22 **ଅଧିସୂଚନା** Dated 11.05.22

**No.X-14:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାର ଜୟପୁର-ମାଲକାନଗିରି-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ **ମୌଜା-ଭେଜାପାବିଲି,** ଥାନା-ବୈପାରିଗୁଡା ନଂ.୯୯, ତହସିଲ-ବେପାରିଗୁଡା, ଜିଲ୍ଲା-କୋରାପୁଟରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୩୪.୭୯୮ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act,2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଜୟପୁର-ମାଲକାନଗିରି-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ କୋରାପୁଟ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜୟପୁର-ମାଲକାନଗିରି-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ସଂଲଗ୍ନ କରାଗଲା ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ଜୟପୁର ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମାଞ୍ଚଳ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଏଥିସହିତ ସଂଲଗ୍ନ କରାଗଲା | | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୯.୭୪୮ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଜୟପୁର-ମାଲକାନଗିରି-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/-ଜିଲ୍ଲାପାଳ, କୋରାପୁଟ

**ଭୂମି ଅନୁସୂଚୀ**

**ମୌଜା-ଭେଜାପାବିଲି, ଥାନା-ବୈପାରିଗୁଡା ନଂ.-୯୯,ତହସିଲ-ବୈପାରିଗୁଡା, ଜିଲ୍ଲା-କୋରାପୁଟ**

**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୪ | ରୟତି | ୯୮ | ୦.୧୧୬ | ୦.୧୦୭ | ଧାନ ଅଣଜଳସେଚିତ ଦୁଇ | ଉର୍ଦ୍ଧବ ମାଝୀ, ହରି ମାଝୀ, ରଘୁ ମାଝୀ,ଗୁରୁ ମାଝୀ, ପି-ସଦା ମାଝୀ, ପ୍ରତିମା ମାଝୀ,ସ୍ୱା-ସଦା ମାଝୀ, ଧବୁଲୁ ମାଝୀ,ପି-ଡମ୍ବରୁ ମାଝୀ, ଜା-ଭୁମିଆଁ, ବା-ନିଜଗାଁ |
| ୧୧ | ରୟତି | ୮ | ୧.୧୬୧ | ୦.୬୨୩ | ଡଙ୍ଗର | ଜିତୁରୁ ମାଝୀ,ପି-ସ୍ମୃତି ମାଝୀ,ଜା-ଭୁମିଆଁ,ବା-ନିଜଗାଁ |
| ୧୫ | ରୟତି | ୯୭ | ୦.୪୩୨ | ୦.୪୦୫ | ଧାନ ଅଣଜଳସେଚିତ ଦୁଇ | ଦଶୁ ମାଝୀ,କମଳା ମାଝୀ,ମଧୁ ମାଝୀ, ଜା-ଭୁମିଆଁ,ବା-ନିଜଗାଁ |
| ୧୫ | ରୟତି | ୨୫୨ | ୦.୭୧୭ | ୦.୪୧୫ | ଧାନ ଅଣଜଳସେଚିତ ଦୁଇ | ଦଶୁ ମାଝୀ,କମଳା ମାଝୀ,ମଧୁ ମାଝୀ, ଜା-ଭୁମିଆଁ,ବା-ନିଜଗାଁ |
| ୧୫ | ରୟତି | ୨୬୧ | ୦.୦୬୨ | ୦.୦୦୯ | ଧାନ ଅଣଜଳସେଚିତ ଦୁଇ | ଦଶୁ ମାଝୀ,କମଳା ମାଝୀ,ମଧୁ ମାଝୀ, ଜା-ଭୁମିଆଁ,ବା-ନିଜଗାଁ |
| ୨୨ | ରୟତି | ୧୧୪ | ୧.୭୯୯ | ୦.୮୭୩ | ଧାନ ଅଣଜଳସେଚିତ ଏକ | ପୁରୁଷୋତ୍ତମ ମାଝୀ, ପି-ଲଳିତା ମାଝୀ, ଜା-ଭୁମିଆଁ,ବା-ନିଜଗାଁ |
| ୨୨ | ରୟତି | ୧୧୫ | ୨.୧୯୯ | ୦.୯୪୩ | ଧାନ ଅଣଜଳସେଚିତ ଦୁଇ | |
| ୨୫ | ରୟତି | ୨୬୬ | ୩.୯୫୪ | ୦.୩୧୨ | ଧାନ ଅଣଜଳସେଚିତ ଏକ | ବିଶ୍ୱନାଥ ମାଝୀ, ପି-ସନା ମାଝୀ, ଜା-ଭୁମିଆଁ,ବା-ଜାଗରାଗୁଡା |
| ୨୬ | ରୟତି | ୧୯ | ୧.୨୬୦ | ୦.୬୧୮ | ଡଙ୍ଗର-୧ | ବୁଦୁରା ମାଝୀ, ଗୁରୁ ମାଝୀ,ପି-ଘନ ମାଝୀ, କୃଷ୍ଣ ମାଝୀ, ପି-ଦେଉସନ ମାଝୀ, ସୁନ୍ଦରି ମାଝୀ,ପି-ଦେଉସନ ମାଝୀ, ଲାବଣ୍ୟ ମାଝୀ, ସ୍ୱା-ଦେଉସନ ମାଝୀ,ଦେବା ମାଝୀ, ରାଇମତି ମାଝୀ, ଉଲ୍ଲାସ ମାଝୀ,ପ୍ରତିମା ମାଝୀ, ପି-ଭଗତ ମାଝୀ, ଅସମତ ମାଝୀ ସ୍ୱା-ଭଗତ ମାଝୀ, ଜା-ଭୁମିଆଁ, ବା-ନିଜଗାଁ |
| ୨୬ | ରୟତି | ୩୦ | ୫.୦୭୩ | ୦.୨୬୧ | ଧାନ ଅଣଜଳସେଚିତ ଦୁଇ | |
| ୨୭ | ରୟତି | ୯୫ | ୨.୧୮୭ | ୧.୩୧୪ | ଧାନ ଅଣଜଳସେଚିତ ଦୁଇ | ଭଗବାନ ମାଝୀ, ପି-ଲବ ମାଝୀ, ଜା-ଭୁମିଆଁ,ବା-ବାଗେରାଗୁଡା |
| ୨୮ | ରୟତି | ୪୬ | ୦.୨୮୪ | ୦.୨୭୫ | ଡଙ୍ଗର-୧ | ମଦନ ମାଝୀ,ପି-ବଳରାମ ମାଝୀ,ଜା-ଭୁମିଆଁ,ବା-ନିଜଗାଁ |
| ୨୮ | ରୟତି | ୪୭ | ୦.୨୪୭ | ୦.୦୩୪ | ଡଙ୍ଗର-୧ | ମଦନ ମାଝୀ,ପି-ବଳରାମ ମାଝୀ,ଜା-ଭୁମିଆଁ,ବା-ନିଜଗାଁ |
| ୨୮ | ରୟତି | ୪୮ | ୦.୧୫୩ | ୦.୦୦୧ | ଡଙ୍ଗର-୧ | ମଦନ ମାଝୀ,ପି-ବଳରାମ ମାଝୀ,ଜା-ଭୁମିଆଁ,ବା-ନିଜଗାଁ |
| ୨୯ | ରୟତି | ୪୫ | ୩.୮୫୫ | ୨.୨୩୯ | ଧାନ ଅଣଜଳସେଚିତ ଦୁଇ | ମନ ବଳି ପୁଟିଆ, ଡମ୍ବ ବଳି ପୁଟିଆ, ପଦ୍ମ ବଳି ପୁଟିଆ, ପି-ଜିନୁ ବଳି ପୁଟିଆ, ଜା-ଭୁମିଆଁ, ବା-ନିଜଗାଁ |
| ୩୦ | ରୟତି | ୨୬୮ | ୪.୨୦୧ | ୦.୦୧୪ | ଡଙ୍ଗର-୧ | ମୁକୁନ୍ଦ ମାଝୀ, ପି-ଦନ ମାଝୀ, ଜା-ଭୁମିଆଁ, ବା-ବାଗରାଗୁଡା |
| ୩୧ | ରୟତି | ୧୦୬ | ୦.୧୮୫ | ୦.୧୭୯ | ଧାନ ଅଣଜଳସେଚିତ ଦୁଇ | ରାମ ଚନ୍ଦ୍ର ଘର୍ସଲିଆ, ମଙ୍ଗୁଳି ଘର୍ସଲିଆ, ପି-ମହାଦେବ ଘର୍ସଲିଆ, ଦ୍ରୌପଦୀ ଘର୍ସଲିଆ, ସ୍ୱା-ମହାଦେବ ଘର୍ସଲିଆ, ସଦା ଘର୍ସଲିଆ, ପି-ସୁନାଧର ଘର୍ସଲିଆ, ଜା-ଭୁମିଆଁ, ବା-ନିଜଗାଁ |
| ୩୨ | ରୟତି | ୧୦ | ୧.୬୬୮ | ୦.୫୩୩ | ଡଙ୍ଗର-୧ | ରୁପଧର ମାଝୀ, ପି-ଡମ୍ବୁ ମାଝୀ, ଜା-ଭୁୟାଁ,ବା-ନିଜଗାଁ |
| ୩୨ | ରୟତି | ୧୧ | ୧.୯୫୨ | ୦.୯୦୨ | ଡଙ୍ଗର-୧ | |
| ୩୨ | ରୟତି | ୯୪ | ୧.୮୦୪ | ୧.୫୧୩ | ଧାନ ଅଣଜଳସେଚିତ ଦୁଇ | ରୁପଧର ମାଝୀ, ପି-ଡମ୍ବୁ ମାଝୀ, ଜା-ଭୁୟାଁ,ବା-ନିଜଗାଁ |
| ୩୩ | ରୟତି | ୩୨ | ୦.୯୮୮ | ୦.୪୮୭ | ଡଙ୍ଗର-୧ | ଲକ୍ଷ୍ମଣ ମାଝୀ, ଲଳିତ ମାଝୀ, ପି-ଚୈତନ୍ୟ ମାଝୀ, ଜା-ଭୁମିଆଁ, ବା-ନିଜଗାଁ |
| ୩୩ | ରୟତି | ୩୩ | ୦.୨୯୨ | ୦.୦୫୬ | ଧାନ ଅଣଜଳସେଚିତ ଏକ | |
| ୩୩ | ରୟତି | ୩୪ | ୩.୮୬୭ | ୨.୭୫୮ | ଧାନ ଅଣଜଳସେଚିତ ଏକ | |
| ୩୩ | ରୟତି | ୪୪ | ୧.୧୮୧ | ୦.୩୧୫ | ଡଙ୍ଗର-୧ | |
| ୩୩ | ରୟତି | ୪୯ | ୫.୦୬୬୬ | ୩.୯୨୮ | ଡଙ୍ଗର-୧ | |
| ୩୩ | ରୟତି | ୭୨ | ୪.୯୬୭ | ୦.୭୭୮ | ଧାନ ଅଣଜଳସେଚିତ ଏକ | |
| ୩୩ | ରୟତି | ୯୨ | ୧.୪୭୦ | ୧.୩୪୪ | | |
| ୩୩ | ରୟତି | ୧୦୧ | ୦.୩୪୧ | ୦.୧୭୨ | | |
| ୩୩ | ରୟତି | ୧୦୨ | ୦.୨୧୭ | ୦.୨୧୩ | ଧାନ ଅଣଜଳସେଚିତ ଏକ | ଲକ୍ଷ୍ମଣ ମାଝୀ, ଲଳିତ ମାଝୀ, ପି-ଚୈତନ୍ୟ ମାଝୀ, ଜା-ଭୁମିଆଁ, ବା-ନିଜଗାଁ |
| ୩୩ | ରୟତି | ୧୦୩ | ୦.୫୮୮ | ୦.୫୮୮ | ଧାନ ଅଣଜଳସେଚିତ ଦୁଇ | ଲକ୍ଷ୍ମଣ ମାଝୀ, ଲଳିତ ମାଝୀ, ପି-ଚୈତନ୍ୟ ମାଝୀ, ଜା-ଭୁମିଆଁ, ବା-ନିଜଗାଁ |
| ୩୩ | ରୟତି | ୧୧୮ | ୦.୯୧୪ | ୦.୦୮୩ | ବଗାୟତ-୨ | ଲକ୍ଷ୍ମଣ ମାଝୀ, ଲଳିତ ମାଝୀ, ପି-ଚୈତନ୍ୟ ମାଝୀ, ଜା-ଭୁମିଆଁ, ବା-ନିଜଗାଁ |
| ୩୩ | ରୟତି | ୧୧୯ | ୦.୬୩୦ | ୦.୦୭୩ | ଡଙ୍ଗର-୧ | ଲକ୍ଷ୍ମଣ ମାଝୀ, ଲଳିତ ମାଝୀ, ପି-ଚୈତନ୍ୟ ମାଝୀ, ଜା-ଭୁମିଆଁ, ବା-ନିଜଗାଁ |
| ୩୪ | ରୟତି | ୯୧ | ୧.୭୦୫ | ୦.୦୧୯ | ଧାନ ଅଣଜଳସେଚିତ ଦୁଇ | ଲକ୍ଷ୍ମୀମିନାର ବାଲିଆ, ପି-ଗଣ ମିନାର ବାଲିଆ, ଜା-ଭୁମିଆଁ, ବା-ନିଜଗାଁ |
| ୩୫ | ରୟତି | ୨୪୮ | ୦.୮୯୭ | ୦.୧୬୨ | ଡଙ୍ଗର-୧ | ସନ୍ୟାସୀ ପୋଡାମାଝୀ, ବିଶ୍ୱନାଥ ପୋଡାମାଝୀ, ପଦ ପୋଡାମାଝୀ, ଲବ ପୋଡାମାଝୀ,ପି-ସନା ପୋଡାମାଝୀ,ମନୁ ପୋଡାମାଝୀ, କାନ୍ତ ପୋଡାମାଝୀ, ଗୋପୀ ପୋଡାମାଝୀ, ଦ୍ରୌପଦୀ ପୋଡାମାଝୀ, ପି-ଦଶରଥ ପୋଡାମାଝୀ, ଜା-ଭୁୟାଁ,ବା-ବାଗେରାଗୁଡା |
| ୩୫ | ରୟତି | ୨୫୪ | ୨.୩୭୨ | ୧.୭୮୩ | ଡଙ୍ଗର-୧ | |
| ୪୦ | ରୟତି | ୨୬୨ | ୦.୫୬୩ | ୦.୫୩୫ | ଡଙ୍ଗର-୨ | ହରି ଡମ୍ବ,ପି-ରଘୁ ଡମ୍ବ,ଜା-ଡମ୍ବ,ବା-ବଗରାଗୁଡା |
| ୪୮/୩୦ | ରୟତି | ୧୧୨ | ୧.୨୧୧ | ୦.୧୪୯ | ଧାନ ଅଣଜଳସେଚିତ ଦୁଇ | ଶ୍ୟାମ ସୁନ୍ଦର ମାଝୀ,ପି-ଲଳିତ ମାଝୀ, ଜା-ଭୁମିଆଁ,ବା-ଭେଜାପାବଲୀ |
| ୪୮/୩୦ | ରୟତି | ୧୧୩ | ୦.୦୩୭ | ୦.୦୩୭ | ଡଙ୍ଗର-୧ | ଶ୍ୟାମ ସୁନ୍ଦର ମାଝୀ,ପି-ଲଳିତ ମାଝୀ, ଜା-ଭୁମିଆଁ,ବା-ଭେଜାପାବଲୀ |
| | | ମୋଟ | | ୨୫.୦୫୦ | | |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | |
| ୧୫ | | ୨୫୨ | ୦.୭୧୭ | ୦.୩୦୨ | ଧାନ ଅଣଜଳସେଚିତ ଦୁଇ | ଦଶୁ ମାଝୀ,ପି-ଲଳିତ ମାଝୀ,ଜା-ଭୁମିଆଁ,ବା-ନିଜଗାଁ |
| ୧୫ | | ୨୬୧ | ୦.୦୬୨ | ୦.୦୫୩ | | |
| ୩୦ | | ୨୬୮ | ୪.୨୦୧ | ୪.୧୮୭ | ଡଙ୍ଗର-୧ | ମୁକୁନ୍ଦ ମାଝୀ,ପି-ଦନ ମାଝୀ,ଜା-ଭୁୟାଁ,ବା-ବାଗରାଗୁଡା |
| ୩୫ | | ୨୪୮ | ୦.୮୯୭ | ୦.୭୩୪ | ଡଙ୍ଗର-୧ | ସନ୍ୟାସୀ ପୋଡାମାଝୀ, ବିଶ୍ୱନାଥ ପୋଡାମାଝୀ, ପଦ ପୋଡାମାଝୀ,ଲବ ପୋଡାମାଝୀ,ପି-ସନା ପୋଡାମାଝୀ,ମନୁ ପୋଡାମାଝୀ, କାନ୍ତ ପୋଡାମାଝୀ, ଗୋପୀ ପୋଡାମାଝୀ, ଦ୍ରୌପଦୀ ପୋଡାମାଝୀ, ପି-ଦଶରଥ ପୋଡାମାଝୀ, ଜା-ଭୁୟାଁ,ବା-ବାଗେରାଗୁଡା |
| ୩୫ | | ୨୪୯ | ୪.୨୭୦ | ୪.୨୭୦ | ଡଙ୍ଗର-୧ | ସନ୍ୟାସୀ ପୋଡାମାଝୀ, ବିଶ୍ୱନାଥ ପୋଡାମାଝୀ, ପଦ ପୋଡାମାଝୀ,ଲବ ପୋଡାମାଝୀ,ପି-ସନା ପୋଡାମାଝୀ,ମନୁ ପୋଡାମାଝୀ, କାନ୍ତ ପୋଡାମାଝୀ, ଗୋପୀ ପୋଡାମାଝୀ, ଦ୍ରୌପଦୀ ପୋଡାମାଝୀ, ପି-ଦଶରଥ ପୋଡାମାଝୀ, ଜା-ଭୁୟାଁ,ବା-ବାଗେରାଗୁଡା |
| ୪୦ | | ୨୬୦ | ୧.୮୪୧ | ୦.୨୦୨ | ଡଙ୍ଗର-୨ | ହରି ଡମ୍ବ, ପି-ରଘୁ ଡମ୍ବ,ଜା-ଡମ୍ବ, ବା-ବାଗରାଗୁଡା |
| | | ମୋଟ | | ୯.୭୪୮ | | |
| ଅଧିଗ୍ରହଣ ନିମନ୍ତେ ମୋଟ ବ୍ୟକ୍ତିଗତ ଜମି | | | | | | |
| ରେଳପଥ ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ଜମି | | | | | | ୨୫.୦୫୦ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | ୯.୭୪୮ |
| ମୋଟ | | | | | | ୩୪.୭୯୮ |

ସ୍ୱା./- ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ
ଜୟପୁର-ନବରଙ୍ଗପୁର/ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ,ଜୟପୁର, ଜିଲ୍ଲା-କୋରାପୁଟ

OIPR-24057/14/0009/2223

## ସଂକ୍ଷେପରେ

### ଟାକରା ସ୍କୁଲ ପରିଦର୍ଶନ କଲେ ଜିଲାପାଳ

ନୟାଗଡ଼ ଅଫିସ,୨୧।୬:ଦଶପଲ୍ଲା ବ୍ଲକ ଟାକରା ପଞ୍ଚାୟତର ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୟାଗଡ଼ ଜିଲାପାଳ ପୋମା ଟୁଡୁ ମଙ୍ଗଳବାର ପରିଦର୍ଶନ କରି ଶିକ୍ଷା କମିଟି, ଅଭିଭାବକ, ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛନ୍ତି। ଟାକରା ପରିଚାଳନା କମିଟିର ସଭାପତି ଜଗବନ୍ଧୁ ଆଚାର୍ଯ୍ୟଙ୍କ ଅଭିଯୋଗକୁ ଭିତ୍ତି କରି ଜିଲାପାଳ ମଙ୍ଗଳବାର ସଂପୃକ୍ତ ସ୍କୁଲରେ ପହଞ୍ଚିଥିଲେ। ଏହି ସ୍କୁଲରେ ଆବଶ୍ୟକ ଶିକ୍ଷକ ନ ଥିବାବେଳେ ଜଣେ ଶିକ୍ଷକଙ୍କୁ ଡେପୁଟେଶନରେ ପଠାଯାଇଛି। ସେହିପରି ନବମ ଓ ଦଶମ ଶ୍ରେଣୀରେ ଅଧିକ ଛାତ୍ରୀଛାତ୍ର ଥିଲେ ହେଁ ଶିକ୍ଷକ ଅଭାବରୁ ସେକ୍ସନ କରାଯାଇ ପାରୁନି। ପୁଣି ଏହି ସ୍କୁଲକୁ ଯୁକ୍ତ ୨ ବିଜ୍ଞାନ ସ୍କୁଲରେ ରୂପାନ୍ତରିତ କରିବାକୁ ଦାବି ରହିଛି।

### ବଜ୍ରପାତରେ ୩ ଗୋରୁ ମୃତ

**ନୟାଗଡ଼ ଅଫିସ,୨୧।୬:** ରଣପୁର ବ୍ଲକ ଶଙ୍ଖମୂଳ ଗାଁରେ ବଜ୍ରପାତ ଘଟି ୩ ଗୋରୁଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ଅପରାହ୍ଣରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଏଥିରେ ଶଙ୍ଖମୂଳର ମେରୁ ଦାସ ଓ ଯଦୁ ଜେନାଙ୍କ ୩ ଗୋରୁଙ୍କ ମୃତ୍ୟୁ ହୋଇଛି। ବିଲରେ ଚରୁଥିବାବେଳେ ଏହି ଦୁଃଖଦ ଘଟଣା ଘଟିଥିଲା।

### ବାଇକ୍ ସହ ୩୭ ଲିଟର ମଦ ଜବତ

**ନୟାଗଡ଼ ଅଫିସ/ ରଣପୁର,୨୧।୬(ସ୍ୱ.ପ୍ର.):** ରଣପୁର ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର କାକଲମା ଓ ଭେରୁପଡା ଉପରେ ଚଢ଼ାଉ କରାଯାଇ ବାଇକ୍ ସହ ୩୭ ଲିଟର ଦେଶୀ ମଦ ଜବତ ହୋଇଛି। ଏହି ଘଟଣାରେ ଭେରୁପଡାର ବିଭୂତି ଭୂଷଣ ଦଳେଇ(୨୮)ଙ୍କ ଠାରୁ ଓଡି୨୫ସି ୦୪୯୧ ନଂ.ର ବାଇକ ସହ ୧୫ ଲିଟର ଦେଶୀ ମଦ ଜବତ ହୋଇଛି। ସେହିପରି କାକଲମା ଗାଁର ନଳିନୀ ପରିଡା(୩୮)ଙ୍କ ଠାରୁ ଭାବେ ୨୨ ଲିଟର ମଦ ଜବତ ହୋଇଛି। ଉଭୟ ଗିରଫ ହୋଇଛନ୍ତି।

### ମୃତଦେହ ଜବତ

**ନୟାଗଡ ଅଫିସ,୨୧।୬:** କୋଲକତା ମାଡ୍ରାସ ୧୬ ନଂ. ଜାତୀୟ ରାଜପଥର ଓସଖାଇ ଖୋଲ ନିକଟରୁ ଚାନ୍ଦପୁର ଥାନା ପୋଲିସ ଜଣେ ଅଜଣା ବ୍ୟକ୍ତିର ମୃତଦେହ ଜବତ କରିଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ସଂରକ୍ଷିତ କରାଯାଇ ରଖାଯାଇଛି।

# ଜଙ୍ଗଲ ମଧ୍ୟରେ ବିବାଦୀୟ ରାସ୍ତା କାର୍ଯ୍ୟ ଆରମ୍ଭ

■ ୩ ମାଜିଷ୍ଟ୍ରେଟଙ୍କ ସହ ୭ ପ୍ଲାଟୁନ ଫୋର୍ସ ମୁତୟନ
■ ୧ ବନାମ ୧୭ ଖଣ୍ଡ ଗାଁ ବିବାଦ ପ୍ରସଙ୍ଗ




ପୋଲିସ ସହ ଗୁଡୁପାଙ୍ଗୀ ଲୋକଙ୍କ ଆଲୋଚନା।

**ନୟାଗଡ଼ ଅଫିସ,୨୧।୬**

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ୧ ବନାମ ୧୭ ଖଣ୍ଡ ଗାଁ ମଧ୍ୟରେ ବିବାଦ ଲାଗି ରହିଥିବା ଗୁଡୁପାଲିର ଗ୍ରାମ୍ୟ ଜଙ୍ଗଲ ମଧ ଦେଇ ରାସ୍ତା କାର୍ଯ୍ୟ ବଳଭଦ୍ରପୁର ଓ ଢ଼ିପମାଳକୁ ମାଟି ରାସ୍ତା ନିର୍ମାଣ କାର୍ଯ୍ୟ ମଙ୍ଗଳବାର ଆରମ୍ଭ ହୋଇଛି। ୩ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୭ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇ ନିର୍ମାଣ କାର୍ଯ୍ୟ କରାଯାଇଛି। ୩କିମି ରାସ୍ତା ମଧ୍ୟରୁ ମାତ୍ର ୪୦୦ ମିଟର ରାସ୍ତା ଶେଷ ହୋଇଛି। ରାସ୍ତା କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଫୋର୍ସ ମୁତୟନ ରହିବେ। ମଙ୍ଗଳବାର ଘଟଣାସ୍ଥଳରେ ଉପଜିଲାପାଳ ଲଗ୍ନଜିତ ରାଉତ୍, ନୂଆଗାଁ ତହସିଲଦାର, ନୂଆଗାଁ ବିଡିଓ, ନୟାଗଡ଼ର ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ ଓ ବିଦ୍ୟୁତ୍ ପଣ୍ଡା, ନୟାଗଡ଼ ଏସ୍‌ଡିପିଓ ଶୁଭେନ୍ଦୁ ସିଂ, ହେଡକ୍ୱାଟର ୩ ଡିଏସ୍‌ପି, ସଦର ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟ ପ୍ରମୁଖ ଉପସ୍ଥିତ ଥିଲେ। ୧୭ଖଣ୍ଡ ଗାଁ ଓ ଗୁଡୁପାଲ୍ଲୀ ଗାଁ ଲୋକ ଉପସ୍ଥିତି ଥିଲେ।



ଜଙ୍ଗଲରେ ରାସ୍ତା ନିର୍ମାଣ ଚାଲିଛି।

ପ୍ରକାଶଥାଉ କି ବଳଭଦ୍ରପୁର ଓ ଢ଼ିପମାଳକୁ ରାସ୍ତା ନିର୍ମାଣ ବିବାଦର ମୂଳ କାରଣ। ଜଙ୍ଗଲ ମଧ୍ୟରେ ରାସ୍ତା ବନ୍ଦ କରିବା ଓ ରାସ୍ତା କରିବା ପରି ଦାବି ନେଇ ମାଳିସାହି, ଢ଼େଙ୍କେଣା ଓ ଖଣ୍ଡୁଗାଁ ଆଦି ୩ ପଞ୍ଚାୟତର ୧ ବନାମ୧୭ ଖଣ୍ଡ ଗାଁର ଲୋକଙ୍କ ମଧ୍ୟରେ ୫ ବର୍ଷ ହେଲା ବିବାଦ ଲାଗି ରହିଛି। ତେବେ ଗତ ୨୦୨୧ ଫେବୃୟାରୀର ପ୍ରଥମ ସପ୍ତାହରେ ଏ ବିବାଦ ଉଗ୍ରରୂପ ନେଇଥିଲା। ୨୦୨୧ ଫେବୃୟାରୀ ୪ ରାତିରେ ଗୁଡୁପାଙ୍ଗୀ ଦେଉଳି ରାସ୍ତାର ଦେଉଳିଠାରେ ଗଛ, ପଥର ପକାଇ ରାସ୍ତାରୋକୋ ହୋଇଥିଲା। ଫେବୃୟାରୀ ୫ରେ ଠେଙ୍ଗା ଓ ଧନୁତୀର ଡରି ରାସ୍ତାରେ ଜଗି ରହି ନାକାବନ୍ଦି କରିବା ପରେ ଗୁଡୁପାଙ୍ଗୀ ଲୋକ ବାହାରକୁ ଆସି ପାରି ନ ଥିଲେ। ଉତ୍ତେଜନାକୁ କମାଇବା ପାଇଁ ଫେବୃୟାରୀ ୬ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ବସି ୧ ବନାମ ୧୭ ଖଣ୍ଡ ଗାଁର ବିବାଦକୁ ସମାଧାନ କରାଯାଇଥିଲା। ତେବେ ଜଙ୍ଗଲ ମଧ୍ୟରେ ସ୍ଥାୟୀ ରାସ୍ତା କାର୍ଯ୍ୟ ଆରମ୍ଭ ପରେ ପୁଣି ବିବାଦ ମୁଣ୍ଡ ଟେକିଥିଲା। ଗୁଡୁପାଙ୍ଗୀ ଗାଁ ଲୋକ କାମ ବନ୍ଦ କରାଇ ଜିଲାପାଳ, ତହସିଲଦାରଙ୍କୁ ଭେଟିଥିଲେ। ସେପଟେ ରାସ୍ତା ନିର୍ମାଣ ହେବାକୁ ଅଡି ବସି ୧୭ ଖଣ୍ଡ ଗାଁର ଲୋକ ବାରମ୍ବାର ଜିଲାପାଳଙ୍କୁ ଭେଟିଥିଲେ। ପରେ ଶାନ୍ତି କମିଟି କରାଯାଉ ବୋଲି ଉଭୟପକ୍ଷଙ୍କୁ ଡକାଯାଇଥିଲା। ତେବେ ଏଥିକୁ ଗୁଡୁପାଙ୍ଗୀ ଗାଁ ଲୋକ ଆସି ନ ଥିଲେ। ପରେ ବିବାଦ ବଢ଼ି ଚାଲଥିଲା। ଏ ନେଇ ନୟାଗଡ଼ ସଦର ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟ କୁହନ୍ତି, ରାସ୍ତା କାମ ପାଇଁ ଜୁନ ୧୬ରୁ ଅନିର୍ଦ୍ଧିଷ୍ଟକାଳ ପାଇଁ ଉକ୍ତ ଅଞ୍ଚଳରେ ୧୪୪ ଧାରା ଜାରି ହୋଇଛି। ୩ କମି ରାସ୍ତାରୁ ମାତ୍ର ୪୦୦ ମିଟର ହୋଇଛି।୨୩ ତାରିଖ ପର୍ଯ୍ୟନ୍ତ କାମ ଚାଲିବ। ରଥଯାତ୍ରା ଡ୍ୟୁଟି ପରେ ପୁଣି ରାସ୍ତା କାର୍ଯ୍ୟ କରାଯିବ। ୧୭ ଖଣ୍ଡ ଗାଁ ପକ୍ଷରୁ ଦେବରାଜ ବରାଡ କୁହନ୍ତି, ପ୍ରଶାସନ ପକ୍ଷରୁ ରାସ୍ତା କାର୍ଯ୍ୟ ଆରମ୍ଭ ପରେ ଖୁସି ଲାଗୁଛି। ୧୭ ଖଣ୍ଡ ଗାଁ ଲୋକଙ୍କର ବହୁଦିନର ଦାବି ପୂରଣ ହେବାକୁ ଯାଉଛି। ତେବେ ଗୁଡୁପାଙ୍ଗୀ ସହ ଆମର ସମ୍ପର୍କ ଭଲ ରହିବ। ପୁଣି ଆମେ ଭାଇ ଭାଇ ପରି ଚଳିବୁ ବୋଲି ସେ କହିଛନ୍ତି। ଗୁଡୁପାଙ୍ଗୀ ଗାଁ ସଭାପତି ଦିଲୀପ ନାୟକ କୁହନ୍ତି, ପ୍ରଶାସନ ୧୪୪ ଧାରା ଜାରି କରି ଜଙ୍ଗଲ ମଧ୍ୟରେ ରାସ୍ତା ନେବା ଆରମ୍ଭ କରିଛି। ୧୪୪ ଧାରା ଜାରି ହୋଇଛି ସତ ହେଲେ ଆମ ଗାଁକୁ ନୋଟିସ୍ ଦିଆଯାଇନାହିଁ। ଜଙ୍ଗଲ ମଧ୍ୟରେ ରାସ୍ତା ନେବା ଠିକ୍ ନୁହେଁ। ଆଗରୁ ଆମେ ୧୭ ଖଣ୍ଡ ଗାଁ ସହ ଲଢୁଥିଲୁ। ଏବେ ପ୍ରଶାସନ ସହ କିପରି ଲଢ଼ିବୁ ସେନେଇ ଆଲୋଚନା ଆରମ୍ଭ କରିଛୁ। ଉପଜିଲାପାଳ ଲଗ୍ନଜିତ୍ ରାଉତ କୁହନ୍ତି, ରାସ୍ତା ନିର୍ମାଣ ପ୍ରସଙ୍ଗରେ ୧୮ ଖଣ୍ଡ ଗାଁ ମଧ୍ୟରେ ଆଲୋଚନା ଚାଲିଛି। ଦୀର୍ଘଦିନର ସମସ୍ୟା ଥିଲା ଜଙ୍ଗଲ ମଧ୍ୟରେ ରାସ୍ତା କରିବା। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଅର୍ଡର ଆସିଲା ପରେ ଗଣ୍ଡଗୋଳକୁ ଏଡାଇବାକୁ ୧୪୪ ଧାରା ଜାରି କରାଯାଇ ରାସ୍ତା ନିର୍ମାଣ ହେଉଛି। କଂକ୍ରିଟ ଅଥବା ପିଚୁ ରାସ୍ତା କରିବାକୁ ଗ୍ରାମସଭାର ଅନୁମୋଦନ ଆବଶ୍ୟକ। ତେବେ ପ୍ରଶସନ ପକ୍ଷରୁ ସବୁ ଦିନିଆ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଉଛି ବୋଲି ସେ କହିଛନ୍ତି।

## କଂଗ୍ରେସ ପକ୍ଷରୁ ଭାପୁର ବ୍ଲକ୍ ସମ୍ମୁଖରେ ବିକ୍ଷୋଭ

**ଭାପୁର,୨୧।୬(ଡି.ଏନ.ଏ.)**

ଭାପୁର ବ୍ଲକ ସମ୍ମୁଖରେ ମଙ୍ଗଳବାର ଦିନ ୧୧ ସମୟରେ ଜାତୀୟ କଂଗ୍ରେସ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନ୍ୟାଶନାଲ ହେରାଲ୍ଡ ମାମଲାରେ ରାହୁଲ ଗାନ୍ଧୀଙ୍କୁ ଜେରା କରାଯାଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ହାତ ଥିବା ଅଭିଯୋଗ କରି କଂଗ୍ରେସ କର୍ମୀମାନେ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ମହାରଣାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଖଣ୍ଡପଡ଼ା ବ୍ଲକ କଂଗ୍ରେସ ସଭାପତି ଦେବବ୍ରତ ବେହେରା, ଭାପୁର ବ୍ଲକ କଂଗ୍ରେସ ସଭାପତି ବାବୁଲି ଧଳ, ପ୍ରକାଶ ଖୁଣ୍ଟିଆ, ନବୀନ ପ୍ରଧାନ,ପୂର୍ଣ୍ଣଚନ୍ଦ୍ର ପ୍ରଧାନ,ଭାପୁର ଯୁବ କଂଗ୍ରେସ ସଭାପତି ପ୍ରଦୀପ କୁମାର ପ୍ରଧାନ ,କିଶାନ ସେଲ ସଭାପତି ଦିଲ୍ଲୀପ ଖୁଣ୍ଟିଆଙ୍କ ସହ ବହୁ ଦଳୀୟ କର୍ମୀ ଏଥିରେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ ନିମନ୍ତେ ଦଳ ପକ୍ଷରୁ ଆଗାମୀ ଦିନରେ ପ୍ରତି ଗାଁରେ ପ୍ରତିବାଦ ସଭା ଓ ହରତାଳ କରାଯିବ ବୋଲି ଦଳୀୟ କର୍ମୀମାନେ ଚେତାବନୀ ଦେଇଥିଲେ।




କଂଗ୍ରେସ ପକ୍ଷରୁ ବ୍ଲକ୍ ସମ୍ମୁଖରେ ଧାରଣା ଦିଆଯାଇଛି।

## ଆୟୁଷ୍ମାନ ଭାରତ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ




ସଚେତନତା ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଖଣ୍ଡପଡ଼ା,୨୧।୬(ସ୍ୱ.ପ୍ର.)**

ଶିକ୍ଷାନୁଷ୍ଠାନଗୁଡିକରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରିବାର ଲକ୍ଷ୍ୟ ନେଇ ଖଣ୍ଡପଡ଼ା ବ୍ଲକ ଅଧୀନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଓ ଯୋଗିଆପଲ୍ଲୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଆୟୁଷ୍ମାନ ଭାରତ ସଚେତନତା କର୍ମଶାଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ଡ.ସୂର୍ଯ୍ୟ ପ୍ରକାଶ, ସହକାରୀ ଜିଲା ଶିକ୍ଷାଧିକାରୀ ଡ. ବସନ୍ତ କୁମାର ନାୟକ, ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ ପ୍ରତାପ କିଶୋର ପଟ୍ଟନାୟକ ଓ ଡ. ପ୍ରଦୀପ ପାଇକରାୟ ପ୍ରମୁଖ ଯୋଗଦେଇ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ସାହୁ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ନିୟମିତ ଭାବେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସୁସ୍ଥ ଓ ନିରାମୟ ଜୀବନ ଯାପନ ସହ ପାଠପଢ଼ି ଛାତ୍ରୀଛାତ୍ରମାନେ ଭବିଷ୍ୟତରେ କିପରି ସୁନାଗରିକ ହୋଇପାରିବେ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଏ ସମ୍ପର୍କରେ ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଶେଷରେ ବରିଷ୍ଠ ଶିକ୍ଷକ ନକୁଳ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦର୍ଶ ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ

**ଦଶପଲ୍ଲା,୨୧।୬(ଡି.ଏନ.ଏ.)**

ମଙ୍ଗଳବାର ଦଶପଲ୍ଲାରେ ଆଦର୍ଶ ବିଦ୍ୟାଳୟ ନୂତନ ଗୃହ ଉଦ୍‌ଘାଟିତ ହୋଇଛି। ଦଶପଲ୍ଲା-ଗଣିଆଁ ରାସ୍ତାର ଦୁଆର ଗାଁଠାରେ ପ୍ରତିଷ୍ଠିତ ଏହି ଆଦର୍ଶ ବିଦ୍ୟାଳୟକୁ ଆଜିଠାରୁ ପିଲାମାନଙ୍କ ପାଠପଢା ପାଇଁ ଉତ୍ସର୍ଗ କରାଯାଇଛି। ଉଦଘାଟନୀ ଉତ୍ସବରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲାପାଳ ଡ.ପୋମା ଟୁଡୁ, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ନିର୍ବାଚିତ ପ୍ରତିନିଧି ଯୋଗଦେଇଥିଲେ। ଆଜିଠାରୁ ନୂତନ କୋଠାରେ ପାଠପଢା ଆରମ୍ଭ ହୋଇ ଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି। ସୂଚନାଯୋଗ୍ୟ, ଏଥିପୂର୍ବରୁ ରାଧାମୋହନ ଜୀଉ ନୋଡାଲ ହାଇସ୍କୁଲ ପରିସରରେ ବିଦ୍ୟାଳୟ ଚାଲିଥିବାବେଳେ ପାଠପଢାରେ ଛାତ୍ରୀଛାତ୍ର ମାନେ ନାନା ହଇରାଣର ସମ୍ମୁଖୀନ ହେଉଥିଲେ।



ନୂତନ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି।

# ଲଣ୍ଠନ ରଖି ନିର୍ମାଣ ଶ୍ରମିକଙ୍କ ଧାରଣା

■ ୧୫ ଦିନ ସମୟ ନେଲେ ପ୍ରଭାଗୀୟ ଶ୍ରମ ଆୟୁକ୍ତ
■ ଦାବି ପୂରଣ ନ ହେଲେ ୪ରୁ ନୟାଗଡ଼ରୁ ବାହାରିବ ପଦଯାତ୍ରା
■ ଜୁଲାଇ ୭ରେ ଭୁବନେଶ୍ୱରରେ ଧାରଣା

**ନୟାଗଡ଼ ଅଫିସ,୨୧।୬**

ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ନୟାଗଡ଼ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଲଣ୍ଠନ ରଖି ନିର୍ମାଣ ଶ୍ରମିକମାନେ ଧାରଣା ଦେଇଥିଲେ। କଳିଙ୍ଗ ନିର୍ମାଣ ଶ୍ରମିକ ମଞ୍ଚ ଓ ନୟାଗଡ଼ ଜିଲା ଶ୍ରମିକ ମହାସଂଘ ପକ୍ଷରୁ ଏହି ଆନ୍ଦୋଳନ ଜୁଲାଇ ୩ ପର୍ଯ୍ୟନ୍ତ ଚାଲିବ ବୋଲି ଘୋଷଣା କରାଯାଇଥିଲା। ତେବେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ୧୫ ଦିନ ସମୟ ନେବା ପରେ ମଙ୍ଗଳାବାର ଅପରାହ୍ଣରେ ଧାରଣା ପ୍ରତ୍ୟାହୃତ ହୋଇଛି। ୧୫ ଦିନ ଭିତରେ ଦାବି ପୂରଣ ନ ହେଲେ ନୟାଗଡ଼ ନୁହେଁ ଭୁବନେଶ୍ୱରରେ ଆନ୍ଦୋଳନ ହେବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ଏପରି କି ଜୁଲାଇ ୪ରୁ ନୟାଗଡ଼ରୁ ଭୁବନେଶ୍ୱର ଅଭିମୁଖେ ପଦଯାତ୍ରା ବାହାରିବ। ଭୁବନେଶ୍ୱରରେ ଜୁଲାଇ ୭ରେ ଆନ୍ଦୋଳନକାରୀ ପହଞ୍ଚିବା ପରେ ଶ୍ରମ ଆୟୁକ୍ତଙ୍କ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସ୍ଥିର ହୋଇଛି।



ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ ଶ୍ରମିକମାନେ ଲଣ୍ଠନ ରଖି ଧାରଣା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଶ୍ରମ ଆୟୁକ୍ତଙ୍କ ଅସହଯୋଗରୁ ନିର୍ମାଣ ଶ୍ରମିକମାନେ ୫ବର୍ଷ ହେଲା ହଇରାଣ ହୋଇ ଆସୁଛନ୍ତି। ଜିଲାର ୮ ବ୍ଲକ, ଗୋଟିଏ ମ୍ୟୁନିସିପାଲିଟି, ୪ ଏନଏସିରୁ ୫୪ ହଜାର ୪୦୦ ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି। ଅନ୍ୟପକ୍ଷେ ୨୦୧୭ରେ ୨୫ ହଜାର ନିର୍ମାଣ ଶ୍ରମିକ ପରିଚୟ ପତ୍ର ପାଇବା ପାଇଁ ଆବେଦନ କରିଥିଲେ। ଏଥିରୁ ମାତ୍ର ୭୦୦ ଜଣ ପରିଚୟ ପତ୍ର ପାଇଛନ୍ତି। ପରିଚୟପତ୍ର ଦେବା ପାଇଁ ୨।୫।୨୦୧୭ରୁ ୨।୭।୨୦୧୭ଶ୍ରମ ଦପ୍ତର ପକ୍ଷରୁ ଯାଞ୍ଚ କରାଯାଇଥିଲା। ହେଲେ ପରିଚୟ ପତ୍ର ଦିଆଗଲାନି। ଯାଞ୍ଚ ପରେ ପରିଚୟ ପତ୍ର ଦିଆ ନ ଯିବାର କାରଣ ପଚାରିଲେ ଉତ୍ତର ମିଳୁନି। ସେହିଭଳି ସହରାଞ୍ଚଳର ନିର୍ମାଣ ଶ୍ରମିକ ଆଦୌ ପରିଚୟ ପତ୍ର ପାଉ ନାହାନ୍ତି। ୩୧।୮।୨୦୧୮ରେ ସେଲ୍‌ଟ୍ୟାକ୍ସ ବିଭାଗ ଦେଇଥିବା କ୍ଲିୟରାନ୍ସ ଅନୁସାରେ ସହାୟତା ଦିଆଯିବା କଥା। ହେଲେ ଏହାକୁ ବି ଅଣଦେଖା କରାଯାଇଛି। ପୁଣି ୨୦୧୬-୧୭ରୁ ବିବାହ ଓ ଶିକ୍ଷା ସହାୟତା ଦିଆଯାଉ ନାହିଁ। ପକ୍କାଘର ଯୋଜନାରେ ନିର୍ମାଣ ଶ୍ରମିକଙ୍କୁ ପକ୍କାଘର ଦିଆଯାଉ ନାହିଁ। ଅନ୍ୟ ଯୋଜନାରେ ନିର୍ମାଣ ଶ୍ରମିକ ମଧ ଉପେକ୍ଷିତ ହୋଇ ରହିଛନ୍ତି। ସରକାରୀ ସହାୟତା ନିର୍ମାଣ ଶ୍ରମିକମାନେ ପାଉ ନ ଥିବାବେଳେ ସେ ନେଇ ତଦନ୍ତ କରାଯାଇ ପଦକ୍ଷେପ ନିଆଯାଉ ନ ଥିବାରୁ ଧାରଣା ଦିଆଯାଇଥିଲା। ଦାବି ପୂରଣ ନ ହେଲେ ପଦଯାତ୍ରା କରାଯାଇ ଭୁବନେଶ୍ୱରରେ ଧାରଣା ହେବ ବୋଲି କୁହାଯାଇଛି। ନୟାଗଡ଼ ଜିଲା ଶ୍ରମିକ ମହାସଂଘର ସଭାପତି ଶୂନ୍ୟଜୟୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତବାଦ ସଭାରେ ଶ୍ରମିକ ନେତା ପ୍ରଫୁଲ୍ଲ ମହାରଣା, ଅଚ୍ୟୁତ ନାୟକ, କୈଳାସ ସାହୁ ଓ ଭଗବାନ ବେହେରା ପ୍ରମୁଖ ଯୋଗ ଦେଇ ଜିଲା ଶ୍ରମ ଅଧିକାରୀଙ୍କୁ ବହିଷ୍କାର କରାଯାଉ ବୋଲି ଦାବି କରିଥିଲେ। ଅନ୍ୟପକ୍ଷେ ଜିଲା ଶ୍ରମ କାର୍ଯ୍ୟାଳୟର କାର୍ଯ୍ୟ ଉପରେ ଅସନ୍ତୋଷ ବ୍ୟକ୍ତ କରି ସମାଲୋଚନା କରିଥିଲେ।

